
୫୧
# ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଡିସେମ୍ବର ୧୫/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, December 15/2024 Page 16 | ₹ 7.00 | BALASORE
୫୧ଶ ଭାଗ ୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 22 | ମୂଲ୍ୟ ₹୭/-

## ଆଇସିୟୁରେ ଆଡଭାନୀ


ଲାଲ୍‌କୃଷ୍ଣ ଆଡଭାନୀ

ନୂଆଦିଲ୍ଲୀ,୧୪।୧୨

ଭାଜପାର ବର୍ଷୀୟାନ ନେତା ତଥା ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲ୍‌କୃଷ୍ଣ ଆଡଭାନୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ତାଙ୍କୁ ଶନିବାର ଦିଲ୍ଲୀର ଆପୋଲୋ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି। ଜୁଲାଇରୁ ଇତିମଧ୍ୟରେ ସେ ୪ ଥର ହସ୍ପିଟାଲରେ ଭର୍ତ୍ତି ହେଲେଣି। ୯୭ ବର୍ଷୀୟ ନେତାଙ୍କୁ ଡାକ୍ତରମାନଙ୍କ ପର୍ଯ୍ୟବେକ୍ଷଣରେ ରଖାଯାଇଛି। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ହସ୍ପିଟାଲ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। ଇନ୍ଦ୍ରପ୍ରସ୍ଥ ଆପୋଲୋ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ମେଡିକାଲ ଚେକ୍‌ଅପ୍ ପାଇଁ ତାଙ୍କୁ ହସ୍ପଟାଲରେ ଭର୍ତ୍ତି କରାଯାଇଥିଲା। ନ୍ୟୁରୋଲୋଜି ବିଭାଗର ବରିଷ୍ଠ ଡାକ୍ତର ବିନୀତ ସୁରୀ ତାଙ୍କର ଚିକିତ୍ସା କରୁଛନ୍ତି। ୨ ଦିନ ପୂର୍ବରୁ ତାଙ୍କୁ ହସ୍ପିଟାଲ ଅଣାଯାଇଥିଲା। ଏହା ପୂର୍ବରୁ ଗତ ଅଗଷ୍ଟରେ ମଧ୍ୟ ସେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ତଳକୁ ଖସିଛୁ**

# ମାଲକାନଗିରିରେ ହେବ ସିମେଣ୍ଟ କାରଖାନା

**■ ୪ ହଜାର କୋଟିର ନିବେଶ ■ ସ୍ଥାନୀୟ ନିଯୁକ୍ତିକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ**

**ରାଜ୍ୟର ପ୍ରାୟତଃ ଶିଳ୍ପ ନ ଥିବା ଜିଲାଗୁଡ଼ିକ ମଧ୍ୟରେ ମାଲକାନଗିରିକୁ ଗଣାଯାଉଛି। ତେଣୁ ଜିଲାର ଯୁବପୀଢ଼ି ନିଯୁକ୍ତି ସନ୍ଧାନରେ ବାହାର ଜିଲା, ଏପରି କି ଅନ୍ୟ ରାଜ୍ୟକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ୪,୦୦୦ କୋଟି ଟଙ୍କାର ନିବେଶରେ ମାଲକାନଗିରିରେ ଏକ ସିମେଣ୍ଟ କାରଖାନା ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଫ୍ୟାକ୍ଟ୍ରିରେ ଜିଲାର ୨ ହଜାରରୁ ଉର୍ଦ୍ଧ୍ୱ ଯୁବତୀଯୁବକ ନିଯୁକ୍ତି ପାଇବେ। ଏଥିସହ ଅନୁନ୍ନତ ଜିଲା ଭାବେ ପରିଗଣିତ ମାଲକାନଗିରିର ଆର୍ଥିକ ଓ ସାମାଜିକ ବିକାଶରେ ମଧ୍ୟ ଏହା ବେଶ୍ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଉଚ୍ଚସ୍ତରୀୟ ବୈଠକରେ ସୂଚନା ଦେଇଛନ୍ତି।**

ଭୁବନେଶ୍ୱର,୧୪।୧୨(ଅନିଲ ଦାସ)/ ମାଲକାନଗିରି,(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି। ଏନେଇ ପ୍ରଥମ ପଦକ୍ଷେପ ସ୍ୱରୂପ ୪ ହଜାର କୋଟି ଟଙ୍କା ବିନିଯୋଗରେ ଜିଲାରେ ସିମେଣ୍ଟ କାରଖାନା ପ୍ରତିଷ୍ଠା କରାଯିବ। ଏଥିରେ ୨ ହଜାରରୁ ଅଧିକ ଯୁବତୀ ଓ ଯୁବକ ନିଯୁକ୍ତି ପାଇବେ। ବିଶେଷକରି ସ୍ଥାନୀୟ ନିଯୁକ୍ତି ଗୁରୁତ୍ୱ ଦିଆଯିବ। ମାଲକାନଗିରି ଜିଲା ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି।

ଶନିବାର ମାଲକାନଗିରି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଜିଲାର ସମୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ନିମନ୍ତେ ଶିଳ୍ପ ପ୍ରତିଷ୍ଠାର ଆବଶ୍ୟକତା ରହିଛି। ତେଣୁ ଏକ ବୃହତ୍ ସିମେଣ୍ଟ କାରଖାନା ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ନିଆଯାଇଛି। ଏହା କାର୍ଯ୍ୟକ୍ଷମ ହେଲେ ପ୍ରାୟ ୨ ହଜାରରୁ


ମୋହନ ଚରଣ ମାଝୀ

ଅଧିକ ଶିକ୍ଷିତ ଯୁବତୀ, ଯୁବକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ନିଯୁକ୍ତି ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଜିଲାର ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଅଗ୍ରଗତି ପାଇଁ ଗମନାଗମନ ଓ ଭିତ୍ତିଭୂମିର ଉନ୍ନତୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ଦକ୍ଷିଣରୁ ଉତ୍ତର ପର୍ଯ୍ୟନ୍ତ ଯୋଗାଯୋଗ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ନିମନ୍ତେ ମୋଟୁ-ତିରିଂ ରାସ୍ତା ନିର୍ମାଣ ପରିକଳ୍ପନା କରିଛନ୍ତି। ଜୟପୁର-ମାଲକାନଗିରି ଲିଙ୍କ୍ ପ୍ରକଳ୍ପ ଏବଂ ମାଲକାନଗିରି-ପାଣ୍ଡୁରଙ୍ଗାପୁରମ୍ ଭାୟା-ଭଦ୍ରାଚଲମ୍ ଲିଙ୍କ୍ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଜିଲାର ଆର୍ଥିକ ସ୍ଥିତି ସୁଧୁରିବା ସହ ସ୍ଥାନୀୟ ଯୁବତୀ, ଯୁବକମାନେ ଉପକୃତ ହେବେ। ଜିଲାରେ ଚାଲିଥିବା ସମସ୍ତ ସରକାରୀ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ ପାଇଁ ପ୍ରତି ୧୫ ଦିନରେ ଥରେ ଜିଲାପାଳ ଓ ଆର୍‌ଡିସି କାର୍ଯ୍ୟର ସମୀକ୍ଷା କରିବେ। ସ୍ୱାଭିମାନ ଅଞ୍ଚଳରେ ଆଉ ଏକ ସେତୁ ନିର୍ମାଣ ସହ ଉପାନ୍ତ ଅଞ୍ଚଳକୁ ☞ପୃଷ୍ଠା-୪

## କେନ୍ଦ୍ରାପଡ଼ା ଜିଲାକୁ ଅତ୍ୟଧିକ ବନ୍ୟା, ମରୁଡ଼ି ବିପଦ

**କିଛି ବର୍ଷ ହେଲା ଜଳବାୟୁ ପରିବର୍ତ୍ତନର ବହୁଳ ପ୍ରଭାବ ଓଡ଼ିଶାର କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, ପୁରୀ ଓ ଗଞ୍ଜାମ ଉପରେ ପଡ଼ିଆସିଛି। ବର୍ଷାଦିନେ ବନ୍ୟାରେ ଏହି ଜିଲାଗୁଡ଼ିକ ଉବୁଟୁବୁ ହେଉଥିବାବେଳେ ପ୍ରାୟ ପ୍ରତିବର୍ଷ ବାତ୍ୟା ଲୋକଙ୍କ ଦୁର୍ଦ୍ଦଶାକୁ ବହୁଗୁଣିତ କରିଛି। ଏଭଳି ସ୍ଥିତିରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଗୁଆହାଟୀ ଏବଂ ମଣ୍ଡି ଓ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଫର୍ ଷ୍ଟଡି ଅଫ୍ ସାଇନ୍ସ, ଟେକ୍ନୋଲୋଜି ଆଣ୍ଡ୍ ପଲିସିର ମିଳିତ ଆନୁକୂଲ୍ୟରେ କରାଯାଇଥିବା ଏକ ଗବେଷଣାମୂଳକ ସମୀକ୍ଷା ରିପୋର୍ଟରେ କେନ୍ଦ୍ରାପଡ଼ା ଜିଲା ପାଇଁ ଚିନ୍ତା ବଢ଼ାଇବା ଭଳି ତଥ୍ୟ ପ୍ରକାଶ ପାଇଛି। କେନ୍ଦ୍ରାପଡ଼ା ସମେତ ଦେଶର ୫୧ ଜିଲାକୁ ବନ୍ୟା ଓ ଅନାବୃଷ୍ଟିଜନିତ ମରୁଡ଼ିର ଅତ୍ୟଧିକ ବିପଦ ରହିଥିବା ଏଥିରେ ସତର୍କ କରାଯାଇଛି।**

ନୂଆଦିଲ୍ଲୀ,୧୪।୧୨

ଓଡ଼ିଶାର କେନ୍ଦ୍ରାପଡ଼ା, ବିହାରର ପାଟନା ଏବଂ କେରଳର ଆଲାପୁଝା ସମେତ ୧୧ ଜିଲାକୁ ବନ୍ୟା ଓ ଅନାବୃଷ୍ଟିର ଅତ୍ୟଧିକ ବିପଦ ରହିଥିବା ନେଇ ଆଇଆଇଟି ଜଳବାୟୁ ବିପଦ ମୂଲ୍ୟାୟନ ରିପୋର୍ଟରେ ସତର୍କ କରିଦିଆଯାଇଛି। ଏହାର ପ୍ରଶମନ ପାଇଁ ସରକାର ତୁରନ୍ତ ହସ୍ତକ୍ଷେପ କରିବା ଆବଶ୍ୟକ ବୋଲି ଦୁଇଟି ଆଇଆଇଟି ଦ୍ୱାରା ପ୍ରସ୍ତୁତ ରିପୋର୍ଟରେ କୁହାଯାଇଛି।

ବେଙ୍ଗାଲୁରୁର ସେଣ୍ଟର ଫର୍ ଷ୍ଟଡି ଅଫ୍ ସାଇନ୍ସ, ଟେକ୍‌ନୋଲୋଜି ଆଣ୍ଡ ପଲିସି (ସିଏସ୍‌ଟିଇପି) ସହାୟତାରେ ଗୁଆହାଟୀ ଏବଂ ମଣ୍ଡିର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଆଇଆଇଟି) ଏହି ରିପୋର୍ଟ ପ୍ରସ୍ତୁତ କରିଛନ୍ତି। 'ଭାରତ ପାଇଁ ଜିଲାସ୍ତରୀୟ ଜଳବାୟୁ ବିପଦ ମୂଲ୍ୟାୟନ: ଆଇପିସିସି ରୂପରେଖ ବ୍ୟବହାର କରି ବନ୍ୟା ଓ ମରୁଡ଼ି ☞ପୃଷ୍ଠା-୪

# ରାସ୍ତାକଡ଼ରୁ ଅଧାପୋତା ଶିଶୁକନ୍ୟା ଉଦ୍ଧାର

ବିନିକା, ୧୪।୧୨(ରାମ ଗୋପାଳ ବାଘ)

ଝିଅକୁ ଆଜି ବି ଅନେକେ ଅଲୋଡ଼ା ମନେ କରୁଛନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଞ୍ଚଳରେ। ଶନିବାର ସକାଳେ ବ୍ଲକ ଅନ୍ତର୍ଗତ ଟୁଲୁଣ୍ଡିପାଲି ଗାଁ ନିକଟ ରାସ୍ତାକଡ଼ରୁ ଅଧାପୋତା ଅବସ୍ଥାରେ ଏକ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି। ଜନ୍ମ ପରେ ଶିଶୁକନ୍ୟାକୁ କେହି ମାଟିରେ ପୋତି


ଉଦ୍ଧାର ଶିଶୁକନ୍ୟାକୁ ଚିକିତ୍ସା କରାଯାଉଛି।


ଚାଲି ଯାଇଥିଲେ। ଟୁଲୁଣ୍ଡିପାଲି ଗାଁର ସନ୍ତୋଷ ନଇ ନାମକ ଜଣେ ବ୍ୟକ୍ତି ସେହି ବାଟ ଦେଇ ଗଲାବେଳେ ଶିଶୁଟିକୁ ଦେଖି ଉଦ୍ଧାର କରି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅଧିକ ଚିକିତ୍ସା ନିମନ୍ତେ ଡାକ୍ତର ତାଙ୍କୁ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ୱତନ୍ତ୍ର ଶିଶୁଯତ୍ନ କେନ୍ଦ୍ରରେ ଚିକିତ୍ସିତ ☞ପୃଷ୍ଠା-୪











ନୂଆଦିଲ୍ଲୀରେ ଶନିବାର ଅନୁଷ୍ଠିତ 'ରେୱାରି ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ୍ ନେତା ଆତିଶୀ ଅନ୍ୟ ମହିଳାମାନଙ୍କ ଗହଣରେ।

# ଗୋଚର ଜମିରୁ ବିଜେଡି କାର୍ଯ୍ୟାଳୟ ଭଙ୍ଗାଗଲା

ଖୁଣ୍ଟୁଣୀ, ୧୪।୧୨ (ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଆଠଗଡ଼ ତହସିଲ ଅଧୀନ କୁମାରପୁର ପଞ୍ଚାୟତର ଗୋଚର ଜମିରେ ନିର୍ମାଣ ହୋଇଥିବା ବିଜେଡି କାର୍ଯ୍ୟାଳୟକୁ ଶନିବାର ପୂର୍ବାହ୍ନରେ ଜିଲା ପ୍ରଶାସନ ପକ୍ଷରୁ ଭଙ୍ଗାଯାଇଛି। ଭଙ୍ଗାଯିବାବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ଆଶଙ୍କା ଥିବାରୁ ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ତହସିଲଦାର କ୍ଷେତ୍ରମୋହନ ସ୍ୱାଇଁଙ୍କ ସମେତ ଗୁରୁଡିଝାଟିଆ, ଖୁଣ୍ଟୁଣୀ, ଆଠଗଡ଼, ଟିଗିରିଆ ଥାନା ଆଇଆଇସି, ୨ ଜଣ ମାଜିଷ୍ଟ୍ରେଟ୍, ୧୫ ଜଣ ଅଫିସର ଓ ୪ ପ୍ଲାଟୁନ ଫୋର୍ସ ଉପସ୍ଥିତ ଥିଲେ।

ମିଳିଥିବା ସୂଚନା ଅନୁଯାୟୀ, କୁମାରପୁର ପଞ୍ଚାୟତ ବଳିପୁର ମୌଜାର ଖାତା ନମ୍ବର ୬୧୬, ପ୍ଲଟ୍ ନଂ. ୧୨୬୧, ୧ ଏକର ୮୩ ଡିସିମିଲ ଗୋଚର ଜାଗାକୁ



କୁମାରପୁର ପଞ୍ଚାୟତସ୍ଥିତ ବିଜେଡି କାର୍ଯ୍ୟାଳୟକୁ ଶନିବାର ଜିଲା ପ୍ରଶାସନ ପକ୍ଷରୁ ଭଙ୍ଗାଯାଉଛି।

ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ ଜବରଦସ୍ତ ଦଖଲ କରି ଗୃହ ନିର୍ମାଣ କରିଥିଲେ। ପରେ ସେଠାରେ ବିଜେଡି କାର୍ଯ୍ୟାଳୟ ଚାଲିଥିଲା। ଏହି ବେଆଇନ ନିର୍ମାଣକୁ ଭାଙ୍ଗିବା ପାଇଁ ଗ୍ରାମବାସୀ ବାରମ୍ବାର ତହସିଲ ପ୍ରଶାସନକୁ ଜଣାଇଥିଲେ। ହେଲେ ତହସିଲ ପ୍ରଶାସନ ବିଭିନ୍ନ ଆଳ ଦେଖାଇ ଏହାକୁ ଏଡାଇ ଦେଇଥିଲା। ଆଠଗଡ଼ର ଭାଜପା ନେତା ଅଭୟ ବାରିକ ଉକ୍ତ କାର୍ଯ୍ୟାଳୟ ଭାଙ୍ଗିବା ପାଇଁ ୩ ମାସ ତଳେ ସ୍ଥାନୀୟ ତହସିଲଦାରଙ୍କୁ ଲିଖିତ ଆକାରରେ ଜଣାଇଥିଲେ। ଫଳରେ ତହସିଲ ପ୍ରଶାସନ ଉକ୍ତ କାର୍ଯ୍ୟାଳୟ ଭାଙ୍ଗିବା ପାଇଁ ଯାଇଥିଲା। ହେଲେ ଏହାକୁ ନ ଭାଙ୍ଗିବା ପାଇଁ ରଞ୍ଜନ ଆଠଗଡ଼ ଉପଜିଲାପାଳଙ୍କ ନିକଟରେ ଅପିଲ କରିଥିବା ଜାଣିବା ପରେ ପ୍ରଶାସନ ଫେରି ଆସିଥିଲା। ତେବେ ଏହି ଅପିଲର ସମୟସୀମା ଶୁକ୍ରବାର ଶେଷ ହୋଇଥିବାରୁ ଉପଜିଲାପାଳ ଉକ୍ତ କାର୍ଯ୍ୟାଳୟ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ଜିଲା ପ୍ରଶାସନ ପକ୍ଷରୁ ଉକ୍ତ କାର୍ଯ୍ୟାଳୟକୁ ଭାଙ୍ଗି ଦିଆଯାଇଛି। ଭାଜପା ନେତା ଅଭୟ ବାରିକ କହିଛନ୍ତି, ଆଠଗଡ଼ ଅଞ୍ଚଳରେ ଯେଉଁ ଗୋଚର ଜାଗାରେ ବେଆଇନ ନିର୍ମାଣ କରାଯାଇଛି ତାହାକୁ ଆଗାମୀ ଦିନରେ ଭଙ୍ଗାଯିବ। ଅପରପକ୍ଷରେ ରଞ୍ଜନ କହିଛନ୍ତି, ଉକ୍ତ କାର୍ଯ୍ୟାଳୟ ନ ଭଙ୍ଗାଯିବା ପାଇଁ ପ୍ରଥମେ ତହସିଲଦାରଙ୍କ ନିକଟରେ ଅପିଲ କରିଥିଲି। ସେଠାରେ ଅଗ୍ରାହ୍ୟ ହେବାରୁ ଉପଜିଲାପାଳଙ୍କ ନିକଟରେ ଅପିଲ କରିଥିଲି। ଶୁକ୍ରବାର ସମୟସୀମା ଶେଷ ହୋଇଥିବାରୁ ପ୍ରଶାସନ ଏହାକୁ ଭାଙ୍ଗିଦେଇଛି। ଆଗାମୀ ଦିନରେ ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବୁ।

# ଜାନୁଆରୀରେ ଜୋରଦାର ହେବ ଲଢ଼େଇ: ବିଜେଡି

ଭୁବନେଶ୍ୱର, ୧୪।୧୨ (ଅନିଲ ଦାସ)

**ପୋଲାଭରମ୍ ପ୍ରସଙ୍ଗ**

- **ନବୀନଙ୍କୁ ଭେଟିଲେ ବିଜେଡି ପ୍ରତିନିଧିମଣ୍ଡଳୀ**
- **କେନ୍ଦ୍ର ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନ ପରେ ପଦକ୍ଷେପ**

ଆନ୍ଧ୍ର ସରକାରଙ୍କ ଦ୍ୱାରା ନିର୍ମାଣାଧୀନ ପୋଲାଭରମ୍ ପ୍ରକଳ୍ପ ଯୋଗୁ ମାଲକାନଗିରି ଜିଲାର ମୋଟୁ ଅଞ୍ଚଳର କେତେକ ପଞ୍ଚାୟତ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଏହି ପ୍ରକଳ୍ପ ପାଇଁ ହେବାକୁ ଥିବା କ୍ଷତିକୁ ବିରୋଧ କରି ବିଜେଡି ଏକ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଉଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି, ଆସନ୍ତା ଜାନୁଆରୀରୁ ପୋଲାଭରମ୍ ବିରୋଧୀ ଆନ୍ଦୋଳନ ଜୋରଦାର ହେବ। ମୋଟୁରୁ ଭୁବନେଶ୍ୱର ଏବଂ ଭୁବନେଶ୍ୱରରୁ ଦିଲ୍ଲୀ ଯାଏ ଆନ୍ଦୋଳନ ଜାରି ରହିବ। ପୋଲାଭରମ୍ ପ୍ରକଳ୍ପ ହେଲେ, ମାଲକାନଗିରି ଜିଲାର ଶତାଧିକ ଗ୍ରାମ ସମ୍ପୂର୍ଣ୍ଣ ଜଳମଗ୍ନ ହେବ ବୋଲି ଆକଳନ କରାଯାଉଥିବା ବେଳେ, ବିଜେଡି ମାଲକାନଗିରି ଜିଲାର ସ୍ୱାର୍ଥରକ୍ଷା ପାଇଁ ସମସ୍ତ ଉଦ୍ୟମ କରିବ। ଦିଲ୍ଲୀରେ ଭେଟିଥିବା ଅଧିକାରୀମାନଙ୍କଠାରୁ ଉତ୍ତର ଆସିବା ପରେ ବିଜେଡି ତା'ର କାର୍ଯ୍ୟକ୍ରମ ସ୍ଥିର କରିବ ବୋଲି ନବୀନ କହିଛନ୍ତି। ପୋଲାଭରମ୍ ପ୍ରକଳ୍ପକୁ ନେଇ ଦିଲ୍ଲୀ ଯାଇଥିବା ପ୍ରତିନିଧି ମଣ୍ଡଳୀ ଶନିବାର ନବୀନଙ୍କୁ ଭେଟି ସେମାନଙ୍କ ରିପୋର୍ଟ ପ୍ରଦାନ କରିଛନ୍ତି।

ବିଜେଡି ପ୍ରତିନିଧି ମଣ୍ଡଳୀ ଏହି ଦିଲ୍ଲୀରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର. ପାଟିଲ, ଅଧ୍ୟକ୍ଷ କେନ୍ଦ୍ର ଜଳ କମିଶନ, ଆଦିବାସୀ ବ୍ୟାପାର ବିଭାଗ ସଚିବ, ପରିବେଶ ଓ ଜଙ୍ଗଲ ବିଭାଗର ସଚିବ ଏବଂ ଜାତୀୟ ଜନଜାତି କମିଶନଙ୍କୁ ମଧ ଭେଟି ପୋଲାଭରମ୍ ପ୍ରକଳ୍ପ ହେଲେ ଓଡ଼ିଶାର ହେବାକୁ ଥିବା କ୍ଷତି ସମ୍ପର୍କରେ ଅବଗତ କରାଇଥିବା ବିଜେଡି ପକ୍ଷରୁ କୁହାଯାଇଛି। ବିଜେଡି ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ନବୀନଙ୍କୁ ଭେଟିଥିବା ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ନିରଞ୍ଜନ ବିଶି, ସୁବାଶିଷ ଖୁଣ୍ଟିଆ, ମିଡିଆ ସଂଯୋଜକ ପ୍ରିୟବ୍ରତ ମାଝୀ, ବିଧାୟକ ମନୋହର ରନ୍ଧାରୀ, ରମେଶ ମାଝୀ, ପ୍ରଦୀପ ମାଝୀ, ମାନସ ମାଡକାମୀ, ଭୃଗୁ ବକ୍ସିପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମାଠିଆ ବାଡ଼େଇ ରାଜନୀତି କଲେ ପୂର୍ବ ସରକାର: ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର, ୧୪।୧୨ (ଅନିଲ ଦାସ)

**ମହାନଦୀ ପ୍ରସଙ୍ଗ**

ମହାନଦୀ ପ୍ରସଙ୍ଗକୁ ନେଇ ଆରୋପ ପ୍ରତ୍ୟାରୋପ ରାଜନୀତି ଜୋର ଧରିଛି। ବିଜେଡି ଅଭିଯୋଗ କରିଛି, ନୂଆ ଅଧ୍ୟକ୍ଷ ନିଯୁକ୍ତି ଅର୍ଥ ଦାସେ ଆସିଲେ ମୂଳରୁ ଗାଅ। ଶୁଣାଣି ଶେଷବେଳକୁ ମହାନଦୀ ଲୀନ ହୋଇଯାଇଥିବ। କଂଗ୍ରେସ ମଧ ବିଜେଡି ସହ ସ୍ୱର ମିଳାଇଛି। ଅନ୍ୟପକ୍ଷରେ ଭାଜପା ବରିଷ୍ଠ ନେତା ତଥା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ମହାନଦୀ ସ୍ଥିତି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାୟୀ। ମଧ୍ୟସ୍ଥତାକୁ ମନା କରି ନାଟକୀୟ ଢଙ୍ଗରେ ମାଠିଆ ବାଡ଼େଇ ରାଜନୀତି କଲେ। ଓଡ଼ିଶାର ସ୍ୱାର୍ଥ ପାଇଁ ଭାଜପା ସରକାର ସବୁ ପ୍ରକାର ପଦକ୍ଷେପ ନେବେ ବୋଲି ପୃଥ୍ୱୀରାଜ କହିଛନ୍ତି। ମହାନଦୀକୁ ମା' କହି ପର କରିଦେଇଥିଲେ ନବୀନ ସରକାର। ରମଣ ସିଂଙ୍କ ବୈଠକରୁ ଉଠି ଆସି ଟ୍ରିବ୍ୟୁନାଲ ଗଠନ ପାଇଁ ଅଡ଼ି ବସିଥିଲେ। ରାଜନୈତିକ ଲାଭ ଉଦ୍ଦେଶ୍ୟରେ ବିଜେଡି ଆନ୍ଦୋଳନ କଲା। ଟ୍ରିବ୍ୟୁନାଲକୁ ଗଲେ। ହେଲେ ୬ ବର୍ଷ ପରେ ବି ମାମଲା ଯେଉଁଠି ସେଇଠି। ୨୦୧୮ ମେ ୧୨ରେ ନବୀନ ସରକାର ତଳମୁଣ୍ଡରେ ୭ଟି ବ୍ୟାରେଜ କରିବାକୁ ଘୋଷଣା କରିଥିଲେ। ବ୍ୟାରେଜ ଦୂରର କଥା, ୨୪ ବର୍ଷଧରି କ୍ଷମତାରେ ଥିବାବେଳେ ଇଟା ଖଣ୍ଡେ ବି ପକେଇଲେ ନାହିଁ। ଏବେ ନୂଆ ସରକାର ମହାନଦୀ ଓ ରାଜ୍ୟର ସ୍ୱାର୍ଥ ପାଇଁ ଟ୍ରିବ୍ୟୁନାଲର ବଳିଷ୍ଠ ଯୁକ୍ତି ଉପସ୍ଥାପନ ସହ ଆପୋସ ଆଲୋଚନା ମାଧ୍ୟମରେ ଜଳ ବିବାଦର ସମାଧାନ ପାଇଁ ଅଣ୍ଟା ଭିଡ଼ିଛନ୍ତି। ନିକଟରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଲୋଚନା କରିଛନ୍ତି।

## ୬ ମାସ ଭିତରେ ବିଧାୟକ ଟଙ୍କାଟିଏ ଆଣିପାରିନାହାନ୍ତି: ନରେନ୍ଦ୍ର

ପାଲଲହଡ଼ା, ୧୪।୧୨ (ଦିବ୍ୟଜ୍ୟୋତି ଦାଶ)

**ପାଲଲହଡ଼ାର ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି ପ୍ରସଙ୍ଗ**

ଅନୁଗୋଳ ଜିଲା ପାଲଲହଡ଼ାଠାରେ ଥିବା ଦ୍ୱିତୀୟ ଚିଲିକା, ଖୁଲୁଡି ଏବଂ ବୁଲାଝରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ବିଧାୟକ ଅଶୋକ ମହାନ୍ତି ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଜିଲା ବିଜେଡି ଉପସଭାପତି ନରେନ୍ଦ୍ର କୁମାର ଭୁକ୍ତା ଶନିବାର ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି। ବିଧାୟକଙ୍କୁ କଡ଼ା ସମାଲୋଚନା କରି ନରେନ୍ଦ୍ର କହିଛନ୍ତି, ପାଲଲହଡ଼ାରୁ ନିର୍ବାଚିତ ହେବାର ୬ ମାସ ପରେ ମଧ ବିଧାୟକ ନିଜ ନିର୍ବାଚନମଣ୍ଡଳୀର ବିକାଶ ପାଇଁ ଟଙ୍କାଟିଏ ନୂତନ ଅନୁଦାନ ଆଣି ନାହାନ୍ତି। ଦ୍ୱିତୀୟ ଚିଲିକା, ଖୁଲୁଡି ଏବଂ ବୁଲାଝରକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପୂର୍ବତନ ବିଧାୟକ ମୁକେଶ ପାଲଙ୍କ ଅମଳରେ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିସାରିଛି। ତେବେ ଏ ସମ୍ପର୍କରେ ବିଧାୟକ ମହାନ୍ତିଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ପାରିବାରୁ ତାଙ୍କ ମତାମତ ମିଳିପାରି ନାହିଁ।

DSPL-257

ଖରିଫ ମାଣ୍ଡିଆ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

ମାଣ୍ଡିଆ ସଂଗ୍ରହ ବର୍ଷ : ୨୦୨୪-୨୫

- ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ମାଣ୍ଡିଆ ସଂଗ୍ରହ ଓ କ୍ରୟ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ।
- ସମସ୍ତ ମାଣ୍ଡିଆ ଚାଷୀ ନିକଟସ୍ଥ ଅନୁମୋଦିତ ସଂଗ୍ରହକାରୀ ସଂସ୍ଥା ଯଥା : କୃଷକ ସଂଗଠନ, PACS/LAMPCS, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ **୩୧ ଡିସେମ୍ବର ୨୦୨୪** ମଧ୍ୟରେ ପଞ୍ଜିକରଣ କରିବାକୁ ଅନୁରୋଧ।
- ଚଳିତ ବର୍ଷ ଖରିଫ ମାଣ୍ଡିଆ ସଂଗ୍ରହ **୦୧ ଜାନୁୟାରୀ ୨୦୨୫** ରୁ ଆରମ୍ଭ ହୋଇ **୩୧ ମାର୍ଚ୍ଚ ୨୦୨୫** ପର୍ଯ୍ୟନ୍ତ ଚାଲୁ ରହିବ।
- ଚାଷୀ ମାନେ ନିଜର ପ୍ରାପ୍ୟ ଆଧାର ସଂଲଗ୍ନ ବ୍ୟାଙ୍କ ଖାତା ମାଧ୍ୟମରେ ପାଇପାରିବେ।
- ଅଧିକ ସୂଚନା ପାଇଁ ନିକଟସ୍ଥ ବ୍ଲକ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ।



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-01510/13/0022/2425



ମାଣ୍ଡିଆ ଚାଷୀ ପଞ୍ଜିକରଣ ପାଇଁ ଆବଶ୍ୟକତା

- କୃଷକ ଓଡ଼ିଶା(KO) ପଞ୍ଜିକରଣ
- ଆଧାର କାର୍ଡ
- ଆଧାର ସହିତ ସଂଲଗ୍ନ ମୋବାଇଲ ନଂ
- ଆଧାର ସଂଲଗ୍ନ ବ୍ୟାଙ୍କ ଖାତା
- ଭାଗ ଚାଷୀଙ୍କ ସ୍ୱୀକୃତି ପତ୍ର

ପଞ୍ଜିକରଣ ପ୍ରକ୍ରିୟା :

- କୃଷକ ଓଡ଼ିଶା (KO)ରେ ପଞ୍ଜିକୃତ ଚାଷୀମାନେ ହିଁ ମାଣ୍ଡିଆ କ୍ରୟ ଯୋଜନାରେ ନାମ ପଞ୍ଜିକରଣ ପାଇଁ ଯୋଗ୍ୟ ବିବେଚିତ ହେବେ।
- ପୂର୍ବରୁ ପଞ୍ଜିକୃତ ହୋଇଥିବା ଚାଷୀ ଯଦି ପୂର୍ବରୁ ପ୍ରଦାନ କରିଥିବା ତଥ୍ୟରେ କିଛି ପରିବର୍ତ୍ତନ କରିବାକୁ ଚାହାନ୍ତି ତେବେ ସେମାନେ କୃଷକ ଓଡ଼ିଶା ପୋର୍ଟାଲର ନିର୍ଦ୍ଧାରିତ ପଞ୍ଜିକରଣ ସମୟ ସୀମା ମଧ୍ୟରେ ଆବଶ୍ୟକୀୟ ସଂଶୋଧନ କରିପାରିବେ।
- ଭାଗ ଚାଷୀ ଏବଂ ଜଙ୍ଗଲ ଜମିରେ ଚାଷ କରିଥିବା ଚାଷୀ ମଧ ମାଣ୍ଡିଆ କ୍ରୟ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିପାରିବେ।

ସଂଗ୍ରହକାରୀ ସଂସ୍ଥାର ଦାୟିତ୍ୱ :

- ମାଣ୍ଡିଆ ବିକ୍ରୟ ପାଇଁ ଇଚ୍ଛୁକ ଥିବା ନୂତନ ଚାଷୀମାନଙ୍କୁ ପଞ୍ଜିକରଣ କରାଇବା।
- ପଞ୍ଜିକରଣ ଫର୍ମରେ ଥିବା ସମସ୍ତ ଚାଷୀଙ୍କ ତଥ୍ୟକୁ ଡିସେମ୍ବର ମାସ ୩୧ ତାରିଖ ମଧ୍ୟରେ MPAS ପୋର୍ଟାଲରେ ନିର୍ଭୁଲ ଭାବେ ପଞ୍ଜିକୃତ ସୁନିଶ୍ଚିତ କରିବେ।
- ପଞ୍ଜିକରଣ ଶୀଘ୍ର ହେବା ସହ ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ କରିବା।
- ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ପାନୀୟ ଜଳ ଏବଂ ପ୍ରାଥମିକ ଚିକିତ୍ସା ବାକ୍ସର ବ୍ୟବସ୍ଥା କରାଇବା।

ମାଣ୍ଡିଆର କୁଇଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ଟ.୪୨୯୦/-
ରାଜ୍ୟ ସରକାରଙ୍କ ତରଫରୁ ଅତିରିକ୍ତ ପ୍ରୋତ୍ସାହନ ରାଶି କୁଇଣ୍ଟାଲ ପ୍ରତି ଟ.୨୧୦/-

ସର୍ବମୋଟ
₹ ୪,୫୦୦/-
କୁଇଣ୍ଟାଲ ପ୍ରତି
(୨୦୨୪-୨୫ ଖରିଫ ଋତୁ ପାଇଁ)


ଅଧିକ ସୂଚନା www.tdccorissa.org ୱେବସାଇଟରେ ଉପଲବ୍ଧ ଅଟେ।

# ଟ୍ରେନ୍‌ରେ ଭ୍ରାମ୍ୟମାଣ ସାହିତ୍ୟ ଉତ୍ସବ

## ୱାକିଂ ବୁକ୍‌ଫେୟାର-ଟ୍ରାଭେଲ୍ ରାଇଟିଂ ଫେଷ୍ଟିଭାଲର ୨ୟ ସଂସ୍କରଣ

ଭୁବନେଶ୍ୱର,୧୪।୧୨
(ସୌମ୍ୟରଞ୍ଜନ ରାଉତ)





ଟ୍ରେନ୍‌ରେ ୨ୟ ୱାକିଂ ବୁକ୍‌ଫେୟାର–ଟ୍ରାଭେଲ୍ ରାଇଟିଂ ଫେଷ୍ଟିଭାଲ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ରେଲଷ୍ଟେଶନରୁ ଟ୍ରେନ ଯାତ୍ରା ମାଧ୍ୟମରେ ଭ୍ରମଣକାରୀମାନେ ଏହି ସାହିତ୍ୟ ଉତ୍ସବର ମଜା ଉଠାଇବା ସହ ଅନୁଭୂତି ବଖାଣିଛନ୍ତି। ୱାକିଂ ବୁକ୍‌ଫେୟାର ପକ୍ଷରୁ ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍‌ରେ ପୁରୀ ଅଭିମୁଖେ ଏହି ଭ୍ରାମ୍ୟମାଣ ସାହିତ୍ୟ ଉତ୍ସବର ଆୟୋଜନ କରାଯାଇଥିଲା। ଏଥିଲାଗି ପାଠକ ଏବଂ ଲେଖକମାନଙ୍କ ପାଇଁ ଟ୍ରେନର କୋଚ୍‌କୁ ସ୍ୱତନ୍ତ୍ର ଭାବେ ବୁକିଂ କରାଯାଇଥିଲା। ଯାତ୍ରା ସମୟରେ ପୁରୀର ଇତିହାସ ସମ୍ବନ୍ଧରେ ଅନେକ କଥା ଆଲୋଚନା ହୋଇଥିଲା। ଏଥିରେ ସାମିଲ ହୋଇ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ କହିଲେ, ୮୦ ଦଶକରେ ପୁରୀରେ ଜେଡ୍ ହୋଟେଲ ଚଳାଇବା ବେଶ୍ କଷ୍ଟଦାୟକ ତଥା ସଂଘର୍ଷପୂର୍ଣ୍ଣ ଥିଲା। ହୋଟେଲକୁ ସର୍ବସାଧାରଣ ବ୍ୟବହାର କରିବା ନିମନ୍ତେ ଅନେକ ବାଧା ମଧ୍ୟ ଉପୁଜିଥିଲା। ହୋଟେଲଟି ପୂର୍ବରୁ 'ୟୁରୋପୀୟ ହୋଟେଲ' ଭାବେ ପରିଚିତ ହୋଇଥିବାରୁ ପରବର୍ତ୍ତୀ ସମୟରେ ଏହା ବିଦେଶୀଙ୍କ ପାଇଁ ହସ୍‌ଷ୍ଟେଟ୍ ହେବାର ମାନ୍ୟତା ପାଇଥିଲା। ସେତେବେଳେ ପୁରୀରେ କେବଳ ହାତଗଣତି କିଛି ବିଳାସପୂର୍ଣ୍ଣ ହୋଟେଲ ଥିଲା। ଧୀରେ ଧୀରେ ଜେଡ୍ ହୋଟେଲ ସର୍ବୋତ୍ତମ ବିଳାସପୂର୍ଣ୍ଣ ହୋଟେଲ ଭାବେ ପରିଗଣିତ ହେଲା। ଏହାପୂର୍ବରୁ ଏନ୍‌ସିସି ଏହି ହୋଟେଲ୍‌କୁ ଭଡ଼ାରେ ନେଇଥିଲା। ୧୯୭୯ ମସିହାରେ ସେ ହୋଟେଲର ମାଲିକାନା ହାସଲ କରିଥିଲେ। ଆବଶ୍ୟକ ନବୀକରଣ ପରେ ୧୯୮୦ ଫେବୃଆରୀ ୧୬ରେ ବୁକିଂ ଆରମ୍ଭ ହୋଇଥିଲା। ୨୬ଶଯ୍ୟା ସହ ହୋଟେଲ ଉଦ୍‌ଘାଟିତ ହୋଇଥିଲା। କିନ୍ତୁ ପ୍ରଥମ ଦିନରେ ୪୨ଜଣ ଲୋକ ବୁକ୍ କରିବାକୁ ଆସିଥିଲେ। ଏଥିସହିତ ହୋଟେଲ ସହ ରହିଥିବା କେତେକ ଚମତ୍କାର ଅନୁଭୂତି ବଖାଣିଥିଲେ ତଥାଗତ। ତେବେ ବର୍ତ୍ତମାନର ପୁରୀ ସହର ତା'ର ମୂଳ ଆକର୍ଷଣ ଧୀରେଧୀରେ ହରେଇବାରେ ଲାଗିଛି ବୋଲି ତଥାଗତ କହିଛନ୍ତି। ଏହି ଅବସରରେ ସେ ଫଟୋଗ୍ରାଫ ସେସନରେ ଯୋଗଦେଇଥିଲେ।

# ମୃତ ଯବାନଙ୍କ ୨୦ଲକ୍ଷ ହଡ଼ପ ପାଇଁ କୋର୍ଟ ରାୟ ଜାଲିଆତି

■ ସ୍ତ୍ରୀ ସହିତ ବିଚ୍ଛେଦ କରାଇ ଭାଉଜ ସହ କରାଇଲେ ବାହାଘର
■ ସରକାରୀ ଓକିଲଙ୍କ ସମେତ ୫ ଗିରଫ

ଉଦଳା,୧୪।୧୨
(ସନ୍ତୋଷ କୁମାର ବାଛିନୀ)

ଜଣେ ମୃତ ଯବାନଙ୍କ ଟଙ୍କା ହଡ଼ପ କରିବାକୁ ସାଙ୍ଘାତିକ କାଣ୍ଡ। କୋର୍ଟଙ୍କ ରାୟ, ବିଚାରପତିଙ୍କ ଦସ୍ତଖତ ଜାଲ୍ କରିବା ସହ ସରକାରୀ କାଗଜପତ୍ରକୁ ଜାଲିଆତି କରି ବ୍ଲୁପ୍ରିଣ୍ଟ କଲେ। ବିବାହ ବିଚ୍ଛେଦ ସାର୍ଟିଫିକେଟ ଜାଲିଆତି କରି ପ୍ରଥମେ ସ୍ତ୍ରୀଙ୍କୁ ଅଲଗା କରି ପରେ ଭାଉଜଙ୍କ ସହିତ ବିବାହ କରାଇ ଟଙ୍କା ଲୁଟିନେଲେ। ଏଭଳି ଘଟଣା ମୟୂରଭଞ୍ଜ ଜିଲା ଉଦଳା ଅଞ୍ଚଳରେ ହୋଇଥିବାବେଳେ ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି।

ଜାମୁଡିହା ଗ୍ରାମର ଯଦୁନାଥ ସିଂ ସିଆଇଏସ୍ଏଫ୍‌ରେ କନ୍‌ଷ୍ଟେବଲ ଭାବେ କାର୍ଯ୍ୟ କରୁଥିବାବେଳେ ୨୦୨୩ରେ ତାଙ୍କର ମୃତ୍ୟୁ ହୋଇଥିଲା। ହେଲେ ସେହିସମୟରେ ସ୍ତ୍ରୀ ମିନତି ସ୍ୱାମୀ ଯଦୁନାଥଙ୍କଠାରୁ ଅଲଗା ରହୁଥିବାରୁ ତାଙ୍କ ମୃତ୍ୟୁ ପରେ ଭାଉଜ ଏବଂ ପୁତୁରା ଟଙ୍କା ହଡ଼ପ କରିବା ପାଇଁ ଷଡ଼ଯନ୍ତ୍ର କରିଥିଲେ। ଯଦୁନାଥଙ୍କ ଟଙ୍କା ହଡ଼ପ କରିବା ପାଇଁ ଭାଉଜ ସୋମବାରୀ ସିଂ ଏବଂ ପୁତୁରା ନିଲମ ସିଂ ଉଦଳା କଚେରିରେ ମୋହରିର ବନମାଳୀ ସିଂ ଏବଂ ସରକାରୀ ଓକିଲ ପ୍ରତିମା ସାହୁଙ୍କ ସହ ଯୋଗାଯୋଗ କରିଥିଲେ। ଟଙ୍କା ହଡ଼ପ ପାଇଁ ପ୍ରଥମେ ଯଦୁନାଥ ଏବଂ ତାଙ୍କ ସ୍ତ୍ରୀ ମିନତିଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଥିବା ନେଇ ମିଛ କୋର୍ଟଙ୍କ ରାୟ ପ୍ରସ୍ତୁତ କରାଯାଇଥିଲା। ଏକ ବିବାହ ବିଚ୍ଛେଦ (ମେଟ ସୁଟ ନଂ. ୨୫/୨୦୨୧)ର ରାୟକୁ ଜାଲିଆତି କରି ସେଥିରେ ଯଦୁନାଥ ଏବଂ ମିନତିଙ୍କ ନାମକୁ ପକ୍ଷ ତାଲିକାରେ ଉଲ୍ଲେଖ କରିଥିଲେ। ଏପରି କି ଉକ୍ତ ମାମଲାର ବିଚାରପତି ଥିବା ନୀହାର ରଞ୍ଜନ ଲେଙ୍କାଙ୍କ ଦସ୍ତଖତ ଏବଂ ସିଲ୍‌କୁ ଜାଲିଆତି କରି ଏକ ମିଥ୍ୟା ଅର୍ଡର କପି ବାହାର କରିଥିଲେ। ପରେ ଏହାକୁ ଉଦଳା ସବ୍‌ରେଜିଷ୍ଟ୍ରର କାର୍ଯ୍ୟାଳୟରେ ବିବାହ ପ୍ରମାଣପତ୍ର ନମ୍ବର – ୨୧୧୨୯୧୫୦୦୦୪୭କୁ ଜାଲିଆତି କରି ଯଦୁନାଥ ଏବଂ ଭାଉଜ ସୋମବାରୀଙ୍କ ଏକ ନକଲି ବିବାହ ସାର୍ଟିଫିକେଟ ମଧ୍ୟ ପ୍ରସ୍ତୁତ କରିଥିଲେ। ଏହି ଜାଲ୍ କାଗଜପତ୍ର ଦାଖଲ କରି ଯଦୁନାଥଙ୍କ ମୃତ୍ୟୁ ପରେ ୨୦ଲକ୍ଷ ଟଙ୍କା ହଡ଼ପ କରିଥିଲେ। କୋର୍ଟଙ୍କ ରାୟ ସହିତ ବିଚାରପତିଙ୍କ ଦସ୍ତଖତ ଓ ସିଲ୍ ଜାଲିଆତି କରିବାରେ କମ୍ପ୍ୟୁଟର ଦୋକାନୀ ବିଜୟ କୁମାର ପାତ୍ର ସହଯୋଗ କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଆଇନଜୀବୀ ରବିନ ପଟ୍ଟନାୟକ ଏନେଇ ଉଦଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା(ନଂ. ୨୮୦/୨୪)ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ପୋଲିସ ଉକ୍ତ ଘଟଣାରେ ସମ୍ପୃକ୍ତି ଥିବା ମୋହରିର ବନମାଳୀ ସିଂ, କମ୍ପ୍ୟୁଟର ଦୋକାନୀ ବିଜୟ କୁମାର ପାତ୍ରଙ୍କ ସମେତ ଭାଉଜ ସୋମବାରୀ ସିଂ ଏବଂ ପୁତୁରା ନିଲମ୍ ସିଂଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ଏସବୁ ଜାଲିଆତିରେ ମୁଖ୍ୟ ସହଯୋଗୀ ସାଜିଥିବା ସରକାରୀ ଓକିଲ ପ୍ରତିମା ସାହୁଙ୍କୁ ଶନିବାର ଅପରାହ୍ନରେ ପୋଲିସ ଉଦଳା ପରିବା ହାଟ ନିକଟରୁ ଗିରଫ କରିବା ପରେ କୋର୍ଟଚାଲାଣ କରିଛି। ଏଭଳି ଏକ ଜାଲିଆତି ଘଟଣାରେ ଜଣେ ମହିଳା ଓକିଲଙ୍କ ସମ୍ପୃକ୍ତିକୁ ନେଇ ଆଲୋଚନା ଜୋର ଧରିଛି।


ଗିରଫ ଓକିଲ ପ୍ରତିମା ସାହୁ

# ୧,୯୩,୪୬୩ ମାମଲା ଫଇସଲା

## ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

### ୧୬୫,୪୭,୩୩,୨୧୭ ଜରିମାନା ଏବଂ କ୍ଷତିପୂରଣ ରାଶି ଆଦାୟ ହେବ

କଟକ,୧୪।୧୨(କାର୍ତ୍ତିକ ସାହୁ)

ନ୍ୟାଶନାଲ ଲିଗାଲ ସର୍ଭିସ ଅଥୋରିଟି (ନାଲ୍‌ସା) ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟର ୩୦ ଜିଲାରେ ଥିବା ଜିଲାସ୍ତରୀୟ ଅଦାଲତ ସମେତ କଟକସ୍ଥିତ ଋଣ ଆଦାୟ ଟ୍ରିବ୍ୟୁନାଲ, ଖାଉଟି ଅଦାଲତ, ଭୁବନେଶ୍ୱରସ୍ଥିତ ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲ ଓ ଷ୍ଟେଟ୍ ଏଜୁକେଶନ ଟ୍ରିବ୍ୟୁନାଲରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ପାଟ୍ରୋନ-ଇନ୍-ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ, ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ଅରିନ୍ଦମ ସିହ୍ନାଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଛି।

ବିଭିନ୍ନ ଅଦାଲତରେ ପଡ଼ି ରହିଥିବା ମୋଟ୍ ୧୬,୮୩୩ଟି ମାମଲା, ୧,୭୦,୭୦୭ ରାଜସ୍ୱ ମାମଲା ଏବଂ ୫,୯୨୩ ପ୍ରି-ଲିଟିଗେଶନ ମାମଲା ମିଶି ମୋଟ ୧,୯୩,୪୬୩ ମାମଲା ଫଇସଲା କରାଯାଇଥିଲା। ଏଥିସହ ମୋଟ୍ ୧୬୫,୪୭,୩୩,୨୧୭ ଟଙ୍କା ଜରିମାନା ଏବଂ କ୍ଷତିପୂରଣ ରାଶି ଆଦାୟ ବାବଦରେ ସ୍ଥିରୀକୃତ ହୋଇଛି।

ବିଭିନ୍ନ ଅଦାଲତରେ ପଡ଼ିରହି ସମାଧାନ ହୋଇଥିବା ମାମଲାଗୁଡ଼ିକ ମଧ୍ୟରୁ କ୍ରିମିନାଲ କମ୍ପାଉଣ୍ଡେବଲ ଅଫେନ୍ସ ୨୫୫, ଏନ୍ଆଇ ଆକ୍ଟ ୧୪୪୩, ମନି ରିକଭରି ୭୫୫, ମୋଟରଯାନ ଦୁର୍ଘଟଣାଜନିତ ୧୦୪୬, ଶ୍ରମ ବିବାଦ ୧୦୩, ବିଦ୍ୟୁତ୍ ଓ ପାଣି ବିଲ୍ ବିବାଦ ୧୦, ପାରିବାରିକ ବିବାଦ ୫୧୪, ଜମି ଅଧିଗ୍ରହଣ ୨୨, ରାଜସ୍ୱ ଓ ଅନ୍ୟାନ୍ୟ ବିବାଦ ୧,୭୦,୭୦୭, ଖାଉଟି ବିବାଦ ଆଦି ୧୪, ଅନ୍ୟାନ୍ୟ ସିଭିଲ ବିବାଦ ୧,୬୬୬, ଅନ୍ୟାନ୍ୟ ଫୌଜଦାରି ୧୦,୯୭୭, ଋଣ ଆଦାୟ ଟ୍ରିବ୍ୟୁନାଲ ୧୨, ରାଜ୍ୟ ଖାଉଟି ଅଦାଲତରେ ୬ଟି ଓ ରାଜ୍ୟ ଶିକ୍ଷା ଟ୍ରିବ୍ୟୁନାଲରେ ୧୦ଟି ମାମଲା ଫଇସଲା ହୋଇଛି।

# ଓଡ଼ିଶାରେ ପଶିପାରିବନି ବାହାର ରାଜ୍ୟର ଧାନ ଗାଡ଼ି

## ୯ ଜିଲାରେ ମୁତୟନ ୪୦ଏନଫୋର୍ସମେଣ୍ଟ ଟିମ୍

ଭୁବନେଶ୍ୱର,୧୪।୧୨(ଅନିଲ ଦାସ)

ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନକିଣା ପ୍ରକ୍ରିୟା ଜାରି ରହିଛି। ରାଜ୍ୟର ପଞ୍ଜୀକୃତ ଚାଷୀମାନଙ୍କଠାରୁ ଧାନ କିଣାଯିବା ସହ କୁଇଣ୍ଟାଲ ପିଛା ଧାନର ସର୍ବନିମ୍ନ ମୂଲ୍ୟ ବାବଦକୁ ୨୩ ଶହ ଟଙ୍କା ଓ ଇନ୍‌ପୁଟ ସହାୟତା ରାଶି ଭାବେ ୮ ଶହ ଟଙ୍କା ପ୍ରଦାନ କରାଯାଉଛି। ଅନ୍ୟ ରାଜ୍ୟରୁ ଧାନ ଆଦି ଯେଭଳି ରାଜ୍ୟରେ ବିକ୍ରୟ ନ ହୁଏ ଏଥିପାଇଁ ରାଜ୍ୟ ସରକାର କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ଏହା ଉପରେ କଡ଼ା ନଜର ରଖିବା ସହିତ ସୀମାନ୍ତ ଅଞ୍ଚଳରେ ଏନ୍‌ଫୋର୍ସମେଣ୍ଟ ଟିମ ମୁତୟନ କରାଯାଇଛି। ବରଗଡ଼, ସମ୍ବଲପୁର, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, ସୋନପୁର, କୋରାପୁଟ, ଝାରସୁଗୁଡା ଓ ନବରଙ୍ଗପୁର ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ବାହାର ରାଜ୍ୟର ଧାନଗାଡ଼ି ଉପରେ ନଜର ରଖିବା ପାଇଁ ସମ୍ପୃକ୍ତ ଜିଲାର ସୀମାନ୍ତ ଅଞ୍ଚଳରେ ୪୦ଟି ଏନ୍‌ଫୋର୍ସମେଣ୍ଟ ଟିମ ମୁତୟନ କରାଯାଇଛି। ଏହି ଟିମ ଗୁଡ଼ିକରେ ପ୍ରାୟ ୧୨୦ ଜଣ ଅଧିକାରୀ ଓ କର୍ମଚାରୀ ନିୟୋଜିତ ଅଛନ୍ତି। ବାହାର ରାଜ୍ୟ ଧାନଗାଡ଼ି ଦେଖିଲେ ଦ୍ରୁତ ପଦକ୍ଷେପ ଗ୍ରହଣ କରାଯାଉଛି। ଏପରି କି ସମ୍ପୃକ୍ତ ଜିଲାର ଜନସାଧାରଣ ଓ କୃଷକମାନଙ୍କ ମଧ୍ୟରେ ଏ ସଂକ୍ରାନ୍ତରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ଏଭଳି କିଛି ଘଟଣା ନଜରକୁ ଆସିଲେ ତୁରନ୍ତ ଜଣାଇବାକୁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ପର୍ଯ୍ୟାୟକ୍ରମେ ଆହୁରି ଅଧିକ ଏନ୍‌ଫୋର୍ସମେଣ୍ଟ ଟିମ୍ ସମ୍ପୃକ୍ତ ଜିଲାରେ ମୁତୟନ କରାଯିବ। ସେମାନେ ସୀମାବର୍ତ୍ତୀ ରାଜ୍ୟରୁ ଧାନ ନେଇ ଆମ ରାଜ୍ୟ ମଧ୍ୟକୁ ଆସୁଥିବା ଗାଡ଼ି ଉପରେ ନଜର ରଖିବେ। କୌଣସି ଅନିୟମିତତାର ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେହି ଗାଡ଼ିକୁ ଜବତ କରିବାକୁ ସେମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ସମ୍ପୃକ୍ତ ଜିଲାର ଯୋଗାଣ ଅଧିକାରୀମାନେ ଏଥିପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବେ। ନିୟୋଜିତ ଅଧିକାରୀ ଓ ସେମାନଙ୍କ ଯୋଗାଯୋଗ ବ୍ୟବସ୍ଥା ଉପରେ ସେହି ଜିଲାର ଜିଲାପାଳ ନିର୍ଦ୍ଧାରଣ କରିବେ।

# ଗିଫ୍ଟ ପ୍ରଫେସର ପୁରସ୍କୃତ


ପ୍ରଫେସର ସତ୍ୟାନନ୍ଦ ସ୍ୱାଇଁ

ଭୁବନେଶ୍ୱର,୧୪।୧୨
(ଅନୁରାଧା ମହାରଣା)

ବୈଷୟିକ କୃଷିକ୍ଷେତ୍ରରେ ଜୀବନବ୍ୟାପି ସାଧନା ପାଇଁ ଗିଫ୍ଟ ସ୍ୱୟଂଶାସିତ କଲେଜ ଏଗ୍ରିକଲଚର ଇଞ୍ଜିନିୟରିଂ ବିଭାଗର ପ୍ରଫେସର ସତ୍ୟାନନ୍ଦ ସ୍ୱାଇଁ ପୁରସ୍କୃତ ହୋଇଛନ୍ତି। ଇଣ୍ଡିଆନ ସୋସାଇଟି ଅଫ୍ ଏଗ୍ରିକଲଚରାଲ ଇଞ୍ଜିନିୟର୍ସର ୫୮ତମ ବାର୍ଷିକ ସମ୍ମିଳନୀ ଓ ଅନ୍ତର୍ଜାତୀୟ ସିମ୍ପୋଜିୟମ୍ ଅବସରରେ ତାଙ୍କୁ 'ଆଇଏସ୍ଏଇ ଗୋଲ୍ଡ ମେଡାଲ-୨୦୨୪' ପ୍ରଦାନ କରାଯାଇଛି। ଗିଫ୍ଟର ଡାଇରେକ୍ଟର ଡ. ପତିତପାବନ ପଣ୍ଡା, ଅଧ୍ୟକ୍ଷ ଡ. ତ୍ରିଲୋଚନ ସାହୁ, ଡିନ୍ ଏକାଡେମିକ ଡ. ଆର୍.ଏନ୍. ପଣ୍ଡା, ଡିନ୍ ଆଡ୍ମିନ୍ କର୍ଣ୍ଣେଲ ଏମ୍.କେ. ରାଉତ, ରେଜିଷ୍ଟ୍ରାର ପ୍ରଫେସର ତରୁଣ କୁମାର, ଓଏସ୍ଡି ଇଂ. ସାମର ରଞ୍ଜନ ପଣ୍ଡା ପ୍ରମୁଖ ଡ. ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ମୁଖ୍ୟମନ୍ତ୍ରୀ ବସ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ଠାକୁରମୁଣ୍ଡା,୧୪।୧୨
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବଜାରରେ ମୁଖ୍ୟମନ୍ତ୍ରୀ ବସ୍ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଠାକୁରମୁଣ୍ଡା ଥାନା ଦିଗଧର ପଞ୍ଚାୟତ ସୁନିନ୍ଦା ଗ୍ରାମର ଉମ୍ବରୁଧର ମହାନ୍ତ (୩୦)। ଅପରାହ୍ନ ପ୍ରାୟ ୫ଟା ୩୦ରେ ବସ୍ (ନଂ. ଓଡି ୧୧ ଏଇ ୩୪୧୯) ଠାକୁରମୁଣ୍ଡା ବଜାରରୁ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଥିବା ଷ୍ଟାଣ୍ଡକୁ ଯାଉଥିଲା। ବିପରୀତ ଦିଗରୁ ଉମ୍ବରୁଧର ବାଇକ ଯୋଗେ ଠାକୁରମୁଣ୍ଡା ବଜାରକୁ ଆସୁଥିବା ବେଳେ ବସ୍ ସହିତ ଧକ୍କା ହୋଇଥିଲା। ଦୁର୍ଘଟଣା ଘଟାଇ ବସ୍‌ଟି ଷ୍ଟାଣ୍ଡକୁ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ବାଇକ ଚାଳକଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଯାଇଥିଲା। ଠାକୁରମୁଣ୍ଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଦୁର୍ଘଟଣା ଘଟାଇଥିବା ବସ୍‌କୁ ଥାନାରେ ଅଟକ ରଖି ତଦନ୍ତ କରୁଛି।







# ଭାରତରେ ଜ୍ଞାନଦାନର ସମୃଦ୍ଧ ପରମ୍ପରା ରହିଛି: ଧର୍ମେନ୍ଦ୍ର

## ଆରାଇଜ ସ୍କୁଲ ଶିକ୍ଷା ସମ୍ମିଳନୀ

ଭୁବନେଶ୍ୱର,୧୪।୧୨(ସୁଚିସ୍ମିତା ସାହୁ)




ଭାରତରେ ଜ୍ଞାନର ବ୍ୟବସାୟ ନୁହେଁ, ବରଂ ଜ୍ଞାନଦାନର ସମୃଦ୍ଧ ପରମ୍ପରା ରହିଛି। ବିଦ୍ୟାଳୟ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଦିଗରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ସର୍ବଶିକ୍ଷା ଅଭିଯାନ ଦ୍ୱାରା ସ୍ଥାପିତ ସାମାଜିକ ପରିବର୍ତ୍ତନର ପରମ୍ପରାକୁ ଆଗକୁ ବଢ଼ାଇବା ଆମର ଦାୟିତ୍ୱ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶନିବାର ଦିଲ୍ଲୀଠାରେ ଅନୁଷ୍ଠିତ ଆରାଇଜ ସ୍କୁଲ ଶିକ୍ଷା ସମ୍ମିଳନୀ-୨୦୨୪ରେ ଉଦ୍‌ଘାଟନୀ ଅଧିବେଶନରେ ଯୋଗଦେଇ ଧର୍ମେନ୍ଦ୍ର କହିଲେ, ଆମକୁ ସରକାରୀ ବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ ଶିକ୍ଷାକୁ ଆହୁରି ଅଧିକ ବଢ଼ାଇବାକୁ ପଡ଼ିବ। ଘରୋଇ ବିଦ୍ୟାଳୟ ଓ କୋଚିଂ ଅପେକ୍ଷା ସରକାରୀ ବିଦ୍ୟାଳୟ ଶିକ୍ଷା ଉପରେ ପିଲା ଓ ଅଭିଭାବକଙ୍କ ଅଧିକ ବିଶ୍ୱାସ ରହିବା ଉଚିତ। ଏହି ସମସ୍ୟାର ସମାଧାନ ଅନ୍ୱେଷଣ କରିବାରେ ଆରାଇଜ ଭଳି ଫୋରମ ବଡ଼ ଭୂମିକା ଗ୍ରହଣ କରିବ। ଆମ ପିଲାଙ୍କ ମଧ୍ୟରେ ଟେକ୍ନୋଲୋଜି, ଇନୋଭେଶନ, ଏଆଇ ଓ ଏମ୍ଏଲ୍ ଭଳି ବିଷୟରେ ଉତ୍ସୁକତା ରହିବା ଦରକାର। ଚାକିରି ଖୋଜିବା ସହ ଚାକିରିଦାତା ହେବାର ଇଚ୍ଛା ବଢ଼ିବା ଦରକାର। ଶିକ୍ଷାକୁ ସୁଲଭ କରିବା ସହ ଦେଶର କୋଣ ଅନୁକୋଣରୁ ଡମି ସ୍କୁଲ ବନ୍ଦ କରିବା ପାଇଁ ସ୍କୁଲ ଶିକ୍ଷା ପରିବାର ସମୂହକୁ ସେ ପରାମର୍ଶ ଦେଇଥିଲେ। ଜାତୀୟ ଶିକ୍ଷା ନୀତିର କାର୍ଯ୍ୟାନ୍ୱୟନରେ ନୂତନ ବେଞ୍ଚମାର୍କ ସ୍ଥାପିତ କରିବା, ଶିକ୍ଷକଙ୍କ କ୍ଷମତା ବିକାଶ କରିବା, ନୂତନ ଶିକ୍ଷାଗତ ପଦ୍ଧତି ଅଭିମୁଖ୍ୟ ତିଆରି କରିବା, ବଡ଼ ଆକାରରେ ନବୋନ୍ମେଷକୁ ପ୍ରୋତ୍ସାହିତ କରିବା, ପାଠ୍ୟପୁସ୍ତକ ଓ ଶିକ୍ଷଣ ସାମଗ୍ରୀ ତିଆରି କରିବା ଏବଂ ଭାରତୀୟ ଭାଷାରେ ପଢ଼ାଇବା ପାଇଁ ଆମ ସ୍କୁଲ ଶିକ୍ଷା ପ୍ରଣାଳୀକୁ ଅଗ୍ରଣୀ ଭୂମିକା ନିର୍ବାହ କରିବାକୁ ହେବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

# ୧୬ରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଅଭିଯୋଗ

ଭୁବନେଶ୍ୱର,୧୪।୧୨(ଅନିଲ ଦାସ)

ଆସନ୍ତା ୧୬ ତାରିଖରେ ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଗତ ଅକ୍ଟୋବର ୨୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ ପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ଆବେଦନକାରୀମାନଙ୍କୁ ଆସନ୍ତା ସୋମବାର ସେମାନଙ୍କର ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର ଓ ବ୍ୟକ୍ତିଗତ ପରିଚୟ ପତ୍ର ସହିତ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହିବାକୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**ଆଜିର ମନ୍ତବ୍ୟ**

“ କଂଗ୍ରେସ ଜରୁରିକାଳୀନ ପରିସ୍ଥିତିବେଳେ ଦେଶକୁ ‘ଜେଲ ହାଉସ୍’ରେ ପରିଣତ କରି ଗଣତନ୍ତ୍ରର ତଣ୍ଟି ଚିପି ଦେଇଥିଲା। ଏହି ଦଳ ଏମର୍ଜେନ୍ସିର କଳଙ୍କକୁ କେବେ ଲିଭାଇ ପାରିବନାହିଁ। **– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ସୈନିକ ସ୍କୁଲ–ଓଏମ୍‌ସିର ୮ମ ମିନି ମାରାଥନ୍, ସ୍ଥାନ: ସୈନିକ ସ୍କୁଲ, ସମୟ: ସକାଳ ୬ଟା।
- ଗ୍ରୁପ ସେଣ୍ଟର, ସିଆର୍‌ପିଏଫ୍ ଭୁବନେଶ୍ୱରର ୫୨ତମ ରାଇଜିଂ ଡେ, ସ୍ଥାନ: ହକି ଗ୍ରାଉଣ୍ଡ, ନୟାପଲ୍ଲୀ, ସମୟ: ସକାଳ ୯ଟା।
- ଓଡ଼ିଶା ସୋସାଇଟି ଅଫ୍ ଦି ଆମେରିକାଜ୍ ୨୦୨୪ ଓଡ଼ିଶା ପବ୍ଲିକ ଲାଇବ୍ରେରୀ କନଫରେନ୍ସ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସକାଳ ୯ଟା ୩୦।
- ସଟଲ୍ ସ୍କାଶର୍ସ –୨୦୨୪ କାର୍ଯ୍ୟକ୍ରମ, ସ୍ଥାନ: ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଭିଜନ ଓଡ଼ିଶା ହେଲ୍‌ଥ କନକ୍ଲେଭ, ସ୍ଥାନ: ହୋଟେଲ ନ୍ୟୁ ମାରିୟନ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ରଜକ ମହାସଂଘ ପକ୍ଷରୁ ବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ବୁଲନ ଭାଇ ସେବା ସଦନ, ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୬ଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍–୩, ସମୟ: ଅପରାହ୍ନ ୧ଟା ୩୦।
- ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଟ୍ରେଡ ୟୁନିୟନ ସେଣ୍ଟରର ବିଶାଳ ସମାବେଶ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ଅପରାହ୍ନ ୧ଟା ୩୦।
- ଡ. ବସନ୍ତ କୁମାର ଦାସଙ୍କ ପୁସ୍ତକ ଉନ୍ମୋଚନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା ୩୦।
- ରତ୍ନଶୋଭା ୨୦୨୪, ସ୍ଥାନ: ନୂତନ ସଭାକକ୍ଷ, ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୫ଟା ୩୦।
- ଶ୍ରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଶ୍ରୀନୃତ୍ୟୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ମାରିଆ ମଣ୍ଟେଶ୍ୱରୀ ସ୍କୁଲ ଅଫ୍ ଲିଟିଲ ଆଞ୍ଜେଲ୍‌ସର ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର, ସୂର୍ଯ୍ୟ ନଗର, ୟୁନିଟ୍–୭, ସମୟ: ସନ୍ଧ୍ୟା ୬ଟା ୩୦।
- ହାବିଲଦାର ଏବଂ ସିପାହୀ ଆସୋସିଏଶନ ପକ୍ଷରୁ ସପ୍ତମ ବାଟାଲିୟନର ୫୪ତମ ବାର୍ଷିକୋତ୍ସବ ଅବସରରେ ଯାତ୍ରା, ସ୍ଥାନ: ଓଏସ୍ଏପି ସପ୍ତମ ବାଟାଲିୟନ ଆସୋସିଏଶନ ପଡ଼ିଆ, ସମୟ: ରାତି ୧୧ଟା।

## କଟକ

- ଏଟିବିଏନ୍ ଓକିଲ ସଂଘର ବାର୍ଷିକ ଅଧିବେଶନ, ଭଟ୍ଟାରିକା ପୀଠ, ବଡ଼ମ୍ବା, ସମୟ: ସକାଳ ୯ଟା।
- ୩୩ତମ ଛତ୍ରପତି ଶିବାଜୀ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଶୁଭାରମ୍ଭ, ସ୍ଥାନ: ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ନୂଆପାଟଣା, ଟିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ

- ବନମାଳୀ ବ୍ରହ୍ମଚାରୀ ସ୍ମୃତି ନ୍ୟାସ ପକ୍ଷରୁ ‘ପ୍ରତିଭା ଅନ୍ୱେଷଣ’ ୨୦୨୪, ସ୍ଥାନ: ଟାଉନ ହଲ, ନିମାପଡ଼ା, ସମୟ: ସକାଳ ୯ଟା।
- ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପ, ହାଟଛକ, ନିମାପଡ଼ା, ସମୟ: ସକାଳ ୯ଟା।
- ସତ୍ୟବାଦୀ ଗୁରୁକୁଳ ସ୍କଲାର୍ସ ସାକ୍ଷୀଗୋପାଳର ଷଷ୍ଠ ବାର୍ଷିକ ଉତ୍ସବ, ସ୍ଥାନ: ଗୁରୁକୁଳ ବିଦ୍ୟାଳୟ ପରିସର, ସତ୍ୟବାଦୀ, ସମୟ: ଅପରାହ୍ନ ୩ଟା।

## ଖୋର୍ଦ୍ଧା

- ଭାରତୀୟ ମଜଦୁର ସଂଘ ସ୍ୱଦେଶୀ ଆୟମ ପକ୍ଷରୁ ବାବୁଗେନୁଙ୍କ ବଳିଦାନ ଦିବସ ପାଳନ, ସ୍ଥାନ: ଟାଉନ ହଲ(ସ୍ରଷ୍ଟା), ଜଟଣୀ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବାଲେଶ୍ୱର

- ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ସତ୍ୟସାଇ ସେବା ସଂଗଠନ, ତଲାଡ଼ି, ଭୋଗରାଇ, ସମୟ: ସକାଳ ୯ଟା।
- ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ପଥରେଶ୍ୱର ପ୍ରାଥମିକ ବିଦ୍ୟାଳୟ, ଭୋଗରାଇ, ସମୟ: ସକାଳ ୯ଟା।
- ମେଗା ରକ୍ତଦାନ ଶିବିର, ସ୍ଥାନ: ଶ୍ରଦ୍ଧାପୁର ନୋଡ଼ାଲ ୟୁପି ସ୍କୁଲ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ପୁରାତନ ଛାତ୍ର ସଂସଦର ପ୍ରତିଷ୍ଠା ଦିବସ ଓ ବନ୍ଧୁମିଳନ, ସ୍ଥାନ: ହୀରାପୁର ସରକାରୀ ହାଇସ୍କୁଲ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ସମାରୋହ, ସ୍ଥାନ: ଶକୁନ୍ତଳା ପବ୍ଲିକ ସ୍କୁଲ, ରୂପସା, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ମାଖନପୁର ସରକାରୀ ହାଇସ୍କୁଲ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ପୁରାତନ ଛାତ୍ର ସଂସଦ ବୈଠକ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ଅପରାହ୍ନ ୩ଟା ୩୦।
- ବାଲେଶ୍ୱର ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ପୁରୁଣା ଷ୍ଟାଡ଼ିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଗୀତା ଜ୍ଞାନ ଯଜ୍ଞ ପ୍ରବଚନ ସଭାର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଟାଉନହଲ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ସ୍ୟାଣ୍ଡ ଫେଷ୍ଟ–୨୦୨୪ ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ: ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- କାନ୍ତ ସାହିତ୍ୟ ପରିଷଦର ବାର୍ଷିକୋତ୍ସବ, ସ୍ଥାନ: ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସାବିତ୍ରୀ ଦେବୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଓ ଗୀତାଯଜ୍ଞ, ସ୍ଥାନ: କୁଆଁସ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଦିବଂଗତ ଅଧିବକ୍ତା ନିରାକାର ଜେନାଙ୍କ ଏକାଦଶାହ ଅବସରରେ ସ୍ମୃତିସଭା, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଭଦ୍ରକ ତ୍ୟାଗଭୂମି ମହୋତ୍ସବର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ବାର୍ଷିକ ଗୀତା ଜୟନ୍ତୀ ଓ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଉତ୍ସବ, ସ୍ଥାନ: ଚୁଡ଼ାମଣି କ୍ଷେମେଶ୍ୱର ମହାଦେବ ପୀଠ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ଗରିବ, ନିସହାୟ ମହିଳାଙ୍କୁ କମ୍ବଳ ବଣ୍ଟନ, ସ୍ଥାନ: କୁଆଁସ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ବାଣିଜ୍ୟ ମେଳାର ଉଦ୍‌ଯାପନୀ, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ମା’ ଗଡ଼ଚଣ୍ଡୀଙ୍କ ମନ୍ଦିରରେ ମାର୍ଗଶିର ପୂର୍ଣ୍ଣିମା ପୂଜା ଉତ୍ସବ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ : ସକାଳ ୭ ଟା।
- ପରମ ପୂଜ୍ୟ ପାଦ ଶ୍ରୀଶ୍ରୀ ଆଚାର୍ଯ୍ୟ ଦେବଙ୍କ ଶୁଭ ଆଗମନି ମହୋତ୍ସବ, ସ୍ଥାନ: ସତସଙ୍ଗ ବିହାର ମୁରୁସୁଆଁ, ପାଟଣା, ସମୟ: ସକାଳ ୮ ଟା।
- କୃଷକ ପ୍ରତିନିଧି ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ଆନନ୍ଦପୁର ଉତ୍ତରେଶ୍ୱର୍ ମନ୍ଦିର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ ଟା।
- ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବ, ବାଣିଜ୍ୟ ମେଳା ଓ ମଶାଲ ଶୋଭାଯାତ୍ରା, ସ୍ଥାନ: ଆନନ୍ଦପୁର ଷ୍ଟାଡ଼ିୟମ, ସମୟ: ଅପରାହ୍ନ, ୩ ଟା ଓ ସନ୍ଧ୍ୟା ୫ଟା।
- ମା’ ଦୁର୍ଗାଙ୍କ ମନ୍ଦିରରେ ଭଜନ ସମାରୋହ, ସ୍ଥାନ: ଡ଼ଅଁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଭଜନ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: କଳିଙ୍ଗା, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା ୩୦।

## ମୟୂରଭଞ୍ଜ

- ଲେଟ୍‌କଟ୍ କ୍ଲବ ପକ୍ଷରୁ ଟି–୨୦ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ଲେଟ୍‌କଟ୍ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ: ବାରିପଦା ଛଉ ପଡ଼ିଆ, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ବ୍ରହ୍ମପୁର ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଇଂଜିନିୟରିଂ ସ୍କୁଲ ନିକଟ ରାଜସ୍ୱ ବଙ୍ଗଳା, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ଜିଲା ଲେଖକ ସଂସଦ ପକ୍ଷରୁ ୪୫ତମ ସାମ୍ବତ୍ସରିକ ମହୋତ୍ସବ, ସ୍ଥାନ: ଶାଣ୍ଡିଲ୍ୟ ବସନ୍ତ ଭବନ, ସମୟ: ପୂର୍ବାହ୍ନ ୧୧ଟା୩୦।
- ୱାରୀ ଏନର୍ଜି ଲିମିଟେଡ୍ ପକ୍ଷରୁ ଭୂମି ପୂଜନ, ସ୍ଥାନ: ନେଉଳପୋଇ, ଗଁଦିଆ ବ୍ଲକ, ସମୟ: ସକାଳ ୯ଟା ୩୦।

## ଜଗତ୍‌ସିଂହପୁର

- ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ବାର୍ଷିକୋତ୍ସବ, ସ୍ଥାନ: ଉତ୍କଳ ବାତ୍ୟା ବିପନ୍ନ ସହାୟତା କେନ୍ଦ୍ର, ଶାଗବାରିଆ, ତିର୍ତ୍ତୋଲ, ସମୟ: ସକାଳ ୯ଟା।
- ବାଳିଘର ଫାଉଣ୍ଡେଶନର ସାଙ୍ଗଠନିକ ବୈଠକ, ସ୍ଥାନ: କନକପୁର, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବୃହତ୍ ବନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- କେନ୍ଦ୍ରାପଡ଼ା କ୍ରିକେଟ୍ ସୁପରଲିଗ୍ ମ୍ୟାଚରେ ବାଲାବାବା କ୍ରିକେଟ୍ କ୍ଲବ ବନାମ ଆଳି କ୍ରିକେଟ୍ ଆଣ୍ଡ ସ୍ପୋର୍ଟସ କାଉନସିଲ ମଧ୍ୟରେ ମୁକାବିଲା, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- କଂସାର ସାହାସପୁର ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ, ସ୍ଥାନ: ଶିକ୍ଷା ନିକେତନ ପରିସର, କଂସାର, କେନ୍ଦ୍ରାପଡ଼ା, ସମୟ:ପୂର୍ବାହ୍ନ ୧୦ଟା।
- ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଜ୍ଞାନ ଯଜ୍ଞ, ସ୍ଥାନ:ରାଜନଗର ହାଇସ୍କୁଲ ପଡ଼ିଆ, ରାଜନଗର, ସମୟ:ସନ୍ଧ୍ୟା ୬ଟା।

## ଯାଜପୁର

- ଧରିତ୍ରୀ ପକ୍ଷରୁ ମେଗା ପ୍ରତିଯୋଗିତା, ସ୍ଥାନ: ବାଲିଆପାଳ ବିଧାନଚନ୍ଦ୍ର ଏକାଡେମୀ, କଲ୍ୟାଣପୁର ଶ୍ରୀବନ୍ତପୁର ହାଇସ୍କୁଲ, ଯାଜପୁର ବିରଜା ହାଇସ୍କୁଲ, ଦଶରଥପୁର କୃଷ୍ଣ ପ୍ରଧାନ ଉଚ୍ଚ ବିଦ୍ୟାପୀଠ, ସମୟ: ସକାଳ ୯ଟା।
- ବରୀ ଲୋକ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ବାଲିଆପାଳ ବିଧାନଚନ୍ଦ୍ର ଏକଡେମୀ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।
- ମା’ ତାରିଣୀ ଯଜ୍ଞର ଉଦ୍‌ଯାପନୀ, ସ୍ଥାନ: ବରୀ ବ୍ଲକ୍ ଅଧୀନ ବାଲିବିଲ ତାରିଣୀ ମନ୍ଦିର ପରିସର, ସମୟ: ରାତି ୮ଟା।

## ନୟାଗଡ଼

- ଧନୁ ମହୋତ୍ସବର ୨ୟ ଦିବସରେ ଗୀତାଯଜ୍ଞ, ଭାଗବତ ଓ ନାମ ସଂକୀର୍ତ୍ତନ, ସ୍ଥାନ: ଭାପୁର ବ୍ଲକ୍ କାଳିଆପଲ୍ଲୀ, ସମୟ: ସକାଳ ୯ଟା ।
- ୧୫ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ନମେଣ୍ଟର ଫାଇନାଲ ମ୍ୟାଚରେ ଭାଇଜାଗର ନବସିପ୍ ଚାମ୍ପିୟନ୍ସ ବନାମ ଏମଏମସିସି ସମ୍ବଲପୁର, ସ୍ଥାନ: ଫତେଗଡ ନାଳିସାଗର ଖେଳପଡିଆ, ସମୟ:ପୂର୍ବାହ୍ନ ୧୧ଟା।
- ମହାଲକ୍ଷ୍ମୀ ପୂଜାର ଅନ୍ତିମ ଦିବସ, ସ୍ଥାନ:ଗୋଡିପଡା ତଳସାହି, ସମୟ:ମଧ୍ୟାହ୍ନ ୧୨ଟା।
- ଲକ୍ଷ୍ମୀ ପୂଜା ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ଭାପୁର ବ୍ଲକର ବାଇଗୁଣିଆ, ସମୟ: ଅପରାହ୍ନ ୨ଟା ।
- ଲକ୍ଷ୍ମୀପୂଜା ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ବାଦୀପାଲା, ସ୍ଥାନ:ଖଣ୍ଡପଡ଼ା ବ୍ଲକର ବେଣାଗାଡ଼ିଆ, ସମୟ: ଅପରାହ୍ନ ୩ଟା।

## ରାୟଗଡ଼ା

- ରାୟଗଡା ସାହିତ୍ୟ ମହୋତ୍ସବ, ସ୍ଥାନ: ରାୟଗଡ଼ା ୟୁଜି ଏମ୍ଆଇଟି, ସମୟ: ସକାଳ ୯ଟା।
- ଗୁଡାରି ପ୍ରିମିଅର ଲିଗ୍ ଶୁଭାରମ୍ଭ, ସ୍ଥାନ: ମିନି ଷ୍ଟାଡିଅମ, ଗୁଡାରି, ସମୟ: ସକାଳ ୯ଟା।
- ଦୌଡ଼ି ଝିକା ପ୍ରତିଯୋଗିତା, ସ୍ଥାନ: ରାୟଗଡ଼ା ଜିସିଡି ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ, ସ୍ଥାନ: ନବରଙ୍ଗପୁର ପୋଲିସ ପଡ଼ିଆ, ସମୟ : ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ବିକାଶ ସେତୁ ପକ୍ଷରୁ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ, ସ୍ଥାନ: କୁଚିଣ୍ଡା ଟାଉନହଲ, ସମୟ: ପୂର୍ବାହ୍ନ ୯ଟା।
- ବୁର୍ଲା ସରକାରୀ ହାଇସ୍କୁଲର ପ୍ଲାଟିନମ ଜୁବଲି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଯୋଗଦାନ, ସ୍ଥାନ : ବୁର୍ଲା ହାଇସ୍କୁଲ ପରିସର, ସମୟ : ଅପରାହ୍ନ ୨ଟା ୪୫।
- ଦିବ୍ୟାଙ୍ଗଙ୍କୁ ଇ–ରିକ୍ସା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ : ମନ୍ଦଲିଆ ପଡିଆ, ସମୟ : ଅପରାହ୍ନ ୩ଟା ୩୦ ।
- କୁଚିଣ୍ଡା ବ୍ଲକ କୁରୁରାଚୁଆଁ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ:କୁରୁରାଚୁଆଁ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା ୩୦ ।
- ବିଶାଳ ରକ୍ତଦାନ ଶିବିର, ସ୍ଥାନ : କ୍ଷେତରାପୁର ସ୍ଥିତ ଦୁର୍ଗା ମଙ୍ଗଳମ, ସମୟ : ଅପରାହ୍ନ ୪ଟା ୪୫ ।
- ଡାକ୍ତର ଜନାର୍ଦ୍ଦନ ପୂଜାରୀ ସରକାରୀ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତି ଉତ୍ସବ, ସ୍ଥାନ : ସିନ୍ଦୁରପଙ୍କ ଛକ ସ୍ଥିତ ବିଦ୍ୟାଳୟ ପରିସର, ସମୟ : ଅପରାହ୍ନ ୫ଟା ୪୫ ।
- କଖଗ ଆୟୋଜିତ ନାଟ୍ୟ ମହୋତ୍ସବ–୨୦୨୪ ର ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ : ସନ୍ଧ୍ୟା ୬ଟା ୧୫ ।
- ଶ୍ରୀକଲଚରାଲ ଆସୋସିଏଶନ ଆୟୋଜିତ ଶ୍ରୀରଙ୍ଗ ସମାଗମ, ସ୍ଥାନ: ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର

- ନିର୍ଝରିଣୀର ୧୩ତମ ରାଜ୍ୟସ୍ତରୀୟ ବାର୍ଷିକ ସାରସ୍ୱତ ସମାରୋହ–୨୦୨୪, ସ୍ଥାନ: ଜି.ଆର.ପେଲେସ,କଣ୍ଟାବାଞ୍ଜି,ସମୟ: ସକାଳ ୯ଟା ୩୦ମିନିଟ।
- ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିମିଟେଡ୍‌ର ୬୨ତମ ବାର୍ଷିକ ସାଧାରଣ ପରିଷଦ ବୈଠକ, ସ୍ଥାନ: ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର

- ସର୍ବଭାରତୀୟ ଲୁଡୁରପଙ୍କ କ୍ରିକେଟ କପର ଚଂଏସ ଲକିଙ୍ଗ ଉତ୍ସବ,ସ୍ଥାନ: ଲୁଡୁରପଙ୍କ ହାଇସ୍କୁଲ ପଡିଆ , ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୨ଟା।
- ତରଭା ବ୍ଲକ ଜୁରାବନ୍ଧରେ ୨୪ ପ୍ରହର ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ଭାଗବତ ମନ୍ଦିର ସମ୍ମୁଖ, ସମୟ: ସକାଳ ୬ଟା।
- ଭାଗବତ ପାରାୟଣ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ:ଗୁଡୁଗୁଡା,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଫକୀର ବାବାଙ୍କ ଉର୍ସ ଉତ୍ସବର କୁଲ ଫାଦିଆ, ସ୍ଥାନ: ତରଭା ମସଜିଦ୍ ପରିସର, ସମୟ: ରାତି ୯ଟା ୩୦।

## ବରଗଡ଼

- କୃଷି ଓ କୃଷି ଯନ୍ତ୍ରପାତି ମେଳାରେ କୃଷି ପାଠଶାଳା, ସ୍ଥାନ: ଜର୍ଜ ହାଇସ୍କୁଲ ପଡିଆ, ବରଗଡ଼, ସମୟ: ସକାଳ ୯ଟା।
- କୃଷି ଓ କୃଷି ଯନ୍ତ୍ରପାତି ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜର୍ଜ ହାଇସ୍କୁଲ ପଡିଆ, ବରଗଡ଼, ସମୟ: ଅପରାହ୍ନ ୫ଟା।
- ରାଜ୍ୟସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ପ୍ରବଚନ ଓ ଭାଗବତ ପାଠ, ସ୍ଥାନ:ବୃନ୍ଦାମାଲ ଶିବ ମନ୍ଦିର, ଝାରସୁଗୁଡା,ସମୟ: ସକାଳ ୯ଟା।
- ଆନ୍ତଃଜିଲା କ୍ଲବ କ୍ରିକେଟ ଲିଗର ଦ୍ୱାଦଶ ଦିବସ, ସ୍ଥାନ:ସରବାହାଲ ଖେଳ ପଡିଆ,ସମୟ:ସକାଳ ୯ଟା।
- ଶ୍ରୀ ହନୁମାନ କଥାର ୧୦୫ତମ ଆୟୋଜନର ଦ୍ୱିତୀୟ ଦିବସ,ସ୍ଥାନ:ଶ୍ରୀ ରାଣୀସତୀ ଦାଦି ମନ୍ଦିର, ସରବାହାଲ ରୋଡ଼, ସମୟ: ଅପରାହ୍ନ ୩ ଟା।
- ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ମନମୋହନ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ସୁନ୍ଦରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଡେଙ୍ଗିଭାଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର,ସମୟ:ପୂର୍ବାହ୍ନ୧୧ଟା୩୦।
- କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରର ୨୯ତମ ବାର୍ଷିକୋତ୍ସବ,ସ୍ଥାନ:କୁଆଁରମୁଣ୍ଡା ସରସ୍ୱତୀ ଶିଶୁମନ୍ଦିର,ସମୟ:ପୂର୍ବାହ୍ନ ୧୧ଟା।
- ରଜକ ସେବା ସଂଘର ସୁନ୍ଦରଗଡ ଜିଲା ସମ୍ମିଳନୀ,ନୂତନକଲ୍ୟାଣ ମଣ୍ଡପ ଉଦଘାଟନ,ଅତିଥି ଗୃହର ଶିଳାନ୍ୟାସ ,ସ୍ଥାନ:ଭଷ୍ଟା,ସମୟ:ପୂର୍ବାହ୍ନ୧୧ଟା।

## ରାଉରକେଲା

- ସ୍ୱଚ୍ଛତା ଅଭିଯାନ, ସ୍ଥାନ: ଏନ୍ଆଇଟି ରାଉରକେଲା, ସମୟ: ସକାଳ ୮ଟା।
- ଖ୍ରୀଷ୍ଟିୟାନ ଆସୋସିଏଶନ ଅଫ୍ ଝିରପାଣି ପକ୍ଷରୁ ଖ୍ରୀଷ୍ଟମାସକୁ ନେଇ ଆଲୋଚନା, ସ୍ଥାନ: ଝିରପାଣି, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଆୟୁଷ ଆନ୍ତଃମହାବିଦ୍ୟାଳୟ ସ୍ପୋର୍ଟସ ମିଟ୍–୨୦୨୪, ସ୍ଥାନ: ସେକ୍ଟର– –୨୧, ସମୟ: ପୂର୍ବାହ୍ନ ୧୦ଟା।
- କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ, ସ୍ଥାନ: ଛେଣ୍ଡ ଧାମରା ସଂଘ, ସମୟ: ପୂର୍ବାହ୍ନ ୧୧ଟା।
- କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ, ସ୍ଥାନ: ଧାମରା ସଂଘ, ଛେଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ରାହ୍ମଣ ମହାସଭା ବୈଠକ, ସ୍ଥାନ: ହନୁମାନ ବାଟିକା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଗୃହସ୍ଥୀ ପକ୍ଷରୁ ନୂତନ ଡାଏରୀ ଆଉଟ୍‌ଲେଟ୍, ସ୍ଥାନ: ବାସନ୍ତୀ କଲୋନୀ ଫୁଡ୍‌କୋର୍ଟ, ସମୟ: ଅପରାହ୍ନ ୪ଟା।
- ରାଉରକେଲା ଫିଲ୍ମ ଫେଷ୍ଟିଭାଲ ଶୁଭାରମ୍ଭ, ସ୍ଥାନ: ସେକ୍ଟର–୪, କମ୍ୟୁନିଟି ସେଣ୍ଟର, ସମୟ: ଅପରାହ୍ନ ୪ଟା।
- କସ୍ତୁରୀ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ୨୦ତମ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ପଞ୍ଚମ ସନ୍ଧ୍ୟା,ସ୍ଥାନ: ଟାଉନ ହଲ, ଦେବଗଡ,ସମୟ:ସନ୍ଧ୍ୟା ୭ଟା।
- ମା’ କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠ ସାହି, ମା’ କନକ ଦୁର୍ଗା ମନ୍ଦିର,ସମୟ:ସନ୍ଧ୍ୟା ୬ଟା୩୦।
- ବିଧାୟକଙ୍କ ଅଭିଯୋଗ ଶୁଣାଣୀ,ସ୍ଥାନ:ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ,ସମୟ:ପୂର୍ବାହ୍ନ ୧୦ଟା।
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ:ଦେବଗଡ ସହର, ସମୟ: ପାନ୍ତଃ ୪ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ ସହର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦର ୩୬ତମ ବାର୍ଷିକ ଉତ୍ସବ ଉଦ୍‌ଘାଟନ, ପ୍ରଥମ ଅଧିବେଶନ ଓ ଆଲୋଚନା ଚକ୍ର, ସ୍ଥାନ: ସଂସ୍କୃତି ଭବନ, ସମୟ:ସକାଳ ୯ଟା୩୦।
- ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦର ୩୬ତମ ବାର୍ଷିକ ଉତ୍ସବ, ଦ୍ୱିତୀୟ ଅଧିବେଶନ ଓ କବିତା ପାଠ, ସ୍ଥାନ:ସଂସ୍କୃତି ଭବନ, ସମୟ:ଅପରାହ୍ନ ୨ଟା।

## ନୂଆପଡ଼ା

- ପୂର୍ବତନ ଛାତ୍ରୀଛାତ୍ରଙ୍କୁ ନେଇ ଆଲୁମିନା ଭେଟ, ସ୍ଥାନ: କୋମନା ବ୍ଲକ ଜବାହର ନବୋଦୟ ବିଦ୍ୟାଳୟ ତରବୋଡ଼, ସମୟ: ସକାଳ ୯ଟା।
- ଆର୍‌ଏସ୍‌ୱାଇସି କପ କ୍ରିକେଟ୍ ସେମିଫାଇନାଲ, ସ୍ଥାନ: କୋମନା ବ୍ଲକ ତରବୋଡ଼ ସମ୍ଭବ ଖେଳ ପଡିଆ, ସମୟ: ସକାଳ ୯ଟା।

## ବୌଦ୍ଧ

- ରକ୍ତଦାନ ଶିବିର, ସ୍ଥାନ: ଭୈରବୀ କ୍ଲବ ପୁରୁଣାକଟକ, ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।
- ବୌଦ୍ଧ ଆଧ୍ୟାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବର ଷଷ୍ଠ ଦିନ, ସ୍ଥାନ: ଭୈରବୀ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।
- ଅଷ୍ଟମ ଗଡ଼ଜାତ ଲୋକ ମହୋତ୍ସବ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସାଧୁଚରଣ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ବୀରନରସିଂହପୁର, ହରଭଙ୍ଗା, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com.

**ମେଷ** ଆଜି ବିଭିନ୍ନ ଦୁଶ୍ଚିନ୍ତା କାରଣରୁ ମାନସିକ ଶିଥିଳତା ଦେଖାଦେବ। ଆତ୍ମୀୟଙ୍କୁ ଅତି ନିକଟରେ ପାଇ ନିଜକୁ କିଛି ସମୟ ପାଇଁ ଭୁଲିଯିବେ। ସଭାସମିତି, ମନୋରଞ୍ଜନ କିମ୍ବା କୌଣସି ନୂତନ କର୍ମାରମ୍ଭ କରିବାରେ ବ୍ୟସ୍ତ ରହିପାରନ୍ତି। ଆର୍ଥିକ ଉନ୍ନତି ସହ ଶିକ୍ଷା, ସନ୍ତାନ କ୍ଷେତ୍ରରେ ସାମୟିକ ସମସ୍ୟା ଲାଗି ରହିବ।

**ବୃଷ** ଅଟକି ରହିଥିବା କାମ ସାରିବା ସକାଶେ ବ୍ୟଗ୍ର ହେବେ। ପ୍ରଶଂସା ଓ ପ୍ରତିଷ୍ଠାକୁ ଅନ୍ୟମାନେ ସହି ନ ପାରି ବିବାଦୀୟ ମନ୍ତବ୍ୟ ଦେବେ। ପରିବାରର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। କଚେରି ମାମଲା, ସାମ୍ବାଦିକତା, ପ୍ରଶାସନ, ସଙ୍ଗଠନ, ରାଜନୀତିରେ ଲକ୍ଷ୍ୟ ହାସଲ କରିବେ।

**ମିଥୁନ** ଆଜି ଯେତିକି ଅର୍ଥ ପାଇବେ, ତାହାଠାରୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ। କାହାର ଫୁସୁଲା ଫୁସୁଲି କଥାରେ ଭାସିଯାଇ କାମ କଲେ ପରେ ଅନୁତାପ କରିବାକୁ ପଡ଼ିପାରେ। ସାମାଜିକ କ୍ଷେତ୍ରରେ କେବଳ ବେଠି ଖଟିବା ବ୍ୟତୀତ କିଛି ଲାଭ ହେବନି। ମାତ୍ର ବ୍ୟବସାୟ, ବାଣିଜ୍ୟ ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**କର୍କଟ** ଆଜି ସତର୍କରେ ନ ଚଳିଲେ ଅର୍ଥହାନି ଏବଂ ସଂଯମରେ ନ କହିଲେ ବିବାଦକୁ ଟାଣି ହୋଇପାରନ୍ତି। ବନ୍ଧୁ ସ୍ୱାର୍ଥସାଧନ ଲାଗି ହଇରାଣରେ ପକାଇପାରନ୍ତି। କର୍ମକ୍ଷେତ୍ରରେ ସଫଳତା ମିଳି ନ ପାରେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ, ପ୍ରଶାସନ, ସଙ୍ଗଠନ, ରାଜନୀତିରେ ଅଭିଯୋଗ ଆସିପାରେ।

**ସିଂହ** ଆଜି ଯେଉଁ କାମରେ ହାତ ଦେବେ, ସଫଳତା ପାଇବା କଷ୍ଟକର ହେବ। କର୍ମକ୍ଷେତ୍ରରେ ପରିସ୍ଥିତି ବଶତଃ ଇଚ୍ଛା ନ ଥିଲେ ମଧ୍ୟ ଦୂର ସ୍ଥାନକୁ ଯିବାକୁ ବାଧ୍ୟ ହେବେ। ପାରିବାରିକ କ୍ଷେତ୍ରରେ ଦିନ ଗୋଟାଏ ପରେ ପରିସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପଦସ୍ଥ ବ୍ୟକ୍ତିଙ୍କ ପୃଷ୍ଠପୋଷକତା ଲାଭ କରି ବିବାଦୀୟ ପରିସ୍ଥିତିକୁ ସୁଧାରି ନେଇପାରିବେ।

**କନ୍ୟା** ଆଜି କର୍ମଜଞ୍ଜାଳ ବୃଦ୍ଧି କାରଣରୁ ମାନସିକ ଆଶ୍ୱସ୍ତି ପାଇ ପାରିବେ ନାହିଁ। ସକାଳୁ ବନ୍ଧୁଙ୍କ ଗୃହକୁ ଯିବା ସକାଶେ ସଜବାଜ ହୋଇପାରନ୍ତି। ବିବାଦୀୟ ଘଟଣାରେ ନୀରବ ରହିବା ଭଲ ହେବ, ଅନ୍ୟଥା କଳହର ଆଶଙ୍କା ରହିଛି। ବ୍ୟବସାୟ କ୍ଷେତ୍ରରେ ଠକାମିରେ ପଡ଼ିପାରନ୍ତି, ଏଣୁ ସତର୍କତା ଅବଲମ୍ବନ କରିବା ଭଲ।

**ତୁଳା** ଆର୍ଥିକ ଉନ୍ନତି ସହ ବୈଷୟିକ ସୁଖ, ସମୃଦ୍ଧି ସ୍ୱାତୀ ନକ୍ଷତ୍ର ସକାଶେ ଆତ୍ମତୃପ୍ତିର କାରଣ ହେବ। ନିଜ ଲୋକଙ୍କୁ ପାଖରେ ପାଇ ବିଭୋର ହେବେ। ବନ୍ଧୁଙ୍କ ବାଧିଲା ଭଳି କଥା ଶୁଣି ସବୁ ଆନନ୍ଦ ପାଣି ଫୋଟକା ପରି କୁଆଡ଼େ ମିଳାଇ ଯାଇପାରେ। ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁ ସାୟାହ୍ନରେ କ୍ଳାନ୍ତି ଅନୁଭବ କରିପାରନ୍ତି।

**ବିଛା** ଯେତେ ମନ ନେଇ କାମ କଲେ ମଧ୍ୟ ସମ୍ପର୍କୀୟମାନେ ଦୂରେଇ ରହୁଥିବା ଅନୁଭବ କରିବେ। ସ୍ୱାସ୍ଥ୍ୟଗତ ସମସ୍ୟା ଓ କର୍ମକ୍ଷେତ୍ରରେ ଅସନ୍ତୋଷର ବାତାବରଣ ମଧ୍ୟରେ ବିଚଳିତ ହେବେ। ରାଜନୈତିକ କ୍ଷେତ୍ରରେ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନିର୍ମାଣ, ମାଲି ମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତିରେ ଜୟଯୁକ୍ତ ହେବେ।

**ଧନୁ** ସମ୍ପର୍କୀୟଙ୍କ ଆତ୍ମୀୟତା ସାଙ୍ଗକୁ ଅଭିଳାଷ ପୂରଣଜନିତ ମନ ଖୁସି ରହିବ। ଭାଙ୍ଗି ପଡ଼ିଥିବା ସମ୍ପର୍କକୁ ପୁଣି ଯୋଡ଼ିବା ସକାଶେ ଚେଷ୍ଟା କରି ମଧ୍ୟ କିଛି ଲାଭ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ଆନୁଷ୍ଠାନିକ କାମରେ ଉନ୍ନତି କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ ହୋଇପାରେ।

**ମକର** କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ନିଜର ଭାବାବେଗକୁ ରୋକି ପାରିବେ ନାହିଁ। ଅର୍ଥନୈତିକ ପରିସ୍ଥିତିରେ ସାଧାରଣ ଉନ୍ନତିର ଝଲକ ଦେଖିବାକୁ ମିଳିବ। ପ୍ରଶାସନିକ କ୍ଷେତ୍ରରେ କଳା, ସାହିତ୍ୟ, ବାଣିଜ୍ୟ, ବ୍ୟବସାୟରେ ସାମୟିକ ଭାବରେ ଦ୍ୱନ୍ଦ୍ୱ ଦୂର ହୋଇଯିବ। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**କୁମ୍ଭ** ଆଜିର କର୍ମକ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦ ଭିତରକୁ ଟାଣି ହୋଇ ପାରନ୍ତି। ଗତକାଲିର କୌଣସି ଘଟଣାକୁ ନେଇ ଆଜି ମନଟା ଭାରାକ୍ରାନ୍ତ ରହିବ। କଠିନ ଶ୍ରମ ଓ ବିଶେଷ ଭ୍ରମଣଜନିତ ଶାରୀରିକ ଅସୁସ୍ଥତା ଦେଖାଦେଇପାରେ। ସାଧାରଣ କଥାକୁ କେନ୍ଦ୍ର କରି ସମ୍ପର୍କରେ ଭଙ୍ଗା ପଡ଼ିଯିବାର ସୂଚନା ରହିଛି।

**ମୀନ** ଯେତେ ପ୍ରକାର ଭାବିଚିନ୍ତି କାମ କଲେ ମଧ୍ୟ ପାରିବାରିକ ପ୍ରତିରୋଧ କେତେକ କାମକୁ ବିଶୃଙ୍ଖଳିତ କରିବ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ମଧ୍ୟାହ୍ନରେ ଉଚ୍ଚବାଚ ଘଟିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ, କିନ୍ତୁ ସମ୍ପୂର୍ଣ୍ଣ ନିରାମୟର ଆଶା ନୈରାଶ୍ୟଜନକ ରହିବ। ଗତକାଲିର ଯୋଜନା ଓ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍‌ଠାକ୍ ହୋଇଯିବ।

ଆଜି ଡିସେମ୍ବର ୧୫ ତାରିଖ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍‌ଙ୍କ ତିରୋଧାନ ଦିବସ, ମାର୍ଗଶିର ମାସର ପଣ୍ଡୁ ପୂର୍ଣ୍ଣିମାଯୁକ୍ତ ପ୍ରତିପଦା ରବିବାର, ରାଶି ନକ୍ଷତ୍ର–ମୃଗଶିରା/ବୃଷ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ପ୍ରତିପଦାର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୦୦ ଗତେ ଘ.୦୯।୧୦ ମଧ୍ୟେ, ଘ.୦୧।୦୨ ଗତେ ଘ.୦୨।୫୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୫ ଗତେ ଘ.୦୫।୦୬ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ରାସ୍ତାକଡ଼ରୁ ଅଧାପୋତା...

ଶିଶୁର ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି। ଅପରପକ୍ଷେ ନିଃସନ୍ତାନ ଥିବା ସନ୍ତୋଷ ଉଦ୍ଧାର କରିଥିବା ଶିଶୁକନ୍ୟାଟିକୁ ନିଜେ କୋଳେଇନେବେ ବୋଲି କହିଛନ୍ତି। ଖବର ପାଇ ବିନିକା ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଆଇସିୟୁରେ ...

ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ହସ୍ପିଟାଲ କର୍ତ୍ତୃପକ୍ଷ ସ୍ପଷ୍ଟ କରିବା ପରେ ସେ ଘରକୁ ଫେରିଥିଲେ। ଜୁଲାଇରେ ମଧ ସେ ଅଳ୍ପ ସମୟ ପାଇଁ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ବର୍ଷ ଆରମ୍ଭରେ ସେ ଏମ୍ସରେ ମଧ୍ୟ ଭର୍ତ୍ତି ହୋଇଥିଲେ ଏବଂ ଗୋଟିଏ ରାତି ପର୍ଯ୍ୟବେକ୍ଷଣରେ ରହିବା ପରେ ଘରକୁ ଫେରିଥିଲେ।

୧୯୨୭ ନଭେମ୍ବର ୮ରେ କରାଚୀରେ ଜନ୍ମିତ ଆଡଭାନୀ ୧୯୪୨ରେ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ରେ ଯୋଗଦେଇଥିଲେ। ଭାଜପାକୁ ଶକ୍ତିଶାଳୀ ସଂଗଠନରେ ପରିଣତ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ସେ ଦୀର୍ଘବର୍ଷ ଧରି ଏହି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ରହିଥିଲେ। ଅଟଳ ବିହାରୀ ବାଜପେୟୀଙ୍କ ପ୍ରଥମ ପାଳି ସରକାରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଥିବାବେଳେ ଦ୍ୱିତୀୟ ପାଳି ସରକାରରେ ୧୯୯୯ରୁ ୨୦୦୪ ପର୍ଯ୍ୟନ୍ତ ଉପପ୍ରଧାନମନ୍ତ୍ରୀ ରହିଥିଲେ। ଗତ ମାର୍ଚ୍ଚରେ ତାଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନରେ ସମ୍ମାନିତ କରାଯାଇଥିଲା।

## କେନ୍ଦ୍ରାପଡ଼ା ଜିଲାକୁ ....

ବିପଦ ପ୍ରତିଚିତ୍ରଣ’ ନାମରେ ଏହି ରିପୋର୍ଟରେ ଦେଶର ୫୧ ଜିଲା ପ୍ରତି ଅତ୍ୟଧିକ ବନ୍ୟା ବିପଦ ରହିଥିବା ଆକଳନ କରାଯାଇଥିବାବେଳେ ୧୧୮ ଜିଲାକୁ ଅଧିକ ବିପଦ ବର୍ଗରେ ରଖାଯାଇଛି। ଓଡ଼ିଶା ସମେତ ଆସାମ, ବିହାର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଗୁଜରାଟ ଏବଂ ଜମ୍ମୁ–କଶ୍ମୀର ବିପଦପୂର୍ଣ୍ଣ ଅଞ୍ଚଳ ମଧ୍ୟରେ ରହିଛନ୍ତି। ୯୧ ଜିଲାକୁ ଅତ୍ୟଧିକ ମରୁଡ଼ି ବିପଦ ରହିଥିବାବେଳେ ୧୮୮ ଜିଲାକୁ ଅଧିକ ମରୁଡ଼ି ଆଶଙ୍କା ଥିବା ଅଞ୍ଚଳ ବର୍ଗରେ ରଖାଯାଇଛି। ସେଥିରେ ମୁଖ୍ୟତଃ ବିହାର, ଆସାମ, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ମହାରାଷ୍ଟ୍ର ରହିଛନ୍ତି। ସେଥିରୁ ଓଡ଼ିଶାର କେନ୍ଦ୍ରାପଡ଼ା, ବିହାରର ପାଟନା ଏବଂ କେରଳର ଆଲାପୁଝା ସମେତ ମୋଟ ୧୧ଟି ଜିଲା ଉଭୟ ବନ୍ୟା ଏବଂ ମରୁଡ଼ି ପାଇଁ ସର୍ବାଧିକ ବିପଦପୂର୍ଣ୍ଣ ବୋଲି ରିପୋର୍ଟରେ ଦର୍ଶାଯାଇଛି।

ଭାରତର କୃଷକ ସମାଜ ମୁଖ୍ୟତଃ ମୌସୁମୀ ବର୍ଷା ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇଥିବାରୁ ଜଳବାୟୁ ପରିବର୍ତ୍ତନ ସେମାନଙ୍କ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଅନାବୃଷ୍ଟି ଏବଂ ଅତ୍ୟଧିକ ବୃଷ୍ଟିପାତ ସ୍ଥିତିକୁ ଗମ୍ଭୀର କରିଛି। ରିପୋର୍ଟରେ ମୋଟ ୬୦୦ ଜିଲାର ବିସ୍ତୃତ ବିପଦ ଆକଳନ ପ୍ରଦାନ କରାଯିବା ସହ ଏହାର ପ୍ରଭାବଶାଳୀ ପ୍ରଶମନ ରଣନୀତି ନିମନ୍ତେ ମୂଲ୍ୟବାନ ପରାମର୍ଶ ଦିଆଯାଇଥିବା ଆଇଆଇଟି ଗୁଆହାଟୀର ନିର୍ଦ୍ଦେଶକ ଦେବେନ୍ଦ୍ର ଜଲିହାଲ୍ କହିଛନ୍ତି।

ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ସମୟର ସବୁଠୁ ଭୟଙ୍କର ଚ୍ୟାଲେଞ୍ଜ, ଯାହା କୃଷି ଏବଂ ଜୀବନ ଜୀବିକାକୁ ଗଭୀର ଭାବେ ପ୍ରଭାବିତ କରୁଛି। କୌଣସି ଗୋଟିଏ ସଂସ୍ଥା ଏକାକୀ ଏହାର ମୁକାବିଲା କରିପାରିବ ନାହିଁ। ତେଣୁ ଏଥିପାଇଁ ସାମୂହିକ ଏବଂ ଅଭିନବ ଢାଞ୍ଚାର ଆବଶ୍ୟକତା ରହିଛି। ଏହି ରିପୋର୍ଟ ଜରିଆରେ ଆମେ ବିପଦଗୁଡ଼ିକୁ ଚିହ୍ନଟକରି ସେଠାର ଜନସାଧାରଣ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକର ମୁକାବିଲା କରିପାରିବା ବୋଲି ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ସାଇଣ୍ଟିଫିକ୍ ଡିଭିଜନ ମୁଖ୍ୟ ଅନୀତା ଗୁପ୍ତା କହିଛନ୍ତି। ରିପୋର୍ଟରେ ଦିଆଯାଇଥିବା ତଥ୍ୟକୁ କାର୍ଯ୍ୟରେ ରୂପାନ୍ତର କରିବା ଜରୁରୀ ଏବଂ ଏଥିରେ ଦିଆଯାଇଥିବା ପରାମର୍ଶକୁ ଜାତୀୟ ଏବଂ ରାଜ୍ୟ ସ୍ତରରେ ପ୍ରତ୍ୟେକ ଅଂଶୀଦାରଙ୍କ ପାଖରେ ପହଞ୍ଚାଇବା ଆବଶ୍ୟକ। ଭାରତ ଏକ ସନ୍ତୁଳିତ ଅନୁକୂଳନ ଏବଂ ପ୍ରଶମନ ରଣନୀତି ସହ ସ୍ୱଚ୍ଛ, ସବୁଜ ତଥା ଜଳବାୟୁ ସହଣୀୟ ଭବିଷ୍ୟତ ହାସଲ ଦିଗରେ ବଢୁଥିବାରୁ ଏହା ଆରମ୍ଭ ମାତ୍ର। ଆମେ ଏକାଠି ୨୦୪୭ ସୁଦ୍ଧା ବିକଶିତ ଭାରତ ଏବଂ ନେଟ୍ ଜିରୋ ଭାରତ ଲକ୍ଷ୍ୟକୁ ଅଧିକ ତ୍ୱରାନ୍ୱିତ କରିପାରିବା ବୋଲି ଗୁପ୍ତା କହିଛନ୍ତି।

## ମାଲକାନଗିରିରେ ହେବ...

ଯୋଗାଯୋଗର ବାଟ ଫିଟିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜିଲାରେ ରେଳପଥ ଭିତ୍ତିଭୂମିର ବିକାଶ, ଜାତୀୟ ରାଜପଥ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ସମେତ ଅନୁସୂଚିତ ଜନଜାତି, ଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ବିଭିନ୍ନ ଯୋଜନାକୁ ଯଥାସମୟରେ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଶିକ୍ଷାର ମୂଳଦୁଆ ସୁଦୃଢ଼ କରିବା ପାଇଁ ଅତିକମ୍‌ରେ ଗୋଟିଏ ବିଦ୍ୟାଳୟରେ ୨ ଜଣ ଲେଖାଏ ଶିକ୍ଷକ ନିଯୁକ୍ତିକୁ ସୁନିଶ୍ଚିତ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଆଗଧାଡ଼ିର ଜିଲାଗୁଡ଼ିକ ସହ ସମକକ୍ଷ ହେବା ନିମନ୍ତେ ଜୀବନଜୀବିକା ମିଶନ ମାଧ୍ୟମରେ ବିକାଶମୂଳକ କାର୍ଯ୍ୟ ସହ ନିର୍ଦ୍ଧାରିତ ସମୟରେ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚିତ୍ରକୋଣ୍ଡା ବ୍ଲକ୍‌ରେ ଗୁରୁପ୍ରିୟା ସେତୁ ନିର୍ମାଣ ପରେ ଯୋଗାଯୋଗର ସୁବିଧା ହୋଇପାରିଛି। ଏହି ଅଞ୍ଚଳରେ ଆହୁରି ଅଧିକ ସେତୁ ନିର୍ମାଣକରି ଅପହଞ୍ଚ ଅଞ୍ଚଳରେ ଯାତାୟାତ ବ୍ୟବସ୍ଥାର ସୁବିଧା କରାଯିବ। ୩ ବର୍ଷ ମଧ୍ୟରେ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ବିଭାଗର କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ତ୍ୱରାନ୍ୱିତ କରାଯିବ ବୋଲି ଜିଲାପାଳ କହିଛନ୍ତି। ବୈଠକରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ରୂପାରୋଶନ ସାହୁ, ଦକ୍ଷିଣାଞ୍ଚଳ ଡିଆଇଜି ନୀତି ଶେଖର, ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଓ ବନଖଣ୍ଡ ଅଧିକାରୀ ପ୍ରତାପ କଟାପଲୀ ଉପସ୍ଥିତ ଥିଲେ।

# ‘ରିଲିଫ୍ କୋଡ୍’ ହେବ ବିପର୍ଯ୍ୟୟ ଅଧିକାର ଆଇନ

■ ସମ୍ବଲପୁରରେ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ
■ ୪ ଡିସିମିଲରୁ କମ୍ ଜମି ଥିବା ଲୋକେ ଭୂମିହୀନରେ ଅନ୍ତର୍ଭୁକ୍ତ ହେବେ

ସମ୍ବଲପୁର,୧୪।୧୨
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲାପାଳ ସମ୍ମିଳନୀ କକ୍ଷରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଶନିବାର ଜିଲାରେ ଧାନ କିଣାବିକା ଏବଂ ରାଜସ୍ୱ ସେବା ଉପରେ ସମୀକ୍ଷା କରିଛନ୍ତି। ଜିଲାରେ ଧାନ କିଣାବିକାର ଅଗ୍ରଗତି ବିଷୟରେ ଜିଲା ପ୍ରଶାସନଠାରୁ ତଥ୍ୟ ସଂଗ୍ରହ କରିବା ସହ ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡି ପ୍ରଦାନ ବିଷୟରେ ଆଲୋଚନା କରିଥିଲେ। ବୈଠକରେ ଚାଷୀମାନେ କିପରି ସୁରୁଖୁରୁରେ ଧାନ ବିକ୍ରି କରିପାରିବେ ସେନେଇ ମଣ୍ଡିରେ ଅତ୍ୟାଧୁନିକ ଭିତ୍ତିଭୂମିର ବିକାଶ କରିବା ନେଇ ପଦକ୍ଷେପ ନେବାକୁ ମନ୍ତ୍ରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ସମ୍ବଲପୁର ଜିଲାପାଳ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

ବିପର୍ଯ୍ୟୟ ସମୟରେ ପୀଡ଼ିତମାନଙ୍କୁ ଦିଆଯାଉଥିବା ସହାୟତା ପାଇଁ ରିଲିଫ୍ ଶବ୍ଦ ଉଚ୍ଛେଦ ହେବା ନେଇ ରାଜସ୍ୱ ମନ୍ତ୍ରୀ ପୂଜାରୀ ସମୀକ୍ଷା ବୈଠକ ପରେ ପୁଣିଥରେ ଦୋହରାଇଛନ୍ତି। ବିପର୍ଯ୍ୟୟରେ ପଡ଼ିଥିବା ଲୋକଙ୍କୁ ସହଯୋଗ କରିବା ସରକାରର ପ୍ରଥମ କାର୍ଯ୍ୟ। ପ୍ରଭାବିତ ସରକାରଠାରୁ ସହଯୋଗ ପାଇବା ତା’ର ଅଧିକାର। ତେଣୁ ଖୁବ୍‌ଶୀଘ୍ର ରିଲିଫ୍ ଶବ୍ଦ ପରିବର୍ତ୍ତନ କରାଯାଇ ବିପର୍ଯ୍ୟୟ ଅଧିକାର ଆଇନରେ ପରିବର୍ତ୍ତନ କରାଯିବା ନେଇ ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହାସହ ରାଜସ୍ୱ ବିଭାଗ ସେବା କିପରି ଜନସାଧାରଣଙ୍କୁ ଭଲଭାବେ ଉପଲବ୍ଧ ହେବ ଓ ଭୂମିହୀନମାନେ ଜମି ପାଇବେ ସେନେଇ ମନ୍ତ୍ରୀ ବୈଠକରେ ସମୀକ୍ଷା କରିଥିଲେ। ଓଡ଼ିଶାରେ ବସୁନ୍ଧରା ଯୋଜନାର ନୀତି ସଂଶୋଧନ ହେବ। ବସୁନ୍ଧରା ଯୋଜନାରେ ହିତାଧିକାରୀମାନେ ପାଇଥିବା ଜମି ଆଉ ବିକ୍ରି କରିପାରିବେ ନାହିଁ। ତା’ସହ ରାଜସ୍ୱ ଆଇନ ଓ ରାଜସ୍ୱ ସେବାରେ ମଧ ପରିବର୍ତ୍ତନ କରାଯିବ। ଅନ୍ୟପଟେ ୪ ଡିସିମିଲରୁ କମ୍ ଜମି ଥିବା ଲୋକେ ଭୂମିହୀନରେ ଅନ୍ତର୍ଭୁକ୍ତ ହେବେ ବୋଲି ରାଜସ୍ୱ ମନ୍ତ୍ରୀ ସୂଚନା ଦେଇଛନ୍ତି। ହୀରାକୁଦ ବିସ୍ଥାପିତଙ୍କୁ ୧୦ ଡିସିମିଲ ଲେଖାଏ ଘରଡିହ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ ଆବଶ୍ୟକ ଜମିପଟ୍ଟା ପ୍ରଦାନ କରାଯିବା ନେଇ ମନ୍ତ୍ରୀ ସୂଚନା ଦେଇଛନ୍ତି। ବିଭାଗୀୟ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଆର୍‌ଆଇ ଓ ଅମିନମାନଙ୍କୁ ଲାପ୍‌ଟପ୍ ଦିଆଯିବ। ରାଜସ୍ୱ ବିଭାଗରେ ସ୍ମାର୍ଟ ସର୍ଭିଲେନ୍ସ ବ୍ୟବସ୍ଥା ଲାଗୁ କରାଯାଉଛି। ଏହି ବିଭାଗରେ ହେଉଥିବା ଦୁର୍ନୀତି ରୋକିବା ପାଇଁ ଆଧୁନିକୀକରଣ ଉପରେ ଗୁରୁତ୍ୱ ଦିଆଯାଉଥିବା ନେଇ ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଯୁବକଙ୍କୁ କଚାଡ଼ି ମାରିଲା ଦନ୍ତା

## ବଣାଇଁ ବନଖଣ୍ଡରେ ବୃଦ୍ଧି ପାଉଛି ହାତୀ ଉପଦ୍ରବ

ବଣାଇଁ,୧୪।୧୨(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ବନଖଣ୍ଡ ସୋଲ ରେଞ୍ଜ ଅନ୍ତର୍ଗତ ଟୁକୁଡ଼ା ଗ୍ରାମରେ ଶନିବାର ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜେଶ ମୁଣ୍ଡା (୪୩)। ବନ ବିଭାଗ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟର ମର୍ଗ ହାଉସରେ ରଖିଛି। ବନ ବିଭାଗ ପକ୍ଷରୁ ଆବଶ୍ୟକ ସହାୟତା ପ୍ରଦାନ କରାଯିବ ବୋଲି ବନାଞ୍ଚଳ ଅଧିକାରୀ କୈଳାସ କିଷାନ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ରାଜେଶ ପ୍ରତ୍ୟୁଷରୁ କୌଣସି କାମରେ ଘରୁ ବାହାରକୁ ଯାଇଥିଲେ। ହଠାତ୍ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଉଠାଇ କଚାଡ଼ିଦେବା ପରେ ପାଦରେ ଦଳି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସେହିଭଳି ଶୁକ୍ରବାର ତାମଡା ରେଞ୍ଜ ଅଧୀନ ରୁଷିମଠ ଜଙ୍ଗଲରେ ହାତୀ ଟ୍ରାକିଂ କାର୍ଯ୍ୟରେ ନିୟୋଜିତ ବନ କର୍ମଚାରୀ ଟ୍ରାକିଂ କରୁଥିବା ସମୟରେ ହଠାତ୍ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଜୀବନ ବିକଳରେ ଯିଏ ଯୁଆଡ଼େ ଦୌଡ଼ି ପଳାଇଯାଇଥିଲେ। ହେଲେ ଜଣେ ପାରା କର୍ମଚାରୀ ଲୁଧିଆ ସିଂ ହାତୀ ହାବୁଡ଼ରେ ପଡି ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦିନକୁ ଦିନ ବଣାଇଁ ବନଖଣ୍ଡରେ ହାତୀ ଉପଦ୍ରବ ବୃଦ୍ଧିପାଉଛି। କେଉଁଠି ହାତୀ ସହରରେ ପଶି ଆତଙ୍କ ଖେଳାଉଛି ତ ଅନ୍ୟ କେଉଁଠି ହତୀ ଆକ୍ରମଣରେ ଜୀବନ ଯାଉଛି।

# ଇନ୍‌ଫର୍ମର ସନ୍ଦେହରେ ଜଣଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି,୧୪।୧୨
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ସୁକ୍‌ମା ଜିଲାରେ ମାଓବାଦୀମାନେ ଢୁଡେଡ୍ ଗାଁର ଜଣେ ଯୁବକଙ୍କୁ ଅପହରଣ କରିନେଇ ପୋଲିସ ଇନ୍‌ଫର୍ମର ସନ୍ଦେହରେ ତାଙ୍କୁ ଶନିବାର ହତ୍ୟା କରିଛନ୍ତି। ମୃତକ ହେଲେ ମାଡକାମ ହାଡମା(୩୧)। ସୂଚନା ଅନୁଯାୟୀ, ଗୁରୁବାର ରାତିରେ ହାଡମାଙ୍କୁ କେତେଜଣ ଶସସ୍ତ୍ର ମାଓବାଦୀ ଘରୁ ଅପରହଣକରି ନେଇଥିଲେ। ଏହାପରେ ତାଙ୍କୁ ହତ୍ୟାକରି ଗ୍ରାମ ନିକଟରେ ମୃତଦେହ ପକାଇ ଚାଲି ଯାଇଥିବା କେତେକ ଲୋକ ଦେଖିଥିଲେ। ପରିବାର ଲୋକେ ପୋଲିସକୁ ଜଣାଇବା ପରେ ଘଟଣାର ତଦନ୍ତ କରିଛି। ତେବେ ହାଡମାଙ୍କୁ ପୋଲିସ ଇନ୍‌ଫର୍ମର ସନ୍ଦେହରେ ମାଓବାଦୀନମାନେ ହତ୍ୟା କରିଥିବା ଜଣାପଡ଼ିଛି।

# ଶିଳ୍ପ, ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାର ପ୍ରଗତି ଉଦାହରଣ ପାଲଟିଛି

## ପୂର୍ବୋଦୟର ଦ୍ୱିତୀୟ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର,୧୪।୧୨
(ଅନୁରାଧା ମହାରଣା)




ଭାରତର ସାମୁଦ୍ରିକ ଐତିହ୍ୟ–ଦୃଷ୍ଟିକୋଣ, ସମ୍ଭାବନା ଓ ପୂର୍ବାନୁମାନ ଉପରେ ଆନ୍ତର୍ଜାତିକ ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ଶନିବାର ଭୁବନେଶ୍ୱରଠାରେ ଆରମ୍ଭ ହୋଇଛି। ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଓ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ସହଯୋଗରେ ଦ ଏନର୍ଜି ଫୋରମ (ଟିଇଏଫ) ପକ୍ଷରୁ ଆୟୋଜିତ ଏହି ଦୁଇଦିନିଆ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଏନର୍ଜି ଫୋରମର ଟ୍ରଷ୍ଟି ସିଦ୍ଧାର୍ଥ ପ୍ରଧାନ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ସେ କହିଲେ, ପୂର୍ବୋଦୟର ସାମୁଦ୍ରିକ ଐତିହ୍ୟ ଜ୍ଞାନ, ସଂସ୍କୃତି ଏବଂ ଯୋଗାଯୋଗର ଏକ ପରମ୍ପରାକୁ ପ୍ରତିନିଧିତ୍ୱ କରେ, ଯାହା ସମକାଳୀନ ସାମୁଦ୍ରିକ ରଣନୀତି ପାଇଁ ଗଭୀର ପ୍ରାସଙ୍ଗିକତା ରଖିଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ(ପୂର୍ବ) ଜୟଦୀପ ମଜୁମଦାର କହିଲେ, ଓଡ଼ିଶାର ସମୃଦ୍ଧ ଇତିହାସ, କାର୍ଯ୍ୟକ୍ଷମ ବନ୍ଦର ଏବଂ ସୁଦୃଢ଼ ଶିଳ୍ପ ଭିତ୍ତିଭୂମି ଏହାକୁ ସାମୁଦ୍ରିକ ବାଣିଜ୍ୟ, ଅନୁସନ୍ଧାନ ଏବଂ ସହଯୋଗରେ ନେତୃତ୍ୱ ନେବା ସହ ପରିବହନ, ଶକ୍ତି ଏବଂ ପର୍ଯ୍ୟଟନ କ୍ଷେତ୍ରରେ ସୁଦୃଢ଼ ସମ୍ପର୍କକୁ ପ୍ରୋତ୍ସାହିତ କରୁଛି। ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଓଡ଼ିଶାର ପ୍ରଗତି ସାରା ବିଶ୍ୱ ପାଇଁ ଉଦାହରଣ ପାଲଟିଛି। ବନ୍ଦର, ଶିଳ୍ପ ଓ ପର୍ଯ୍ୟଟନ ଭଳି କ୍ଷେତ୍ରରେ ରାଜ୍ୟ ଯଥେଷ୍ଟ ଅଗ୍ରଗତି କରୁଛି। ବିମ୍‌ଷ୍ଟେକର ମହାସଚିବ ଇନ୍ଦ୍ରମଣି ପାଣ୍ଡେ, ନୂଆଦିଲ୍ଲୀସ୍ଥିତ ନେପାଳ ଦୂତାବାସର ମନ୍ତ୍ରଣାଳୟ କାଉନ୍‌ସେଲର ଦୁରାପଦ ସାପକୋଟା, ଓଡ଼ିଶାର ଉନ୍ନୟନ କମିଶନର ଅନୁ ଗର୍ଗ, ମିଳିତ ଜାତିସଂଘର ଏସ୍କେପି ଦକ୍ଷିଣ ଓ ଦକ୍ଷିଣ ପଶ୍ଚିମ ଏସିଆ କାର୍ଯ୍ୟାଳୟର ଉପମୁଖ୍ୟ ରାଜନ ସୁଦେଶ ରତ୍ନ, ଏମ୍‌ପି ଆଇଡିଏସ୍‌ଏର ଦକ୍ଷିଣପୂର୍ବ ଏସିଆ ଏବଂ ଓସେନିଆ କେନ୍ଦ୍ରର ଆସୋସିଏଟ୍ ଫେଲୋ ଡ. ଟେମଜେନମେରେନ ଆଓ, ଭେରିଟେ ରିସର୍ଚ୍ଚ (ଶ୍ରୀଲଙ୍କା)ର ଗବେଷଣା ନିର୍ଦ୍ଦେଶିକା ସୁଭାଷିଣୀ ଆବେସିଂହେ, ସିଆଇଆଇ ଉପାଧ୍ୟକ୍ଷ ଆର. ମୁକୁନ୍ଦନ ନିଜ ମତ ପ୍ରକାଶ କରିଥିଲେ।

# ୧୧ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି,୧୪।୧୨
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ନିକଟରେ ମାଓବାଦୀ ସଙ୍ଗଠନର ୧୧ ସକ୍ରିୟ ସଦସ୍ୟ ଶନିବାର ଆତ୍ମସମର୍ପଣ କରିଛନ୍ତି। ଏମାନେ ହେଲେ ଯୋଗେନ୍ଦ୍ର ଯାଦବ, ହେମଲା ଦେବା, ମାଡବୀ ଗଙ୍ଗା, ମଡକମ ନଙ୍ଗା, ମଡକମ ମୁକେଶ, ହେମଲା ଜଗା, ବାରସେ ଲଖମା, ସୋଡି ମୁକା, ମଡକମ ହୁଙ୍ଗା, ମାଡବୀ ପେଜ୍ଜା ଓ ହେମଲା ସୁକ୍କା । ଏମାନେ ବିଭିନ୍ନ ସଙ୍ଗଠନର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ଛତିଶଗଡ଼ ପୋଲିସ ଦ୍ୱାରା କୋମ୍ବିଂ ଓ କ୍ୟାମ୍ପ ପ୍ରତିଷ୍ଠା ହେବାରୁ ପୋଲିସଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଫଳରେ ମାଓବାଦୀମାନେ ପୋଲିସ ଉପରକୁ ଆକ୍ରମଣ କରିବାରେ ଅସଫଳ ହେଉଛନ୍ତି। ମାଓବାଦୀଙ୍କ ସମସ୍ତ ଯୋଜନାକୁ ପୋଲିସ ପଣ୍ଡ କରୁଛି। ଇତିମଧ୍ୟରେ ବହୁ ମାଓବାଦୀଙ୍କର ପୋଲିସ ଆକ୍ରମଣରେ ମୃତ୍ୟୁ ଘଟିଲାଣି। ଛତିଶଗଡ଼ ସରକାରଙ୍କ ଦ୍ୱାରା ମାଓବାଦୀଙ୍କୁ ସମସ୍ତ ପ୍ରକାର ସୁବିଧାସୁଯୋଗ ଯୋଗାଇଦେଉଥିବାରୁ ଏଥିରେ ଅନୁପ୍ରାଣିତ ହୋଇ ସେମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ଏହି ସମୟରେ ସୁକ୍‌ମା ଦ୍ୱିତୀୟ କମାଣ୍ଡିଂ ଅଧିକାରୀ ଅମିତ ପ୍ରକାଶ, ଡେପୁଟି କମାଣ୍ଡାଣ୍ଟ ସିଆର୍‌ପିଏଫ୍ ପବନ କୁମାର ଓ ସିଆର୍‌ପିଏଫ୍ ନିରୀକ୍ଷକ ଅରିୟମ ପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ଉତ୍ତାପ କମାଇବାରେ ଶକ୍ତି ସଂରକ୍ଷଣର ଭୂମିକା ଗୁରୁତ୍ୱପୂର୍ଣ୍ଣ: କନକବର୍ଦ୍ଧନ

## ରାଜ୍ୟସ୍ତରୀୟ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ

ଭୁବନେଶ୍ୱର,୧୪।୧୨(ଅନିଲ ଦାସ)

ଶକ୍ତି ସଂରକ୍ଷଣ ପଦକ୍ଷେପ କେବଳ ସେମିନାର, କନ୍‌ଫରେନ୍ସର ଚାରିକାନ୍ଥ ଭିତରେ ସୀମିତ ନ ରହି ଦୈନନ୍ଦିନ ଜୀବନରେ ହେବା ଉଚିତ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି।

ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରଠାରେ ଶନିବାର ଆୟୋଜିତ ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ସମାରୋହରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଆବଶ୍ୟକ ନ ଥିଲେ ବିଦ୍ୟୁତ୍ ଉପକରଣର ସ୍ୱିଚ୍‌ଗୁଡ଼ିକୁ ବନ୍ଦ ରଖିବା, ସବୁଜ ଶକ୍ତି, ଅକ୍ଷୟ ଶକ୍ତିର ବ୍ୟବହାର କରିବା ଆବଶ୍ୟକ। ସମସ୍ତେ ମିଳିମିଶି ଶକ୍ତି ସଂରକ୍ଷଣରେ ସହଯୋଗ କରିବା ସହ ଜଳବାୟୁ ପରିବର୍ତ୍ତନ ସଂଶୋଧନରେ ସହଭାଗୀ ହେବାକୁ ପଡ଼ିବ। ବିକଶିତ ଭାରତ, ବିକଶିତ ଓଡ଼ିଶା ପାଇଁ ଆମକୁ ଶକ୍ତି ସଞ୍ଚୟ ଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ହେବ ଏବଂ ଭବିଷ୍ୟତ ପିଢ଼ିଙ୍କୁ ଏହି ଅଭ୍ୟାସ ସହିତ ସାମିଲ କରିବାକୁ ହେବ। ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ଶନିବାର ପୂର୍ବାହ୍ନ ୮ଟାରେ କଳିଙ୍ଗ ଷ୍ଟାଡିୟମଠାରୁ ଏକ ଜନସଚେତନତା ରାଲି କରାଯାଇଥିଲା। ଉପ–ମୁଖ୍ୟମନ୍ତ୍ରୀ ଏହି ରାଲିକୁ ଉଦ୍‌ଘାଟନ କରିଛନ୍ତି। ଏହି ସମାରୋହରେ ବିଭିନ୍ନ ସରକାରୀ, ବେସରକାରୀ ସଂସ୍ଥା, ଶିଳ୍ପ ସଂସ୍ଥା, ବୈଷୟିକ ବିଶେଷଜ୍ଞ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଶକ୍ତି ସଂରକ୍ଷଣ ସମ୍ବନ୍ଧୀୟ ବିଭିନ୍ନ ମଡେଲ୍ ପ୍ରଦର୍ଶନ କରାଯାଇଥିଲା। ଏତଦ୍‌ବ୍ୟତୀତ ବିଭିନ୍ନ ଶକ୍ତି ଦକ୍ଷ ଉପକରଣ, ଇଲେକ୍ଟ୍ରିକ୍ୟାନ, ସୋଲାର ପ୍ୟାନେଲ ପ୍ରଦର୍ଶନ କରାଯାଇ ଏହାର ବ୍ୟବହାର ନିମନ୍ତେ ଉତ୍ସାହିତ କରାଯାଇଥିଲା। ଚଳିତବର୍ଷ ଶକ୍ତି ସଂରକ୍ଷଣ ସମ୍ବନ୍ଧୀୟ ଓଡ଼ିଶାର ପ୍ରତି ବ୍ଲକ ଓ ଜିଲା ସ୍ତରରେ ଲିଖିତ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ ଶ୍ରେଷ୍ଠ ବିବେଚିତ ୩୦ ପ୍ରତିଯୋଗୀ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସାରା ରାଜ୍ୟର ସପ୍ତମ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧,୫୦,୦୦୦ ପ୍ରତିଯୋଗୀ ଏହି କୁଇଜ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶ୍ରେଷ୍ଠ ବିବେଚିତ ୩ ଜଣ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୭୦୦୦, ୫୦୦୦ ଓ ୩୦୦୦ ଟଙ୍କା ଲେଖାଏ ପୁରସ୍କାର ଦିଆଯାଇଛି। ବିଭିନ୍ନ ଶିଳ୍ପାନୁଷ୍ଠାନକୁ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରାଯାଇଛି। ଶେଷରେ ମୁଖ୍ୟଯନ୍ତ୍ରୀ ନୀଳାଞ୍ଚଳ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଘରୋଇ ସହାୟିକାଙ୍କୁ ଶ୍ରମିକ ମାନ୍ୟତା ମିଳୁ’




ଭୁବନେଶ୍ୱର,୧୪।୧୨(ସୁଚିସ୍ମିତା ସାହୁ)

ସରକାର ଘରୋଇ ମହିଳା ଶ୍ରମିକ ବା ସହାୟିକାଙ୍କୁ ଶ୍ରମିକର ମାନ୍ୟତା ପ୍ରଦାନ କରନ୍ତୁ। ରାଜ୍ୟରେ କେତେ ଘରୋଇ ସହାୟିକା କାର୍ଯ୍ୟ କରୁଛନ୍ତି, ତାହାର ଗଣନା କରିବା ଦରକାର ବୋଲି ଏକ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର (ମଧ) ବିଧାୟକ ଅନନ୍ତ ନାରାୟଣ ଜେନା କହିଛନ୍ତି। ଅସହାୟ ଘରୋଇ ମହିଳାଙ୍କ କାମରେ ସାମାନ୍ୟ ବିଳମ୍ବ ହେଲେ ଅତ୍ୟାଚାର, ମନଇଚ୍ଛା ଛଟେଇ, ଦରମା କାଟ, ଶାରୀରିକ ନିର୍ଯାତନା ଭଳି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହିସବୁ ସମସ୍ୟାକୁ ସରକାରଙ୍କ ଦୃଷ୍ଟିକୁ ଆଣିବା ପାଇଁ ନ୍ୟାଶନାଲ ପ୍ଲାଟ୍‌ଫର୍ମ ଅଫ୍ ଡୋମେଷ୍ଟିକ ଭାଓଲେନ୍ସ ପକ୍ଷରୁ ରେଡ୍‌କ୍ରସ ଭବନଠାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଏଆଇସିସିଟିୟୁର ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା ଯୋଗଦେଇ ଘରୋଇ ଶ୍ରମିକଙ୍କୁ ଶ୍ରମିକର ମାନ୍ୟତା, ରାଜ୍ୟ ସରକାର ଏକ ୱେଲ୍‌ଫେୟାର ବୋର୍ଡ ଗଠନ କରିବା, ରାଜ୍ୟ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇ ଗୃହ ମାଲିକ, ଶ୍ରମିକ ସଂଗଠନ ଓ ଶ୍ରମ କମିଶନରଙ୍କୁ ସଦସ୍ୟ ରଖିବା, ସେମାନଙ୍କ ଉନ୍ନତି ଲାଗି ଅଣସଂଗଠିତ ଶ୍ରମିକ କଲ୍ୟାଣ ବୋର୍ଡରେ ରାଜ୍ୟ ସରକାର ୨୦୦ କୋଟି ଟଙ୍କା ପାଣ୍ଠି ପ୍ରଦାନ କରିବା, ମଜୁରି ପ୍ରଦାନରେ ଅବହେଳା, ଛୁଟି ପ୍ରଦାନ ଲାଗି ରାଜ୍ୟ ସରକାର ସ୍ୱତନ୍ତ୍ର ଆଇନ ଆଣି ତା’ର ନିୟନ୍ତ୍ରଣ ଓ ତଦାରଖ କରନ୍ତୁ ବୋଲି କହିଥିଲେ। ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ ଯୋଗଦେଇ କହିଲେ, ସରକାର ତୁରନ୍ତ ରାଜ୍ୟରେ ଏକ ଆଇନ ପ୍ରଣୟନ କରି ଘରୋଇ ଶ୍ରମିକଙ୍କ ସାମାଜିକ ସୁରକ୍ଷା ଓ କାର୍ଯ୍ୟସ୍ଥଳରେ ଦିଆଯାଉଥିବା ନିର୍ଯାତନାକୁ ରୋକିବା ଦରକାର। ଶ୍ରମ ବିଭାଗର ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ କିଶୋର ପାତ୍ର କହିଲେ, ସରକାର ଘରୋଇ ଶ୍ରମିକଙ୍କ ସାମାଜିକ ସୁରକ୍ଷା ଲାଗି ଚିନ୍ତା କରୁଛନ୍ତି। ରାଜ୍ୟରେ ପ୍ରାୟ ୩ଲକ୍ଷ ଶ୍ରମିକ ପଞ୍ଜୀକରଣ କରିଛନ୍ତି। ଶିଶୁ ଓ ମହିଳା ବିକାଶ କେନ୍ଦ୍ରର ସମ୍ପାଦକ ସଦାଶିବ ସ୍ୱାଇଁ କହିଲେ, କାର୍ଯ୍ୟକ୍ଷେତ୍ରରେ ଘରୋଇ ମହିଳା ଶ୍ରମିକଙ୍କ ନିର୍ଯାତନା ବନ୍ଦ କରିବା ଲାଗି ସରକାର ଘରୋଇ ମାଲିକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦରକାର। ଏହି କର୍ମଶାଳାକୁ ପ୍ରତାପ କୁମାର ସାହୁ ପରିଚାଳନା କରିଥିବାବେଳେ ସିଷ୍ଟର ସୋଫିଆ ଧନ୍ୟବାଦ ଦେଇଥିଲେ।

# ହାତୀ ଆକ୍ରମଣରେ ଡଙ୍ଗରିଆ ଯୁବକ ମୃତ

ରାୟଗଡ଼ା/ମୁନିଗୁଡା, ୧୪।୧୨
(ଆଶିଷ ରଞ୍ଜନ ପଣ୍ଡା/
ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡା ଜିଲା ମୁନିଗୁଡ଼ା ବ୍ଲକ ଶିବପଦର ପଞ୍ଚାୟତ ନିୟମଗିରି ପାହାଡ଼ର ଖାମ୍ବେସି ଗ୍ରାମର ଜଣେ ଡଙ୍ଗରିଆ ଯୁବକଙ୍କର ଶୁକ୍ରବାର ସନ୍ଧ୍ୟାରେ ଦନ୍ତାହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ସାଲୁପୁ କୁଟ୍ରୁକା(୩୦)।

ବନ ବିଭାଗ ଅଧିକାରୀଙ୍କ ସୂଚନା ଅନୁସାରେ, ସାଲୁପୁ ନିୟମଗିରି ପାହାଡ ରାସ୍ତାଦେଇ କଲ୍ୟାଣସିଂହପୁର ବ୍ଲକ ଲାଖପଦରସ୍ଥିତ ତାଙ୍କ ସାନମାଆଙ୍କ ଘରକୁ ଯାଉଥିଲେ। ଏହି ସମୟରେ ଉକ୍ତ ରାସ୍ତାରେ ହାତୀ ଯାଉଥିବା ଦେଖି ସାଲୁପୁ ନିକଟରେ ଥିବା ଏକ ଗଛ ପଛପଟେ ଲୁଚି ଯାଇଥିଲେ। ତେବେ ହାତୀ ଉକ୍ତ ଗଛକୁ ଉପାଡ଼ିଦେବାରୁ ତାହା ତାଙ୍କ ଉପରେ ପଡ଼ିଯାଇଥିଲା। ସେ ଚିତ୍କାର କରିବାରୁ ନିକଟସ୍ଥ ଜମିରେ ଫସଲ ଜଗିଥିବା କେତେ ଜଣ ବ୍ୟକ୍ତି ତାଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ସେହି ଅଞ୍ଚଳରେ ମୋବାଇଲ ନେଟ୍‌ୱର୍କ ନ ଥିବାରୁ ଅଞ୍ଚଳବାସୀ ବନ ବିଭାଗ ଏବଂ ଅନ୍ୟ କାହାକୁ ସୂଚନା ଦେଇପାରି ନ ଥିଲେ। ଶନିବାର ସକାଳୁ ବନ ବିଭାଗ କର୍ମଚାରୀ ଖବର ପାଇବା ପରେ କଲ୍ୟାଣସିଂହପୁର ରେଞ୍ଜର ଚନ୍ଦନ ଗମାଙ୍ଗ ଓ ମୁନିଗୁଡ଼ା ରେଞ୍ଜର ଅନିଲ ବଳଙ୍କ ସମେତ ବନ ବିଭାଗ ଟିମ୍ ପହଞ୍ଚିଥିଲେ। ଲୋକଙ୍କ ବୟାନ ରେକର୍ଡ ସହିତ ଘଟଣାର ତଦନ୍ତକରି ବ୍ୟବଚ୍ଛେଦ ନିମନ୍ତେ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ରେଞ୍ଜର ଅନିଲ ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ। ହାତୀ ଆକ୍ରମଣରେ ଯଦି ତାଙ୍କର ମୃତ୍ୟୁ ଘଟିଥିବା ଯଦି ସ୍ପଷ୍ଟ ହୁଏ ତେବେ ତାଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ମିଳିବ ବୋଲି ବନ ବିଭାଗ ସୂଚନା ଦେଇଛି।

# କାର୍ ସହ ଘଷି ହୋଇଯିବାରୁ | ମୁଖ୍ୟମନ୍ତ୍ରୀ ବସ୍ କାଚ ଭାଙ୍ଗିଦେଲେ

ଧାମନଗର,୧୪।୧୨(ଦେବେନ୍ଦ୍ର ଆଦିଆ/ସନ୍ତୋଷ କୁମାର ମହାପାତ୍ର)



ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ରାଧାବଲ୍ଲଭପୁର ପଞ୍ଚାୟତ ବନ୍ଧଟିଆ ହାଇସ୍କୁଲ ନିକଟରେ ଶନିବାର ପୂର୍ବାହ୍ନରେ ଏକ କାର୍ ସହ ମୁଖ୍ୟମନ୍ତ୍ରୀ ବସ୍ ଘଷି ହୋଇଯିବାରୁ ଉତ୍ତେଜନା ଦେଖାଦେଇଥିଲା। ଉତ୍ୟକ୍ତ ଲୋକେ ବସ୍‌ର କାଚ ଭାଙ୍ଗି ଦେଇଛନ୍ତି। ସୂଚନା ଅନୁଯାୟୀ, ବସ୍‌ଟି ଧୁସୁରୀ–କୋଠାରରୁ ଯାତ୍ରୀ ନେଇ ଧାମନଗର ବ୍ଲକ୍ ଅଭିମୁଖେ ଆସୁଥିଲା। ବିପରୀତ ଦିଗରୁ ଆରଡ଼ି ପୀଠ ଅଭିମୁଖେ ଯାଉଥିବା ଏକ କଳା ରଙ୍ଗର କାର୍ ସହ ବସ୍‌ଟି ଘଷି ହୋଇଯାଇଥିଲା। ଏଥିରେ କାର୍‌ଟି କ୍ଷତିଗ୍ରସ୍ତ ହୋଇଥିଲା। ଏହାକୁ ନେଇ କାର୍ ଚାଳକ ଓ ବସ୍ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସ୍ଥାନୀୟ ଲୋକେ ଘେରି ଯାଇଥିଲେ। ଉତ୍ୟକ୍ତ ଲୋକେ ଡ୍ରାଇଭରଙ୍କୁ ଠେଲାପେଲା କରିବା ସହ ବସ୍‌ର ସାମ୍ନା କାଚ ଭାଙ୍ଗି ଦେଇଥିଲେ। ବସ୍‌ଟି ବହୁ ସମୟ ଅଟକି ରହିବା ଯୋଗୁ ଯାତ୍ରୀମାନେ ହଇରାଣ ହୋଇଥିଲେ। ଖବରପାଇ ଧାମନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲା। ରାସ୍ତାଟି ଅଣଓସାରିଆ ଏବଂ ଅନଭିଜ୍ଞ ଚାଳକଙ୍କ ଯୋଗୁ ଏପରି ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ସାଇକେଲ ଚାଳକଙ୍କ ଉପରେ ଚଢ଼ିଗଲା ଟ୍ରକ

## ଉତ୍ତେଜିତ ଲୋକଙ୍କ ରାସ୍ତା ଅବରୋଧ

ବୈଶିଙ୍ଗା, ୧୪।୧୨(ରତନ ଦାଶ)



ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବ୍ରହ୍ମପୁରାଠାରେ ଶନିବାର ସନ୍ଧ୍ୟାରେ ବ୍ରହ୍ମପୁରା–ରଖିଣି–ବିଷ୍ଣୁପୁର ରାସ୍ତା ପାର୍ଶ୍ୱରେ ଥିବା ଚାଉଳ କଳରୁ ଏକ ଟ୍ରକ ବାହାରୁଥିବା ବେଳେ ଜଣେ ସାଇକେଲ ଚାଳକଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଆଗ୍ରିଆ ପଞ୍ଚାୟତ ଅଧୀନ ବିଷ୍ଣୁପୁର ଗ୍ରାମର ସ୍ୱାସ୍ଥ୍ୟ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ଗୋପବନ୍ଧୁ ପରିଡା(୬୨)। ଗୋପବନ୍ଧୁ ବେତନଟୀରୁ ସାଇକେଲ ଯୋଗେ ବିଷ୍ଣୁପୁରସ୍ଥିତ ଘରକୁ ଫେରୁଥିବା ବେଳେ ଏକ ଚାଉଳ ବୋଝେଇ ଟ୍ରକ ତାଙ୍କ ଉପରେ ଚଢ଼ିଯାଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା।

ଟ୍ରକ ଚାଳକ ଜନ୍ମେଜୟ ବିନ୍ଧାଣୀଙ୍କ ବେପରୁଆ ଗାଡିଚାଳନା ପାଇଁ ତାଙ୍କୁ ନିଧୁକ ମାଡ଼ ମାରିଥିଲେ। ଖବରପାଇ ବୈଶିଙ୍ଗା ଥାନାଧିକାରୀ ତପନ କୁମାର ପ୍ରଧାନ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କ ନିକଟରୁ ମୃତଦେହକୁ ଜବତ କରିବା ସହିତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାର ଲୋକେ ଓ ସ୍ଥାନୀୟ ଗ୍ରାମବାସୀ ବିଭିନ୍ନ ଦାବି ନେଇ ମୃତଦେହକୁ ରାସ୍ତା ଉପରେ ରଖିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଅଟକ ରଖିଥିଲେ। ଫଳରେ ଉକ୍ତ ରାସ୍ତାରେ ସନ୍ଧ୍ୟା ପର୍ଯ୍ୟନ୍ତ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ରାସ୍ତାରୁ ଅବରୋଧ ହଟାଇବା ପାଇଁ ବୈଶିଙ୍ଗା ପୋଲିସ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। କୌଣସି ସୁଫଳ ନ ମିଳିବାରୁ ବେତନଟୀ ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ଦାସ ପହଞ୍ଚି ମୃତକଙ୍କ ପରିବାରବର୍ଗ କିପରି ସରକାରୀ ସୁବିଧା ଯଥାଶୀଘ୍ର ପାଇପାରିବେ ସେ ବ୍ୟବସ୍ଥା କରାଇବାର ପ୍ରତିଶ୍ରୁତି ଦେଇଥିଲେ। ଏହି ଘଟଣାକୁ ନେଇ ଥାନାଧିକାରୀ ପ୍ରଧାନ ଏବଂ ଅତିରିକ୍ତ ତହସିଲଦାର ଦାସ ଚାଉଳ କଳର ମାଲିକଙ୍କ ସହ ମଧ ଯୋଗାଯୋଗ କରିଥିଲେ। ତେବେ ଚାଉଳ କଳ ମାଲିକ ମୃତକଙ୍କ ପରିବାର ବର୍ଗଙ୍କୁ ତୁରନ୍ତ କ୍ଷତିପୂରଣ ବ୍ୟବସ୍ଥା କରିବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ଚାଉଳ ଟ୍ରକକୁ ଜବତ କରି ଥାନାକୁ ନେଇ ଆସିବା ସହ ମୃତଦେହକୁ ବୈଶିଙ୍ଗା ଡାକ୍ତରଖାନାକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି। ଏନେଇ ଏକ ଦୁର୍ଘଟଣାଜନିତ ମୃତ୍ୟୁ ମାମଲା ରୁଜୁ କରାଯାଇଥିବା ବେଳେ ରାତି ହୋଇଯାଇଥିବାରୁ ବ୍ୟବଚ୍ଛେଦ ରବିବାର ହେବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

ମୁଁ ଜଣେ ଭକ୍ତ ନୁହେଁ, ମୁଁ ମଧ୍ୟ ଜ୍ଞାନୀ ନୁହେଁ। ମୁଁ ମଧ୍ୟ ଭଗବାନଙ୍କର ଜଣେ କର୍ମୀ ନୁହେଁ। ମୁଁ ତା'ହେଲେ କ'ଣ ? ମୁଁ ପ୍ରଭୁଙ୍କ ହାତରେ ଏକ ଯନ୍ତ୍ର। ମୁଁ ସେହି ଗୋପାଳ ଭଗବାନ ବଜାଉଥିବା ଖଣ୍ଡିଏ ବଂଶୀ ମାତ୍ର। ପ୍ରଭୁଙ୍କ ଶ୍ୱାସ- ପବନରେ ଉଡ଼ିଯାଉଥିବା ପତ୍ରଟିଏ। -ଶ୍ରୀଅରବିନ୍ଦ

-ପୂର୍ଣ୍ଣିମା



# ତଳକୁ ଖସିଛୁ



ଆକାର ପଟେଲ

୨୦୨୧ରେ ମୁଁ 'ପ୍ରାଇସ୍ ଅଫ୍ ଦି ମୋଦି ଇୟର୍ସ' ନାମକ ଏକ ବହି ଲେଖିଥିଲି। ଏହାର ଗୋଟିଏ ଅଧ୍ୟାୟରେ ମୁଁ ବିଭିନ୍ନ ବିଶ୍ୱସ୍ତରୀୟ ସୂଚକାଙ୍କ ଉପରେ ଭାରତର ସ୍ଥିତିକୁ ତୁଳନା କରିଥିଲି। ସେହି ସବୁ ସୂଚକାଙ୍କରେ ୨୦୧୪ ପରଠାରୁ ଭାରତ ଉନ୍ନତି କରିଛି ନା ସମାନ ସ୍ତରରେ ରହିଛି କିମ୍ବା ଖରାପ ସ୍ଥିତିରେ ଅଛି, ତାହା ନିଶ୍ଚିତ ହେବା ପାଇଁ ସେଗୁଡ଼ିକୁ ଅନୁସରଣ କରି ଆସୁଥିଲି। ତେବେ ଭାରତ ଏସବୁ ଦିଗରେ ଉନ୍ନତି କରିଛି ନା ତଳକୁ ଖସିଛି କିମ୍ବା ସମାନ ସ୍ଥିତିରେ ଅଛି ତାହା ଜଣାଇବାକୁ ମୁଁ ପର୍ଯ୍ୟାୟକ୍ରମେ ପଛ ତଥ୍ୟକୁ ଦର୍ଶାଇବାକୁ ଯାଉଛି। ତେବେ ୨୦୨୪ ଶେଷ ହେବାକୁ ଯାଉଥିବାବେଳେ ଆଜିର ସ୍ତମ୍ଭରେ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋକପାତ କରୁଛି। ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମର ମାନବ ବିକାଶ ସୂଚକାଙ୍କ ସମ୍ଭାବ୍ୟ ଆୟୁଷ, ଶିକ୍ଷା ଏବଂ ଜାତୀୟ ଆୟ ଉପରେ ଅନୁଧ୍ୟାନ କରେ। ଏହି ସୂଚକାଙ୍କରେ ୨୦୧୪ରେ ଭାରତ ୧୩୦ ସ୍ଥାନରେ ଥିଲା ଏବଂ ଏବେ ୧୩୪ରେ ରହିଛି। ଦି ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ୍‌ର ଗଣତନ୍ତ୍ର ସୂଚକାଙ୍କ ଦେଶରେ ନାଗରିକ ସ୍ୱାଧୀନତା, ବିଭିନ୍ନ ସମ୍ପ୍ରଦାୟର ସହାବସ୍ଥାନ, ରାଜନୈତିକ ସଂସ୍କୃତି ଓ ଭାଗୀଦାରି ଏବଂ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ଅନୁଧ୍ୟାନ କରିଥାଏ। ଏଥିରେ ୨୦୧୪ରେ ଭାରତର ର୍ୟାଙ୍କ୍ ଥିଲା ୨୭ ଏବଂ ବର୍ତ୍ତମାନ ୪୭ରେ ଅଛି, ଅର୍ଥାତ୍ ୨୦ଟି ସ୍ଥାନ ତଳକୁ ଖସିଛି। ଏହା ଭାରତକୁ ଏକ 'ତ୍ରୁଟିପୂର୍ଣ୍ଣ ଗଣତନ୍ତ୍ର' ଭାବେ ଶ୍ରେଣୀଭୁକ୍ତ କରାଯାଇଛି।

ସିଭିକସ୍ ଦେଶର ଜାତୀୟ ନାଗରିକ କ୍ଷେତ୍ର ବିଶେଷକରି ସଂଗଠନ ସ୍ୱାଧୀନତା, ଶାନ୍ତିପୂର୍ଣ୍ଣ ସମାବେଶ ଏବଂ ଅଭିବ୍ୟକ୍ତି ସ୍ୱାଧୀନତାର ମୂଲ୍ୟାଙ୍କନ କରେ। ୨୦୧୭ରେ ଭାରତର ସ୍ୱାଧୀନତା 'ଅବରୋଧିତ' ଶ୍ରେଣୀରେ ଥିଲା ଏବଂ ଏବେ 'ଦମିତ' ଦର୍ଶାଯାଇଛି। ଏହାର କାରଣ ହେଉଛି, ଭାରତର ନାଗରିକ କ୍ଷେତ୍ରରେ ଅବନତି ଅତ୍ୟନ୍ତ ଉଦ୍‌ବେଗଜନକ। ଲୋୱି ଇନ୍‌ଷ୍ଟିଚ୍ୟୁଟର ଏସିଆ ପାୱାର ଇଣ୍ଡେକ୍ସ ଅର୍ଥନୀତି, କୂଟନୀତି, ସାମରିକ କ୍ଷମତା, ବାଣିଜ୍ୟ, ଭବିଷ୍ୟତ ଧାରା, ସାଂସ୍କୃତିକ ଆଧାରରେ ଜାତୀୟ ଶକ୍ତିର ପ୍ରଭାବ ଉପରେ ଅନୁଧ୍ୟାନ କରେ। ଲୋୱି ଇନ୍‌ଷ୍ଟିଚ୍ୟୁଟ ଅନୁଯାୟୀ, ୨୦୨୦ରେ ୪୦ ପଏଣ୍ଟ ସୀମା ତଳକୁ ଖସିବା ସହ ୨୦୨୧ ଏବଂ ୨୦୨୨ରେ ଏହା ଆହୁରି ହ୍ରାସ ପାଇ ଭାରତ 'ପ୍ରମୁଖ ଶକ୍ତି' ମାନ୍ୟତା ହରାଇଥିଲା। ଏହା ୨୦୨୪ରେ ମଧ୍ୟ ୪୦ରୁ କମ୍ ରହିଛି। ଫ୍ରିଡମ୍ ହାଉସର ଫ୍ରିଡମ୍ ଇନ୍ ୱାର୍ଲ୍ଡ ୱାନ ଆଇନର ଶାସନ, ରାଜନୈତିକ ବହୁମୁଖିତା ଓ ନିର୍ବାଚନ, ସରକାରଙ୍କ କାର୍ଯ୍ୟକାରିତା, ନାଗରିକ ସ୍ୱାଧୀନତା, ଅଭିବ୍ୟକ୍ତି ସ୍ୱାଧୀନତା, ସଙ୍ଗଠନ ଓ ସମାବେଶ ଏବଂ ବ୍ୟକ୍ତିଗତ ଅଧିକାର ସମ୍ପର୍କରେ ଅନୁଧ୍ୟାନ କରିଥାଏ। ଏହା ୧୦୦ ନମ୍ବରରୁ ମୂଲ୍ୟାଙ୍କନ କରିଥାଏ। ୨୦୧୪ରେ ଭାରତକୁ ୧୦୦ରୁ ୭୭ ମିଳିଥିଲା ଏବଂ 'ସ୍ୱାଧୀନ' ବର୍ଗରେ ରହିଥିଲା। ବର୍ତ୍ତମାନ ୬୬/୧୦୦ମୂଲ୍ୟାଙ୍କନ କରାଯାଇଛି ଏବଂ ବିଭିନ୍ନ କାରଣରୁ ଭାରତକୁ 'ଆଂଶିକ ସ୍ୱାଧୀନ' ଶ୍ରେଣୀଭୁକ୍ତ କରାଯାଇଛି।

ୱାର୍ଲ୍ଡ ଜଷ୍ଟିସ ପ୍ରୋଜେକ୍ଟର ଆଇନର ଶାସନ ସୂଚକାଙ୍କ ଦେଶର ଅପରାଧ, ନାଗରିକ ନ୍ୟାୟ ବ୍ୟବସ୍ଥା, ମୌଳିକ ଅଧିକାର, ସରକାରୀ କ୍ଷମତା ଉପରେ ପ୍ରତିବନ୍ଧକ, ଦୁର୍ନୀତିମୁକ୍ତ ସ୍ଥିତି, ସ୍ୱଚ୍ଛ ସରକାର, ବ୍ୟବସ୍ଥା ଓ ସୁରକ୍ଷା ଏବଂ ନିୟାମକ ପ୍ରବର୍ତ୍ତନ ଉପରେ ଗୁରୁତ୍ୱ ଦେଇଥାଏ। ଏଥିରେ ୨୦୧୪ରେ ଭାରତ ୬୬ ସ୍ଥାନରେ ଥିଲା ଏବଂ ୨୦୨୨ରେ ତଳକୁ ଖସି ୭୭ରେ ଏବଂ ୨୦୨୪ରେ ୭୯ ସ୍ଥାନରେ ଅଛି। ମୌଳିକ ଅଧିକାର ଏବଂ ଆପରାଧିକ ନ୍ୟାୟ ବ୍ୟବସ୍ଥା ମଧ୍ୟ ଭଲ ନାହିଁ। ମିଳିତ ଜାତିସଂଘର ସ୍ଥାୟୀ ବିକାଶ ସମାଧାନ ନେଟ୍‌ୱର୍କର ୱାର୍ଲ୍ଡ ହାପିନେସ୍ ରିପୋର୍ଟ ମୁଖ୍ୟତଃ ମୁଣ୍ଡପିଛା ମୋଟ ଘରୋଇ ଉତ୍ପାଦ, ସାମାଜିକ ସମର୍ଥନ, ସୁସ୍ଥ ଜୀବନର ଆଶା, ଜୀବନ ଜିଇବାର ସ୍ୱାଧୀନତା, ଉଦାରତା, ଦୁର୍ନୀତି ଏବଂ ଅନ୍ୟାୟର ଧାରଣା ଉପରେ ସମୀକ୍ଷା କରେ। ୨୦୧୪ ଭାରତ ୧୧୧ସ୍ଥାନରେ ଥିଲା ଓ ଏବେ ୧୨୬କୁ ଖସି ଆସିଛି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ଗ୍ଲୋବାଲର କରପ୍‌ସନ ପର୍ସେପ୍‌ସନ ଇଣ୍ଡେକ୍ସ ଦେଶର ସାର୍ବଜନୀନ କ୍ଷେତ୍ରରେ ଦୁର୍ନୀତିକୁ ଅନୁଧ୍ୟାନ କରିଥାଏ। ୨୦୧୪ରେ ଭାରତ ୮୫ ସ୍ଥାନରେ ଥିଲାବେଳେ ଏବେ ୯୩କୁ ଖସିଥିବା ଦେଖାଯାଇଛି। ହେରିଟେଜ୍ ଫାଉଣ୍ଡେଶନ ଗ୍ଲୋବାଲ୍‌ର ଇକୋନୋମିକ ଫ୍ରିଡମ୍ ଇଣ୍ଡେକ୍ସ ଆଇନର ଶାସନ, ସରକାରୀ ବ୍ୟବସ୍ଥା, ନିୟାମକ ଦକ୍ଷତା ଏବଂ ମୁକ୍ତ ବଜାର ଉପରେ ମୂଲ୍ୟାଙ୍କନ କରେ। ୨୦୧୪ରେ ଭାରତର ର୍ୟାଙ୍କ ଥିଲା ୧୨୦ ଏବଂ ପରେ ଏହା ୧୨୬କୁ ଖସି ଆସିଛି। ବ୍ୟାପକ ରାଜନୈତିକ ଦୁର୍ନୀତି, ଦୁର୍ନୀତି ବିରୋଧୀ ଆଇନର କମ୍ ପ୍ରଭାବ, ଏକ ପ୍ରଭାବୀ କାର୍ଯ୍ୟକାରୀ ନ୍ୟାୟିକ ଢାଞ୍ଚା ବିନା ଦୀର୍ଘମିଆଦୀ ଆର୍ଥିକ ବିକାଶର ଭିତ୍ତିଭୂମି ଦୁର୍ବଳ ହେବା ଯୋଗୁ ଏଭଳି ଘଟିଛି। ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ସଂସ୍ଥାର ବୈଶ୍ୱିକ କ୍ଷୁଧା ସୂଚକାଙ୍କରେ ୨୦୧୪ରେ ୭୬ ଦେଶ ମଧ୍ୟରେ ଭାରତ ୫୫ ସ୍ଥାନରେ ଥିଲା ଏବଂ ଏବେ ୧୨୭ ଦେଶ ମଧ୍ୟରେ ୧୦୫ରେ ଅଛି। ୧୩%ରୁ ଅଧିକ ଭାରତୀୟ ଅପପୁଷ୍ଟିର ଶିକାର ହୋଇଛନ୍ତି। ୫ ବର୍ଷ ବୟସରୁ କମ୍ ୩୭% ପିଲାଙ୍କର ବୟସ ଅନୁପାତରେ ଉଚ୍ଚତା କମ୍ ରହିଥିବାବେଳେ ୧୮%ଙ୍କର ଉଚ୍ଚତା ଅନୁସାରେ ଓଜନ କମ୍ ରହିଛି।

କିନ୍ତୁ କ୍ଷୁଧା ସୂଚକାଙ୍କ ତଥ୍ୟକୁ ଭାରତ ତ୍ରୁଟିପୂର୍ଣ୍ଣ ଦର୍ଶାଇବା ସହ ଏହା ଦେଶର ବାସ୍ତବ ସ୍ଥିତିକୁ ପ୍ରକାଶ କରି ନ ଥିବା କହିଛି। ସମାନ ଭାବେ ସରକାର ଅନ୍ୟ ସୂଚକାଙ୍କଗୁଡ଼ିକରେ ଭାରତ ତଳକୁ ଖସିଥିବା ତଥ୍ୟକୁ ଉଦ୍ଦେଶ୍ୟ ପ୍ରଣୋଦିତ, ପକ୍ଷପାତି ଓ ତ୍ରୁଟିପୂର୍ଣ୍ଣ କହି ଗ୍ରହଣ କରିନାହିଁ। କେତେକ ସୂଚକାଙ୍କ ସମ୍ପର୍କରେ ଏହା କୌଣସି ପ୍ରତିକ୍ରିୟା ରଖିନାହିଁ। ମୋଦିଙ୍କ ପ୍ରଥମ ପାଳିରେ ଭାରତ ଯେତେବେଳେ ବିଶ୍ୱବ୍ୟାଙ୍କର ଇଜି ଅଫ୍ ଡୁଇଂ ବିଜ୍‌ନେସ୍‌ରେ ଉପରକୁ ଉଠିଲା ସେତେବେଳେ ଏହା ଉତ୍ତମ ସରକାରର ସଫଳତା ବୋଲି ଉତ୍ସବ ପାଳନ କରାଗଲା। କିନ୍ତୁ ୨୦୧୮ରେ ର୍ୟାଙ୍କିଙ୍ଗରେ ଉନ୍ନତି ଆଣିବା ସକାଶେ ହେରଫେର ହେଉଥିବା ଜଣାପଡ଼ିବା ପରେ ଏହି ସୂଚକାଙ୍କ ବନ୍ଦ ହୋଇଗଲା। ବଡ଼ କଥା ହେଲା, ଏକ ଦଶନ୍ଧି କିମ୍ବା ଏହାଠାରୁ ଅଧିକ ସମୟ ଧରି ଯେଉଁମାନେ ସୂଚକାଙ୍କ ତଥ୍ୟଗୁଡ଼ିକୁ ଦେଖି ଆସୁଛନ୍ତି, ସେମାନେ ହିଁ ଶେଷରେ କହିପାରିବେ, ସରକାରଙ୍କ ସହ ଜଡ଼ିତ ପ୍ରମୁଖ ସୂଚକାଙ୍କଗୁଡ଼ିକରେ ବିଫଳ ହୋଇ ଆସିଛନ୍ତି।

Email:aakar.patel@gmail.com

su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | 8 | | |
| | | | | | 6 | | | |
| 9 | | | 2 | 3 | | 7 | 4 | |
| | 7 | | | | 2 | 5 | | |
| 2 | | 4 | | | | 3 | | |
| 8 | 6 | | | | | | | |
| | 4 | 3 | 9 | 7 | | | | 5 |
| | 8 | | 4 | | | | | 7 |
| | | 9 | | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 6 | 4 | 2 | 8 | 7 | 5 | 9 |
| 7 | 9 | 4 | 3 | 5 | 1 | 6 | 2 | 8 |
| 2 | 5 | 8 | 6 | 7 | 9 | 4 | 1 | 3 |
| 5 | 6 | 3 | 9 | 8 | 4 | 2 | 7 | 1 |
| 8 | 4 | 7 | 2 | 1 | 3 | 9 | 6 | 5 |
| 9 | 2 | 1 | 7 | 6 | 5 | 8 | 3 | 4 |
| 4 | 8 | 2 | 1 | 3 | 6 | 5 | 9 | 7 |
| 1 | 7 | 9 | 5 | 4 | 2 | 3 | 8 | 6 |
| 6 | 3 | 5 | 8 | 9 | 7 | 1 | 4 | 2 |

ଗତକାଲିର ଉତ୍ତର

# ଇତିହାସ ଓ ବର୍ତ୍ତମାନର ଭାରତ



ପ୍ରକାଶ ତ୍ରିପାଠୀ

ଐତିହାସିକମାନଙ୍କ ମତ ଯେ, ଭାରତକୁ ବିଦେଶୀମାନେ ଶାସନ କରିବା ପୂର୍ବରୁ ଏହା ଥିଲା ଏକ ସମୃଦ୍ଧ ରାଷ୍ଟ୍ର। ସମାଜର ସମସ୍ତ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିଲା ଭାରତ। ସମୃଦ୍ଧ ଆଧ୍ୟାତ୍ମିକ ଏବଂ ଦାର୍ଶନିକ ଜ୍ଞାନ ପାଇଁ ଏହା ଥିଲା ବେଶ୍ ଜଣାଶୁଣା। ବିଜ୍ଞାନଶାସ୍ତ୍ର, ଚିକିତ୍ସାଶାସ୍ତ୍ର, ଅର୍ଥଶାସ୍ତ୍ର, ସମାଜଶାସ୍ତ୍ର ଏବଂ ଦର୍ଶନଶାସ୍ତ୍ର କ୍ଷେତ୍ରରେ ଭାରତର ସମକକ୍ଷ କେହି ନ ଥିଲେ। ଭାରତରେ ଥିବା ବିଶ୍ୱବିଦ୍ୟାଳୟକୁ ଅନେକ ବିଦେଶୀ ପଣ୍ଡିତ ଅଧ୍ୟୟନ କରିବାକୁ ଆସୁଥିଲେ। ଗୁରୁକୁଳ ପ୍ରଣାଳୀ ମାଧ୍ୟମରେ ବ୍ୟାବହାରିକ ଶିକ୍ଷଣ ବ୍ୟବସ୍ଥା ଥିଲା ଆମ ଦେଶରେ। ଭାରତର ଏହି ଉତ୍କର୍ଷତାକୁ ସହ୍ୟ କରି ପାରୁନଥିଲେ ଅନେକ ଦେଶ। ଏଇଥିପାଇଁ କିଏ ଧନରତ୍ନ ଲୁଟିବାକୁ ତ କିଏ ବିଦ୍ୟା ଲୁଟିବାକୁ, କିଏ ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ତ କିଏ ଭାରତର ଶ୍ରେଷ୍ଠ ଆଧ୍ୟାତ୍ମିକ ବ୍ୟବସ୍ଥାକୁ ନଷ୍ଟଭ୍ରଷ୍ଟ କରିବାକୁ ଛୁଟି ଆସିଥିଲେ ପୁଣ୍ୟଭୂମି ଭାରତକୁ। ଦୁର୍ଭାଗ୍ୟବଶତଃ ବ୍ରିଟିଶ୍ ଆଗମନ ସହିତ ଭାରତ ଏହାର ସମସ୍ତ ଉତ୍କର୍ଷତାକୁ ହରାଇ ବସିଲା। ପାରମ୍ପରିକ ଶିକ୍ଷା ବ୍ୟବସ୍ଥା ବଦଳରେ ବ୍ରିଟିଶ୍‌ମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ଶିକ୍ଷା ବ୍ୟବସ୍ଥାକୁ ପ୍ରଚଳନ କରାଗଲା। ଏହା ବ୍ରିଟିଶ୍‌ମାନଙ୍କୁ ଭାରତରୁ କିରାଣି ସୃଷ୍ଟି କରିବାରେ ସାହାଯ୍ୟ କଲା ଏବଂ ଭାରତୀୟମାନଙ୍କୁ ଏକ ଜଟିଳତାପୂର୍ଣ୍ଣ ଶିକ୍ଷା ପ୍ରଦାନରେ ସହାୟତା କଲା। ଭାରତୀୟମାନେ ବିଶ୍ୱାସ କରିବାକୁ ଲାଗିଲେ ଯେ, ବିଦେଶୀମାନେ ଭଲ ଏବଂ ସେମାନଙ୍କ ଅପେକ୍ଷା ଅଧିକ ଉନ୍ନତ। ଏହାଦ୍ୱାରା ଭାରତୀୟଙ୍କ ମଧ୍ୟରେ ଆତ୍ମସମ୍ମାନ ନଷ୍ଟ ହେବାକୁ ଲାଗିଲା ଏବଂ ଧୀରେ ଧୀରେ ଭାରତ ବ୍ରିଟିଶ୍‌ମାନଙ୍କ ଦ୍ୱାରା ପ୍ରାଧାନ୍ୟ ପ୍ରାପ୍ତ ଏକ ରାଷ୍ଟ୍ରରେ ପରିଣତ ହେଲା। ବ୍ରିଟିଶ୍‌ମାନେ ଚାଲିଯିବା ପରେ ମଧ୍ୟ ଆମେ ପୂର୍ବର ଅନେକ ବ୍ୟବସ୍ଥା ଏବଂ ପ୍ରକ୍ରିୟା ସହିତ ଜଡ଼ିତ ରହିଛୁ, ଯାହା ଆମ ପ୍ରଗତିରେ ବାଧା ସୃଷ୍ଟି କରିବାରେ ଲାଗିଛି।

ଇତିହାସକୁ ଏକ ନୀରବ କାହାଣୀ ଭାବରେ ବିବେଚନା କରାଯାଏ, ଯାହା ଜଣକୁ ଦେଶପ୍ରେମୀ କରିବା ସହ ତା'ଠାରେ ଜାତୀୟତାର ଭାବନାକୁ ଉଦ୍ରେକ କରିଥାଏ। ଇତିହାସ ଅତୀତର ଘଟଣା କିମ୍ବା କାର୍ଯ୍ୟକଳାପର ସମାହାର ନୁହେଁ, ଏହା ନାଗରିକକୁ ସଚେତନ ଓ ଦିଗ୍‌ଦର୍ଶନ ଦେଇଥାଏ। ଶହ ଶହ ବର୍ଷ ଧରି ଅନେକ ବିଦେଶୀ ଶାସକ ଭାରତକୁ ପରାଧୀନ କରି ସୁଶାସନ ଦେବା ବଦଳରେ ଭାରତରୁ ଲୁଟି ଚାଲିଥିଲେ ଅଚଳାଚଳ ଧନରତ୍ନ। ଭାରତୀୟ ଧନରେ ସେମାନଙ୍କ ଦେଶକୁ କରିଥିଲେ ସମୃଦ୍ଧ। ତୋଗଲକ, ମୋଗଲଙ୍କଠାରୁ ଆରମ୍ଭ କରି ପର୍ତ୍ତୁଗାଲ, ଡଚ୍, ଡେନିସ୍ ଓ ବ୍ରିଟିଶ୍ ଶାସକମାନେ ଭାରତକୁ ଆସିଥିଲେ ଏଇଥିପାଇଁ କି ଭାରତ ଏକ ସୁନାର ଦେଶ ବୋଲି ପ୍ରଚାର ହୋଇଥିଲା। ଭାରତୀୟମାନେ ଥିଲେ ସାଦାସିଧା, ସରଳବିଶ୍ୱାସୀ, ଧର୍ମପରାୟଣ ଓ ବିଦେଶୀମାନେ ଥିଲେ ଚାଲାକ ଓ ଚତୁର। ଭାରତୀୟଙ୍କ ସରଳତାର ସୁଯୋଗ ନେଇ କିପରି ସବୁ କିଛି ଲୁଟ୍ କରିହେବ, ସେଥିରେ ଥିଲେ ସେମାନେ ମାହିର। ମୁସଲମାନ ଶାସକମାନେ ତ ହାତୀ ଘୋଡ଼ା, ଭାରତରୁ ଧନରତ୍ନ ସେମାନଙ୍କ ଦେଶକୁ ବୋହି ନେଇଥିବା କଥା ସମସ୍ତେ ଜାଣନ୍ତି। ଗଜନି (ତୁର୍କୀ) ସମ୍ରାଟ୍ ମାମୁଦ ଥରେ ଦୁଇଥର ନୁହେଁ, ଧନ ସମ୍ପତ୍ତି ଲୋଭରେ ୧୭ ଥର ସୋମନାଥ ମନ୍ଦିର ଲୁଣ୍ଠନ କରିଥିଲେ। କୁହାଯାଏ, ପର୍ତ୍ତୁଗାଲର ନାବିକ ଭାସ୍କୋଡାଗାମା ଭାରତ ଯିବା ଆସିବାରେ ଯେତିକି ଅର୍ଥ ବ୍ୟୟ କରିଥିଲେ, ଭାରତରୁ ଫେରିବା ବେଳେ ତାହାର ୬୦ ଗୁଣ ଲାଭ ଉଠାଇଥିଲେ।

ବିଶେଷକରି ବ୍ରିଟିଶ୍ ଶାସକ ଭାରତର ନାମକୁ ଯେପରି ଭାବରେ ଅପପ୍ରଚାର କରିଥିଲେ, ତାହାର ସତ୍ୟତା ଏବେ ସମଗ୍ର ବିଶ୍ୱବାସୀଙ୍କ ସମ୍ମୁଖରେ ପ୍ରତୀୟମାନ। ଭାରତୀୟମାନେ ଅସଭ୍ୟ ଓ ଏହା ସପେରା ଓ ମଦାରୀର ଦେଶ ବୋଲି ସେମାନେ ଏକ ନିକୃଷ୍ଟ ଚିତ୍ର ବିଶ୍ୱ ଦରବାରରେ ଆଙ୍କିଥିଲେ। ବ୍ରିଟିଶ୍ ଶାସକମାନେ ଭାରତ ଶାସନ ସମୟରେ କ'ଣ ଫାଇଦା ପାଇଛନ୍ତି, ତା'ର ହିସାବନିକାଶର କଥା ଅକ୍ସଫୋର୍ଡ ୟୁନିୟନରେ କହିଛନ୍ତି ପ୍ରଖ୍ୟାତ ଲେଖକ ତଥା ଆମର ସାଂସଦ ଶଶୀ ଥରୁର୍। ପ୍ରାମାଣିକ ତଥ୍ୟ ଉପସ୍ଥାପନ କରି ଶ୍ରୀ ଥରୁର୍ କହିଛନ୍ତି ଯେ, ବ୍ରିଟିଶ୍‌ମାନେ ଭାରତ ଆସିବା ପୂର୍ବରୁ ବିଶ୍ୱ ଅର୍ଥ ବ୍ୟବସ୍ଥାରେ ଭାରତର ଭାଗୀଦାରି ୨୩% ଥିଲା। ଆଉ ଯେବେ ବ୍ରିଟିଶ୍‌ମାନେ ୧୯୪୭ରେ ଭାରତ ଛାଡ଼ି ଚାଲିଗଲେ, ସେତେବେଳେ ତାହା ୪%କୁ ଖସି ଆସିଥିଲା। ସେହିପରି ବିଶ୍ୱ ବାଣିଜ୍ୟରେ ମଧ୍ୟ ଏହି ସମୟରେ ୨୭%ରୁ ୨%କୁ ଖସି ଆସିଥିଲା ଭାରତ। ବ୍ରିଟେନ୍‌ର ବିଶାଳ ଉଦ୍ୟୋଗୀକରଣ ଭାରତର ପୁଞ୍ଜିରେ ହିଁ ସେତେବେଳେ ଗଢ଼ି ଉଠିଥିଲା। ଥରୁର୍



ଯୁକ୍ତି କରିଛନ୍ତି ଯେ, ଅଷ୍ଟାଦଶ ଶତାବ୍ଦୀରୁ ବ୍ରିଟେନ୍‌ର ଅର୍ଥନୈତିକ ପ୍ରଗତି ଭାରତର ଅର୍ଥନୈତିକ ଶୋଷଣର ଭିତ୍ତିଭୂମିରେ ସମ୍ଭବ ହୋଇଥିଲା ଏବଂ ଶିଳ୍ପାୟନ ଦ୍ୱାରା ଭାରତୀୟ ବୁଣାଶିଳ୍ପ ଧ୍ୱଂସ ଆଡ଼କୁ ଗତି କରିଥିଲା। ଭାରତରେ ଦୁର୍ଭିକ୍ଷକୁ 'ବ୍ରିଟିଶ୍-ପ୍ରେରିତ' ବୋଲି କହିବାକୁ ଥରୁର୍ ଆଦୌ ପଛାଇନାହାନ୍ତି।

ଏତେବଡ଼ ଲୁଟ୍‌ପାଟ୍ କରିଥିବା ବ୍ରିଟେନ୍‌କୁ ବର୍ତ୍ତମାନ ଭାରତ ଆର୍ଥିକ ବିକାଶରେ ପଛରେ ପକାଇଦେବା ଭାରତ ପାଇଁ ନିଶ୍ଚିତ ଏକ ବଡ଼ ଉପଲବ୍ଧି। ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ ଆର୍ଥିକ ଶକ୍ତି ହୋଇ ପାରିଥିବା ଭାରତ ତୃତୀୟ ବୃହତ୍ ଆର୍ଥିକ ଶକ୍ତି ହେବାକୁ ପ୍ରୟାସ ଜାରି ରଖିଛି। ୨୦୪୭ ମସିହା ବେଳକୁ ଭାରତ ବିକାଶଶୀଳ ରାଷ୍ଟ୍ର ବଦଳରେ ବିକଶିତ ଦେଶ ହେବାର ମାନ୍ୟତା ପାଇବାର ଆଶା କରାଯାଉଛି। ୟୁରୋପୀୟ ଦେଶ ଦିନେ ସମଗ୍ର ବିଶ୍ୱ ଉପରେ ନିଜର ଆଧିପତ୍ୟ ଜାହିର କରୁଥିଲେ, ସେହିସବୁ ଦେଶ ଭାରତ ସହ ମିତ୍ରତା ସ୍ଥାପନ କରିବାକୁ ବ୍ୟାକୁଳ। ଯୁକ୍ତରାଷ୍ଟ୍ର ଆମେରିକା ଆଉ ଆକର୍ଷଣର ବା ପ୍ରଭାବିତ କରିବାର ଦେଶ ହୋଇ ରହିନାହିଁ। ସ୍ୱାସ୍ଥ୍ୟପ୍ରଦ ଜଳବାୟୁ, ମୁକ୍ତ ସହାବସ୍ଥାନ, ସଫଳ ଲୋକତାନ୍ତ୍ରିକ ଶାସନ ଓ ସର୍ବୋପରି ଉନ୍ନତ ସାଂସ୍କୃତିକ-ସାମାଜିକ ବ୍ୟବସ୍ଥା ତଥା ମୁକ୍ତ ଜୀବନଶୈଳୀ ପାଇଁ ଭାରତ ଆଜି ସମଗ୍ର ବିଶ୍ୱକୁ ନିଜ ଆଡ଼କୁ ଆକର୍ଷିତ କରୁଛି, ଯାହାକି କୌଣସି ରାଷ୍ଟ୍ରରେ ଉପଲବ୍ଧ ନୁହେଁ।

ଭାରତ ତୃତୀୟ ମହାଶକ୍ତି ହେବା ପାଇଁ ସତର୍କତାର ସହିତ ଆଗକୁ ବଢ଼ିବାର ଅଛି। ବିଶେଷକରି ଯୁବଗୋଷ୍ଠୀଙ୍କ ପାଇଁ ନିଜ ଦେଶରେ ରୋଜଗାର ସୃଷ୍ଟିକୁ ନିଶ୍ଚିତ କରାଯାଇ ପାରିଲେ ବିଦେଶରେ ଲୋଭନୀୟ ନିଯୁକ୍ତିକୁ ରୋକାଯାଇ ପାରନ୍ତା। ଭାରତର ଉଚ୍ଚ ସାଂସ୍କୃତିକ ମୂଲ୍ୟବୋଧ, ଆଧ୍ୟାତ୍ମିକ ବିଚାରଭାବ ଓ ସର୍ବୋପରି ବିବିଧତାରେ ଏକତାର ମନୋଭାବକୁ ସୁଦୃଢ଼ କରିବାକୁ ପଡ଼ିବ। ଯେଉଁ ଏକତା ଅଭାବରୁ ଭାରତ ବହୁବାର ବିଦେଶୀ ଶାସନର କବଳକୁ ଚାଲିଯିବାର ନଜିର ରହିଛି, ସେଥିରୁ ନିସ୍ତାର ହେବାକୁ ମହାଭାରତୀୟ ଜାତୀୟତାରେ ଉଦ୍‌ବୁଦ୍ଧ ହେବାକୁ ପଡ଼ିବ। ବିଦେଶୀ ପରମ୍ପରା ଓ ସଂସ୍କୃତିକୁ ତ୍ୟାଗ କରି ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଆଦରିବାକୁ ହେବ। ଭାରତକୁ ପୁଣି ଥରେ ସମୃଦ୍ଧଶାଳୀ କରିବା ପାଇଁ ସରକାରୀ ସ୍ତରରେ ତ ପ୍ରଚେଷ୍ଟା ହେଉଛି, ତଥାପି ପ୍ରତ୍ୟେକ ନାଗରିକ ମଧ୍ୟ ଏ ଦିଗରେ ଦେଶ ପାଇଁ ସମର୍ପିତ ହେବାର ଆବଶ୍ୟକତା ରହିଛି। ଏଥିପାଇଁ ଦେଶକୁ ଦୁର୍ନୀତିମୁକ୍ତ କରିବା ସହ ଆମ ସଂସ୍କୃତି ଏବଂ ସଭ୍ୟତାର ସମୃଦ୍ଧତା ବିଷୟରେ ପ୍ରତ୍ୟେକଙ୍କୁ ଶିକ୍ଷା ଦେବା ପାଇଁ ଚେଷ୍ଟା କରିବାକୁ ପଡ଼ିବ। ଦେଶ ମୋ ପାଇଁ କ'ଣ କରିଛି ଭାବିବା ବଦଳରେ ମୁଁ ଦେଶ ପାଇଁ କ'ଣ କରିଛି, ଏହି ଭାବନା ଉଦ୍ରେକ ହେବାର ଅଛି। ତେବେ ଯାଇ ଭାରତ ପୁଣି ସମୃଦ୍ଧ ଭାରତ ହୋଇପାରିବ।

ମୋ: ୯୪୩୭୨୩୨୪୬୩

# ଯୁଦ୍ଧରେ ଖାଦ୍ୟାଭାବ



ଲଳିତେନ୍ଦୁ ପଲାଉରୀ

ବ୍ରାଜିଲ ରାଜଧାନୀ ରିଓ ଡି ଜେନେରିଓରେ ଗତ ନଭେମ୍ବରରେ ଶେଷ ହୋଇଛି ୧୯ତମ ଜି-୨୦ ଶିଖର ବୈଠକ। ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡି ସିଲ୍‌ଭାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବିଶ୍ୱ ସମ୍ମିଳନୀରେ 'ବିଲ୍ଡିଂ ଏ ଜଷ୍ଟ ୱାର୍ଲ୍ଡ ଆଣ୍ଡ୍ ଏ ସଷ୍ଟେନେବଲ ପ୍ଲାନେଟ୍'ଆଭିମୁଖ୍ୟକୁ ନେଇ ଆଲୋଚନା ହୋଇଛି। ରିଓ ଡି ଜେନେରିଓ ଘୋଷଣା ପତ୍ରରେ ବିଶ୍ୱର ବ୍ୟାପକ ଜଳବାୟୁ ପରିବର୍ତ୍ତନର ପ୍ରଭାବ, ଅକ୍ଷୟ ଶକ୍ତିକୁ ବିକଳ୍ପ ଶକ୍ତି ଉତ୍ସ ଭାବେ ଗୁରୁତ୍ୱ ଦେବା ସହ ବିଶ୍ୱରେ ଯୁଦ୍ଧ ପାଇଁ ଖାଦ୍ୟ ସଙ୍କଟ ସମ୍ମିଳନୀର ପ୍ରମୁଖ ଆଲୋଚ୍ୟ ବିଷୟ ହୋଇଥିଲା। ଇସ୍ରାଏଲ-ପାଲେଷ୍ଟାଇନ ଯୁଦ୍ଧ ଯୋଗୁ ସମଗ୍ର ମଧ୍ୟପ୍ରାଚ୍ୟରେ ଅସ୍ଥିରତା, ଗାଜାରେ ଅତି ମାନବୀୟ ସଙ୍କଟ, ଭୟଙ୍କର କ୍ଷୁଧା ସ୍ଥିତି ଜି-୨୦ସଦସ୍ୟ ରାଷ୍ଟ୍ରଙ୍କ ପାଇଁ ଉଦ୍‌ବେଗର ବିଷୟ ହୋଇଥିଲା। ସେପଟେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପାଇଁ ମଧ୍ୟ ଉଭୟ ଦେଶର ସାଧାରଣ ନାଗରିକଙ୍କ ଦୁର୍ବିଷହ ଜୀବନକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ବିଶ୍ୱରେ ଯୁଦ୍ଧ,ଖାଦ୍ୟ ସଙ୍କଟ କିମ୍ବା ଜଳବାୟୁ ପରିବର୍ତ୍ତନକୁ ନେଇ ଏହି ବିଶ୍ୱନେତାଙ୍କ ମଧ୍ୟରେ ସହମତ ଓ ମତ ପାର୍ଥକ୍ୟ ଦେଖିବାକୁ ମିଳିଥିଲା। ବିଶେଷକରି ଦ୍ରୁତ ଜଳବାୟୁ ପରିବର୍ତ୍ତନ ପାଇଁ ସମସ୍ତେ କଠୋର ହେବାକୁ ଶିଖର ବୈଠକରେ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଜଳବାୟୁ ପରିବର୍ତ୍ତନ ମୁକାବିଲା ଲାଗି କେଉଁଠୁ ପାଣ୍ଠି ଆସିବ ସେ ନେଇ ପ୍ରଭାବୀ ନିଷ୍ପତ୍ତି ହୋଇ ପାରି ନ ଥିଲା।

ବୈଠକରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପ୍ରସଙ୍ଗ ଆଲୋଚନା ହୋଇଥିଲା। କିନ୍ତୁ ରୁଷିଆକୁ ତୁରନ୍ତ ଯୁଦ୍ଧବନ୍ଦ ପାଇଁ କୌଣସି ସଦସ୍ୟ ରାଷ୍ଟ୍ର ସେଭଳି କଠୋର ନିର୍ଦ୍ଦେଶ ଦେଇପାରି ନ ଥିଲେ। ବରଂ ରୁଷିଆ ବିରୋଧରେ ୟୁକ୍ରେନ୍ ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର ମାଡ଼ ପାଇଁ ଆମେରିକାଠାରୁ ପ୍ରୋତ୍ସାହନ ପାଉଥିବାରୁ ରୁଷିଆ ଏହାର ପାଲଟା ଜବାବ ଦେବା ପାଇଁ ଚାଇନା ସମେତ ଅନ୍ୟ ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ପ୍ରବର୍ତ୍ତାଇଥିଲା। ଅନ୍ୟପକ୍ଷରେ ରିଓ ଡି ଜେନେରିଓ ଘୋଷଣାପତ୍ରରେ ଗାଜା ଓ ଲେବାନନ୍‌ରେ ତୁରନ୍ତ ଯୁଦ୍ଧ ବିରାମ ପାଇଁ ମତ ପ୍ରକାଶ ପାଇଥିଲା। ଅଧିକ ଧନୀ ରାଷ୍ଟ୍ରଗୁଡ଼ିକ ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱରେ ଖାଦ୍ୟ ସମସ୍ୟା ଦୂର ପାଇଁ ସିଂହଭାଗ ଦାନ ଲାଗି ମତ ପ୍ରକାଶ ପାଇଛି। ବିଶ୍ୱର ବିଭିନ୍ନ ଭାଗରେ ଯୁଦ୍ଧ ଲାଗିରହିଥିବା ବେଳେ ଖାଦ୍ୟ ସଙ୍କଟ ବିଶେଷ କରି କ୍ଷୁଧା ଓ ଦାରିଦ୍ର୍ୟ ବିରୋଧରେ ଜି-୨୦ ବିଶ୍ୱ ନେତା ଏକଜୁଟ ହୋଇ ଲଢ଼ିବା ଲାଗି ଆହ୍ୱାନ ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଯୁଦ୍ଧ ପାଇଁ ବିଶ୍ୱରେ ଖାଦ୍ୟାଭାବ ଓ ଗରିବୀ ବୃଦ୍ଧି ହେଉଥିବାରୁ ସମସ୍ତ ଜି-୨୦ ନେତା ଏଥିପ୍ରତି ଦୃଷ୍ଟି ଦେବାକୁ ଗୁରୁତ୍ୱ ପ୍ରକାଶ କରିଥିଲେ। ବୈଠକରେ ଏକ ବିଶ୍ୱ,ଏକ ପରିବାର, ଏକ ଭବିଷ୍ୟତ



ଉପରେ ଗୁରୁତ୍ୱ ଦେଇଥିଲେ ପ୍ରଧାନମନ୍ତ୍ରୀ ମୋଦି। ଧନୀ ରାଷ୍ଟ୍ରଗୁଡ଼ିକର ଯୁଦ୍ଧଖୋର ମନୋଭାବ ପାଇଁ ଆଜି ବିଶ୍ୱରେ ଗରିବ, କ୍ଷୁଧା ଓ ଦରଦାମ୍ ବୃଦ୍ଧି ଉତ୍କଟ ହୋଇଛି। ବିଶେଷ କରି ଗ୍ଲୋବାଲ ସାଉଥ୍ ଦେଶଗୁଡ଼ିକ ସବୁଠାରୁ ଅଧିକ ପ୍ରଭାବିତ ହୋଇଥିବା ମୋଦି କହିଛନ୍ତି।

ବିଶ୍ୱରେ ସୋମାଲିଆ, ୟେମେନ, ଚାଦ, ମାଡାଗାସ୍କର, କଙ୍ଗୋ, ହାଇତି, ଲାଇବେରିଆ ସେଣ୍ଟ୍ରାଲ ଆଫ୍ରିକା ରିପବ୍ଲିକ ଓ କୋରିଆ ଭଳି ଦେଶରେ କ୍ଷୁଧା କୁପୋଷଣ ପ୍ରତି ଧ୍ୟାନ ଦିଆଯିବା ଜରୁରୀ ବୋଲି ଆଲୋଚନାରେ ସ୍ଥାନ ପାଇଥିଲା। ୨୦୧୯ରୁ ୨୦୨୩ ରିପୋର୍ଟର ତଥ୍ୟ ଅନୁସାରେ ସାରା ବିଶ୍ୱରେ ପାଖାପାଖି ୩୫୦ ମିଲିୟନ ଲୋକ ସାଂଘାତିକ କ୍ଷୁଧା ସ୍ଥିତିରେ ଜୀବନ ବିତାଉଛନ୍ତି। ୪୯ ମିଲିୟନ ଲୋକ ଦୁର୍ଭିକ୍ଷ ସ୍ଥିତିରେ ଥିବା ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ସର୍ବେକ୍ଷଣରୁ ଜଣାପଡ଼ିଛି। ସେହିପରି ୮୨୦ ମିଲିୟନ ଲୋକ ବିଭିନ୍ନ କ୍ରୋନିକ ଓ କୁପୋଷଣର ଶିକାର ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୬୦ପ୍ରତିଶତ ମହିଳା, ୪ ମିଲିୟନ ଶିଶୁ ରହିଛନ୍ତି। ଏହି ଶିଶୁମାନଙ୍କ ବୟସ ୫ବର୍ଷରୁ କମ୍ ବୋଲି ଜଣାପଡିଛି। ଏହା ବ୍ୟତୀତ ଜାତିସଂଘର ସୁରକ୍ଷା ପିରଷଦରେ ଆଫ୍ରିକା, ଏସିଆ, ଲାଟିନ ଆମେରିକା ଏବଂ କାର୍‌ବିଆନ ଦେଶଗୁଡିକର ବିକାଶ ଓ ସେମାନଙ୍କ ଅଧିକାରକୁ ଗୁରୁତ୍ୱ ଦେବାକୁ ବୈଠକରେ ମତ ପ୍ରକାଶ ପାଇଛି। ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା, ବ୍ରିଟେନ, ଫ୍ରାନ୍ସ, ଇଟାଲୀ, ଇଣ୍ଡୋନେସିଆ, ପର୍ତ୍ତୁଗାଲ, ନର୍‌ୱେ ଭଳି ରାଷ୍ଟ୍ରମୁଖ୍ୟଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ମଜଭୁତ ନେଇ କଥା ହୋଇଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର ଓ ଚାଇନା ବୈଦେଶିକ ମନ୍ତ୍ରୀ ୱାଙ୍ଗ- ଇଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ଉଭୟ ପଡ଼ୋଶୀ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା,ସୀମା ବିବାଦ ସମାଧାନ ନେଇ ଏକ ସକାରାତ୍ମକ ଦିଗ ବାହାର କରିଛି। ଭାରତ ଚାଇନା ସୀମାରେ ସ୍ଥିତି ସୁଧୁରିଥିବା ବେଳେ ଗତ ଅକ୍ଟୋବରରେ ରୁଷିଆର କାଜାନରେ ବୈଠକ ପରେ ନଭେମ୍ବରରେ ଜି-୨୦ ବୈଠକରେ ଏସିଆ ଏହି ଦୁଇ ପ୍ରମୁଖ ମହାଶକ୍ତି ରାଷ୍ଟ୍ରର ବୈଦେଶିକ ମନ୍ତ୍ରୀ ଅନ୍ତର୍ଜାତୀୟ ମଞ୍ଚରେ ଏକ ବୃହତ ଆଭିମୁଖ୍ୟକୁ ନେଇ ଆଲୋଚନା ମଧ୍ୟ ବ୍ରାଜିଲ ଜି-୨୦ ବୈଠକରେ ଚର୍ଚ୍ଚାର ବିଷୟ ହୋଇଥିଲା।

ଶେଷରେ ଏତିକି କୁହାଯାଇପାରେ ବିଶ୍ୱ ସମ୍ମିଳନୀରେ ସଦସ୍ୟ ହୁଅନ୍ତୁ ବା ଅତିଥି ରାଷ୍ଟ୍ର ଭାବେ ଭାଗ ନେଉଥିବା ବଡ଼ ବଡ଼ ଧନୀ ରାଷ୍ଟ୍ରଗୁଡିକ କେବଳ ସେମାନଙ୍କ ସପକ୍ଷବାଦୀ ଯୋଗାଡ଼ କରିବାକୁ ଏହି ସବୁ ବିଶ୍ୱମଞ୍ଚଗୁଡ଼ିକୁ ବ୍ୟବହାର କରିବା ବଦଳରେ ଆଫ୍ରିକା, ଏସିଆର ବିଭିନ୍ନ ଭୌଗୋଳିକ ଅବସ୍ଥିତିରେ ରହିଥିବା ଗରିବ ଦେଶଗୁଡିକର ନାଗରିକଙ୍କ ଜୀବନ ଧାରଣର ମାନ ଉନ୍ନତି ପାଇଁ ସ୍ୱତଃପ୍ରବୃତ୍ତ ସହଯୋଗ ବଢ଼ାଇଲେ ସେମାନଙ୍କ ଗୁରୁତ୍ୱ ଅଧିକ ବଢ଼ିବ।

ବାଲିପନ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ
ମୋ- ୯୭୭୮୬୯୭୦୩୬

## ଏଇ ଭାରତରେ

ପୋଲିଓରୁ ବର୍ତ୍ତିଯାଇଛନ୍ତି ଅଭୟ ଟୋଡ୍‌କର। ହେଲେ ତାଙ୍କ ସେବା ମନୋଭାବ ଭାଙ୍ଗିପଡ଼ିନାହିଁ। ଜଳସଙ୍କଟ ଦୂର କରିବାରେ ତାଙ୍କ ପ୍ରୟାସ ବେଶ୍ ପ୍ରଶଂସନୀୟ। ଅଭୟଙ୍କ ବୟସ ଏବେ ୪୪ ଓ ରହୁଛନ୍ତି ମହାରାଷ୍ଟ୍ରର ଦହିୱାଡି ଗାଁରେ। ସେ ଠିକ୍ ଭାବେ ଚାଲିପାରୁନାହାନ୍ତି, କିନ୍ତୁ ଦୃଢ଼ ଇଚ୍ଛାଶକ୍ତି ଏବଂ କଠୋର ପରିଶ୍ରମ ବଳରେ ସତାର ଜିଲାର ୬୪ଟି ମରୁଡ଼ିପ୍ରବଣ ଗାଁରେ ଜଳସଙ୍କଟ ଦୂର କରିପାରିଛନ୍ତି। ଏହି ଗ୍ରାମଗୁଡ଼ିକରେ ଲୋକମାନେ କିଭଳି ପାନୀୟ ଜଳ କିମ୍ବା କୃଷି ପାଇଁ ପାଣି ପାଇପାରିବେ ସେଥିପାଇଁ ସେ କାମରେ ଲାଗିଛନ୍ତି। ଅଭୟ ଶିକ୍ଷା ଶେଷକରି ପ୍ରଥମେ ଗୋଟିଏ ଏସ୍‌ଟିଡି ବୁଥ୍ କରିଥିଲେ। ପରେ ୨୦୧୨ରେ ଆର୍ଟ ଅଫ୍ ଲିଭିଂର 'ସୁଦର୍ଶନ କ୍ରିୟା ପ୍ରୋଗ୍ରାମ'ରେ ସାମିଲ ହେବା ପରେ ତାଙ୍କ ଜୀବନର ମୋଡ଼ ବଦଳି ଯାଇଥିଲା। ୨୦୧୮ରୁ ୨୦୨୪ ମଧ୍ୟରେ ଏହା ସହାୟତାରେ ଅଭୟ ଏକ ଟିମ୍ ଗଠନ କରି ୬୪ଟି ଗାଁରେ ଜଳ ସଂରକ୍ଷଣ ପାଇଁ କାର୍ଯ୍ୟ କରୁଛନ୍ତି। କେବଳ ଜଳ ସଙ୍କଟ ଦୂର କରୁନାହାନ୍ତି, ସେ ଓ ତାଙ୍କ ଟିମ୍ ସତାର ଜିଲାର ବିଭିନ୍ନ ଗାଁରେ ୧,୨୭,୦୦୦ରୁ ଅଧିକ ଗଛ ଲଗାଇ ସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

୧୫ ଡିସେମ୍ବର ୧୯୭୫

- ଅଷ୍ଟ୍ରେଲିଆର ଗୁରୁତ୍ୱପୂର୍ଣ୍ଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଫ୍ରାଜରଙ୍କ ଲିବରାଲ ନ୍ୟାସନାଲ ପାର୍ଟି ସଂଖ୍ୟାଗରିଷ୍ଠ ଆସନ ଦଖଲ କରିଛନ୍ତି।
- ଶ୍ରମିକଙ୍କ ଦୁଃଖ ଲାଘବ ପାଇଁ ରାଜ୍ୟ ମନ୍ତ୍ରୀମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ କ୍ଷେତ ମଜଦୁର ଓ ବିଭିନ୍ନ ଶିଳ୍ପସଂସ୍ଥାରେ କାର୍ଯ୍ୟକରୁଥିବା ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରି ହାର ବୃଦ୍ଧି।
- ବିହାରର ନୂଆମୁଣ୍ଡିଠାରେ ଥିବା ରାଜ୍ୟ ବିଦ୍ୟୁତ୍ ବୋର୍ଡର ୧୬ଟି ଘର ଓ ଜାଗା ବିହାର ସରକାରଙ୍କୁ ହସ୍ତାନ୍ତର ପାଇଁ ରାଜ୍ୟ ମନ୍ତ୍ରୀମଣ୍ଡଳ ବୈଠକରେ ସ୍ଥିର କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଜଳସେଚନକୁ ପ୍ରାଧାନ୍ୟ ଦିଆଯାଉ

ମହାଶୟ,

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ରାଜ୍ୟରେ ପ୍ରାୟ ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଏଠାରେ ଅଧିକାଂଶ ଚାଷଜମି ଜଳସେଚନର ସୁବିଧା ନାହିଁ। ଏଥିପାଇଁ ଗତ ପ୍ରାୟ ଏକବର୍ଷ ହେବ ଓଡ଼ିଶା ଉଠାଜଳସେଚନ ନିଗମ ଜରିଆରେ ଚାଷୀ ୨୦ ହଜାର ଟଙ୍କା ଜମା କରି ଗଭୀର ନଳକୂପ ଖନନ ପାଇଁ ଆବେଦନ କରିଥିଲେ। କିନ୍ତୁ ଦୁଃଖର ବିଷୟ ଏ ପର୍ଯ୍ୟନ୍ତ ତା'ର ପ୍ରକ୍ରିୟା ମଧ୍ୟ କିଛି ଆରମ୍ଭ ହୋଇନାହିଁ। ଏଣୁ ଚାଷୀଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସରକାର ତଥା ବିଭାଗୀୟ ଉଚ୍ଚ କର୍ତ୍ତପକ୍ଷଙ୍କୁ ଅନୁରୋଧ ଅତିଶୀଘ୍ର ଗଭୀର ନଳକୂପମାନ ଖୋଳି ଚାଷକୁ ସହାୟତା କରନ୍ତୁ।

**- ଶିବରାମ ନାୟକ, ଉଲୁଣ୍ଡା, ଜି. ସୁବର୍ଣ୍ଣପୁର**

## ଚିରନ୍ତନୀ

ବିଟପ ଛାୟାର ନିବିଡ଼ ତମସା ତଳରେ
କେତେ ରୂପ
ଜାଳିଲା ଅର୍ଘ୍ୟ ଶୁଭ ପରଦୋଷ ବେଳରେ
ବାଳ ଧୂପ।
(ମନେ ନାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଶେଷ ହେବାକୁ ଯାଉଛି ୨୦୨୪। ନୂଆ ଆଶା, ଆକାଂକ୍ଷା ଓ ଉନ୍ମାଦନାକୁ ନେଇ ଆସିବ ନୂତନ ବର୍ଷ। ବିଦାୟୀ ବର୍ଷ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲା ପାଇଁ ଥିଲା ଘଟଣାବହୁଳ। ବିଷାକ୍ତ ମଦମୃତ୍ୟୁ, ଆମ୍ବଟାକୁଆ ଜାଉ ଖାଇ ଜୀବନ ଯିବା ଓ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ରାଗିଂ, ଯାତ୍ରା ମଞ୍ଚରେ ଜିଅନ୍ତା ଘୁଷୁରି ଖାଇବା ଘଟଣା ଆଦିକୁ ନେଇ ଜିଲା ଚର୍ଚ୍ଚାରେ ରହିଥିଲା। ଏଭଳି କେତେକ ଘଟଣାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...**

# ଚର୍ଚ୍ଚାରେ ଆମ୍ବଟାକୁଆ ଜାଉ



କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଗଦାପୁର ପଞ୍ଚାୟତ ମାଣ୍ଡିପଙ୍କା ଗ୍ରାମରେ ଆମ୍ବଟାକୁଆ ଜାଉ ଖାଇ ୩ ମହିଳାଙ୍କ ମୃତ୍ୟୁ ଘଟଣା ଚଳିତବର୍ଷ ଶେଷାର୍ଦ୍ଧରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହା ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି କରିଥିଲା। ଡାକ୍ତର ଓ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆମ୍ବଟାକୁଆ ଜାଉ ଖାଇ ସମ୍ପୃକ୍ତ ୩ଜଣଙ୍କ ମୃତ୍ୟୁକୁ ଅସ୍ୱୀକାର କରି ଖାଦ୍ୟ ବିଷାକ୍ତଜନିତ ପ୍ରତିକ୍ରିୟା ଯୋଗୁ ସେମାନଙ୍କ ମୃତ୍ୟୁ ହୋଇଥିବା କହିଥିଲେ। ଅକ୍ଟୋବର ୩୦ରେ ଆମ୍ବ ଟାକୁଆ ଜାଉ ଖାଇବା ପରେ ଗ୍ରାମର ୮ଜଣ ଗୁରୁତର ହୋଇପଡ଼ିଥିଲେ। ସମସ୍ତଙ୍କୁ ଡାକ୍ତରଖାନା ନିଆଯାଇଥିଲା। ରାସ୍ତାରେ ଜଣେ, ବ୍ରହ୍ମପୁର ମେଡିକାଲରେ ଜଣେ ଓ କଟକସ୍ଥିତ ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ପ୍ରକାଶ ପରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ମଣ୍ଡିପଙ୍କା ଗ୍ରାମ ଗସ୍ତ କରି ମୃତ ଏବଂ ଗୁରୁତର ମହିଳାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ। ଜିଲାପାଳ ମାଣ୍ଡିପଙ୍କା ଗସ୍ତ କରି ଫେରିବା ପରେ ଗ୍ରାମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଘଟଣାରେ ବିରୋଧୀମାନେ ସରକାରଙ୍କୁ ଘେରିବା ସହ କଡ଼ା ସମାଲୋଚନା କରିଥିଲେ। ଶେଷରେ ସରକାର ଘଟଣାର ଆର୍‌ଡିସି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଆରଡିସି ରୁପା ରୋଶନ ସାହୁ ମଧ୍ୟ ମାଣ୍ଡିପଙ୍କା ଗ୍ରାମ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରି ଫେରିଥିବାବେଳେ ବୃତ୍ତାନ୍ତ ରିପୋର୍ଟକୁ ଅପେକ୍ଷା ରହିଛି।

## ଗୁଣିଗାରେଡ଼ି ସନ୍ଦେହ, ୨ ଦମ୍ପତିଙ୍କୁ ମାରିଦେଲେ

ବିଜ୍ଞାନ ଯେତେ ଆଗକୁ ଗଲେ ମଧ୍ୟ ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ଦୂର ହୋଇପାରୁନି। ଚଳିତବର୍ଷ ଗୁଣିଗାରେଡ଼ି ସନ୍ଦେହରେ କନ୍ଧମାଳ ଓ ଗଜପତି ଜିଲାରେ ଦୁଇ ଦମ୍ପତିଙ୍କୁ ହତ୍ୟା କରାଯାଇଛି। ଗୋଚ୍ଛାପଡ଼ା ଥାନା ଅଞ୍ଚଳରେ ମାର୍ଚ୍ଚ ୮ ତାରିଖରେ ୱାର୍ଡମେମ୍ବର ଦମ୍ପତିଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ୧୦ ଜଣ ଗିରଫ ହୋଇଛନ୍ତି। ସେହିପରି ଗଜପତି ଜିଲା ଆର୍. ଉଦୟଗିରି ଥାନା ଟୁଙ୍ଗୁରୁ ଗାଁ ନିକଟ ପାହାଡ଼ ଉପରେ କୁଡ଼ିଆ କରି ରହୁଥିବା ଏକ ଦମ୍ପତିଙ୍କୁ ଅଗଷ୍ଟ ୬ ତାରିଖ ରାତିରେ ଗୁଣି ସନ୍ଦେହରେ ହତ୍ୟା କରାଯାଇଥିଲା।

## ଏସ୍‌ଆଇ, ହାବିଲଦାର ନିଲମ୍ବିତ





କନ୍ଧମାଳ ଜିଲା ଗୋଚ୍ଛାପଡ଼ା ଥାନା ଅନ୍ତର୍ଗତ ଡାଙ୍ଗଣାମୁ ଘାଟି ରାସ୍ତାରୁ ସେପ୍ଟେମ୍ବର ୨୮ ତାରିଖରେ ଜ୍ୟେଷ୍ଠ ବଣ୍ଡକିଙ୍କ ମୃତଦେହ ଜବତ ହୋଇଥିଲା। ହେଲେ ତାଙ୍କ ବାଇକ୍ ଥାନାରେ ଥିଲା। ସ୍ୱାମୀଙ୍କୁ ପୋଲିସ ପିଟି ମାରି ଦେଇଥିବା ଜ୍ୟେଷ୍ଠଙ୍କ ସ୍ତ୍ରୀ ଅଭିଯୋଗ କରିଥିଲେ। ଏହି ଘଟଣାରେ କନ୍ଧମାଳ ଏସ୍‌ପିଙ୍କ ନିର୍ଦ୍ଦେଶରେ ଗୋଚ୍ଛାପଡ଼ା ଥାନା ଦାୟିତ୍ୱରେ ଥିବା ଟ୍ରେନି ସବ୍ ଇନ୍ସପେକ୍ଟର ଅଜିତ ବେହେରା ଓ ଜଣେ ହାବିଲଦାର ରାମଚନ୍ଦ୍ର ନାୟକଙ୍କୁ ନିଲମ୍ବିତ କରାଯାଇଥିଲା। ୩ ଜଣ ହୋମଗାର୍ଡଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିଲା। ଘଟଣାର ତଦନ୍ତ ପ୍ରକ୍ରିୟାରେ ବାଧା ଉପୁଜାଇବା ସମ୍ଭାବନା ଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ହୋଇଥିଲା।

## ଘାଟିରେ ପିକ୍‌ଅପ୍ ଭ୍ୟାନ୍ ଓଲଟି ୫ ମୃତ

ଗଜପତି ଜିଲା ଚନ୍ଦ୍ରଗିରି ଫାଣ୍ଡି ନିକଟ ଟିଟ୍ଟିଙ୍ଗ ଘାଟିରେ ଡିସେମ୍ବର ୧୧ ତାରିଖରେ ପିକ୍‌ଅପ୍ ଭ୍ୟାନ ଓଲଟି ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଏକ ଶୁଦ୍ଧିକ୍ରିୟା ଭୋଜିରେ ଯୋଗଦେବାକୁ ରାମଗିରି ଥାନା ଅନ୍ତର୍ଗତ କେକେସିଂ ଗ୍ରାମରୁ ପିକ୍‌ଅପ୍ ଭ୍ୟାନରେ ପ୍ରାୟ ୪୦ ଜଣ ମୋହନା ଘାଇବାଲି ଗ୍ରାମକୁ ଯାଉଥିବା ବେଳେ ଘାଟିରେ ଭ୍ୟାନଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା।



## ଚା'ଦୋକାନକୁ ମାଡ଼ିଗଲା ଟ୍ୟାଙ୍କର, ୪ ମୃତ

ହିଞ୍ଜିଳି ଥାନା ସମରଝୋଳ ଛକ ନିକଟରେ ଏକ ଟ୍ରକ୍‌କୁ ଓଭରଟେକ୍ କରିବାକୁ ଯାଇ ବସ୍ ସହ ମୁହାଁମୁହିଁ ଧକ୍କା ହେବା ପରେ ତେଲ ଟ୍ୟାଙ୍କର ଚା' ଦୋକାନକୁ ମାଡ଼ିଯାଇଥିଲା। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୩ ଜଣ ଗୁରୁତର ହୋଇଥିଲେ। ଟ୍ୟାଙ୍କର ଧକ୍କାରେ ବସ୍‌ଟି ଓଲଟି ପଡ଼ିଥିବା ବେଳେ ଯାତ୍ରୀମାନେ ଚାପି ହୋଇ ରହିଥିଲେ।



## ଗାଁରେ ପଶିଲେ ୨୬ ହାତୀ



ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ଗାଲେରି ରେଞ୍ଜ ଅନ୍ତର୍ଗତ ରାଣୀକିଆରୀ ନୂଆପଲ୍ଲୀ ଗାଁରେ ନଭେମ୍ବର ୩୦ ତାରିଖ ବିଳମ୍ବିତ ରାତିରେ ୨୬ ଟିକିଆ ହାତୀପଲ ପଶି ୬ଟି ପରିବାରର ଚାଳଛପର ଘର ଭାଙ୍ଗି ଦେବା ସହ ଧାନ, ଚାଉଳ ବସ୍ତାସବୁ ବୋହି ନେଇ ଖାଇଥିଲେ। ଘରେ ଥିବା ଆସବାବପତ୍ର ମଧ୍ୟ ନଷ୍ଟ କରି ଦେଇଥିଲେ। ହାତୀପଲ ଆସିବା ଜାଣି ସେଠାରେ ରହୁଥିବା ଲୋକେ ଘରୁ ବାହାରି ଯାଇଥିବାରୁ ରକ୍ଷା ପାଇଯାଇଥିଲେ।

## ବିଷାକ୍ତ ମଦ ନେଲା ୫ ଜୀବନ

ଗଞ୍ଜାମ ଜିଲାରେ ଚୋରା ନକଲି ମଦ କାରବାର ପ୍ରତି ରୋକ୍ ଲାଗିପାରିଲାନି, ଯାହାର ଫଳସ୍ୱରୂପ ଟିକିଟିରେ ବିଷାକ୍ତ ମଦ ପିଇ ୫ ଜଣଙ୍କ ଜୀବନ ଚାଲିଯାଇଥିଲା। ଏହି ଘଟଣା ପରେ ପୋଲିସ ଓ ଅବକାରୀ ବିଭାଗ ତତ୍ପର ହୋଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମୋଟ ୧୬ ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ନକଲି ମଦ କାରବାରର ମାଷ୍ଟର ମାଇଣ୍ଡଙ୍କୁ ଧରିବାରେ ସକ୍ଷମ ହୋଇନାହିଁ।



## ମଞ୍ଚରେ ଖାଇଲେ ଜିଅନ୍ତା ଘୁଷୁରି

ହିଞ୍ଜିଳିକାଟୁ ବ୍ଲକ ରାଳବ ଗ୍ରାମରେ କାଞ୍ଜି ଅଁଳାଯାତ୍ରା ପାଇଁ ରାମାୟଣ ନାଟକ ମଞ୍ଚସ୍ଥ ହେଉଥିବା ବେଳେ ରାକ୍ଷସ ଭୂମିକାରେ ଅଭିନୟ କରୁଥିବା କଳାକାର ଏକ ଜିଅନ୍ତା ଘୁଷୁରିକୁ ଓଲଟା ଝୁଲାଇ ତାହାର ମାଂସ କାଟି ଖାଇଥିଲେ। କେବଳ ସେତିକି ନୁହେଁ, ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ କେତେଜଣ କଳାକାର ମଞ୍ଚ ଉପରେ ଦୁଇଟି ବିଷଧର ସାପ ଖେଳାଇଥିଲେ। ବନ୍ୟପ୍ରାଣୀ ଆଇନ ଉଲ୍ଲଂଘନ କରି ଏପରି କାର୍ଯ୍ୟ ଚାଲିଥିଲେ ମଧ୍ୟ କେହି ପ୍ରତିବାଦ କରି ନ ଥିଲେ। ଏ ସବୁର ଫଟୋ, ଭିଡିଓ ଭାଇରାଲ ହେବା ପରେ ନାଟ୍ୟଦଳ ପରିଚାଳକ ଓ ରାକ୍ଷସ ଚରିତ୍ରରେ ଅଭିନୟ କରିଥିବା ଜଣେ କଳାକାରଙ୍କୁ ଗିରଫ କରାଯାଇଥିଲା।



## ତାରାତାରିଣୀ ମନ୍ଦିରରୁ ଚୋରି

ଗଞ୍ଜାମ ଜିଲାର ଇଷ୍ଟଦେବୀ ମା' ତାରାତାରିଣୀଙ୍କ ମନ୍ଦିରରୁ ନଭେମ୍ବର ୫ ତାରିଖ ରାତିରେ ସୁନା, ରୁପା ଓ ହୁଣ୍ଡି ଭାଙ୍ଗି ଟଙ୍କା ଚୋରି ହୋଇଥିଲା। ଏହି ଘଟଣାର ୮ ଦିନ ପରେ ପୋଲିସ ଚୋରିରେ ସମ୍ପୃକ୍ତ ମା'ଙ୍କ ମନ୍ଦିରର ୪ ଜଣ ସେବାୟତ ଓ ୨ ଜଣ ରାତ୍ର ଜଗୁଆଳଙ୍କୁ ଗିରଫ କରାଯାଇଥିଲା। ୩୦ ବର୍ଷ ତଳେ ପୁରୁଣା ମନ୍ଦିର ଥିବା ସମୟରେ ଦୁର୍ବୃତ୍ତମାନେ ମା'ଙ୍କ ଚଳନ୍ତି ପ୍ରତିମାଙ୍କୁ ଚୋରାଇ ନେଇଥିଲେ।

## କ୍ୟାଡର ମାଓବାଦୀ ନିହତ

କନ୍ଧମାଳ ଜିଲା ବାଲିଗୁଡ଼ା ସୁଡ୍ରା ଅଞ୍ଚଳରେ ଯବାନ ମାଓବାଦୀ ଗୁଳି ବିନିମୟରେ କ୍ୟାଡର ମାଓବାଦୀ ନେତା ଦାସ୍ରୁ ନିହତ ହୋଇଥିଲେ ଗତ ଫେବୃଆରୀ ମାସରେ। କନ୍ଧମାଳ ଓ ବୌଦ୍ଧ ଜିଲାରେ ସକ୍ରିୟ ଥିବା ଦାସ୍ରୁଙ୍କ ମୃତ୍ୟୁ ପୋଲିସକୁ ଆଶ୍ୱସ୍ତ କରିଥିଲା। ସେହିପରି ଅକ୍ଟୋବରରେ ଯବାନ-ମାଓବାଦୀ ବାଲିଗୁଡ଼ା ଥାନା ମିଡିଆକିଆ ପାଖାଙ୍ଗମାଲି ଜଙ୍ଗଲରେ ମୁହାଁମୁହିଁ ହୋଇଥିଲେ। ଏଠାରେ ଗୁଳି ବିନିମୟରେ ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷରେ ମେ ମାସରେ କନ୍ଧମାଳ, କଳାହାଣ୍ଡି, ନୂଆପଡ଼ା, ବୌଦ୍ଧ ଜିଲାରେ କାର୍ଯ୍ୟ କରୁଥିବା ଛତିଶଗଡ଼ ସୁକୁମା ଜିଲାର କିଷ୍ଟାରାମ ପଞ୍ଚାୟତ ମଙ୍ଗଳଗୁଡ଼ା ଗ୍ରାମର କ୍ୟାଡର ମାଓବାଦୀ ସମୟ ମାଡକାମଙ୍କ ଆତ୍ମସମର୍ପଣ ପୋଲିସ ମନୋବଳ ବଢ଼ାଇବାରେ ସହାୟକ ହୋଇଥିଲା।

## ଆଇନଜୀବୀଙ୍କୁ ଏସିଡ୍ ମାଡ଼

ଗଜପତି ଜିଲା ପାରଳାଖେମୁଣ୍ଡି ବାର୍‌ର ବରିଷ୍ଠ ଆଇନଜୀବୀ ପି. ରାମରାଓଙ୍କ ଉପରକୁ ନଭେମ୍ବର ୯ ତାରିଖରେ ଏସିଡ୍ ମାଡ଼ ହୋଇଥିଲା। ସେ ଜଙ୍ଗମସାହିସ୍ଥିତ ନିଜ ଘରେ ଥିବାବେଳେ ୨ ଜଣ ବାଇକ୍‌ରେ ଆସି ତାଙ୍କ ଉପରକୁ ଏସିଡ୍ ଫିଙ୍ଗି ପଳାଇଥିଲେ। ତେବେ କିଏ କାହିଁକି ଏପରି କଲେ ତାହା ସ୍ପଷ୍ଟ ହୋଇପାରି ନ ଥିବାରୁ ଆଇନଜୀବୀମାନେ ବିଭିନ୍ନ ସମୟରେ ଆନ୍ଦୋଳନ ଚଳାଇଛନ୍ତି। ରାମରାଓ ଏବେ ବି ଚିକିତ୍ସାଧୀନ ଅଛନ୍ତି।

## ଏମ୍‌କେସିଜିରେ ରାଗିଂ ୫ ଛାତ୍ର ବହିଷ୍କୃତ



ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ରାଗିଂ ନେଇ ବର୍ଷକ ମଧ୍ୟରେ ଏକାଧିକ ଅଭିଯୋଗ ଆସିଥିଲା। ତେବେ ଅକ୍ଟୋବର ଶେଷକୁ ଏମ୍‌ବିବିଏସ୍ ଦ୍ୱିତୀୟ ବର୍ଷର ଜଣେ ଛାତ୍ରଙ୍କୁ ରାଗିଂ ଘଟଣାର ପ୍ରମାଣ ମିଳିଥିବାରୁ ଚତୁର୍ଥ ବର୍ଷର ୫ ଜଣ ଛାତ୍ରଙ୍କୁ ସମ୍ପୂର୍ଣ୍ଣ ଭାବେ ବହିଷ୍କୃତ କରାଯାଇଥିଲା।

## ଗୀତା ଶ୍ଳୋକ ଆବୃତ୍ତିରେ ରେକର୍ଡ

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆଠାରେ ଚିନ୍ମୟ ମିଶନ ଜରିଆରେ ନଭେମ୍ବର ୧ ତାରିଖରେ ସାମୂହିକ ଗୀତା ଶ୍ଳୋକ ଆବୃତ୍ତି କାର୍ଯ୍ୟକ୍ରମରେ ବ୍ରହ୍ମପୁରର କାଭିନ୍ କିଶୋର ବୈଦିକ ଗୀତା ଶ୍ଳୋକ ଆବୃତ୍ତି କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡର ଅଧିକାରୀ ହୋଇଥିଲେ। କାଭିନ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ, ନୂଆଦିଲ୍ଲୀ ଦ୍ୱାରା ଆୟୋଜିତ ସର୍ବଭାରତୀୟ କାର୍ଯ୍ୟକ୍ରମରେ ଅନୋଭଦ୍ରା ସୂକ୍ତମର କଠିନ ୧୦ ଶ୍ଳୋକ ୧ ମିନିଟ ୧୫.୮୧ ମାଇକ୍ରୋ ସେକେଣ୍ଡରେ ଆବୃତ୍ତି କରି ଏହି ରେକର୍ଡ ପାଇଥିଲେ। ପ୍ରତିଯୋଗିତାରେ ୨୫,୧୬୭ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବାରୁ ଚିନ୍ମୟ ମିଶନ ବି ଏହି ରେକର୍ଡର ଅଧିକାରୀ ହୋଇପାରିଥିଲା।




## ନକଲି ସୁନା ରଖି ୫୫ ଲକ୍ଷ ଋଣ

କନ୍ଧମାଳ ଜିଲା ବାଲିଗୁଡା ବ୍ଲକ ୟୁକୋ ବ୍ୟାଙ୍କରେ ଚଳିତବର୍ଷ ସୁନା ଋଣରେ ଜାଲିଆତି ହୋଇ ଚର୍ଚ୍ଚାର ବିଷୟ ପାଲଟିଥିଲା। ସେପ୍ଟେମ୍ବର ୪ରେ ଏହି ବ୍ୟାଙ୍କରେ ସୁନା ଚିହ୍ନଟକାରୀ ରୂପେ କାମ କରୁଥିବା ପି.ସତ୍ୟରାମ ଆଚାରୀ ନକଲି ସୁନା ବନ୍ଧକ ରଖି ୫୫ ଲକ୍ଷ ଟଙ୍କା ଋଣ ଚତୁରତାର ସହ ନେଇଯାଇଥିଲେ। ବାଲିଗୁଡାରେ ଥିବା ତାଙ୍କ ସୁନା ଦୋକାନରେ କାମ କରୁଥିବା ଦୁଇଜଣ କର୍ମଚାରୀଙ୍କ ନାମରେ ସେ ଏହି ଋଣ ଉଠାଇଥିଲେ। ତେବେ ୩ ବର୍ଷ ପରେ ଋଣ ନେଇଥିବା ବ୍ୟକ୍ତି ଏହା ନ ଶୁଝିବାରୁ ଖୋଳତାଡ଼ ହୋଇ ଘଟଣା ପଦାକୁ ଆସିଥିଲା ଏବଂ ବନ୍ଧକ ସୁନା ନକଲି ବୋଲି ଜଣାପଡ଼ିଥିଲା।

## ଭଉଣୀ, ଭାଇଙ୍କୁ ମାରି ନିଜେ ମଲେ

ବ୍ରହ୍ମପୁର ସହରରେ ରାଖୀ ପୂର୍ଣ୍ଣିମାରେ ସମ୍ପର୍କୀୟ ଭାଇଙ୍କ ଆକ୍ରମଣରେ ନାବାଳିକା ଭଉଣୀର ମୃତ୍ୟୁ ହୋଇଥିବା ବେଳେ କିଛିଦିନ ପରେ ଗୁରୁତର ସାନଭାଇ ଆଖି ବୁଜିଥିଲେ। ଭଉଣୀ ଭାଇଙ୍କୁ ଆକ୍ରମଣ କରି ବଡ଼ ଭାଇ ବସ୍ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଶେଷରେ ତାଙ୍କର ବି ମୃତ୍ୟୁ ଘଟିଥିଲା। ତେବେ କାହିଁକି ବଡ଼ବାପା ପୁଅ ଭାଇ ଏପରି ନାରକୀୟ କାଣ୍ଡ କଲେ ତାହା ଉପରୁ ପରଦା ହଟିପାରିଲାନି।

## ସଂକ୍ଷେପରେ

### ରାଷ୍ଟ୍ରୀୟ ଲୋକ ଅଦାଲତ: ୧୬୨୩ ମାମଲାର ଆପୋସ ସମାଧାନ

ଭଦ୍ରକ,୧୪।୧୨(ସନାତନ ରାଉତ)

ଭଦ୍ରକ ଜିଲା କୋର୍ଟ ପରିସରରେ ଶନିବାର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ମୋଟ ୫ କୋଟି ୫୯ ଲକ୍ଷ ୭୫ ହଜାର ୫୪୪ ଟଙ୍କାରେ ୧୬୨୩ଟି ମାମଲାର ଆପୋସ ସମାଧାନ କରାଯାଇଛି। ସେଗୁଡ଼ିକ ମଧ୍ୟରେ ବିଭିନ୍ନ ମୋଟରଯାନ ଦୁର୍ଘଟଣାଜନିତ, ଟ୍ରିବ୍ୟୁନାଲର ବିଚାରାଧୀନ ମାମଲା, ବୈବାହିକ ବିବାଦ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ବିଭାଗ ସମ୍ବନ୍ଧୀୟ ମାମଲା ରହିଥିଲା। ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ସଚିବ ନେହା ଅଗ୍ରୱାଲ ପରିଚାଳନା କରିଥିଲେ।

# ବସ୍‌ଷ୍ଟାଣ୍ଡରେ ମିଳୁନି ପିଇବା ପାଣି, ଯାତ୍ରୀ ହନ୍ତସନ୍ତ

## ମରାମତି ହେଉନି ଅଚଳ ନଳକୂପ

ବାସୁଦେବପୁର,୧୪।୧୨(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ସହର ଏକ ପୁରାତନ ବ୍ୟବସାୟିକ ପେଣ୍ଠସ୍ଥଳ ହୋଇଥିବା ବେଳେ ନାନା ସମସ୍ୟା ଦେଇ ଗତି କରୁଛି। ମୁଖ୍ୟ ବଜାରରେ ପାନୀୟ ଜଳ ମିଳୁନି। ବ୍ୟବସାୟୀ ଓ ସାଧାରଣ ଯାତ୍ରୀଙ୍କ ପାଇଁ ବସାଯାଇଥିବା ନଳକୂପ ଅଚଳ ହୋଇପଡ଼ିଛି। ବାସୁଦେବପୁର ତହସିଲ କାର୍ଯ୍ୟାଳୟ ସାମ୍ନାରେ ଥିବା ମୁଖ୍ୟ ବସ୍‌ଷ୍ଟାଣ୍ଡରେ ଏବେ ପାନୀୟ ଜଳ ଟୋପାଏ ପାଇବା କଷ୍ଟକର ହୋଇପଡୁଛି। ଏଠାରେ ଥିବା ନଳକୂପଟି ଦୀର୍ଘଦିନ ଧରି ଅଚଳ ହୋଇପଡ଼ି ରହିଥିବାରୁ ଯାତ୍ରୀ ଓ ବ୍ୟବସାୟୀମାନେ ପାନୀୟ ଜଳ ନ ପାଇ ପ୍ରତିଦିନ ହନ୍ତସନ୍ତ ହେଉଛନ୍ତି।

ଏହି ମୁଖ୍ୟ ବସ୍‌ଷ୍ଟାଣ୍ଡରୁ ପ୍ରତିଦିନ ୫୦ରୁ ଉର୍ଦ୍ଧ୍ୱ ବସ୍ ଓ ବିଭିନ୍ନ ଯାନବାହାନ ବାହାରକୁ ଚଳାଚଳ କରୁଥିବା ବେଳେ ଏଠାରେ ପାନୀୟ ଜଳ ନିହାତି ଆବଶ୍ୟକ। ଜନସାଧାରଣଙ୍କ ଏହି ମୌଳିକ ସମସ୍ୟା ସମାଧାନ ନେଇ ପୌରପାଳିକା ପକ୍ଷରୁ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ବସ୍‌ଷ୍ଟାଣ୍ଡ ଆଗରେ ଥିବା ଏକ ନଳକୂପ ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିଛି। ଏତଦ୍‌ଭିନ୍ନ ଏହାକୁ ଲାଗି ପୌରପାଳିକାର ପରିଶ୍ରାଗାର ଓ ଶୌଚାଳୟ ନିର୍ମାଣ ହୋଇଥିବା ବେଳେ ଏହାର ମଳମୂତ୍ର ପାଣି ଏହି ଅଚଳ ନଳକୂପ ମୂଳକୁ ଯାଉଥିବାରୁ ଦୁର୍ଗନ୍ଧ ହେଉଛି। ଦୋକାନୀମାନେ ମଧ୍ୟ ପାଣି ଟୋପାଏ ପିଇବା ପାଇଁ ପାଇପାରୁ ନାହାନ୍ତି। ଦୂରଦୂରାନ୍ତରୁ ପାନୀୟ ଜଳ ସଂଗ୍ରହ କରିବାକୁ ସେମାନେ ବାଧ୍ୟ ହେଉଛନ୍ତି। ଜନସାଧାରଣ, ଯାତ୍ରୀ, ବ୍ୟବସାୟୀଙ୍କ ଆବଶ୍ୟକତା ଓ ଗୁରୁତ୍ୱକୁ ଉପଲବ୍ଧି କରି ପୌରପାଳିକା ପକ୍ଷରୁ ଏହି ସ୍ଥାନରେ ଏକ ନୂତନ ନଳକୂପ ବସାଇଲେ କିମ୍ବା ଅଚଳ ନଳକୂପକୁ ସଚଳ କରାଗଲେ, ଏହା ଲୋକଙ୍କ ମୌଳିକ ସମସ୍ୟା ସମାଧାନ କରିପାରନ୍ତା ବୋଲି ଦୋକାନୀ ସନାତନ ସାହୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରିଛନ୍ତି।


ଅଚଳ ହୋଇ ପଡ଼ିଥିବା ନଳକୂପ।

# ନଦୀକୂଳରେ ଜମା ହେଉଛି ଅଳିଆ

## ପାଣି ଦୂଷିତ ହେଉଥିବାରୁ ଅସନ୍ତୋଷ

ନଳାଙ୍ଗ,୧୪।୧୨(ସାଇଶଙ୍କର ମହାକୁଳ)

ଭଦ୍ରକ ବ୍ଲକର ନଳାଙ୍ଗ ଓ ଭଣ୍ଡାରିପୋଖରୀ ବ୍ଲକର ଆଦମପୁର ଗ୍ରାମ ମଝିରେ ପ୍ରବାହିତ କପାଳୀ ନଦୀ କୂଳ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଛି। ଏହି ଅଳିଆ ମିଶି ନଦୀ ପାଣି ଦୂଷିତ ହେଉଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଭଦ୍ରକ ନଳାଙ୍ଗଠାରେ କପାଳୀ ନଦୀ କୂଳରେ ଥିବା ଜିଲା ଜଜ୍ କୋର୍ଟ ପରିସର ଓ ବାହାରେ ଜଳଖିଆ ଦୋକାନ, ହୋଟେଲର ଅଇଁଠାପତ୍ର, ଅନ୍ୟାନ୍ୟ ଆବର୍ଜନା ଏହି ନଦୀକୂଳରେ ପକାଯାଉଛି। ଏହି ଅଳିଆ ସବୁ ନଦୀ ପାଣିରେ ମିଶିବା ସହ ଗୋରୁ ଏହାକୁ ଖାଇ ରୋଗାଗ୍ରସ୍ତ ହେଉଥିବା ଅଭିଯୋଗ ହେଉଛି। ଏଠାରେ ପକାଯାଉଥିବା ଅଳିଆ ପଚି ଦୁର୍ଗନ୍ଧ ହେଉଛି ଓ ସ୍ଥାନୀୟ ଲୋକଙ୍କ ଗୋରୁ ସେସବୁ ଖାଇ ବିଭିନ୍ନ ରୋଗରେ ପଡ଼ିବାର ସମ୍ଭାବନା ରହିଛି। ନଦୀ ପାଣିକୁ ଉଭୟ ପାର୍ଶ୍ୱରେ ଥିବା ଦୁଇ ଗ୍ରାମର ଲୋକେ ଚାଷ ପାଇଁ ମଧ୍ୟ ବ୍ୟବହାର କରୁଛନ୍ତି। ନଦୀପାଣି ଦୂଷିତ ହେଉଥିବାରୁ ବିଷ୍ଣୁପୁର ପଞ୍ଚାୟତର ସରପଞ୍ଚ ଅମୂଲ୍ୟ ନାୟକ, ନଳାଙ୍ଗ ଗ୍ରାମର ୱାର୍ଡସଭ୍ୟ ପ୍ରିୟବ୍ରତ ପଣ୍ଡା, ଗ୍ରାମବାସୀ ପ୍ରସନ୍ନ ତ୍ରିପାଠୀ, ଅମରେଶ ପାଣି, ଅଭିଷେକ ଜେନା, ବିଶ୍ୱମ୍ଭର ନାଥ ପାଣି, ମୃତ୍ୟୁଞ୍ଜୟ ନାୟକ ପ୍ରମୁଖ ଅସନ୍ତୋଷ ବ୍ୟକ୍ତ କରିବା ସହ ସ୍ଥାୟୀ ସମାଧାନ ପାଇଁ ଦାବି କରିଛନ୍ତି।



# ଜିଲାସ୍ତରୀୟ ଯୁବନେତୃତ୍ୱ ଶିବିର



ଉଦ୍‌ଘାଟନୀ ସଭାରେ ଉପସ୍ଥିତ ଅତିଥି।

ଧୂଷୁରୀ,୧୪।୧୨ ( ଦୀପ୍ତି ରଞ୍ଜନ ନାୟକ)

ଧାମନଗର ବ୍ଲକର ମା' ସାରଦାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶନିବାର ଜିଲାସ୍ତରୀୟ ଯୁବନେତୃତ୍ୱ ଶିବିର ଆରମ୍ଭ ହୋଇଯାଇଛି। ଅଧ୍ୟକ୍ଷା ପ୍ରାଧ୍ୟାପିକା ପୁଷ୍ପାଞ୍ଜଳି ରାଉତଙ୍କ ଅଧ୍ୟକ୍ଷତା ଓ ଅଧ୍ୟାପକ ଶ୍ରୀଧର ସାହୁଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ ଭାବେ ଯୋଗ ଦେଇଥିଲେ। ଭଦ୍ରକ ଲାୟନ୍ସ କ୍ଲବର ଡିଷ୍ଟ୍ରିକ୍ଟ ଗଭର୍ନର ପ୍ରଲମ୍ବ ଜେନା ବରେଣ୍ୟ ଅତିଥି, ଢେଙ୍କାନାଳ ଲାୟନ୍ସ କ୍ଲବର ପୂର୍ବତନ ଡିଷ୍ଟ୍ରିଟ ଗଭର୍ନର ପ୍ରହ୍ଲାଦ କୁମାର ମହାନ୍ତି ମୁଖ୍ୟବକ୍ତା ଏବଂ ରାଜ୍ୟ ପୁରସ୍କାରପ୍ରାପ୍ତ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ରବୀନ୍ଦ୍ର କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେଶ ଗଠନରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ଏଥିପାଇଁ ସମସ୍ତେ ଶପଥ ନେବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ଲୋକେଶ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ୩ ଦିନିଆ ଏହି ଶିବିରରେ ଜିଲାରେ ଥିବା ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଶିବିରାର୍ଥୀ ଭାବେ ଯୋଗ ଦେଇଛନ୍ତି। ଅନୁଷ୍ଠାନ ଓ ଅନ୍ୟାନ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରୌପ୍ୟ ବିଜେତା ଆର୍ଯ୍ୟସୃଷ୍ଟିଙ୍କୁ ଶୁଭେଚ୍ଛା ଜଣାଇଲେ କ୍ରୀଡ଼ାମନ୍ତ୍ରୀ


ଆର୍ଯ୍ୟସୃଷ୍ଟି ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଉଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ।

ଭଣ୍ଡାରିପୋଖରୀ,୧୪।୧୨(ରାଜେନ୍ଦ୍ର ଶତପଥୀ)

ଜାତୀୟସ୍ତରରେ ଜମ୍ମୁ କଶ୍ମୀରରେ ମାର୍ଶାଲ ଆର୍ଟ କରାଟେରେ ରୌପ୍ୟ ପଦକ ବିଜେତା ଆର୍ଯ୍ୟସୃଷ୍ଟି ପଟ୍ଟନାୟକ(୧୩)ଙ୍କୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ କ୍ରୀଡ଼ା କ୍ଷେତ୍ରରେ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ କୁଲଣା ଗ୍ରାମର ଶ୍ରୀକାନ୍ତ ପଟ୍ଟନାୟକ ଓ ପ୍ରୀତି ପଟ୍ଟନାୟକଙ୍କ ଏକମାତ୍ର ଝିଅ ଆର୍ଯ୍ୟସୃଷ୍ଟି ନିକଟରେ ଜମ୍ମୁକଶ୍ମୀରଠାରେ ଆୟୋଜିତ ତିନିଦିନିଆ ଜାତୀୟ ମାର୍ଶାଲ ଆର୍ଟ କରାଟେ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏହା ପୂର୍ବରୁ ସେ କୋଲକାତାରେ ସ୍ୱର୍ଣ୍ଣ ଓ ଜିଲାସ୍ତରରେ ମଧ୍ୟ ସ୍ୱର୍ଣ୍ଣପଦକ ସହ ରୌପ୍ୟ ଜିତିଥିଲେ। ପ୍ରଶିକ୍ଷକ ମନୋରଞ୍ଜନ ଭଞ୍ଜ ଓ ସହ ପ୍ରଶିକ୍ଷକ ଜଟାଧାରୀ ରାଓ, ସୌମ୍ୟରଞ୍ଜନ ନାୟକଙ୍କଠାରୁ ପ୍ରଶିକ୍ଷଣ ଗ୍ରହଣ କରିଥିବା ବେଳେ ଅଲିମ୍ପିକ ଖେଳିବେ ବୋଲି ଆର୍ଯ୍ୟସୃଷ୍ଟି ଆଶା ରଖିଛନ୍ତି। କ୍ରୀଡ଼ାମନ୍ତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇବା ସମୟରେ ଭାଜପା ନେତା ବଦ୍ରି ନାରାୟଣ ଧଳ ଉପସ୍ଥିତ ଥିଲେ। ସେହିପରି ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# 'ଓଡ଼ିଆ ଭାଷା ସାହିତ୍ୟ ଏକ ସଂସ୍କୃତି'

## ତ୍ୟାଗଭୂମି ମହୋତ୍ସବର ୪ର୍ଥ ସନ୍ଧ୍ୟା

ଭଦ୍ରକ,୧୪।୧୨(ସନାତନ ରାଉତ)

ଭଦ୍ରକର ମଠସାହି ନୂଆ ବସ୍‌ଷ୍ଟାଣ୍ଡ ନିକଟ ଗୋପାଳଜୀଉ ମଠ ପଡ଼ିଆରେ ଚାଲିଥିବା ଜିଲା ସାଂସ୍କୃତିକ ସମ୍ମେଳନ ତ୍ୟାଗଭୂମି ମହୋତ୍ସବର ଶୁକ୍ରବାର ଥିଲା ୪ର୍ଥ ସନ୍ଧ୍ୟା। ଏହି ସନ୍ଧ୍ୟାର ମଞ୍ଚକୁ ସମାଜସେବୀ ସ୍ୱର୍ଗତ ଲକ୍ଷ୍ମୀ ମହାପାତ୍ରଙ୍କ ନାମରେ ନାମିତ କରାଯାଇଥିବା ବେଳେ 'ଓଡ଼ିଆ ଭାଷାର ମହାଭାରତୀୟ ମୂଲ୍ୟବୋଧ' ଶୀର୍ଷକ ଆଲୋଚ୍ୟ ବିଷୟ ରହିଥିଲା। ପ୍ରାରମ୍ଭରେ ତ୍ୟାଗଭୂମି ସମ୍ମେଳନର ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଲେଖକ ତଥା ଭେଷଜ ଚିକିତ୍ସକ ଡା. ଦୁର୍ଯ୍ୟୋଧନ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଭଦ୍ରକର ଭୂ-ଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ମୁଖ୍ୟବକ୍ତା ଅଧ୍ୟାପକ ଦତ୍ତାତ୍ରେୟ ଦାସ, ଓଡ଼ିଆ ଯୁବ ଲେଖକ ସାମ୍ମୁଖ୍ୟର ରାଜ୍ୟ ସଭାପତି ଶଙ୍କର ପରିଡ଼ା, ଆଇଆଇଟି ବୋର୍ଡ ଅଫ୍ ଗଭର୍ନର ସତ୍ୟବ୍ରତ ଦାସ ଯୋଗ ଦେଇଥିଲେ। ସାରା ବିଶ୍ୱ ଯେତେବେଳେ ପରିବେଶ, ମହିଳା ସଶକ୍ତୀକରଣ, ପରିବେଶ ପରିମଳ କଥା ଚିନ୍ତା କରି ନ ଥିଲା, ୫ ଶହ ବର୍ଷ ତଳେ ବଳରାମ ଦାସ ସେ କଥା ଚିନ୍ତା କରି ମାଣବସା ଗୁରୁବାର ବହିରେ ଉଲ୍ଲେଖ କରିଛନ୍ତି। ଓଡ଼ିଆ ଭାଷା ଓ ସାହିତ୍ୟ ଏକ ସଂସ୍କୃତି ବୋଲି ଅତିଥିମାନେ କହିଥିଲେ। କବି ବୈକୁଣ୍ଠ ବିଶ୍ୱାଳ ମଞ୍ଚ ଆହ୍ୱାନ କରିଥିବା ବେଳେ ସଭ୍ୟ ସୁଧାକର ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ସନାତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଭୁବନେଶ୍ୱରରୁ ଆସିଥିବା ଆଦ୍ୟାଶକ୍ତି ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଥମେ ସ୍ଥାନୀୟ କୁନି କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସଭାପତି ଅଜୟ ନାୟକ, ସମ୍ପାଦକ ଅଧିବକ୍ତା ଗଦାଧର ବଳ, ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ଗୋବର୍ଦ୍ଧନ ସାମଲ, ନାରାୟଣ ଚନ୍ଦ୍ର ପାଢ଼ୀ, କଳାକାର ବାରିକ, ସୁମିତ୍ରା ପାଣି, ଇନ୍ଦ୍ରମଣି ପଣ୍ଡା, ପଦ୍ମନ କୁମାର ରାୟ, ଶାନ୍ତନୁ ରାଉତ, ବାବୁଲାଲ ଦାସ, ସଞ୍ଜୟ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।


ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଉପସ୍ଥିତ ଅତିଥି।

# 'ନିରାକାରଙ୍କ ତ୍ୟାଗ ଅସୀମ'



ଭଦ୍ରକ,୧୪।୧୨(ରବିନାରାୟଣ ଖିଲାର)

ଭଦ୍ରକର ପୂର୍ବତନ ନଗରପାଳ, ଓକିଲ ସଂଘର ପୂର୍ବତନ ସଭାପତି, ସମ୍ପାଦକ ସ୍ୱର୍ଗତ ନିରାକାର ଜେନା ସାଧାରଣ ଜନତାଙ୍କ ପ୍ରତି ଅସୀମ ତ୍ୟାଗର ଅମ୍ଳାନ ସ୍ମୃତି। ପ୍ରଗତିଶୀଳ ସାହିତ୍ୟ ପରିଷଦ ଓ ସାହିତ୍ୟ ସଂସ୍କୃତି ସଂଗଠନ 'ଆମେ'ର ମିଳିତ ଆନୁକୂଲ୍ୟରେ ଭଦ୍ରକ ଜଗନ୍ନାଥପୁରସ୍ଥିତ ପ୍ରଜ୍ଞାପୀଠଠାରେ ଅନୁଷ୍ଠିତ ସ୍ମୃତିସଭାରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ଆଜୀବନ ସଂଗ୍ରାମୀ ନିରାକାର ଜେନା ସ୍ମୃତି ସଂସଦର ସଭାପତି ବରିଷ୍ଠ ଅଧିବକ୍ତା ଗିରିଧାରୀ ନାଥ ଓ 'ଆମେ'ର ପ୍ରତିଷ୍ଠାତା ସମ୍ପାଦକ ପ୍ରଫେସର ଅଟଳ ବିହାରୀ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ସ୍ୱର୍ଗତ ଜେନାଙ୍କ ସାମାଜିକ ଓ ରାଜନୈତିକ ସଂଗ୍ରାମ ସମ୍ପର୍କରେ କୁହାଯାଇଥିଲା। ପ୍ରଫେସର କ୍ଷୀରୋଦ ସାମଲ, ଅଧ୍ୟାପିକା ଉଷାରାଣୀ ଜେନା, ସ୍ମୃତି ସଂସଦର ସମ୍ପାଦକ ଆଇନଜୀବୀ ବିକାଶ ନାଥ, ଆଇନଜୀବୀ ଅଗଣି ଚରଣ ଜେନା, ଅଧ୍ୟାପିକା ମଧୁସ୍ମିତା ନାୟକ, ନିରାପଦ ସଂଗଠନର ସଭାନେତ୍ରୀ ମିତସ୍ମିତା ବଳ ଜେନା, ଜିଲା ଖାଉଟି ବିବାଦ ସମାଧାନ କମିଶନ ପକ୍ଷରୁ ଶିବପ୍ରସାଦ ମହାନ୍ତି, ବରିଷ୍ଠ ନାଗରିକ ଅମର ପାଣିଗ୍ରାହୀ, ଅଧ୍ୟାପକ ସଂଗ୍ରାମ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶ୍ରମିକ ନେତା ପ୍ରଫୁଲ୍ଲ ଚନ୍ଦ୍ର ଦାସ, ପ୍ରଫେସର କୈଳାସ ଚନ୍ଦ୍ର ଜେନା, ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ବାରିକ, ବରିଷ୍ଠ ନାଗରିକ ଅକ୍ଷୟ କୁମାର ଯେନା, ଡ. ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ଅଶ୍ୱିନୀ କୁମାର ମହାନ୍ତି, ଅରୁଣ କୁମାର ମହାନ୍ତି, ସାମାଜିକ କର୍ମୀ ମାଧବୀଲତା ନାୟକ, ତନୁଶ୍ରୀ ନାୟକ, ଆଦ୍ୟାଶା ନାୟକ, ନିରାକାରଙ୍କ ଝିଅ ନିବେଦିତା ଜେନା ପ୍ରମୁଖ ଯୋଗ ଦେଇଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ପ୍ରତିଷ୍ଠା ଦିବସ



ସମାରୋହରେ ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟମାନେ।

ଭଦ୍ରକ,୧୪।୧୨(ସନାତନ ରାଉତ)

କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ୬୨ତମ ପ୍ରତିଷ୍ଠା ଦିବସ ଶନିବାର ଭଦ୍ରକ କୋରକୋରାସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିଜର ଭବିଷ୍ୟତ ଗଠନ ପାଇଁ ପରାମର୍ଶ ଦେବା ସହ କେନ୍ଦ୍ରୀୟ ବିଦ୍ୟାଳୟର ମହତ୍ତ୍ୱ ବିଷୟରେ କହିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମାବତୀ ଦ୍ୱିବେଦୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପୁରାତନ ପ୍ରତିଷ୍ଠିତ ଛାତ୍ରୀଛାତ୍ର ଏବଂ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀଶିକ୍ଷକ ସୁରେନ୍ଦ୍ର କୁମାର ରାଉତ, ଧରଣୀଧର ପରିଡ଼ା, ନରେଶ କୁମାର, ଛଗନଲାଲ ଗୁଜର, ନରେଶ କୁମାର ସାଇନି, ସୁକାନ୍ତି ମିଶ୍ର, ମନୋଜ କୁମାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବୈଠକ

ଭଣ୍ଡାରିପୋଖରୀ,୧୪।୧୨(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ଜଳହରି ସାରସ୍ୱତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ହାଇସ୍କୁଲ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଦ୍ୱାଦଶତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧୀର କୁମାର ତରାଇ ଏଥିରେ ସଭାପତିତ୍ୱ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରଗୋପାଳ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଶିକ୍ଷକ ଅଜୟ କୁମାର ନନ୍ଦ, ରତିକାନ୍ତ ବେହେରା, ସୁଦର୍ଶନ ସେଠୀ, ବିଷ୍ଣୁପ୍ରିୟା ସେଠୀ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ୧୦ମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷାରେ ଅନୁପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କ ପାଇଁ ନିଆଯାଉଥିବା ପଦକ୍ଷେପ, ଉତ୍କର୍ଷ, ଆକାଂକ୍ଷୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ନାମଲେଖା ଉପରେ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକ ସମୀର କୁମାର ଚୌଧୁରୀ, ମଧୁସୂଦନ ମହାନ୍ତି, ମନୋରଞ୍ଜନ ପଣ୍ଡା, ଶରତ ଚନ୍ଦ୍ର ମଲ୍ଲିକ, ବିଷ୍ଣୁ ଚରଣ ନାୟକ, ସୁକାନ୍ତି ମହାନ୍ତି, ତଟିନୀ ସେଠୀ, ଚନ୍ଦ୍ରାବତୀ ନାୟକ, ଭଗବାନ ପ୍ରଧାନ, ରଜନୀକାନ୍ତ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ମହୁରା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ନୟନାଙ୍କ ହାତ ଧରିଲେ ନାରଣ

ଭଦ୍ରକ,୧୪।୧୨(ସନାତନ ରାଉତ)

ଭଦ୍ରକ ନୁହାସ ଶକ୍ତି ସଦନ କେନ୍ଦ୍ରରେ ରହୁଥିବା ଅନାଥ, ଦିବ୍ୟାଙ୍ଗ ନୟନା (୨୨)ଙ୍କ ହାତ ଧରିଛନ୍ତି ବାସୁଦେବପୁର ବ୍ଲକ ବିନାୟକପୁର ଗ୍ରାମର ନାରଣ ପଣ୍ଡା(୨୩)। ଶନିବାର ବୈଦିକ ରୀତିରେ ସେମାନଙ୍କ ବିବାହ ସମ୍ପନ୍ନ ହୋଇଛି। ବିବାହ ଉତ୍ସବରେ ବର ପକ୍ଷରୁ ପରିବାର ଲୋକେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତୁଲାଇଛନ୍ତି।

ନୟନା କଥା କହିପାରିନ୍ତି ନାହିଁ କି ଶୁଣିପାରନ୍ତି ନାହିଁ। ୨୦୧୭ ମସିହାରେ ସେ ବେସାହରା ହୋଇ ଭଦ୍ରକ ସହରର ରାସ୍ତାକଡ଼ରେ ବୁଲୁଥିବା ବେଳେ ସେତେବେଳର ଜିଲା ସମାଜ ମଙ୍ଗଳ ଅଧିକାରୀ ତାଙ୍କୁ ଉଦ୍ଧାର କରି ଏଠାରେ ଥଇଥାନ କରିଥିଲେ। ନୟନାଙ୍କ ମା' ବାପା କିଏ ଓ ଠିକଣା କିଛି ଜଣାପଡ଼ି ନ ଥିଲା। ନାରଣ ନୟନାଙ୍କୁ ଦେଖି ପସନ୍ଦ କରିବା ପରେ ପରିବାର ଲୋକଙ୍କ ଉପସ୍ଥିତିରେ ବାହାହୋଇ ସ୍ତ୍ରୀ ଭାବେ ଗ୍ରହଣ କରିଛନ୍ତି। ନିଖିଳ ଉତ୍କଳ ହରିଜନ ଆଦିବାସୀ ସେବା ସଂଘ ଦ୍ୱାରା ପରିଚାଳିତ 'ନୁହାସ' ପକ୍ଷରୁ ସେହି କେନ୍ଦ୍ର ପରିସରରେ ବିବାହ ଉତ୍ସବ ସମ୍ପନ୍ନ ହୋଇଛି। ବର ଭାବେ ନାରଣ ସେଠାରେ ପହଞ୍ଚିବା ପରେ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ କରି ବେଦୀକୁ ନିଆଯାଇଥିଲା। ବାହାଘର ଭୋଜି ମଧ୍ୟ ଆୟୋଜନ କରାଯାଇଥିଲା। ସେବା ସଂଘର ନିର୍ଦ୍ଦେଶକ ଗଣେଶ ଚନ୍ଦ୍ର ଦୀକ୍ଷିତଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପ ମୁଖ୍ୟ ଉଷାରାଣୀ ବେହେରାଙ୍କ ସହାୟତାରେ ବୈଦିକ ରୀତିରେ ବିବାହ ଶେଷ ହୋଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର ମୋହନ ଦାସ, ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପା ପାତ୍ର, ଫେଲୋଶିପ୍ ସଙ୍ଗଠନର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତିଙ୍କ ସମେତ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ। ନୁହାସର ଲୋପାମୁଦ୍ରା ନାୟକ, ଗୌରାଙ୍ଗ ମହାରଣା, ଜୟସ୍ମିତା ଦାସ, ସଂଯୁକ୍ତା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।


ନାରଣ ଓ ନୟନାଙ୍କ ବିବାହ।

# 'ଗୁରୁପ୍ରସାଦ ମହାନ୍ତିଙ୍କ କବିତାରେ ଥିଲା ବାକ୍ ଛନ୍ଦର ସ୍ପନ୍ଦନ'

## ଭଦ୍ରକ ମହିଳା ମହାବିଦ୍ୟାଳୟରେ ଜାତୀୟ ପାଠଚକ୍ର

ଭଦ୍ରକ,୧୪।୧୨(ସନାତନ ରାଉତ)

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସାମାଜିକ ଓ ସାଂସ୍କୃତିକ ଚେତନା ଭିତରୁ ଉଦ୍ଭବ ହେଲା ସଙ୍ଗତିହୀନ ଜୀବନବୋଧ। କବି ଗୁରୁପ୍ରସାଦ ମହାନ୍ତିଙ୍କ କବିତାରେ ପରିବର୍ତ୍ତିତ ଜୀବନବୋଧ, ଅନ୍ତଃସାରଶୂନ୍ୟତା, ନଗର ନିଃସଙ୍ଗତା, ନୈରାଶ୍ୟ ଚେତନାର ଅନନ୍ୟ ଚିତ୍ରଚେତନାର ଅନ୍ତର୍ଭେଦୀ ସ୍ୱର ସୃଷ୍ଟି ହୋଇଥିଲା। ବାକ୍‌ଛନ୍ଦର ସ୍ୱର ଓ ସ୍ପନ୍ଦନରେ ଗୁରୁପ୍ରସାଦଙ୍କ ଅଭିନବ କାବ୍ୟବିଭବ ଗଢ଼ିଉଠିଥିଲା ବୋଲି ଭଦ୍ରକ ମହିଳା ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଶନିବାର ଅନୁଷ୍ଠିତ ଜାତୀୟ ପାଠଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଭାଗ ମୁଖ୍ୟ ଅଧ୍ୟାପକ ଡ. ଅଭୟ କୁମାର ଦାସଙ୍କ ପୌରୋହିତ୍ୟରେ 'ଆଧୁନିକ ଓଡ଼ିଆ କବିତାରେ ଗୁରୁପ୍ରସାଦ ମହାନ୍ତି' ଶୀର୍ଷକ ପାଠଚକ୍ରକୁ କଲେଜର ଅଧ୍ୟକ୍ଷ ପ୍ରାଧ୍ୟାପକ ନୀଳଗିରି ରବି ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଶ୍ୱଭାରତୀ ଶାନ୍ତିନିକେତନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ରବୀନ୍ଦ୍ର କୁମାର ଦାସ, ମୁଖ୍ୟବକ୍ତା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଡ. ସନ୍ତୋଷ କୁମାର ନାୟକ, ଅନ୍ୟତମ ଅତିଥି କବି ହୃଦାନନ୍ଦ ପାଣିଗ୍ରାହୀ, ଅନ୍ୟତମ ବକ୍ତା ପାଳିଆବିନ୍ଧା କଲେଜ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ଓ ବରେଣ୍ୟ ଅତିଥି ଭାବେ ପରିଚାଳନା କମିଟି ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ନାସିର ବକ୍ସ ଯୋଗଦେଇ କବି ଗୁରୁପ୍ରସାଦ ମହାନ୍ତିଙ୍କ କାବ୍ୟକୃତିର ବିଭିନ୍ନ ଦିଗ ଉପରେ କହିଥିଲେ। ଛାତ୍ରୀ ସନ୍ତୋଷୀ ସାହୁ, ବର୍ଷା ପ୍ରିୟଦର୍ଶିନୀ ସେନାପତି, ହରପ୍ରିୟା ବାରିକ, ସୁଭଂଶିନୀ ପାଣି, ଜ୍ୟୋତ୍ସ୍ନାରାଣୀ ବେହେରା, ଶୁଭଦର୍ଶିନୀ ଦାସ, ପୂଜାରାଣୀ ଦାସ, ଅନୀମା ସାହୁ ପ୍ରମୁଖ ପ୍ରାରମ୍ଭିକ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାଇଥିଲେ। ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ ଛାତ୍ରୀ ରେଖାରାଣୀ ବେହେରା। ଗବେଷିକା ମମତାରାଣୀ ଦାଶ, ଅଧ୍ୟାପିକା ଗାୟତ୍ରୀ ବେହେରା, ଆଦ୍ୟାରଶ୍ମୀ ମିଶ୍ର, ପ୍ରିୟଦର୍ଶିନୀ ନାୟକ, ସଂଯୁକ୍ତା ରାଉତ, ଅଧ୍ୟାପକ ସୂର୍ଯ୍ୟସାରଥୀ ବାରିକ ପ୍ରମୁଖ ପ୍ରବନ୍ଧପାଠ କରିଥିଲେ। ଅଧ୍ୟାପିକା ମଧୁବ୍ରତା ମଲ୍ଲିକ, ପ୍ରମିଳା ଜେନା, ଅଧ୍ୟାପକ ଅଶୋକ କୁମାର ନାୟକ, ପ୍ରାଧ୍ୟାପକ ମନୋଜ କୁମାର ସ୍ୱାଇଁ, ମଞ୍ଜୁଳା ପ୍ରଧାନ, ରାଜେଶ ପାହାଡୀ, ଗୀତାଞ୍ଜଳି ସାହୁ, ପ୍ରାଧ୍ୟାପିକା ଆରତି ଜେନା, ଅର୍ପିତା ନାୟକ, ସ୍ନିଗ୍ଧାରାଣୀ ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଡ. ଅନୀତା ବାରିକ ଧନ୍ୟବାଦ ଦେଇଥିଲେ।


ଡ. ସନ୍ତୋଷ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## କାଠ ବୋଝେଇ ମିନି ଟ୍ରକ୍ ଜବତ

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ଚେମେଣା ନର୍ସରୀ ରାସ୍ତା ନିକଟରୁ ଶନିବାର ରାତିରେ କାଠ ବୋଝେଇ ମିନି ଟ୍ରକ୍‌କୁ ବନ ବିଭାଗ ଜବତ କରିଛି। ବିପୁଳ ପରିମାଣର ଶାଳକାଠ ଜବତ ହୋଇଛି। ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ଜବତ କାଠର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ କହିଛନ୍ତି।

କେନ୍ଦୁଝର

# ପଲିଥିନ ବ୍ୟବହାର କଟକଣାକୁ ବେଖାତିର

## ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ, ପ୍ରଶାସନ ନୀରବଦ୍ରଷ୍ଟା

କେନ୍ଦୁଝର,୧୪।୧୨(ଦୀପକ ମିଶ୍ର)

କେନ୍ଦୁଝର ଜିଲାରେ ପଲିଥିନ ବ୍ୟବହାର ଏବେ ଚରମସୀମାରେ ପହଞ୍ଚିଛି। ଏହା ବ୍ୟବହାର ନ କରିବାକୁ ସରକାରୀ କଟକଣା ରହିଛି। ମାତ୍ର ବ୍ୟବସାୟୀ ଓ ସାଧାରଣ ଲୋକେ ଏହାକୁ ବେଖାତିର କରି ପୂର୍ବପରି ବ୍ୟବହାର କରୁଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଓ ପ୍ରଶାସନ କେବଳ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ୨୦୨୧ରୁ ରାଜ୍ୟ ସରକାର ଏହାର ବ୍ୟବହାର ଉପରେ କଟକଣା ଲାଗୁ କରିଥିଲେ। ପ୍ରକୃତ ପକ୍ଷେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ମଧ୍ୟ ହେଉ ନ ଥିବାରୁ ଏହା ବିଷାକ୍ତ ପରିବେଶ ସୃଷ୍ଟି କରୁଛି ବୋଲି ବୁଦ୍ଧିଜୀବୀ ପ୍ରଦୀପ ମହାନ୍ତି କହିଛନ୍ତି। ତେବେ କାଁଭାଁ କେବଳ ଜିଲାର ପୌରପାଳିକାରେ ବର୍ଷକରେ ଥରେ ୨ ଥର ଚଢ଼ାଉ କରାଯାଉଛି। ଏହା ମଧ୍ୟ ଧର୍ମକୁ ଆଖିଠାର ସଦୃଶ ହୋଇଛି। ଫଳରେ ପଲିଥିନର ବ୍ୟବହାର ଅହେତୁକ ଭାବେ ବଢ଼ିଚାଲିଛି। ଅବଶ୍ୟ ଏବେ ଚା ଦୋକାନରେ କାଗଜ କପ ବଦଳରେ ମାଟି କପ ବ୍ୟବହାର ପାଇଁ ପୌରପାଳିକା ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ତେବେ ଏହା କେବଳ କେନ୍ଦୁଝର ମ୍ୟୁନିସିପାଲିଟିରେ ସୀମିତ ରହିଛି। ଏ ସମ୍ପର୍କରେ କେନ୍ଦୁଝର ପୌରପାଳିକା ନିର୍ବାହୀ ଅଧିକାରୀ ବସନ୍ତ ସେଠୀ କହିଛନ୍ତି, ପୌରପାଳିକା ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ମିଳିତ ଭାବେ ମଝିରେ ମଝିରେ ଚଢ଼ାଉ ହେଉଛି। ଏ ସମ୍ପର୍କରେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ କେନ୍ଦୁଝର ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କୁମାର କର କହିଛନ୍ତି, ୧୨୦ ମାଇକ୍ରନରୁ ଅଧିକ ଡେନ୍‌ସିଟିର ଥରେ ବ୍ୟବହାର ଯୁକ୍ତ ପଲିଥିନ ବ୍ୟବହାର କରିବାର କୌଣସି କଟକଣା ନାହିଁ। ତାର ତଳ ଡେନ୍‌ସିଟିର ଉପରେ ରାଜ୍ୟ ସରକାର କଟକଣା ଜାରି କରିଛନ୍ତି। ତେବେ କେବଳ ମଝିରେ ଏହି ଚଢ଼ାଉ ପୌରପାଳିକା ଭିତରେ ସୀମିତ ରହୁଛି। ଗ୍ରାମାଞ୍ଚଳରେ ବିଭିନ୍ନ ଗୋଦାମ କରି ବ୍ୟବସାୟୀମାନେ ପଲିଥିନର କାରବାର ଚଳାଇଛନ୍ତି। ଅଭିଯୋଗ ଆସିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ମାର୍ଗଦର୍ଶିକା ନାହିଁ। ଏ ସମ୍ପର୍କରେ ସରପଞ୍ଚଙ୍କୁ ନେଇ ଏକ ବୈଠକ କରିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ରାଜ୍ୟ ମୁଖ୍ୟାଳୟ ସହ ଆଲୋଚନା ଚାଲିଛି। ଏ ବାବଦରେ ଜିଲାପରିଷଦରେ ଆଲୋଚନା ହେବ ବୋଲି ଜିଲା ପରିଷଦ ସଭ୍ୟ ଆଶିଷ ଚକ୍ରବର୍ତ୍ତୀ ପ୍ରକାଶ କରିଛନ୍ତି। ଜିଲାରେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ କେବଳ ବିଭିନ୍ନ କମ୍ପାନୀର ଜନଶୁଣାଣି ଛଡ଼ା ଆଉ କିଛି ନୀତି ନିୟମ କାର୍ଯ୍ୟକାରୀ କରୁନାହିଁ ବୋଲି ବୁଦ୍ଧିଜୀବୀ ଅଜୟ ମିଶ୍ର କହିଛନ୍ତି।

## ସଂକ୍ଷେପରେ

### ଆନନ୍ଦପୁର ମହୋତ୍ସବ କରିବାକୁ ଉପ ଜିଲାପାଳଙ୍କ ସହ ଆଲୋଚନା

ଆନନ୍ଦପୁର,୧୪।୧୨(ଉମେଶ ଚନ୍ଦ୍ର ପାଢ଼ୀ): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡର ଗଣ ଉତ୍ସବ ଆନନ୍ଦପୁର ମହୋତ୍ସବ ଚଳିତ ବର୍ଷ ପାଳନ କରିବା ପାଇଁ ଅଞ୍ଚଳର ବୁଦ୍ଧିଜୀବୀମାନେ ଶୁକ୍ରବାର ଉପ ଜିଲାପାଳଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଗତ ବର୍ଷ ନିର୍ବାଚନ ଋତୁ ଚାଲିଥିବାରୁ ତତ୍କାଳୀନ ଉପ ଜିଲାପାଳ ତଥା ମହୋତ୍ସବ କମିଟି ଅଧ୍ୟକ୍ଷ ମହୋତ୍ସବକୁ ବନ୍ଦ କରିଦେଇଥିଲେ। ଚଳିତ ବର୍ଷ କିପରି ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବ ସେ ନେଇ ଉପ ଜିଲାପାଳ ଫାଲଗୁନି ମାଝୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରି ପରବର୍ତ୍ତୀ ନିଷ୍ପତ୍ତି ଜଣାଇବେ ବୋଲି ଉପ ଜିଲାପାଳ ପ୍ରତିକ୍ରିୟାରେ କରିଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

ବଉଳା/ ଛେନାପଦି,୧୪।୧୨(ଦୁର୍ଗା ପ୍ରସାଦ ଆୟଚ/ ନିରାକାର ପରିଡା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଜଳକଳଙ୍କ ଗ୍ରାମର ବରିଷ୍ଠ ବିଜେଡି ନେତା ତଥା ସାମାଜିକକର୍ମୀ ପ୍ରେମାନନ୍ଦ ଜେନା (୯୦)ଙ୍କ ପରଲୋକ ଘଟିଛି। ସେ ଜଣେ ସ୍ୱାଭିମାନୀ, ନିର୍ଭୀକ ଓ ସାହାସୀଭାବେ ପରିଚୟ ସୃଷ୍ଟି କରିଥିଲେ। ଶେଷ ସମୟରେ ବଡ଼ପୁଅ ରବି ନାରାୟଣ ଜେନା, ସାନପୁଅ ରୁଦ୍ର ନାରାୟଣ ଜେନା ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ବିଧାୟକ ଅଭିମନ୍ୟୁ ସେଠୀ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ପର୍ଶୁରାମ ପେଡ଼ା, ପୂର୍ବତନ ବିଧାୟକ ମାୟଧର ଜେନା ଶେଷ ଦର୍ଶନ କରିଥିଲେ। ଗ୍ରାମ ଶଶ୍ମାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ସୁଷମ ଖାଦ୍ୟ ପ୍ରଦର୍ଶନୀ ମେଳା

ବଉଳା/ ଛେନାପଦି,୧୪।୧୨(ଦୁର୍ଗା ପ୍ରସାଦ ଆୟଚ/ ନିରାକାର ପରିଡା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ପଡ଼ିଆରିପଲ୍ଲି ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବଣିଆପଙ୍କର ଛାତ୍ରୀଛାତ୍ରଙ୍କ ଦ୍ୱାରା ସୁଷମ ଖାଦ୍ୟ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ନାୟକ ମେଳାକୁ ଉଦ୍‌ଘାଟନ କରିଥିଲେ। ୪୦ ଟି ଖାଦ୍ୟ ପ୍ରକଳ୍ପ ପ୍ରଦର୍ଶନୀ କରାଯାଇଥିଲା। ମେଳାରେ ୯ମ ଶ୍ରେଣୀର ବିଶ୍ୱଜିତ୍ ବେହେରା ମିଲେଟ୍ ସମ୍ବନ୍ଧୀୟ ଖାଦ୍ୟ ପରିବେଷଣ କରି ୧ମ ସ୍ଥାନ ଅଧିକାର କରିଥିଲେ। ଶିକ୍ଷକ ସୁଦର୍ଶନ ପାଣିଗ୍ରାହୀ ମିଲେଟ୍ ସମ୍ବନ୍ଧୀୟ ଉପାଦେୟତା ସମ୍ବନ୍ଧରେ ସଚେତନ କରିଥିଲେ।

### ସ୍ୱାମ ଶାସନରେ ବିଶ୍ୱ ଶାନ୍ତି ଗୀତାଯଜ୍ଞ

ପାଟଣା,୧୪।୧୨(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ ପୁରାତନ ସ୍ୱାମ ଶାସନର ସୋମେଶ୍ୱର ଶିବ ମନ୍ଦିର ନିକଟରେ ଶୁକ୍ରବାର ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ମୂର୍ତ୍ତି ସ୍ଥାପନ ପୂର୍ବକ ବିଶ୍ୱ ଶାନ୍ତି ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୂଜକ ପଣ୍ଡିତ ସୁଶାନ୍ତ ଶେଖର ଦାଶ, ଗୌରଚନ୍ଦ୍ର ତ୍ରିପାଠୀ ପୂଜା କରିଥିବା ବେଳେ କର୍ତ୍ତାଭାବେ ଅଜିତ୍ ଦାଶ ଦେବନୀତି ସମ୍ପାଦନ କରିଥିଲେ। ସୁମିତ ପତି, ସୌମ୍ୟ ରଞ୍ଜନ ଦାଶ, ଜ୍ୟୋର୍ତିମୟ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ପୁଣ୍ୟ ଆବିର୍ଭାବ ମହୋତ୍ସବ




ଯୋଡ଼ା,୧୪।୧୨(ମାନସ ମହାନ୍ତି)

ଯୁଗ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ପୁଣ୍ୟ ଆବିର୍ଭାବ ମହୋତ୍ସବ ଓ ପରମ ପୂଜ୍ୟପାଦ ଶ୍ରୀ ଆଚାର୍ଯ୍ୟଦେବଙ୍କ ଯୋଡ଼ା ଆଗମନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସତ୍‌ସଙ୍ଗର ଶ୍ରୀଶ୍ରୀ ଆଚାର୍ଯ୍ୟଦେବ ଯୋଡ଼ା ସହରର ବନେଇକଳାଠାରେ ଅବସ୍ଥିତ ସତ୍‌ସଂଗ ବିହାରକୁ ପଦାର୍ପଣ କରି ଠାକୁରଙ୍କ ଆବିର୍ଭାବ ମହୋତ୍ସବରେ ଯୋଗ ଦେଇଥିଲେ। ଶନିବାର ଦିବସ ବ୍ୟାପୀ କାର୍ଯ୍ୟକ୍ରମ ମଧ୍ୟରେ ପ୍ରାତଃ କାଳରେ ଉଷା କୀର୍ତ୍ତନ ସାଙ୍ଗକୁ ବିନତୀ ପ୍ରାର୍ଥନା ଓ ଭଜନ କୀର୍ତ୍ତନ ମଧ୍ୟରେ ଅନେକ ହଜାର ଭକ୍ତ ଓ ଶ୍ରଦ୍ଧାଳୁ ମଜ୍ଜି ରହିଥିଲେ। ଆଚାର୍ଯ୍ୟଦେବ ଓଡ଼ିଶା ଗ୍ରସ୍ତ କାର୍ଯ୍ୟକ୍ରମରେ ୮ ଡିସେମ୍ବରରେ ବାହାରି ୧୪ କେନ୍ଦୁଝର ଜିଲାର ବିଭିନ୍ନ ସତ୍‌ସଂଗ କେନ୍ଦ୍ର ଓ ବିହାରରେ ଯୋଗଦେଇ ଯୋଡ଼ାରେ ପହଞ୍ଚିଥିଲେ। ଯୋଡ଼ା ସତ୍‌ସଂଗ ବିହାରର ସହପ୍ରତି ଋତ୍ୱିକ ମଦନ ମୋହନ ବାରିକଙ୍କ ପରିଚାଳନାରେ ସମସ୍ତ କାର୍ଯ୍ୟକ୍ରମ ଶୃଙ୍ଖଳାର ସହ ସଂଗଠିତ ହୋଇଥିଲା। ପରେ ଆଚାର୍ଯ୍ୟ ଦେବ ବାମେବାରୀ ସତ୍‌ସଙ୍ଗ ଅଭିମୁଖେ ପ୍ରସ୍ଥାନ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସତ୍‌ସଂଗ ବିହାର ସମସ୍ତ କର୍ମୀ ଗୁରୁଭାଇ ଓ ମା ଆପ୍ରାଣତାର ସହିତ ତୁଲେଇଥିବା ଦେଖାଯାଇଥିଲା।

# ନାଗରିକଙ୍କୁ ହରାଇ ଜିଲାପାଳ ଏକାଦଶ ବିଜୟୀ



ଟ୍ରଫି ସହ ଜିଲାପାଳ ଏକାଦଶର ଖେଳାଳିମାନେ ।

## ଗୋନାସିକା ମହୋତ୍ସବ ଉପଲକ୍ଷେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ

କେନ୍ଦୁଝର,୧୪।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଗୋନାସିକା କେନ୍ଦୁଝର ମହୋତ୍ସବ-୨୦୨୪ର ସଫଳ ଓ ପରିବ୍ୟାପ୍ତ ଆୟୋଜନ ଲାଗି ଶନିବାର ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ନାଗରିକ ଏକାଦଶକୁ ହରାଇ ଜିଲାପାଳ ଏକାଦଶ ବିଜୟୀ ହୋଇଥିଲା। ଧରଣୀଧର ସ୍ପୋର୍ଟସ କମ୍ପଲେକ୍ସଠାରେ ଆୟୋଜିତ ମ୍ୟାଚରେ ନାଗରିକ ଏକାଦଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ସମସ୍ତ ଉଇକେଟ ହରାଇ ୨୫ ରନ କରିଥିଲା। ଜିଲାପାଳଙ୍କ ଏକାଦଶ ମାତ୍ର ଏକ ଉଇକେଟ ହରାଇ ବିଜୟୀ ଲକ୍ଷ୍ୟ ହାସଲ କରିନେଇଥିଲା। ବିଜୟୀ ଦଳ ପକ୍ଷରୁ କେନ୍ଦୁଝର ଉପ ଜିଲାପାଳ ଉମାଶଙ୍କର ଦଳାଇ ଉଭୟ ବ୍ୟାଟିଂ ଓ ବୋଲିଂରେ ଭଲ ପ୍ରଦର୍ଶନ କରିଥିଲେ। ଅଧିନାୟକ ଭାବେ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ ଓ ନାଗରିକ ଏକାଦଶ ଦଳର ଅଧିନାୟକ ଭାବେ ଜିଲା କ୍ରୀଡ଼ା ସଂଘର ସମ୍ପାଦକ ଜନାର୍ଦ୍ଦନ ଦାଶ ଦାୟିତ୍ୱ ନେଇଥିଲେ। ଶେଷରେ ଉଭୟ ବିଜେତା ଓ ଉପବିଜେତା ଦଳଙ୍କୁ ପୁରସ୍କୃତ କରାଯାଇଥିଲା।

## ଆନନ୍ଦପୁର ଷ୍ଟାଡ଼ିୟମରେ ଆଜିଠୁ ବାଣିଜ୍ୟ ମେଳା

ଆନନ୍ଦପୁର,୧୪।୧୨(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଆନନ୍ଦପୁର ପ୍ରେସ୍ କ୍ଲବ୍ ପକ୍ଷରୁ ଆନନ୍ଦପୁର ଷ୍ଟାଡ଼ିୟମରେ ରବିବାରଠାରୁ ବାଣିଜ୍ୟମେଳା ଅନୁଷ୍ଠିତ ହେବ। ଡିସେମ୍ବର ୨୨ ପର୍ଯ୍ୟନ୍ତ ଚାଲିବାକୁଥିବା ବେଳେ ୧୫ ଡିସେମ୍ବର ଅପରାହ୍ନ ୨ ଘଟିକାରୁ ଆନନ୍ଦପୁର ଆରାଧ୍ୟ ଦଧିବାମନ ଜିଉଙ୍କ ମନ୍ଦିରଠାରୁ ଷ୍ଟାଡିୟମ ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହେବ। ମୁଖ୍ୟ ଅତିଥିଭାବେ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ମୁଖ୍ୟ ବକ୍ତାଭାବେ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କାନନ ବିହାରୀ ପହି, ସମ୍ମାନିତ ଅତିଥିଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସାମାଜିକ କର୍ମୀ, କୁଶ ଆପଟ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ବୋଲି ପ୍ରେସ୍ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

## ଗାଁ ଦାଣ୍ଡରେ ବୁଲିଲା ଗୋଠଛଡ଼ା ଦନ୍ତା

ପାଟଣା,୧୪।୧୨(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ଅଞ୍ଚଳକୁ ଶୁକ୍ରବାର ଭୋରରୁ ଏକ ଗୋଠ ଛଡା ପଶି ଆସିଛି। ଦନ୍ତା ବାଇକଳା ପଞ୍ଚାୟତ ବାଲିତୋଟା ଗ୍ରାମର ତ୍ରିଲୋଚନ ମହାନ୍ତଙ୍କ ଘରର ଝରକା ଭାଙ୍ଗି ଦେଇଛି। ଶନିବାର ଦିନ ତମାମ ଚାତରପାଣି, ପୁରୁଣାପାଣି, ଭର୍ତ୍ତିଆବସା ବରବେଡ଼ା ଗାଁ ଦାଣ୍ଡରେ ପଶି ଆତଙ୍କ ଖେଳାଇଛି। ଶନିବାର ସନ୍ଧ୍ୟାରେ ଖଜୁରଡିହା ଗାଁ ନିକଟରେ ବୁଲୁଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଆସୁନାହାନ୍ତି ଡାକ୍ତର, ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

### ହଦଗଡ଼ ଡାକ୍ତରଖାନା

ଛେନାପଦି,୧୪।୧୨ (ନିରାକାର ପରିଡା)

କେନ୍ଦୁଝର ଜିଲା ହଦଗଡ଼ ଡାକ୍ତରଖାନାକୁ ନିୟମିତ ଡାକ୍ତର ଆସୁନାହାନ୍ତି। ଫଳରେ ଅଞ୍ଚଳବାସୀ ଡାକ୍ତରଖାନାକୁ ଆସି ନିରାଶ ହୋଇ ଫେରୁଛନ୍ତି। ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ବି ଫଳ ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଆଦିବାସୀ ବହୁଳ ପଞ୍ଚାୟତ ହୋଇଥିବା ବେଳେ ବହୁ ଲୋକ ଉକ୍ତ ଡାକ୍ତରଖାନା ଉପରେ ନିର୍ଭର କରିଥାଆନ୍ତି। କିନ୍ତୁ ଅଧିକାଂଶ ଦିନ ଡାକ୍ତରଙ୍କ ଚୌକି ଖାଲି ପଡୁଥିବାରୁ ରୋଗୀମାନେ ନିରାଶ ହୋଇ ଫେରୁଛନ୍ତି। ଗତ ମଙ୍ଗଳବାର ଆଖପାଖ ଗ୍ରାମରୁ ୬୦ରୁ ଉର୍ଦ୍ଧ୍ୱ ରୋଗୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିଲେ। ମାତ୍ର ଡାକ୍ତର ନ ଥିବାରୁ ବସି ବସି ୧୨ଟା ପରେ ନିରାଶ ହୋଇ ଫେରିଥିଲେ। ଅନ୍ୟପକ୍ଷେ ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବାରୁ ଅନେକ ଶହ ପର୍ଯ୍ୟଟକ ହଦଗଡ଼କୁ ଆସୁଛନ୍ତି। ଅନେକ ସମୟରେ ଦୁର୍ଘଟଣା ଘଟି ପର୍ଯ୍ୟଟକ ଚିକିତ୍ସିତ ହୋଇ ନ ପାରି ୩୦ କିଲୋମିଟର ଦୂର ଆନନ୍ଦପୁରକୁ ଯାଉଛନ୍ତି। ତେଣୁ ଏଠାରେ ନିୟମିତ ଡାକ୍ତର ଉପସ୍ଥିତ ରହି ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଭାତ ନାୟକ କହିଛନ୍ତି, ଡାକ୍ତର ଛୁଟିରେ ନାହାନ୍ତି, କାହିଁକି ଅନୁପସ୍ଥିତ ରହିଛନ୍ତି ସେ ଜାଣିନାହାନ୍ତି ବୋଲି କହିଥିଲେ। ଜିଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ନାଏକ କହିଛନ୍ତି, ବ୍ଲକରେ ଥିବା ଅଧିକାଂଶ ଡାକ୍ତରଖାନାରେ ପାଳି କରି ଡାକ୍ତର ଆସୁଛନ୍ତି। ଫଳରେ ସ୍ୱାସ୍ଥ୍ୟସେବା କେବଳ କାଗଜ କଲମରେ ଚାଲିଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏହାର ତଦନ୍ତ କରି ସ୍ଥିତିରେ ସୁଧାର ଆଣିବାକୁ ଦାବି କରିଛନ୍ତି।

# ଗଜସାଥୀଙ୍କୁ ପ୍ରଶିକ୍ଷଣ

ଚମ୍ପୁଆ,୧୪।୧୨(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ରଜିଆ ପଞ୍ଚାୟତ କାର୍ଯ୍ୟାଳୟଠାରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଶନିବାର ଗଜସାଥୀ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ରେଞ୍ଜର ତଥା ଏସିଏଫ୍ ଅକ୍ଷୟ ଛତ୍ରିୟାଙ୍କ ସଭାପତିତ୍ୱରେ ସ୍ଥାନୀୟ ସରପଞ୍ଚ ସନ୍ତୋଷ ନାଏକ, ବନ୍ୟପ୍ରାଣୀ ବିଭାଗର ରାଜେଶ ମଣ୍ଡଳ, ତ୍ରିନାଥ ଜେନା ପ୍ରମୁଖ ଯୋଗ ଦେଇଥିଲେ। ମାଷ୍ଟର ଟ୍ରେନର ନିନି ବିଶ୍ୱାଳ ଉପସ୍ଥିତ ଗଜସାଥୀଙ୍କୁ କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ପରାମର୍ଶ ପ୍ରଦାନ କରିଥିଲେ। ଚମ୍ପୁଆ ବନାଞ୍ଚଳରେ ବର୍ଷକ ୧୨ମାସ ଧରି ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ହାତୀ ମଣିଷର ଲଢ଼େଇ ପ୍ରାୟ ଦୈନନ୍ଦିନ ଘଟଣା ପାଲଟିଗଲାଣି। ଏହାକୁ ପ୍ରତିରୋଧ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଗଜ ସାଥୀଙ୍କୁ ଚୟନ କରାଯାଇଥିବା ଏବଂ ଗଜ ସାଥୀମାନେ ହାତୀ ଦାଉରୁ ଜନସାଧାରଣଙ୍କ ଧନଜୀବନର ସୁରକ୍ଷା ସହିତ ବନାଞ୍ଚଳ ସଦସ୍ୟଭାବେ ଜନସାଧାରଣ ଓ ବିଭାଗ ମଧ୍ୟରେ ସେତୁ ଭାବରେ କାମ କରିବାକୁ ରେଞ୍ଜର ଆହ୍ୱାନ ଦେଇଥିଲେ। ଗାଁକୁ ହାତୀ ପଶିଲେ ବିଭାଗକୁ ଖବର ଦେବା ସହିତ ଜନସାଧାରଣଙ୍କ ସହିତ ଉତ୍ତମ ବ୍ୟବହାର ମାଧ୍ୟମରେ ହାତୀ ଘଉଡ଼ାଇବା କାର୍ଯ୍ୟ କରିବା ଏବଂ କ୍ଷୟକ୍ଷତିକୁ ରୋକିବା ଗଜ ସାଥୀର କର୍ତ୍ତବ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଗଜସାଥୀ ଯୋଗ ଦେଇଥିବା ବେଳେ ବନପାଳ ସୁନିତା ବାଗ୍‌ଲେ, ତ୍ରିନାଥ ଜେନା ଓ ବନ କର୍ମଚାରୀମାନେ ପରିଚାଳନା କରିଥିଲେ।




ପ୍ରଶିକ୍ଷକ ଗଜସାଥୀଙ୍କୁ ତାଲିମ ପ୍ରଦାନ କରୁଛନ୍ତି।

## ସୋଲାର ପ୍ଲେଟ୍ ଗୋଦାମରେ ଅଗ୍ନିକାଣ୍ଡ

କେନ୍ଦୁଝର,୧୪।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପାଖରେ ଥିବା ଏକ ସୋଲାର ପ୍ଲେଟ୍ ଗୋଦାମରେ ଶନିବାର ଅଗ୍ନିକାଣ୍ଡ ଘଟିଛି। ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଥିବା ବେଳେ ବ୍ୟାପକ ସୋଲାର ପ୍ଲେଟ୍ ଜଳିଯାଇଛି। ସ୍ଥାନୀୟ ଲୋକେ ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ ବି ସମ୍ଭବ ହୋଇ ନ ଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ୨୫ ଲକ୍ଷ ଟଙ୍କାର ଉର୍ଦ୍ଧ୍ୱ ସୋଲାର ପ୍ଲେଟ୍ ପୋଡ଼ି ଯାଇଥିବା ଦୋକାନୀ କହିଛନ୍ତି।

## ୪ ମାସର ବେତନ ପାଇନାହାନ୍ତି ରାତ୍ର ଜଗୁଆଳି

### ବେଲବାହାଳି କୁଣ୍ଡୁଳାଇ ଉଚ୍ଚ ବିଦ୍ୟାଳୟ

ଆନନ୍ଦପୁର,୧୪।୧୨(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ବେଲବାହାଳି କୁଣ୍ଡୁଳାଇ ସରକାରୀ ଉଚ୍ଚ ବିଦ୍ୟାଳୟର ରାତ୍ର ଜଗୁଆଳି ଏବଂ ସଫେଇ କର୍ମଚାରୀ ୪ ମାସର ବେତନ ପାଇନାହାନ୍ତି। ଫଳରେ ଆର୍ଥିକ ଅନଟନରେ ଜୀବନ କାଟୁଥିବା ବେଳେ ପରିବାର ଚଳାଇବାରେ କଷ୍ଟସାଧ ହେଉଥିବା କହିଛନ୍ତି।

ସୂଚନା ଅନୁଯାୟୀ, ବେଲବାହାଳି ଗ୍ରାମର କୁଳମଣି ଦାସ(୩୭) ୨ ବର୍ଷ ହେବ ବିଦ୍ୟାଳୟରେ ରାତ୍ର ଜଗୁଆଳି ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବରୁ ଠିକ୍‌ଭାବେ ବେତନ ପାଉଥିବା ବେଳେ ୪ ମାସ ହେବ କୁଳମଣି ପାଉଣା ପାଇନାହାନ୍ତି। ଫଳରେ କୁଳମଣିଙ୍କ ଘର ପରିବାର ଚଳିବା କଷ୍ଟକର ହୋଇପଡୁଛି। ଏ ନେଇ କୁଳମଣି ବିଦ୍ୟାଳୟ ଦାୟିତ୍ୱରେ ଥିବା ଶିକ୍ଷକ କମଳଲୋଚନ ସାହୁଙ୍କୁ ଜଣାଇଥିଲେ। ଅନ୍ୟପଟେ ବିଦ୍ୟାଳୟରେ ସଫେଇ କର୍ମଚାରୀଭାବେ କାର୍ଯ୍ୟକରୁଥିବା ସୁବାସିନୀ ସାହୁ(୪୨) ମଧ୍ୟ ୪ ମାସର ଦରମା ପାଇନାହାନ୍ତି। ସୁବାସିନୀ ଜଣେ ବିଧବା ହୋଇଥିବାରୁ ପରିବାର ଚଳିବା ତାଙ୍କ ପକ୍ଷେ ଅତ୍ୟନ୍ତ କଷ୍ଟକର ହେଉଥିବା ପ୍ରକାଶ କରିଛନ୍ତି। ଏଣୁ ଉପରିସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଇ ଦରମା ପ୍ରଦାନ କରିବାକୁ ପ୍ରଶାସନକୁ ଆକୁଳ ନିବେଦନ କରିଛନ୍ତି। ପ୍ରଧାନ ଶିକ୍ଷକ କମଳଲୋଚନ ସାହୁ କହିଛନ୍ତି, ସେ ବିଇଓ ଅଜିତ କୁମାର ବାରିକଙ୍କୁ ଜଣାଇଛନ୍ତି। ବିଇଓ ବାରିକ କହିଛନ୍ତି, ଏହାର ତଦନ୍ତ କରାଯାଇ ସମାଧାନ କରିବାକୁ ଚେଷ୍ଟା କରିବେ।

## ୧୦ ଡିଗ୍ରୀ ତଳେ ପାରଦ

# ଜାଡ଼ରେ ଥରୁଛି କେନ୍ଦୁଝର

କେନ୍ଦୁଝର,୧୪।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସିଯାଇଛି। ଫଳରେ ପ୍ରବଳ ଜାଡ଼(ଶୀତ) ଯୋଗୁ ଜନଜୀବନ ବ୍ୟତିବ୍ୟସ୍ତ ହୋଇପଡୁଛି। ସନ୍ଧ୍ୟା ହେଲେ ସହର, ଗାଁଦାଣ୍ଡ ଶୂନ୍‌ଶାନ ହୋଇଯାଉଛି। ଲୋକେ ଛକ ଛକରେ ନିଆଁ ଜାଳି ବସୁଥିବା ଦେଖିବାକୁ ମିଳୁଛି। ପାହାଡ଼ିଆ ଅଞ୍ଚଳରେ ଶୀତ ଅଧିକ ଜଣାପଡୁଛି। ବିଶେଷକରି ଚାଳ ଛପର, ଟାଇଲ ଘରେ ରହୁଥିବା ଲୋକେ ରାତିସାରା ନିଆଁ ଜାଳି ବସୁଛନ୍ତି।

ପାଣିପାଗ ବିଭାଗ ସୂତ୍ର ଅନୁଯାୟୀ, ଆଗାମୀ ୨ ଦିନରେ ଜିଲାରେ ତାପମାତ୍ରା ୯ ଡିଗ୍ରୀ ତଳକୁ ଖସିବ। ବର୍ତ୍ତମାନ ୨ ଦିନ ହେଲା ତାପମାତ୍ରା ହଠାତ୍ ଖସିଯାଇଛି। ଶୁକ୍ରବାର, ଶନିବାର କେନ୍ଦୁଝର ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ବେଳେ ଗ୍ରାମାଞ୍ଚଳ ଓ ପାହାଡିଆ କାଞ୍ଜିପାଣି, ଯୋଡ଼ା, ବଡ଼ବିଲ, କିରିବୁରୁ, କାଦକଳା, ପାଟଣା, ତେଲକୋଇ ଆଦି ଅଞ୍ଚଳରେ ତାପମାତ୍ରା ୮ ଡିଗ୍ରୀ ତଳକୁ



ରହିଥିବା କୁହାଯାଉଛି। ଦିନ ଅପେକ୍ଷା ରାତିରେ ଶୀତର ପ୍ରକୋପ ଅଧିକ ରହୁଛି। ଶୀତ ପାଇଁ ସନ୍ଧ୍ୟାରୁ ଅନେକ ଅଞ୍ଚଳ ଶୂନ୍‌ଶାନ ହୋଇପଡୁଛି। ଥଣ୍ଡାରେ ହାତ କାଲୁଆ ହୋଇଯାଉଥିବା ବେଳେ ଦୂରସ୍ଥାନକୁ ବାଇକ୍‌ରେ ଯିବା ବିପଦପୂର୍ଣ୍ଣ ହେଉଛି। ବିଶେଷକରି ଜଙ୍ଗଲ ପରିବେଷ୍ଟିତ ତଥା ପାହାଡ଼ିଆ ଅଞ୍ଚଳରେ ଶୀତ ଦାଉରୁ ରକ୍ଷାପାଇବା ପାଇଁ ଲୋକମାନେ ନିଆଁ ଜଳାଇ ରାତି କାଟୁଛନ୍ତି। ଚାଳ ଛପର ଓ ମାଟିଘରେ ରହୁଥିବା ଲୋକମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ପ୍ରଶାସନ ପକ୍ଷରୁ ସେଭଳି ପରିବାରକୁ ଶୀତ ପୋଷାକ, କମ୍ବଳ ଆଦି ସହାୟତା ଯୋଗାଇଦେବାକୁ ଦାବି ହେଉଛି। ରାତିରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବସ୍‌କୁ ଅପେକ୍ଷା କରୁଥିବା ଲୋକମାନେ ବିଶ୍ରାମଗୃହ ନ ଥିବାରୁ ଶୀତରେ ବହୁ ଅସୁବିଧା ଭୋଗୁଛନ୍ତି। ରାସ୍ତାକଡ଼ରେ ବିଭିନ୍ନ ଦୋକାନ ବାରଣ୍ଡାରେ ଶୋଉଥିବା ଲୋକ ତଥା ଶିଶୁମାନେ ମଧ୍ୟ ଶୀତର ପ୍ରକୋପରେ ବହୁ ଅସୁବିଧା ଭୋଗୁଛନ୍ତି। ରାତ୍ରି ଆଶ୍ରୟସ୍ଥଳୀ ପୁରୁଣା ସହରରେ ଅର୍ଥାତ୍ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ପ୍ରାୟ ୪ରୁ ୫ କି.ମି. ଦୂରରେ ଥିବାରୁ ଯାତାୟାତର ସୁବିଧା ନ ଥିବାରୁ ଆଶ୍ରୟ ପାଇଁ ଯାଇପାରୁନାହାନ୍ତି। ଏ ନେଇ ସୁବିଧା କରିବାକୁ ଦାବି ହୋଇଛି।

# ୯୦୬୪ ମକଦ୍ଦମା ସମାଧାନ, ୭ କୋଟି ୫ ଲକ୍ଷ ଟଙ୍କା ଆଦାୟ

## ରାଷ୍ଟ୍ରୀୟ ଲୋକ ଅଦାଲତ

କେନ୍ଦୁଝର,୧୪।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଜିଲା କୋର୍ଟ ସମେତ ଆନନ୍ଦପୁର ଓ ଚମ୍ପୁଆର ଅତିରିକ୍ତ ଜିଲା ଜଜ କୋର୍ଟ ବଡ଼ବିଲ, ହାଟଡ଼ିହୀ ଓ ତେଲକୋଇର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ କୋର୍ଟଗୁଡ଼ିକରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସମୁଦାୟ ୯୦୬୪ଟି ମକଦ୍ଦମା ସମାଧାନ ହୋଇ ୭ କୋଟି ୫ ଲକ୍ଷ ୭୧ ହଜାର ୪୬୧ ଟଙ୍କା ଆଦାୟ ହୋଇଥିଲା।

ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ଅଦାଲତକୁ ଜିଲା ଜଜ୍ କୋର୍ଟ ପରିସରରେ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ଅଶୋକ ପଣ୍ଡା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାୟୀ ଲୋକ ଅଦାଲତର ବିଚାରପତି ଇଂ. ବିଘ୍ନେଶ୍ୱର ରାଓ, ପରିବାର ଅଦାଲତର ବିଚାରପତି ଇତିଶ୍ରୀ ମହାପାତ୍ର, ଅତିରିକ୍ତ ଜିଲା ଜଜ୍ ମମିତା ଦାସ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ହିମାଂଶୁ ଶେଖର ବିଶ୍ୱାଳ, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟ୍ରାର ସୁଚେତା କୃପାଳିନୀ, ମହିଳା କୋର୍ଟ ବିଚାରପତି ନେହା ଦାସ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା ଦାସ, କନିଷ୍ଠ ବିଚାରପତି ପ୍ରଥମ ଶ୍ରେଣୀ ଅମ୍ବିକେଶ ପାଣିଗ୍ରାହୀ, ଆଦ୍ୟାଶା ମିଶ୍ର ନିଜ ନିଜ କୋର୍ଟଗୁଡ଼ିକରେ ମକଦ୍ଦମା ପରିଚାଳନା କରିଥିଲେ। ପ୍ରାଧିକରଣର ସଚିବ ମାମି ବେହେରା ସମସ୍ତ କୋର୍ଟରେ ପରିଚାଳନା କରିଥିଲେ। ପ୍ରାକ୍ ବ୍ୟାଙ୍କ ମକଦ୍ଦମା ୬୩, ବିଏସ୍‌ଏନ୍‌ଏଲ୍ ମକଦ୍ଦମା ୮, ମୋଟର ଯାନ ଦୁର୍ଘଟଣା ୬୦, ରାଜସ୍ୱ ମକଦ୍ଦମା ୮୭୩୮, ଦେୱାନୀ ମକଦ୍ଦମା ୫୪, ଫୌଜଦାରୀ ୧୧୦, ପରିବାର ଅଦାଲତରେ ୯ଟି ମାମଲା ଫଇସଲା ହୋଇଥିଲା। ସ୍ଥାୟୀ ଲୋକ ଅଦାଲତ ଲୋକ ଉପଯୋଗୀ ସେବାର ମୋଟ ୨୧, ଖାଉଟି ଅଦାଲତର ମୋଟ ୧ଟି ମକଦ୍ଦମାର ଫଇସଲା ହୋଇଥିଲା। କାର୍ଯ୍ୟକ୍ରମକୁ କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରା, ନାଜିର ଅବିନାଶ ଦାସ, ଆଇନ୍‌ସେବା ପ୍ରାଧିକରଣର ପ୍ୟାନେଲ ଅଧିବକ୍ତା ରମଣୀ ରଞ୍ଜନ ସେଠୀ, ତାରିଣୀ ପ୍ରସାଦ ପୋଥାଳ, ପ୍ରାଧିକରଣର କର୍ମଚାରୀ ସତ୍ୟରଞ୍ଜନ ଦାସ, ଶିଶିର ସାହୁ ପ୍ରମୁଖ ସହଯୋଗ କରିଥିଲେ।



ବିଚାରପତି ମାମଲାର ବିଚାର କରୁଛନ୍ତି।

## ୨୭ ମାମଲା ଫଇସଲା

ରାଇରଙ୍ଗପୁର,୧୪।୧୨(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ତାଲୁକ ଆଇନ ସେବା କମିଟି ପକ୍ଷରୁ ଶନିବାର ରାଇରଙ୍ଗପୁର ସିଭିଲ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଜଜ୍ ଡ. ଭି ସୁଜାତାଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟ ୧୦୮ ବିଭିନ୍ନ ମାମଲା ମଧ୍ୟରୁ ୨୭ ମାମଲା ଫଇସଲା କରାଯାଇଥିଲା। ସେଥି ମଧ୍ୟରୁ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ଙ୍କ କୋର୍ଟରେ ୨ ଗୋଟି, ରାଇରଙ୍ଗପୁର ସବ୍ ଡିଭିଜନାଲ ମାଜିଷ୍ଟ୍ରେଟଙ୍କ କୋର୍ଟରେ ୧୯ ଗୋଟି, ସିନିୟର ସିଭିଲ ଜଜ୍ଙ୍କ କୋର୍ଟରେ ୫ ଏବଂ ଜେଏମଏଫସି କୋର୍ଟରେ ୧ ଭିନ୍ନ କେଶ ମାମଲା ଫଇସଲା କରାଯାଇଥିଲା। ଉକ୍ତ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ଅତିରିକ୍ତ ଜିଲା ଜଜ୍ ଡ. ଭି ସୁଜାତାଙ୍କ ସମେତ ସବ୍ ଡିଭିଜନାଲ ଜୁଡିସିଆଲ ମାଜିଷ୍ଟ୍ରେଟ (ଏସ୍‌ଡିଜେଏମ) ମନ୍ମିତ୍ର ଭୂଷଣ ସାହୁ, ସିନିୟର ସିଭିଲ ଜଜ୍ ଆଲୋକ ପଣ୍ଡା ଏବଂ ଜେଏମ୍ଏଫସି କୋର୍ଟ ମାଜିଷ୍ଟ୍ରେଟ ଚେତନା ପଟ୍ଟନାୟକ ପ୍ରମୁଖ ମାମଲାର ବିଚାର କରି ଫଇସଲା କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସିଭିଲ କୋର୍ଟରେ କାର୍ଯ୍ୟରତ ବିଭିନ୍ନ ପଦାଧିକାରୀ ଗଣ ସହାୟତା କରିଥିଲେ।

ରାଷ୍ଟ୍ରୀୟ ଲୋକ ଅଦାଲତ

# ୨୨୬୧ ମାମଲା ସମାଧାନ



ବିଚାରପତି ମାମଲାର ବିଚାର କରୁଛନ୍ତି।

ବାରିପଦା,୧୪।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦାଠାରେ ଜିଲା ଓ ଦୌରାଜଜ୍ଙ୍କ କାର୍ଯ୍ୟାଳୟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଲୋକ ଅଦାଲତରେ ମୋଟ ୫୨୮୪ଟି ମାମଲା ମଧ୍ୟରୁ ୨୨୬୧ ମାମଲାର ଅପୋଷ ବିଚାର ହୋଇ ମୋଟ ୪ କୋଟି ୫୩ ଲକ୍ଷ ୫୦ ହଜାର ୬୫୮ ଟଙ୍କା ଅଦାୟ ପାଇଁ ସମାଧାନ ହୋଇଥିବା ଜଣାପଡ଼ିଛି। ଜିଲା ଓ ଦୌରାଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅରବିନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅଦାଲତରେ ପ୍ରାକ୍ ମକଦ୍ଦମା ସମ୍ପର୍କିତ ୨୪୫୫ ଗୋଟି ମାମଲା ମଧ୍ୟରୁ ୨୯୦ଟି ଅଦାଲତରେ ଆପୋଷ ବିଚାର ହୋଇ ୧ କୋଟି ୭୯ ଲକ୍ଷ ୩୮ ହଜାର ୮୩ ଟଙ୍କା ଅଦାୟ ପାଇଁ ସମାଧାନ ହୋଇଥିଲା। ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀ ଭୁକ୍ତ ୨୮୨୯ ଗୋଟି ମାମଲା ମଧ୍ୟରୁ କ୍ରିମିନାଲ କମ୍ପାଉଣ୍ଡେବୁଲ କେସ୍ ୧୪ ରୁ ୧, ଏନ୍ଆଇଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୦୧ ମାମଲାରୁ ୩୩, ବ୍ୟାଙ୍କ ଋଣ ଆଦାୟ ସମ୍ବନ୍ଧିତ ୯୫ ରୁ ୧୯, ମୋଟରଯାନ ଦୁର୍ଘଟଣା ମାମଲା ୨୫୮ ରୁ ୧୩, ବୈବାହିକ (ଛାଡ଼ପତ୍ର ବ୍ୟତୀତ) ସମ୍ବନ୍ଧୀୟ ୪୮ଟି ମଧ୍ୟରୁ ୧୦, ରାଜସ୍ୱ ମାମଲା ୧୫୨୬ଟି ମଧ୍ୟରୁ ୧୩୩୯, ଅନ୍ୟାନ୍ୟ ଦେୱାନୀ ମାମଲା ୧୯୮ ରୁ ୬୩ ଓ ଅନ୍ୟାନ୍ୟ ଅପରାଧିକ ଫୌଜଦାରୀ ମାମଲା ୪୪୩ଟିମଧ୍ୟରୁ ମୋଟ ୧୯୭୧ ଟିମାମଲାର ଫଇସଲା କରାଯାଇ ମୋଟ ୨, ୭୪, ୧୨, ୫୭୫ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାଯାଇଛି। ୨ ବର୍ଗର ମୋଟ ୫୨୮୪ ଗୋଟି ମାମଲା ମଧ୍ୟରୁ ୨୨୬୧ଟି ମାମଲା ଫଇସଲା କରାଯାଇ ମୋଟ ୪, ୫୩, ୫୦, ୬୫୮ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଛି। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ପୁନମ ଜେନାଙ୍କ ତତ୍ତ୍ୱାବଧାନରେ ଲୋକ ଅଦାଲତରେ ପରିବାର ଅଦାଲତ ଜଜ୍ ବିରଞ୍ଚି ନାରାୟଣ ମହାନ୍ତି, ଅତିରିକ୍ତ ଜିଲା ଓ ଦୌରାଜଜ୍ ସୁମନ ମିଶ୍ର, ସିନିୟର ସିଭିଲ ଜଜ୍ (ଏଲ୍ଆରଓ ଏଲସିଭି) ସୁଦାମ ଚରଣଦାଶ, ସିନିୟର ସିଭିଲ ଜଜ ନିରଞ୍ଜନ ପାତ୍ର, ଅତିରିକ୍ତ ସିନିୟର ସିଭିଲ ଜଜ ସୂର୍ଯ୍ୟ ଦାସ, ଦ୍ୱିତୀୟ ଅତିରିକ୍ତ ସିନିୟର ସିଭିଲ ଜଜ୍ କୈଳାଶ ସାହୁ, ରେଜିଷ୍ଟ୍ରାର ନିହାର ରଞ୍ଜନ ସାହୁ, ଏସ୍‌ଡିଜେଏମ ସୁଭାସିନୀ ବେହେରା, ଜେଏମଏଫସି ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଶ୍ରୀପଣ୍ଡା ମହାପାତ୍ର, ଦୀପାଳି ଦାସ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ମାମଲା ସମାଧାନ ନିମନ୍ତେ ଗଠନ ହୋଇଥିବା ବିଭିନ୍ନ ବେଞ୍ଚରେ ନିଯୁକ୍ତ ସଦସ୍ୟ ତଥା ସରକାରୀ ଓକିଲ ହିମାଂଶୁ ପାଣିଗ୍ରାହୀ, ଆଇନଜୀବୀ ତାପସ ଦତ୍ତ, ପ୍ରଦୀପ ଜେନା, ସୁନୀଲ ଜେନା, ରାଜକିଶୋର ବାରିକ, ଜୟଶ୍ରୀ ଦାସ ଓ ବିଭିନ୍ନ ରାଷ୍ଟ୍ରାୟତ, ଘରୋଇ ବ୍ୟାଙ୍କ ଅଧିକାରୀ, ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ଫାଇନାଲରେ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

ରାଜ୍ୟସ୍ତରୀୟ ରତିକାନ୍ତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଉଦଳା,୧୪।୧୨(ସନ୍ତୋଷ କୁମାର ବାରିକ)

ଉଦଳା ହାଇସ୍କୁଲ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ରତିକାନ୍ତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଶନିବାର କେନ୍ଦୁଝର ଯୁନିକ ଏକାଦଶକୁ ହରାଇ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିଣି ରାମେଶ୍ୱର ସ୍ପୋର୍ଟିଂ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୨୨୩ ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଗୌତମ ଗୋପାଳ ୫୦ବଲରେ ୮୧ ରନ୍ ଓ କରଣ ମହାପାତ୍ର ୩୯ ବଲ୍‌ରେ ୫୦ ରନ୍ କରିଥିଲେ। ଯୁନିକ ଏକାଦଶ ପକ୍ଷରୁ ଅସିତ କୁମାର ସାହୁ ୨ଟି ଉଇକେଟ ନେଇଥିଲେ। ଯୁନିକ ଏକାଦଶ ୩୦ ଓଭରରେ ୯ ଉଇକେଟ ହରାଇ ୨୦୨ ରନ୍ କରିବାରେ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଆଶୁତୋଷ ସାହ ୪୦ ବଲରେ ୫୩ ଓ ଯଯବନ୍ତ ୨୩ବଲ୍‌ରେ ୨୯ ରନ୍ କରିଥିଲେ। ରାମେଶ୍ୱର ସ୍ପୋର୍ଟିଂର ଅଧିନାୟକ ଗୌତମ ଗୋପାଳ ୩ଟି ଉଇକେଟ ଅକ୍ତିଆର କରି ଦଳକୁ ଫାଇନାଲରେ ପହଞ୍ଚିବାରେ ମୁଖ୍ୟ ଭୂମିକା ନେଇଥିଲେ। ଦଳ ବିଭାଗ ଅଧିକାରୀ ବଟକୃଷ୍ଣ ପାଢ଼ୀଙ୍କ ଦ୍ୱାରା ଗୌତମଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟାର ଲଲାଟ କେଶରୀ ନନ୍ଦ ଓ ସୌମ୍ୟ ପ୍ରସନ୍ନ ମହାପାତ୍ର ପରିଚାଳନା କରିଥିଲେ। ମ୍ୟାଚ୍ ବିବରଣୀ ପ୍ରଦାନ କରିଥିଲେ ଅଭିଷେକ ବେହେରା। ସମ୍ମିତ ପାଢ଼ୀ ଓ ଦୀପ୍ତି ଲେଙ୍କା ସ୍କୋରର ଦାୟିତ୍ୱ ତୁଲାଇଥିଲେ।

## 'ପ୍ରଦର୍ଶନୀ ଜରିଆରେ ଆତ୍ମନିର୍ଭରଶୀଳ ସୁଯୋଗ ସୃଷ୍ଟି ହୁଏ'

ବାରିପଦା,୧୪।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ରଘୁନାଥପୁରସ୍ଥିତ ମଣ୍ଡପରେ ଆସପାରିଙ୍ଗ(ଆକାଂକ୍ଷୀ) ଓଡ଼ିଶା ପକ୍ଷରୁ ଚାଲିଥିବା ତିନିଦିନିଆ ମେଗା ପ୍ରଦର୍ଶନୀ ମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ନବ ଚରଣ ମାଝୀ ଏବଂ ସମ୍ମାନିତ ଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ଯୁବ ସମାଜସେବୀ ରାକେଶ ସିଂ, ଆଇନଜୀବୀ ନରୋତ୍ତମ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲା, ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ବିଭାଗ ସହ ସ୍ଥାନୀୟ କଳାକୃତି ପ୍ରଦର୍ଶିତ ହୋଇଥିଲା। ଏହା ମାଧ୍ୟମରେ ସରକାରୀ ପଦକ୍ଷେପ, ଯୋଜନା, କାର୍ଯ୍ୟକ୍ରମ, ସାଇବର ସୁରକ୍ଷା ଏବଂ ନିଯୁକ୍ତି ସୁଯୋଗ ବିଷୟରେ ଜନସଚେତନତା ବୃଦ୍ଧି ସହ ସ୍ଥାନୀୟ କାରିଗରୀଙ୍କୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ବିଭିନ୍ନ ସଂସ୍ଥା ପକ୍ଷରୁ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ମେଳାରେ ଓଡ଼ିଶାର ଐତିହ୍ୟକୁ ପାଳନ କରୁଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରଦର୍ଶନୀ ଜରିଆରେ ଆତ୍ମନିର୍ଭରଶୀଳ ସୁଯୋଗ ସୃଷ୍ଟି ହୁଏ। ଛାତ୍ରୀଛାତ୍ର ଓ ଜନସାଧାରଣ ପ୍ରଦର୍ଶନୀ ମେଳା ବୁଲିବା ସହ ଜ୍ଞାନ ଆହରଣ ପୂର୍ବକ କ୍ୟାରିୟର ପଥରେ ସହାୟକ ଓ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅତିଥିମାନେ ଷ୍ଟଲ୍‌ଗୁଡ଼ିକ ବୁଲିବା ସହ ଯୁବ ପ୍ରତିଭାମାନଙ୍କ ବିଭିନ୍ନ ଜ୍ଞାନ କୌଶଳକୁ ଉପଭୋଗ କରିଥିଲେ। ଏହି ଅବସରରେ ପ୍ରଦର୍ଶକମାନଙ୍କୁ ପ୍ରଶଂସା ସ୍ୱରୂପ ପୁରସ୍କୃତ କରାଯାଇଥିଲା।





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଫିଟ୍ ଇଣ୍ଡିଆ–୨୦୨୪ ଉଦ୍‌ଯାପିତ



କୃତୀ ପ୍ରତିଯୋଗୀ ଓ ଅତିଥିମାନେ।

ବାରିପଦା,୧୪/୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଫିଟ୍ ଇଣ୍ଡିଆ ୨୦୨୪ କାର୍ଯ୍ୟକ୍ରମର ଷଷ୍ଠ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀଙ୍କ ମାର୍ଗଦର୍ଶନରେ ୫ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ ସାହୁ ଅଧ୍ୟକ୍ଷତା କରିଥିଲେ। ଛାତ୍ରୀଛାତ୍ରଙ୍କୁ ନିୟମିତ ଅଭ୍ୟାସ, ଦୌଡ଼, ଯୋଗ, ଏବଂ ଖେଳକୁ ଜୀବନର ଅଂଶଭାବେ ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ପ୍ରିୟରଞ୍ଜନ ଦେବତା ଫିଟ ଇଣ୍ଡିଆ ୨୦୨୪ର ପୃଷ୍ଠଭୂମି ଓ ଏଥିପାଇଁ ବିଶ୍ୱବିଦ୍ୟାଳୟରେ ଆୟୋଜନ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତା ଯଥା ଧୀର–ସାଇକେଲ ଚାଳନା, ତର୍କ, ପ୍ରବନ୍ଧ, କୁଇଜ, ପୋଷ୍ଟର, ଦଉଡ଼, ଯୋଗ ଓ ବିଭିନ୍ନ ପାରମ୍ପରିକ ଭାରତୀୟ କ୍ରୀଡ଼ା ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ମୟୂରଭଞ୍ଜ ଆଥ୍ଲେଟିକ ଆସୋସିଏଶନର ସମ୍ପାଦକ ବିଜୟ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜେତାଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରିଥିଲେ। କମ୍ପ୍ୟୁଟର ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ଜନ୍ମେଞ୍ଜୟ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାନ୍ତାଳୀ ବିଭାଗର ସହକାରୀ ପ୍ରଫେସର ଡ. ଯତୀନ୍ଦ୍ରନାଥ ବେଶ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମର ପରିଚାଳନାରେ ପ୍ରାଣୀ ବିଜ୍ଞାନ ବିଭାଗର ପ୍ରଫେସର ପୁଷ୍ପାଞ୍ଜଳି ପରି, ଅର୍ଥନୀତି ବିଭାଗର ପ୍ରଫେସର ମିନତୀ ମଲ୍ଲିକ, ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦା, ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ। ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ସାରସ୍ୱତ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଗୋପବନ୍ଧୁ ନଗର, ୧୪।୧୨ (ଶାନ୍ତନୁ କୁମାର ମଣ୍ଡୁଆଲ)

ଗୋପବନ୍ଧୁ ନଗର ବ୍ଲକସ୍ଥିତ ସାରସ୍ୱତ ସ୍ନାତକ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଦୁଇଦିନ ଧରି କଲେଜ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ସୁବଳ ଦାସ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଉଭୟ ବାଳିକା ଓ ବାଳକ ବିଭାଗରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ବାଳକ ବିଭାଗରେ ତୃତୀୟ ବର୍ଷ କଳା ଛାତ୍ର ଗୌତମ ଦେ ଓ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ଅଭୟ କୁମାର ସିଂ ଯୁଗ୍ମ ଶ୍ରେଷ୍ଠ ଖେଳାଳି, ବାଳିକା ବିଭାଗରେ ଦ୍ୱିତୀୟବର୍ଷ କଳା ଛାତ୍ରୀ ଛବିରାଣୀ ମାଝୀଙ୍କୁ ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ନରୋତ୍ତମ ଦାସ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ, ଅଧ୍ୟାପକ ଏବଂ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।


**OFFICE OF THE SUPERINTENDING ENGINEER RURAL WORKS DIVISION-II, GANJAM, BERHAMPUR** No. O-843

Phone: 0680-2404096, E-Mail: eerwgmt@yahoo.co.in

Government of Odisha, e-Procurement Notice

Bid Identification No. Online Tender/09/SERWD-II/2024-25

Memo No. 7686/RWD-IIGB, Date: 10.12.24

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.5.88 Lakhs to Rs.33.61 Lakhs |
| 3 | Period of Completion | : | 1 (One) Month as per Annexure |
| 4 | Date & Time of availability of Bid Documents in the Portal | : | 21.12.2024 at 10.00 A.M. to 03.01.2025 upto 5.00 P.M. |
| 5 | Last Date/Time for receipt of Bids in the Portal | : | 03.01.2025 upto 5.00 P.M. |
| 6 | Name and Address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app.

Sd./- Superintending Engineer
OIPR-25073/11/0008/2425 R.W. Division-II, Ganjam, Berhampur


## ଆକାଉଣ୍ଟରୁ ୯୯ ହଜାର ଗାଏବ

ବାରିପଦା,୧୪।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

କମ୍ପାନୀସର୍ଭିସପାଇଁପଞ୍ଜୀକରଣଆଳରେଆକାଉଣ୍ଟରୁ ୯୯ ହଜାର ଟଙ୍କା ଠକିନେଲେ ସାଇବର ଠକ। ଏନେଇ ଡିପାସାହି ଅଞ୍ଚଳର ଅସିତ କୁମାର ମହାନ୍ତି ଶୁକ୍ରବାର ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କର ଏକ ଘରୋଇ ଉପକରଣ ସର୍ଭିସ ପାଇଁ ଅନ୍‌ଲାଇନ ପଞ୍ଜୀକରଣ କରିଥିଲେ। ଉକ୍ତ ସମୟରେ ମୋବାଇଲ ହ୍ୟାକ୍ ହୋଇ ବ୍ୟାଙ୍କ ଆକାଉଣ୍ଟରୁ ୯୯ ହଜାର ଟଙ୍କା ଗାଏବ ହୋଇଯାଇଥିଲା। ଫୋନ୍ ପେ ଜରିଆରେ ଅତୁଳ କୁମାର ପାଣ୍ଡେଙ୍କ ଆକାଉଣ୍ଟକୁ ଟଙ୍କା ଯାଇଥିବା ସେ ଜାଣିବାକୁ ପାଇଥିଲେ। ଠକେଇର ଶିକାର ହୋଇଥିବା ଜାଣି ଅସିତ ସାଇବର ଅପରାଧ ହେଲ୍ପ ଲାଇନ ନମ୍ବରରେ ଜଣାଇବା ସହ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।


**ବାରିପଦା ପୌରପରିଷଦ, ବାରିପଦା, ମୟୂରଭଞ୍ଜ – ୭୫୭୦୦୧**

Tel.: 06792-252703, Website: www.baripadamunicipality.in, e-mail: baripadam.hud@nic.in

ପତ୍ର ସଂଖ୍ୟା: ୬୯୫୭/ଟ୍ୟାକ୍ସ **ନିଲାମ ଇସ୍ତାହାର** ତା୧୩।୧୨।୨୪ରିଖ

No. C-1260: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବାରିପଦା ପୌରପରିଷଦ ଅନ୍ତର୍ଗତର ଗୋଟିଏ ସୈରାତ ଉସ ତା୧।୧।୨୦୨୫ରିଖଠାରୁ ତା୩୧।୧୨।୨୦୨୭ରିଖ (୩ ବର୍ଷ ପାଇଁ) ଜଉମୁଦା ନିବିଦା (Sealed Quotation) ଆହ୍ୱାନ କରାଯାଉଅଛି। ପୌରପରିଷଦର ନିମ୍ନଲିଖିତ ସର୍ତ୍ତ ଅନୁଯାୟୀ ଇଚ୍ଛୁକ ବ୍ୟକ୍ତିବିଶେଷ ଅଥବା ଅନୁଷ୍ଠାନମାନେ ନିବିଦା କାଗଜ କିଣି ସେଥିରେ ସୈରାତର ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ତା୨୬।୧୨।୨୦୨୪ରିଖ ଦିବା ୧୧.୦୦ ଘଟିକା ସୁଦ୍ଧା ନିବିଦା ଦାଖଲ କରିପାରିବେ। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ନିବିଦା ଗ୍ରହଣୀୟ ହେବ ନାହିଁ ଓ ତାହା ଉକ୍ତ ଦିନ ଦିବା ୧୧.୩୦ଘଟିକା ସମୟରେ ନିବିଦାକାରୀ ଓ ଟେଣ୍ଡର କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ଖୋଲାଯିବ। ଯଦି ଉକ୍ତ ସୈରାତର ସର୍ବୋଚ୍ଚ ଦର ସନ୍ତୋଷଜନକ ନ ହୁଏ, ତାହା ହେଲେ ପୁଣି ସାନି ନିବିଦା ଆହ୍ୱାନ କରାଯିବ। ଦରକାର ହେଲେ ଉକ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ।

ସବିଶେଷ ବିବରଣୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି କାର୍ଯ୍ୟାଳୟ ୱେବସାଇଟ www.baripadamunicipality.inରେ ଓ କାର୍ଯ୍ୟାଳୟ ଦିବସମାନଙ୍କରେ କାର୍ଯ୍ୟାଳୟରେ ବୁଝିପାରିବେ।

| Sl. No. | Sairat Name | Lease Period of Public Auction 2025-2027 (3 Years) | Up-set Price to be fixed for the up-coming year 2025-2026 onwards (in Rs.) | S.D. Amount @ 10% of the Upset Price (in Rs.) | Cost Auction Paper (in Rs.) |
|---|---|---|---|---|---|
| 1 | Parking Fee from loaded Vehicle | 1.1.2025 to 31.12.2027 | ₹21,37,806.00 | ₹2,13,780.00 | ₹1,000.00 |

OIPR-13078/11/0015/2425 ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ, ବାରିପଦା ପୌରପରିଷଦ



**OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR** No.CAD-1874

Tender Call Notice No.-H.O./P&C/EST/E-2751/01/2024 34401 Dated : 09.12.2024

NOTICE INVITING TENDER THROUGH e-Procurement

Name of the Work : "Construction of Internal Road for Proposed Industrial Park at Kilasama in the district of Sambalpur for the year 2024-25".

Estimated cost : Rs. 319.38 lakhs (apprx).

Period of completion : 06 (Six) calendar months.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C) IDCO, Idco Tower, Bhubaneswar | Bid ID. No. PC/ EST/E-32/2024-25 | 17.00 Hours of 18.12.2024 | 17.00 Hours of 01.01.2025 |

Further details can be seen from the e-procurement portal www.tendersorissa.gov.in and Corrigendum if any will not be published in newspapers and can only be seen in the e-procurement portal www.tenderorissa.gov.in and IDCO Website www.idco.in

Sd./- Chief General Manager (P&C) IDCO, Bhubaneswar

OIPR-14003/11/0082/2425


## ୧୬ରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଶ୍ରୀମନ୍ଦିର ଉଦ୍‌ଘାଟନ ମହୋତ୍ସବ

ବେତନଟୀ, ୧୪।୧୨ (ଧରଣୀଧର ମହାନ୍ତି)– ବେତନଟୀରେ ନବନିର୍ମିତ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଶ୍ରୀମନ୍ଦିର ଉଦ୍‌ଘାଟନ ମହୋତ୍ସବ ଆସନ୍ତା ୧୬ ତାରିଖରେ ଅନୁଷ୍ଠିତ ହେବ। ଶ୍ରୀ ଶ୍ରୀ ଆଚାର୍ଯ୍ୟଦେବ ଏହାକୁ ଉଦ୍‌ଘାଟନ କରିବେ। ଏଥିନିମନ୍ତେ ବିଭିନ୍ନ ପ୍ରାନ୍ତରୁ ବହୁ ସତସଙ୍ଗୀ ବେତନଟୀସ୍ଥିତ ସତ୍‌ସଙ୍ଗ ବିହାର ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉଷା କୀର୍ତ୍ତନ, ସଂଗୀତାଞ୍ଜଳି, ନାମ ସଂକୀର୍ତ୍ତନ, ସନ୍ଧ୍ୟା ବିନତି ପ୍ରାର୍ଥନା ଆଦି ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲୁରହିବ। ଜନସାଧାରଣ ବହୁସଂଖ୍ୟାରେ ଯୋଗଦେବାକୁ ସ.ପ୍ର.ରିତିକ ଖଗେନ୍ଦ୍ରନାଥ ସାହୁ କମିଟି ପକ୍ଷରୁ ଅନୁରୋଧ କରିଛନ୍ତି।


**ବିଜ୍ଞପ୍ତି**



No. g-122: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗତ ୦୫।୧୦।୨୦୨୪ ତାରିଖରେ ଜଗତପୁର ରାସ୍ତା କଡ଼ରୁ ଏକ ନବଜାତ ଶିଶୁ କନ୍ୟାକୁ ପରିତ୍ୟକ୍ତ ଅବସ୍ଥାରେ ଚାଇଲ୍ଡ ହେଲ୍ପଲାଇନ ଦ୍ୱାରା ଉଦ୍ଧାର ହୋଇଅଛି। କଟକ ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶନାମା ନଂ. ୪୭୨/୨୦୨୪ ଅନୁଯାୟୀ ଉକ୍ତ ଶିଶୁ କନ୍ୟାଟି ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ପ୍ରଦାନକାରୀ ସଂସ୍ଥାରେ(ସା) ରହୁଅଛି। ଏହି ଶିଶୁ କନ୍ୟାଟିର ନାମ "ପ୍ରତିଭା" ରଖାଯାଇଅଛି ଏବଂ ତା'ର ଆନୁମାନିକ ଜନ୍ମ ତାରିଖ ୪।୧୦।୨୦୨୪ ଅଟେ। ଏହି ପିଲାଟିର ବାପାମାଆ କିମ୍ବା ଅନ୍ୟ କେହି ପରିବାର ବର୍ଗ ବିଷୟରେ କୌଣସି ସଠିକ୍ ତଥ୍ୟ ମିଳିପାରୁନାହିଁ। ତେଣୁ ଯଦି ଏହି ଶିଶୁ କନ୍ୟାଟିର ପିତା, ମାତା ଓ କେହି ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ (୩୦) ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ ଭବନ, କଲେକ୍ଟୋରିଏଟ କ୍ୟାମ୍ପସ ପାଖ, କଟକ – ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ. ୫୪, କଲେକ୍ଟୋରିଏଟ ବିଲ୍ଡିଙ୍ଗ, କଟକ, ଫୋନ୍ ନଂ. ୦୬୭୧–୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡ଼ାନାସୀ, କଟକ – ୭୫୩୦୧୪ଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ। ଏହି ସମୟ ଅତିକ୍ରାନ୍ତ ପରେ ଏହି ଶିଶୁ କନ୍ୟା ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁକନ୍ୟାଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ – ୨୦୧୫ (ସଂଶୋଧିତ–୨୦୨୧) ଅନୁଯାୟୀ ଥଇଥାନ କରାଯିବ।

OIPR-33038/11/0009/2425 ସ୍ୱା./– ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ


## ସ୍ୱଳ୍ପ ଦୃଷ୍ଟି ସମ୍ପନ୍ନ ପିଲାଙ୍କୁ ଚିହ୍ନଟ ତାଲିମ

ବାରିପଦା,୧୪।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସଂଯୋଜନାରେ ଏମ୍‌କେସି ଉଚ୍ଚ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ସାଧନ ସଂଯୋଜକଙ୍କୁ ନେଇ ପୃଥକ ଭାବେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ୧୭୪ ବିଦ୍ୟାଳୟରୁ ୧୯୨ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ଶିବିରକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଟୁଡୁ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଚକ୍ଷୁ ଏକ ଅମୂଲ୍ୟ ସମ୍ପଦ ଅଟେ, ଏହାର ଯତ୍ନ କିପରି କାରାଯାଇ ପାରିବ ଓ ବିଦ୍ୟଳୟରେ ପାଠ ପଢୁଥିବା ସମସ୍ତ ଛାତ୍ରୀଛାତ୍ରଙ୍କର ଆଖି କିପରି ଠିକ ଭାବେ ଚିହ୍ନଟ କରାଯାଇପାରିବ ସେ ବିଷୟରେ ଅତିଥି ଦ୍ୱୟ ପରାମର୍ଶ ଦେଇଥିଲେ। ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲ ଓ ସମଗ୍ର ଶିକ୍ଷା ମୟୂରଭଞ୍ଜ ତରଫରୁ ଜିଲାରେ ପାଠ ପଢୁଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଚକ୍ଷୁ ପରୀକ୍ଷା କରାଯାଇ ଦୃଷ୍ଟି ଦୋଷ ଥିବା ପିଲାଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯିବା ସହିତ ଆବଶ୍ୟକତା ଅନୁଯାୟୀ ଅପରେସନର ବ୍ୟବସ୍ଥା କରାଯିବ। ବାରିପଦା ହସ୍ପିଟାଲର ଚକ୍ଷୁ ପରିକ୍ଷକ ଜ୍ୟୋତ୍ସ୍ନା ସ୍ୱାଇଁ ଓ କେସିପୁର ହସ୍ପିଟାଲର ଆୟୁଷ ଡା. ଅଭିଜିତ ରାଉତ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ, ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ରେଖାରଣୀ ଦାଶ ଓ ଦିଲୀପ ଦାଶ ଶିବିର ପରିଚାଳନା କରିଥିଲେ।


GOVERNMENT OF ODISHA

**DEPARTMENT OF WATER RESOURCES OFFICE OF THE SUPERINTENDING ENGINEER MINOR IRRIGATION DIVISION, DEOGARH**

E-mail: eemidivision_deogarh@yahoo.in

No. 1821 Date: 12.12.2024

e-PROCUREMENT NOTICE

BID REF No.: EE, MID, DGR/07/2024-25

No. A-727: Bid documents consisting names of Work, Estimated Cost, Cost of Tender Paper, EMD, Time of Completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the works | : | Civil Construction Works |
| 2 | No. of Works | : | 01 (One) No. |
| 3 | Estimated Cost | : | Approximately Rs.58.78 lakh |
| 4 | Period of Completion | : | 4 (Four) Calendar Months |
| 5 | Date and Time of availability of bid documents in the portal | : | From Dt.18.12.2024 at 10.00 A.M. to Dt.27.12.2024 upto 5.00 P.M. |
| 6 | Last date/time of receipt of bids in the portal | : | Dt.27.12.2024 upto 5.00 P.M. |
| 7 | Date of opening of Bid | : | Dt.30.12.2024 at 11.00 A.M. onwards |
| 8 | Name and address of the OIT | : | Superintending Engineer, Minor Irrigation Division, Deogarh |
| 9 | Mode of Payment of Bid Cost & Bid Security | : | Online |

**Further details can be seen from the e-Procurement market place http://tendersodisha.gov.in.

Sd./- Superintending Engineer M.I. Division, Deogarh

OIPR-32289/11/0006/2425

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ଗୁରୁତର

#### ମୃତ ସାପକୁ ଧରି ଯୁବକ ଡାକ୍ତରଖାନାରେ

ସୋର, ୧୪।୧୨(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ପାଖିରଣ ପଞ୍ଚାୟତ ସାନବିରାପଡା ଗ୍ରାମରେ ବିଲରେ କାମ କରୁଥିବା ବେଳେ କାମୁଡ଼ିଥିବା ଏକ ବିଷଧର ମୃତ ସାପକୁ ଧରି ଡାକ୍ତରଖାନାରେ ଯୁବକଜଣକ ଗୁରୁତର ଅବସ୍ଥାରେ ପହଞ୍ଚିଥିଲେ। ଉକ୍ତ ଯୁବକ ହେଲେ ଭରତ ବେହେରା। ଶନିବାର ମଧ୍ୟାହ୍ନରେ ବିଲରେ କାମ କରୁଥିବା ବେଳେ ସେ ହିଡ଼ମୂଳରେ ବସି ବିଶ୍ରାମ ନେଉଥିଲେ। ଏହି ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ିଥିଲା। ଏହାଦେଖି ସ୍ଥାନୀୟ ଲୋକେ ସାପକୁ ମାରିଦେଇଥିଲେ। ଭରତ ସାପକୁ ଏକ ବ୍ୟାଗରେ ପୂରାଇ ସୋର ଡାକ୍ତରଖାନାକୁ ଆସିଥିଲେ। ଯୁବକଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ।

### ଯୁବକଙ୍କ ଆତ୍ମହତ୍ୟା, ପୋଲିସର ତଦନ୍ତ

ବାଲେଶ୍ୱର, ୧୪।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଟାଉନ ଥାନା ଅଧୀନ ଆଜିମାବାଦ ଅଞ୍ଚଳର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଶନିବାର ଜବତ ହୋଇଛି। ମୃତ ଯୁବକ ହେଲେ ମନୋରଞ୍ଜନ ସାହୁ (୩୫)। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୪୧/୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ଏହି ଅଞ୍ଚଳର ଚନ୍ଦ୍ରଶେଖରପୁର ଘର ମଧ୍ୟରୁ ଦୁର୍ଗନ୍ଧ ବାହାରୁଥିବା ସ୍ଥାନୀୟ ଲୋକେ ଜାଣିବା ପରେ ମୃତକଙ୍କ ସମ୍ପର୍କୀୟ ଭାଇଙ୍କୁ ଖବର ଦେଇଥିଲେ। ସେ ଘଟଣାସ୍ଥଳରେ ପହଞ୍ଚି ଟାଉନ ଥାନା ପୋଲିସକୁ ଏନେଇ ଜଣାଇଥିଲେ। ଥାନା ଅଧିକାରୀ ଅଶୋକ କୁମାର ନାୟକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଘର କବାଟ ଭାଙ୍ଗିଥିଲେ। ଯୁବକଙ୍କର ଫାଶି ଲଗାଇ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ପ୍ରାୟ ୨ ଦିନ ହେବ ସେ ଝୁଲନ୍ତା ଅବସ୍ଥାରେ ରହିଥିବା ଅନୁମାନ କରାଯାଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ିନାହିଁ। ସୂଚନା ଯେ, ମୃତ ମନୋରଞ୍ଜନଙ୍କ ସାନଭାଇ ଗତ ୨୦୨୨ରେ କୌଣସି କାରଣ ପାଇଁ ଆତ୍ମହତ୍ୟା କରିଥିଲେ। ତାଙ୍କ ବଡ ଭାଇ ବାହାରେ ରୁହନ୍ତି। ମୃତ ମନୋରଞ୍ଜନ କିଛି ଦିନ ପୂର୍ବରୁ ଭାସ୍କରଗଞ୍ଜ ରେଳ ଲାଇନ୍‌ରେ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ଆରପିଏଫ୍ ତାଙ୍କୁ ଉଦ୍ଧାର କରି ଘରେ ଛାଡ଼ିଥିଲା। ତେବେ ମାନସିକ ଚାପରେ ସେ ଫାଶୀ ଦେଇ ଆତ୍ମହତ୍ୟା କରିଥିବା କୁହାଯାଉଛି।

### ଘୁଞ୍ଚିଲା ଭୋଗରାଇ ଉତ୍ସବ

ଭୋଗରାଇ, ୧୪।୧୨(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଥାନା ଛକ ହେଲିପ୍ୟାଡ ପଡ଼ିଆରେ ଆସନ୍ତା ଜାନୁଆରୀ ନୂଆବର୍ଷରୁ ଆରମ୍ଭ ହେବାକୁ ଯାଉଥିବା ବହୁ ଆକାଂକ୍ଷିତ ଭୋଗରାଇ ଉତ୍ସବ ଅନିବାର୍ଯ୍ୟ କାରଣ ଯୋଗୁ ଧାର୍ଯ୍ୟ ତାରିଖରୁ ଘୁଞ୍ଚାଇ ଦିଆଯାଇଥିବା ଉତ୍ସବ କାର୍ଯ୍ୟକାରିଣୀ କମିଟିର ମୁଖ୍ୟ ଉପଦେଷ୍ଟା ରବୀନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ଏହି ଉତ୍ସବ ନୂଆବର୍ଷ ଫେବୃଆରୀରେ ହେବାର ସମ୍ଭାବନା ରହିଛି ବୋଲି ଉତ୍ସବ କମିଟି ସଭାପତି ଶିକ୍ଷାବିତ୍ ପଙ୍କଜାକ୍ଷ ପଣ୍ଡା ଓ ସମ୍ପାଦକ ପ୍ରଦୀପ ନାୟକ ସୂଚନା ଦେଇଛନ୍ତି।

### ରକ୍ତଦାନ ଶିବିର, ୩୦ ୟୁନିଟ୍ ସଂଗ୍ରହ

ରେମୁଣା, ୧୪।୧୨(ରବୀନ୍ଦ୍ର ମହାକୁଡ଼)

ରେମୁଣା ବ୍ଲକ ଭୀମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ଏକ ରକ୍ତଦାନ ଶିବିର ଓ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ରମେଶ ଚନ୍ଦ୍ର ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଡ. ଭାଗବତ ପ୍ରସାଦ ଦାସ, ବରେଣ୍ୟ ଅତିଥି ଭାବେ ଡ. ଶ୍ୟାମସୁନ୍ଦର ପଣ୍ଡା, ସିଆରସିସି ରମେଶ ଚନ୍ଦ୍ର ଷଣ୍ଡା ପ୍ରମୁଖ ଯୋଗଦେଇ ରକ୍ତଦାତା ଓ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସାଂସ୍କୃତିକ ସମ୍ପାଦକ ରାଧାରଞ୍ଜନ ଦାସ ଅତିଥି ପରିଚୟ, ଚିନ୍ମୟ ରଥ ଓ ବିର୍ଣ୍ଣା ରଞ୍ଜନ ଦ୍ୱିବେଦୀ ଗୀତା ପାଠ ଏବଂ ଆଲୁମ୍ନି ସଭାପତି ବିନୋଦ କୁମାର ଦାସ ଧନ୍ୟବାଦ ଦେଇଥିଲେ। ପୁରାତନ ଛାତ୍ର ଧନଞ୍ଜୟ ଷଡ଼ଙ୍ଗୀ, ଭିଗରଞ୍ଜନ ଦାସ, ତାପସ ରଞ୍ଜନ ରଥ, ରତିକାନ୍ତ ବେହେରା, ବିକାଶ କୁମାର ଜେନା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସେଠୀ ପରିଚାଳନା ସହଯୋଗ କରିଥିଲେ। ଶିବିରରେ ୩୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

# ଖୋଲୁନି ଧାନମଣ୍ଡି, ଚିନ୍ତାରେ ଚାଷୀ

## ଆନ୍ଧ୍ରକୁ ହେଉଛି ଚୋରାଚାଲାଣ

ପଞ୍ଚଲିଙ୍ଗେଶ୍ୱର, ୧୪।୧୨(ଲେଲିନ୍ କୁମାର ଦେ)

ଧାନମଣ୍ଡି ଖୋଲୁ ନ ଥିବାରୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। କୁଇଣ୍ଟାଲ ପିଛା ସରକାରୀ ଫାଇନ୍ (ଆରଏମ୍‌ସି) ମାତ୍ର ୨୩ ଟଙ୍କାରେ ଆନ୍ଧ୍ରକୁ ଯାଉଛି ଓଡ଼ିଶାର ଧାନ। ରାଜ୍ୟ ସରକାର ୩୧୫ଶହ ଟଙ୍କାରେ ଧାନ କିଣିବା ପାଇଁ ଘୋଷଣା କରିଛନ୍ତି। ଚାଷୀମାନେ ପ୍ରତିକୂଳ ପରିସ୍ଥିତିରେ ସ୍ଥାନୀୟ ମହାଜନଙ୍କଠାରୁ ୪ରୁ ୫ ଶତକଡ଼ା ମାସିକ ସୁଧହାରରେ କରଜ ଆଣି ଧାନ ଚାଷ କରିଥିବା ବେଳେ ସୁଧ ଟଙ୍କା ଶୁଝିବା ପାଇଁ ଅଧା ଦରରେ ଅର୍ଥାତ୍ ୧୬ଶହରୁ ୧୮ଶହ ଟଙ୍କା ମଧ୍ୟରେ ବେପାରୀମାନଙ୍କୁ ଧାନ ବିକିବାକୁ ବାଧ ହେଉଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନୀଳଗିରି ଉପଖଣ୍ଡ ଔପଦା ବ୍ଲକ କାଣ୍ଡଗଡ଼ି ପଞ୍ଚାୟତର କାନପୁର ଛକ ନିକଟରେ। ସ୍ଥାନୀୟ ଧାନ ବେପାରୀ ଏକ ଟ୍ରକ୍ (ନଂ. ଏପି୦୫ଟିଡ଼ି- ୩୭୮୯) ସହାୟତାରେ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କଠାରୁ କ୍ରୟ ହୋଇଥିବା ପ୍ରାୟ ୨୦ଟନ୍ ଧାନ ଆନ୍ଧ୍ରକୁ ପଠାଇବା ପାଇଁ ଉଦ୍ୟମ କରୁଥିଲେ। ସୂଚନା ପାଇ ଆରଏମସି ଅଧିକାରୀ ରତ୍ନାକର ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଟ୍ରକ୍‌କୁ ୪ହଜାର ୬ଶହ ଟଙ୍କା ଫାଇନ୍ କାଟିଥିଲେ। ଏହାପରେ ଧାନ ନେଇ ଟ୍ରକ୍ ପଳାଇଯିବାରୁ ଆରଏମ୍‌ସିର କାର୍ଯ୍ୟାନୁଷ୍ଠାନ ଉପରେ ସନ୍ଦେହ ଦେଖା ଦେଇଛି। ସରକାରୀ କଟକଣା ସତ୍ତ୍ୱେ କିପରି ବାହାର ରାଜ୍ୟକୁ ଚୋରାରେ ଧାନ ଚାଲାଣ କରାଯାଉଛି, ଏନେଇ ଚର୍ଚ୍ଚା ଜୋର ଧରିଛି। ତୁରନ୍ତ ମଣ୍ଡି ଖୋଲିବା ସହିତ ଧାନର କଳାବଜାରୀକୁ ରୋକିବା ସହ ପ୍ରଶାସନ ପକ୍ଷରୁ ଦୃଢ଼ ପଦକ୍ଷେପ ନେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।



ଟ୍ରକ୍‌ରେ ଧାନ ଲୋଡ଼ିଂ ହେଉଛି।

# ବାଲେଶ୍ୱର ଉତ୍ସବର ଦଶମ ସନ୍ଧ୍ୟା

## ସ୍ୱୟମ୍ଭ, ଅନ୍ତରାଙ୍କ ଗୀତରେ ଝୁମିଲେ ଦର୍ଶକ



ଜିଲାପାଳ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

ବାଲେଶ୍ୱର, ୧୪।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲ୍ଲା ସ୍କୁଲ ପଡ଼ିଆରେ 'ବାଲେଶ୍ୱର ଉତ୍ସବ'ର ଦଶମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ୱାର୍ଡ ସୋସିଓ କଲଚୁରାଲ କମିଟି, ଉତ୍ସବ କମିଟି ଓ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା, ଅନୁଷ୍ଠାନ ଆବାହକ ନାରାୟଣ ଚନ୍ଦ୍ର ପ୍ରଧାନ, ଅଧକ୍ଷା ଗୋପାମୁଦ୍ରା ମହାପାତ୍ର, ପୌରାଧକ୍ଷା ସବିତା ସାହୁ, ମହିଳା ସଭାନେତ୍ରୀ ରଞ୍ଜିତା ମହାପାତ୍ର, ସିପ୍ରା ମହାପାତ୍ର, କାଉନ୍‌ସିଲର ସୁଚିସ୍ମିତା ପଣ୍ଡା, ସଲିମା ବିବି ଓ ପ୍ରୀତିଲତା ସେଠୀ, ସାମାଜିକ କର୍ମୀ ଆଶ୍ରିତା ତରାଇ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କମିଟି ସଭାପତି ସର୍ବେଶ୍ୱର ପୁରନ ଦାସ ଅଧକ୍ଷତା କରିଥିଲେ। ଏହାପରେ କଣ୍ଠଶିଳ୍ପୀ ସ୍ୱୟମ୍ଭ ପାତ୍ରୀ ଓ ଅନ୍ତରା ଚକ୍ରବର୍ତ୍ତୀଙ୍କ ସଙ୍ଗୀତର ତାଳେ ତାଳେ ଦର୍ଶକମାନେ ମତୁଆଲା ହୋଇଥିଲେ। ମଞ୍ଚରେ ଦୀର୍ଘ ସମୟ ପର୍ଯ୍ୟନ୍ତ ନୃତ୍ୟ, ଗୀତର ଆସରରେ ଦର୍ଶକମାନେ ମଜ୍ଜିଯାଇଥିଲେ। କାର୍ଯ୍ୟକାରୀ ସଭାପତି ଗୌତମ ସେଠୀ, ଉପସଭାପତି ସୁଶାନ୍ତ ସାହୁ, ରଣଜିତ୍ ପଣ୍ଡା, ଚନ୍ଦନ ଶତପଥୀ, ସବ୍‌ସାଦୀ ଦାସଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ଧାନ ବୋଝେଇ ଟ୍ରାକ୍ଟର ଧକ୍କାରେ ଆଖିବୁଜିଲା ଶିଶୁ

ଖଇରା, ୧୪।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଗୁଣୁରା ପଞ୍ଚାୟତ ଅଧୀନ ବରୁଣପଦି ଗ୍ରାମରେ ଏକ ଟ୍ରାକ୍ଟର ଧାନ କଲେଇ ଖାଲି କରୁଥିବା ବେଳେ ପଛ ଚକ ଧକ୍କାରେ ମନୋଜ କୁମାର ବେହେରାଙ୍କ ଦେଢବର୍ଷର ଶିଶୁ ଅଂଶୁମାନ ଗୁରୁତର ହୋଇ ପଡ଼ିଥିଲେ। ପ୍ରଥମେ ବାରାପୁର ଓ ପରେ ଭଦ୍ରକ ଡାକ୍ତରଖାନା ନିଆଯିବା ପରେ ଚିକିତ୍ସାଧୀନ ଅବସ୍ଥାରେ ତାର ମୃତ୍ୟୁ ଘଟିଥିଲା। ଟ୍ରାକ୍ଟରଟି ଧାନଖଳାରେ କଲେଇ ଖାଲି କରୁଥିବା ବେଳେ ପରିବାର ଲୋକେ କଲେଇକୁ ସାଇଜ କରି ରଖୁଥିଲେ। ଅଂଶୁମାନ ଗୁରୁଣ୍ଡି ଗୁରୁଣ୍ଡି ଘରୁ ଖଳା ପର୍ଯ୍ୟନ୍ତ ଆସି ଚକ ପାଖକୁ ଚାଲିଯାଇଥିଲା। ଡ୍ରାଇଭର ଗାଡ଼ିଟକୁ କରୁଥିବା ବେଳେ ପଛଚକ ଅଂଶୁମାନ ସହ ବାଡେଇ ହୋଇଯାଇଥିଲା।

# ବିଦ୍ୟାଳୟର ପ୍ରଥମ ବାର୍ଷିକ କ୍ରୀଡ଼ା, ସାଂସ୍କୃତିକ ଉତ୍ସବ



ଅତିଥିମାନଙ୍କ ଗହଣରେ ଛାତ୍ରଛାତ୍ରୀ।

ସିମୁଳିଆ, ୧୪।୧୨(ସନ୍ତୋଷ ନାୟକ)

- କୁନି କୁନି ଶିଶୁ ବିଦ୍ୟାଳୟ ବଗିଚାର ଫୁଲଗଛ
- ୪୦ କୃତୀ ସମ୍ମାନିତ

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ କାମୁଣ୍ଡି ଅଞ୍ଚଳରେ ପ୍ରତିଷ୍ଠିତ ଏମ୍‌ଜି ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରଥମ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ଗତ ଗୁରୁବାରରୁ ଆରମ୍ଭ ହୋଇଥିବା କ୍ରୀଡ଼ା ଉତ୍ସବରେ ୭୮ଜଣ କୁନି ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ୧୦ଟି ବର୍ଗରେ ଅନୁଷ୍ଠିତ କ୍ରୀଡାରେ ୪୦ଜଣ କୃତୀ ବିଜେତାଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟ ଅଧକ୍ଷ ଗୋପାଳ ପ୍ରସାଦ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସିମୁଳିଆର ପୂର୍ବତନ ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଯୋଗଦେଇ କୁନି କୁନି ଶିଶୁମାନେ ବିଦ୍ୟାଳୟ ବଗିଚାର ଫୁଲ ଗଛ, ସେମାନଙ୍କ ଉଚିତ ଯତ୍ନ ନେଲେ ସମାଜରେ ମହକ ବିଚ୍ଛୁରିତ ହେବ ବୋଲି କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବିଦ୍ୟାଳୟ ପ୍ରତିଷ୍ଠାତା ସୁଶାନ୍ତ କୁମାର ନାୟକ, ପରିଚାଳକ ସୁରେଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ନେହମୟୀ ସାହୁ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ମୋରମ ବୋଝେଇ ୨ ଡମ୍ଫର ଜବତ, ୨ ଅଟକ

ସୋର, ୧୪।୧୨(ଜନ୍ମେଜୟ ମିଶ୍ର)

ସୋର ଥାନା ନଦୀଗାଁ ଗ୍ରାମ ରାସ୍ତାରୁ ଦୁଇଟି ମୋରମ ବୋଝେଇ ଡମ୍ଫରକୁ ପୋଲିସ ଜବତ କରି ଦୁଇ ଚାଳକଙ୍କୁ ଥାନାରେ ଅଟକ ରଖିଛି। ଶନିବାର ଅପରାହ୍ନରେ ଦୁଇଟି ଡମ୍ଫର(ନଂ. ଓଡି ୦୪ ଏଚ ୪୦୨୦ ଓ ଓଆର ୦୧ ପି ୯୨୧୫) ବେଆଇନ ଭାବେ ମୋରମ ବୋଝେଇ କରିଯାଉଥିବା ବେଳେ ପୋଲିସ ଖବରପାଇ ତଡ଼ାଉ କରି କାଗଜପତ୍ର ଯାଞ୍ଚ କରିଥିଲା। ଯାଞ୍ଚ ପରେ ବେଆଇନ ଭାବେ ମୋରମ ଚାଲାଣ ହେଉଥିବା ନେଇ ଡମ୍ଫର ଦୁଇଟିକୁ ଜବତ କରି ଥାନାକୁ ଆଣିବା ସହିତ ୨ ଚାଳକଙ୍କୁ ଅଟକ ରଖି ଘଟଣାର ତଦନ୍ତ କରିଛି।

### ସୁରକ୍ଷା ପାଚେରି ନିର୍ମାଣ ନାମରେ ଅବାଧ ଗଛକଟା



ସରକାରୀ ଜମିରୁ କଟାଯାଇଥିବା ଗଛ।

ଖଇରା, ୧୪।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ତ୍ତନା ପଞ୍ଚାୟତ ଅଧୀନ ଗୋୟାରିଆ ଗ୍ରାମରେ ସୁରକ୍ଷା ପାଚେରି ନିର୍ମାଣ ଆଳରେ ମୂଲ୍ୟବାନ ଗଛ କାଟି ବିକ୍ରି ଉଦ୍ୟମ କରାଯାଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାଜସ୍ୱ ନିରୀକ୍ଷକଙ୍କ ବିନା ଅନୁମତିରେ ଏବଂ ବ୍ଲକ କନିଷ୍ଠଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହା କରାଯାଉଥିବା ନେଇ ଗ୍ରାମର ସୁଧାକର ଦାସ, ମହେନ୍ଦ୍ର ଦାସ ଓ ସନାତନ ରାଉତଙ୍କ ସମେତ ଶତାଧିକ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘଟଣା ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗାଁ ପୋଖରୀ କଡ଼ରେ ସୁରକ୍ଷା ପାଚେରି ନିର୍ମାଣ ପାଇଁ ୩ବର୍ଷ ତଳେ ୩ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏବେ ପାଚେରି ନିର୍ମାଣ ଆଳରେ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏକ ବିଶାଳକାୟ ଅର୍ଜୁନ ଗଛ କାଟି ବିକ୍ରି ଉଦ୍ୟମ କରାଯାଉଥିବା ବେଳେ ଗ୍ରାମବାସୀ ଶନିବାର ରାଜସ୍ୱ ନିରୀକ୍ଷକଙ୍କୁ ଅଭିଯୋଗ କରିଥିଲେ। ରାଜସ୍ୱ ନିରୀକ୍ଷକ ଦେବବ୍ରତ ସାହୁ ଉକ୍ତ ଗଛ ଜବତ କରିଥିବା ବେଳେ ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀ ଶ୍ରଦ୍ଧାନନ୍ଦ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରେ ଗ୍ରାମବାସୀ ତାଙ୍କୁ ଗଛ କାଟିବା କଥା କହୁଥିଲେ। ହେଲେ ପ୍ରକଳ୍ପ ପାଇଁ ଗଛ କାଟିବାର ଆବଶ୍ୟକତା ନ ଥିବା ଗ୍ରାମବାସୀଙ୍କୁ କହିଥିବା ପ୍ରତିକ୍ରିୟାରେ କହିଛନ୍ତି।

# ଶିକ୍ଷା ସହ ଦୀକ୍ଷାର ମିଶ୍ରଣରେ ଶିକ୍ଷାର୍ଥୀ ଜୀବନ ପୂର୍ଣ୍ଣାଙ୍ଗ ହୁଏ



ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

ସିମୁଳିଆ, ୧୪।୧୨(ସନ୍ତୋଷ ନାୟକ)

- ୮ ସ୍ନାତକୋତ୍ତରରେ ୨୨ କୃତୀ ସମ୍ମାନିତ
- ୧ କୋଟି ବ୍ୟୟରେ ନିର୍ମାଣ ହେବ ଷ୍ଟାଡ଼ିୟମ

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ରଘୁନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ, ମାର୍କୋଣାର ୬୭ତମ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରିବା ସହିତ ଶିକ୍ଷାନୀତିର ପରିବର୍ତ୍ତନ ଉପରେ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଧାୟକ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଖାଲି ପାଠ ପଢିଲେ ହେବ ନାହିଁ, ଭଲ ମଣିଷ ହେବା ଜରୁରୀ ବୋଲି ମତବ୍ୟକ୍ତ କରିବା ସହିତ ୧କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ବିଦ୍ୟାଳୟ ପରିସରରେ ଷ୍ଟାଡିୟମ ନିର୍ମାଣର ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ରୂପେ ପୁରାତନ ଛାତ୍ର ସଂସଦ ସଭାପତି ଗୋକୁଳାନନ୍ଦ ମିଶ୍ର ସମାଜ ପରିବର୍ତ୍ତନ ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ କମଳାକାନ୍ତ ନାୟକ ଶିକ୍ଷା ସହିତ ଦୀକ୍ଷାର ମିଶ୍ରଣରେ ଶିକ୍ଷାର୍ଥୀ ଜୀବନ ପୂର୍ଣ୍ଣାଙ୍ଗ ହୁଏ ବୋଲି କହିଥିଲେ। ସେହିପରି ଜିଲାପରିଷଦ ରମେଶ ଚନ୍ଦ୍ର ସାହୁ ଅଭିଭାବକମାନେ ଖାଦ୍ୟ, ପୋଷାକ ପରି ସରକାରୀ ଯୋଜନାକୁ ଗୁରୁତ୍ୱ ନ ଦେଇ ଶିକ୍ଷା ପ୍ରତି ସଚେତନ ହେଲେ ଶିକ୍ଷାର ଅଗ୍ରଗତି ହୋଇପାରିବ ବୋଲି କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସିଆରସିସି ରତ୍ନାକର ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାଧବାନନ୍ଦ ପଣ୍ଡା, ପୂର୍ବତନ କ୍ରୀଡ଼ା ଶିକ୍ଷକ ତଥା ପ୍ରଧାନ ଶିକ୍ଷକ ଗଙ୍ଗାଧର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ମାଟ୍ରିକ ପରୀକ୍ଷାରେ ବ୍ଲକ ଟପ୍‌ର ହୋଇଥିବା ଏହି ବିଦ୍ୟାଳୟର ଛାତ୍ରୀ ମୌସୁମୀ ମହାପାତ୍ର, କ୍ରୀଡ଼ା ଚାମ୍ପିଅନ ଅମୂଲ୍ୟ ଦେବନାଥ, ସୁପ୍ରିୟା ଙ୍କ, ଦେବାଶିଷ ମାରାଣ୍ଡି, ଗୀତାଞ୍ଜଳି ଦାଷିଙ୍କ ସମେତ ୮ଟି ସ୍ନାତକରେ ୨୨ଜଣ କୃତୀଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ସସ୍ମୀରାଣୀ ପାଣିଗ୍ରାହୀ ଅତିଥି ପରିଚୟ, ପ୍ରଣତି ମହାନ୍ତି ମାନପତ୍ର ପଠନ, କ୍ରୀଡ଼ା ଶିକ୍ଷକ ବିଜୁଳିବ ରଥ ମଞ୍ଚ ସଞ୍ଚାଳନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଟାଟା ଇଲେଭେନ ଝାଡ଼ଖଣ୍ଡ ଦ୍ୱିତୀୟ ସେମିରେ

#### ବାବା ମୁକ୍ତେଶ୍ୱର ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ସୋର, ୧୪।୧୨(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ମହୁପୁହାଣ ପଞ୍ଚାୟତ ବାବା ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ଜିମ ଖାନା ରାଉରକେଲାକୁ ହରାଇ ଟାଟା ଇଲେଭେନ, ଝାଡ଼ଖଣ୍ଡ ଦ୍ୱିତୀୟ ସେମିରେ ଖେଳିବାକୁ ବିବେଚିତ ହୋଇଛି। ଝାଡ଼ଖଣ୍ଡ ଟିମ୍ ଟସ ଜିତି ପ୍ରଥମେ ବ୍ୟାଟିଂ ଆରମ୍ଭ କରିଥିଲା। ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୮୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ କଲେଶ୍ୱର ଗୋପେ ୪୬ଟି ବଲ୍ ଖେଳି ୫୦ ରନ ଓ ବିଜୟ କୁମାର ଯାଦବ ୨୫ଟି ବଲ୍‌ରେ ୩୬ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ରାଉରକେଲା ଦଳ ୨୫ ଓଭରରେ ୮ ଉଇକେଟ ହରାଇ ୧୮୦ ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ସୌମ୍ୟ ଘଡେଇ ୨୮ ବଲରେ ୩୭ ରନ, ସରୋଜ ମହାଡ ୨୬ ବଲରେ ୩୬ ରନ ସଂଗ୍ରହ କରିଥିଲେ। ଝାଡ଼ଖଣ୍ଡର ବ୍ୟାଟ୍ସମ୍ୟାନ କଲେଶ୍ୱର ଗୋପେ ୪୬ ବଲରୁ ୫୦ ରନ ସଂଗ୍ରହ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ମ୍ୟାଚକୁ ଓସିଏ ପ୍ୟାନେଲ ଅମ୍ପାୟାର ରାଜୀବ ପାତ୍ର ଓ ଅର୍ଣ୍ଣବ ସାମଲ ଖେଳ ପରିଚାଳନା କରିଥିଲେ। ରବିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଆଦର୍ଶ କ୍ଲବ ବାଲେଶ୍ୱର ବନାମ ଟାଟା ଇଲେଭେନ, ଝାଡ଼ଖଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ।


ଓଡ଼ିଶା ସରକାର
ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ସମ୍ବଲପୁର
Office Order No.3541/ Dated 10.12.2024
E-Mail-serwcirclesbp@yahoo.com
1st Corrigendum
Bid Identification No.Road Tender Online RWCSBP-07/2024-25
No.O-886:Following modifications are hereby made to the notice inviting tender vide this office Bid Id No.Road Tender Online RWCSBP-07/2024-25 1. The availability of tender online for bidding may be read as 23.12.2024 from 11.00 AM to 06.01.2025 upto 5.00 PM instead of from 02.12.2024 from 11.00 AM to 16.12.2024 upto 5.00 PM. 2. The last date & time for seeking clarification may be read as 04.01.2025 upto 5.00 PM instead of 13.12.2025 upto 5.00 PM. 3. The date & time of technical opening bid may be read as 07.01.2025 at 11.00 AM instead of 17.12.2024 at 11.00 AM. All other terms and condition remain unchanged.
OIPR-25091/11/0014/2425
Sd./- Chief Construction Engineer R.W.Circle, Sambalpur

OFFICE OF THE TRANSPORT COMMISSIONER-CUM-CHAIRMAN, STATE TRANSPORT AUTHORITY, ODISHA, CUTTACK
TENDER CALL NOTICE
Notice No.LXVII-12/2023-18401 Date : 13.12.2024
No.JJ-33 : Sealed tenders are invited for a Request for Proposal (RFP) for selection of Service Provider for Providing IT Support Services on Manhour Basis to the Transport Commissioner and its Subordinate Offices by the office of Transport Commissioner for online submission latest by 03.01.2025.
For details, please visit the websites www.odishatransport.gov.in and www.enivida.odisha.gov.in.
By the orders of Transport Commissioner, Odisha
Sd./- Addl. Commissioner Transport (Admin.) STA, Odisha, Cuttack
OIPR-38003/11/0032/2425

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାଇରଙ୍ଗପୁର
OFFICE OF THE PROJECT ADMINISTRATOR, I.T.D.A., RAIRANGPUR
At: Rairangpur W. No. 3, Mandirsahi, P.O.: Rairangpur, Dist.: Mayurbhanj - 757043
Email: paitdarrp@yahoo.in, itdargp@nic.in, Office No.: 06794-291151
No. 5749/ITDA, RRP NOTICE Date: 11.12.2024
1st CORRIGENDUM to
Bid Identification No. 01/ITDA, RRP of 2024-25 Date: 05.12.2024
No. CAD-1894: In the Percentage Bill of Quantity (BoQ) of the estimate namely "Approach road to EMRS, Badampahar of Kusumi Block" as mentioned at Sl. No. 02 of the above Bid Identification Notice published by this ITDA vide the No. cited supra, the item at Sl. No. 07 of the BoQ may be read as cement concrete (1:2:4) with 12mm size hard granite chips CC Road Base instead of Cement Concrete (1:4:8) with 12mm size hard granite chips CC Road Base. The other terms & conditions as available in the tender schedule are remain unchanged.
All concerned be presumed as modified to above extent.
Sd./- Project Administrator, ITDA, Rairangpur
OIPR-19080/11/0003/2425


# ଫକୀରମୋହନ ପ୍ରାଥମିକ ବିଦ୍ୟାଳୟରେ ତାଲା ବନ୍ଦ ଆନ୍ଦୋଳନ

ବାଲେଶ୍ୱର, ୧୪।୧୨(ବାଞ୍ଛାନିଧି ଦେ)

- ୫ ଶ୍ରେଣୀକୁ ୩ ଶିକ୍ଷକ
- ସ୍ଥାୟୀ ଶିକ୍ଷକ ନିଯୁକ୍ତି ଦାବି

ବାଲେଶ୍ୱର ସହରର ମଲ୍ଲିକାଶପୁରଠାରେ ଥିବା ଫକୀରମୋହନ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ଉତ୍ତେଜନା ଦେଖାଦେଇଛି। ଶନିବାର ଗ୍ରାମବାସୀ ସ୍କୁଲ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସ୍ଥାୟୀ ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ତାଲାବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ ଓ ଅଭିଭାବକ ଚେତାବନୀ ଦେଇଛନ୍ତି।

ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶହେରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ୫ ଶ୍ରେଣୀକୁ ୩ ଜଣ ଶିକ୍ଷୟିତ୍ରୀଶିକ୍ଷକ ରହିଛନ୍ତି। ସେଥିରୁ ଜଣେ ପ୍ରଧାନ ଶିକ୍ଷୟିତ୍ରୀ ଥିବା ବେଳେ ଅନ୍ୟ ୨ ଜଣ ଡେପୁଟେସନରେ ଅନ୍ୟ ବିଦ୍ୟାଳୟକୁ ଯାଉଥାନ୍ତି ଏବଂ ଜଣେ ଶିକ୍ଷୟିତ୍ରୀ ସିଆରସିସି କାର୍ଯ୍ୟ ତୁଲାଉଥାନ୍ତି। ଫଳରେ ପିଲାମାନଙ୍କର ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହେବାକୁ ବସିଛି। ଏପରିକି ଶିକ୍ଷୟିତ୍ରୀଶିକ୍ଷକମାନେ ଠିକ୍ ସମୟରେ ବିଦ୍ୟାଳୟକୁ ଆସୁ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ଆଉ ଦୁଇ ମାସ ପରେ ପିଲାମାନଙ୍କର ବାର୍ଷିକ ପରୀକ୍ଷା। ପାଠ ପଢ଼ା ହେଉ ନ ଥିବାରୁ ପିଲାମାନଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଉଛି। ଫଳରେ ପିଲାଙ୍କୁ ବିଦ୍ୟାଳୟ ପଠାଇବା ପାଇଁ ଅଭିଭାବକ ଆଗ୍ରହୀ ହେଉନାହାନ୍ତି। ଏ ନେଇ ୧୭ ନଂ ୱାର୍ଡ କାଉନସିଲର ସସ୍ମୀରାଣୀ ଜେନାଙ୍କ ନେତୃତ୍ୱରେ ଅଭିଭାବକ ଓ ଗ୍ରାମବାସୀ ଜିଲା ଶିକ୍ଷାଧିକାରୀଙ୍କଠାରେ ଏନେଇ ଅଭିଯୋଗ କରିଥିଲେ। ଜିଲା ଶିକ୍ଷାଧିକାରୀ ଏହାର ତୁରନ୍ତ ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତିକୁ ୫ ମାସ ବିତିଯାଇଥିଲେ ସୁଦ୍ଧା କୌଣସି ସ୍ଥାୟୀ ଶିକ୍ଷକ ନିଯୁକ୍ତି ହୋଇନାହାନ୍ତି। ଶିକ୍ଷା ବିଭାଗର ଉଦାସୀନତା ଯୋଗୁ ଶେଷରେ ବାଧ୍ୟ ହୋଇ ଗ୍ରାମବାସୀ ଓ ଅଭିଭାବକ ତାଲା ବନ୍ଦ ଆନ୍ଦୋଳନ କରିଛନ୍ତି।



ବିଦ୍ୟାଳୟରେ ଅଭିଭାବକଙ୍କ ଦ୍ୱାରା ତାଲା ପକାଯାଇଛି।

## GOVERNMENT OF ODISHA, "e"-PROCUREMENT NOTICE
## WORKS DEPARTMENT

No.B-755

E-mail : ceworldbankprojects@gmail.com

**Bid Identification No. CE-BRIDGES - 10 / 2024-25**

1 The Chief Engineer (Bridges), Odisha on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Bridge work as detailed below :
2 Nature of work : Bridge/Road works
3 No. of work : 05 nos.
4 Tender cost : Rs. 10,000.00 (on-line)
5 Class of Contractor : A/Special Class Contractor
6 Available of bid document in the website : From 10.00 A.M. of 17.12.2024 to 5.00 P.M. of 08.01.2025
7 Date of opening of Bid : Dt.09.01.2025 at 11.30 A.M.
8 The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./- Chief Engineer, Bridges**
**Odisha, Bhubaneswar**

**OIPR-34174/11/0023/2425**

---

## Government of Odisha
No.O-867:
## "e" Procurement Notice
**Bid Identification No.TENDER ONLINE SNPR-08 OF 2024-25**
**Letter No.4461, Date:10.12.2024**

1. Name of the Work : Road Works as per DTCN available in the website www.tendersodisha.gov.in
2. Total No. of Work : 12 (Twelve) Nos.
3. Approximate Estimated Cost : Vary from Rs.5.04 Lakh to Rs.43.45 Lakh
4. Period of Completion : 2 (Two) Calendar Months
5. Period and time of availability of bid document in the portal for bidding : 16.12.2024 at 11.00 AM to 26.12.2024 upto 5.00 PM
6. Date and Time of Opening of Tender : 27.12.2024 at 11.00 AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W. Division, Sonepur

(1) Other details can be seen from detailed notice
(2) Inviting tenders, available in website www.tendersodisha.gov.in
(3) Corrigendum if any shall only be published in the website: www.tenderodisha.gov.in

**Sd./- Additional Chief Engineer**
**Rural Works Division, Sonepur**

**OIPR-25054/11/0010/2425**

---

## OFFICE OF THE CHIEF ENGINEER, MEGALIFT, BHUBANESWAR
**Plot No.A-8/2, 1st Floor, Bhoi Nagar, Bhubaneswar-751022 (Odisha)**
ମୁଖ୍ୟଯନ୍ତ୍ରୀ, ବୃହତ୍ ଉଠାଜଳସେଚନଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର
ପ୍ଲଟ ନଂ.-ଏ-୮/୨, ପ୍ରଥମ ମହଲା, ଭୋଇ ନଗର, ଭୁବନେଶ୍ୱର-୭୫୧୦୨୨ (ଓଡ଼ିଶା)
E-mail:cemegalift-eicwr.od@nic.in, Ph:91-0674-2567252, Fax:91-0674-2567258

**No.10583/Dated 09.12.2024**

### TENDER CANCELLATION NOTICE
**Bid Identification No.2ML/2024-25**

**No.A-719:** The tender for the work "Operation and Maintenance of existing 20 nos. schemes with intake points on Mahanadi River. Ong River, Bheden River and Hirakud reservoir having command area between 500 Ha. to 2000 Ha. in Megalift Cluster-III in the district of Bolangir, Bargarh, Jharsuguda and Sambalpur comprising all electro-mechanical & instrumentation equipments installed in pump house & MCC room including pumps and motors, switchyard & Transmission lines, intake well, Sump well, Rising main, Distribution chamber, Gravity main, complete distribution network by UGPL covering culturable command area of 25428.77 Ha. with operation of maintenance of all its 20 completed schemes including its power system connectivity, proper distribution of water to the ayacut including watch & ward with testing and calibration of all electro-mechanical components before the start of each irrigation period in the O & M period of 10 years on "Turn-Key basis" invited vide Bid Identification No. 2ML/2024-25 is hereby cancelled due to nil participation.

**Sd./- Chief Engineer, Megalift**
**Bhubaneswar**

**OIPR-32504/11/0012/2425**

---

## OFFICE OF THE DIVISIONAL FOREST OFFICER, GHUMSUR NORTH DIVISION
Bhejiput, Bhanjanagar, Ganjam, Odisha, Pin - 761126
Tele/Fax- 06821-241008, E-mail: dfo.ghumsurnorth@odisha.gov.in

### QUOTATION CALL NOTICE

**No.MM-325** : Sealed Quotations are hereby invited from the intending suppliers / manufactures for purchase of uniform articles for the field staff of Ghumsur North Division during the year 2024-25 with terms & Conditions.

| Sl. No. | Name of Uniform Articles |
|---|---|
| 1. | Khaki Uniform Cloth |
| 2. | Brown shoes and Khaki woolen stockings |
| 3. | Hunter Boots and Khaki putties |
| 4. | Mosquito Net |

1. The sealed quotations accompanied by sample of Uniform materials should reach the undersigned latest by 5.00 PM of 20.12.2024.
2. The purchase order may be placed in full or part thereof as per availability of funds. 3. The quotations will be opened on dated 23.12.2024 at 11.00 AM by the Purchase Committee of this office in presence of the intending suppliers.
4. The Uniform articles should be supplied in good conditions within one month of placing the order.
5. The uniform articles should be delivered to the O/o-the Divisional Forest Officer, Ghumsur North Division at their own cost.
6. The uniform articles supplied in damaged / not usable condition should be replaced within the next 15 days at their own cost.
7. All the uniform articles should be supplied as per sample selected by the purchase committee or else the order deem to be cancelled.
8. GST clearance & Income Tax Returns Certificate should accompany the quotation.
9. Payment will be made through RTGS / Account deposit through Treasury after receipt of all uniform articles as per quantity & quality (Sample) in placing order.
10. The authority reserves the right to accept or reject the quotations without assigning any reason thereof.

**Sd./- Divisional Forest Officer,**
**Ghumsur North Division, Bhanjanagar**

**OIPR-08033/11/0007/2425**

---

GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, ANGUL
E-Mail-sencrwangul@yahoo.co.in, Ph:06764-236404

**No.2996//** **Dt.11.12.24**

### 1st Corrigendum to Bid Identification No. Road Online-AGL-15/2024-25

**No.O-870:** Due to some unavoidable circumstances the last date of Online for bidding and opening of the date has been modified as follows in respect of the tender for Maintenance works invited vide Tender Call Notice Bid Identification No. Road Online-AGL-15/2024-25 by the Procurement Officer Chief Engineer, Rural Works Circle, Angul.

| Availability of Tender on-line for bidding | | Date & Time of opening of Technical Bid |
|---|---|---|
| From | To | |
| 1 | 2 | 3 |
| 02.12.2024 at 10.00 A.M. | 30.12.2024 upto 5.00 PM | 31.12.2024 At 11.00 AM |

All other terms and conditions remain unchanged.

**Sd./- Chief Engineer,**
**Rural Works Circle, Angul**

**OIPR-25180/11/0024/2425**

---

## OFFICE OF THE CHIEF ENGINEER, MEGA LIFT BHUBANESWAR
NO.A-722
Plot no. A 8/2, Bhoinagar, Bhubaneswar, Odisha, PIN-751022
E-Mail : cemlpwr.od@gmail.com

### Government of Odisha "e" Procurement Notice
Bid Identification No. 06ML/2024-25

On Line open tender is invited for EPC Contract (Turn Key Basis) for Mega Lift, Odisha

1. **Name of Work** : Operation and Maintenance of existing 13 nos. schemes with intake points on Tel Basin having command area between 500 Ha. to 2000 Ha. in Megalift Cluster-XIV in the districts of Kalahandi & Bolangir comprising all electro-mechanical & instrumentation equipments installed in pump house & MCC room including pumps and motors, switchyard & Transmission lines, intake well, Sump well, Rising main, Distribution chamber, Gravity main, complete distribution network by UGPL covering culturable command area of 14069.84 Ha. with operation of maintenance of all its 13 completed schemes including its power system connectivity, proper distribution of water to the ayacut including watch & ward with testing and calibration of all electro- mechanical components before the start of each irrigation period in the O & M period of 10 years on "Turn-key basis".

| | | | |
|---|---|---|---|
| 2 | O & M Period | : | 120 (One hundred twenty) calendar months |
| 3 | Date & time of availability of bid document in the portal | : | 19.12.2024, 10 A.M. |
| 4 | Last date/Time for receipt of bids in the portal | : | 08.01.2025 up to 5.00 P.M. |
| 5 | Name & address of the officer inviting Bid | : | Chief Engineer, Megalift A-8/2, Bhoi Nagar, Bhubaneswar, Pin-751022 |

Further details can be seen from the e-procurement portal "https://tendersodisha.gov.in"

**Sd./- Chief Engineer, Megalift**
**Bhubaneswar**

**OIPR-32504/11/0009/2425**

---

## ODISHA PUBLIC SERVICE COMMISSION, CUTTACK
### NOTICE
No.7248/P.S.C., Dt. 13.12.2024
(1E-52-2024/25) (DR-III)

**No.D-207** : It is for information of all concerned that, the Commission has decided to conduct the written examination of Optional Subjects (i.e. Paper-I & Paper-II) for recruitment to the post of Post Graduate Teachers in Physics, Mathematics & Odia, pursuant to Advt. No.25 of 2023-24, on 19.01.2025 (Sunday) in 05 Zones viz. Balasore, Berhampur, Bhubaneswar, Cuttack & Sambalpur as per the following programme.

### PROGRAMME FOR WRITTEN EXAMINATION

| Date | 1st Session | 2nd Session |
|---|---|---|
| | 10.00 A.M. to 12.00 Noon | 1.30 P.M. to 3.30 P.M. |
| 19.01.2025 (Sunday) | Paper-II (Optional Subject-Paper-I) Physics, Mathematics and Odia | Paper-III (Optional Subject-Paper-II) Physics, Mathematics and Odia |

N.B. : (1) The PWD candidates will be given compensatory time of 20 minutes per hour in each session.(i.e. 10.00 A.M. to 12.40 P.M. for 1st session & 01.30 P.M. to 04.10 P.M. for 2nd session).

(2) The candidates are advised to visit the website of the Commission (http://opsc.gov.in) regularly for further updates.

**OIPR-12002/11/0106/2425** **Sd./- Secretary**

---

## ବିଜ୍ଞପ୍ତି



**No.g-125:** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗତ ୧୯.୧୨.୨୦୨୩ ତାରିଖରେ ଏହି ଦୁଇ ଭଉଣୀଙ୍କ ମାଆ ରୀତା ମୁନି ଆଣି ଶିଶୁ ମଙ୍ଗଳ କମିଟିରେ ସମର୍ପଣ କରିଥିଲେ । ଜିଲ୍ଲା ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶନାମା 422(I)/2023 ଓ 422(II)/2023 ଅନୁସାରେ ବସୁନ୍ଧରା ଶିଶୁଯତ୍ନ ଅନୁଷ୍ଠାନରେ ରହୁଅଛନ୍ତି । ଏହି ଦୁଇ ଶିଶୁକନ୍ୟାଙ୍କ ନାମ ଅର୍ଚ୍ଚିତା (୮ ବର୍ଷ) ଓ ଅର୍ପିତା (୬ ବର୍ଷ) । ଏହି ଦୁଇ ଶିଶୁକନ୍ୟାଙ୍କର ବାପା, ମାଆ କିମ୍ବା ଅନ୍ୟ କେହି ଦାବିଦାର ଏ ପର୍ଯ୍ୟନ୍ତ ଆସିନାହାନ୍ତି । ତେଣୁ ଶିଶୁକନ୍ୟା ଦୁଇଟିଙ୍କର ପିତାମାତା କିମ୍ବା ଯଦି କେହି ଆଇନ ସିଦ୍ଧ ଅଭିଭାବକ ତଥା ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ (୩୦) ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ ଭବନ, କଲେକ୍ଟୋରିଏଟ କ୍ୟାମ୍ପସ ପାଖ, କଟକ-୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ-୫୪, କଲେକ୍ଟୋରିଏଟ ବିଲ୍ଡିଙ୍ଗ, କଟକ, ଫୋନ ନଂ-୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ-୭୫୩୦୧୪ଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ । ଏହି ସମୟ ଅତିକ୍ରାନ୍ତ ପରେ ଏହି ଶିଶୁ କନ୍ୟା ଦୁଇଟିଙ୍କର ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁକନ୍ୟା ଦୁଇଟିଙ୍କୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ (ସଂଶୋଧିତ-୨୦୨୧) ଅନୁଯାୟୀ ଉପଯୁକ୍ତ ଥଇଥାନ କରାଯିବ ।

**ସ୍ୱା./-ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ,**
**କଟକ**

**OIPR-33038/11/0007/2425**

---

GOVERNMENT OF ODISHA Phone:9438660004, e-mail:eephbls@gmail.com
## OFFICE OF THE EXECUTIVE ENGINEER, P.H. DIVISION, BALASORE
**NATIONAL COMPETITIVE BIDDING THROUGH e-Procurement (Online Mode)**
**Invitation for Bids (IFB) Dt.12.12.2024**

**No.C-1256:** The Superintending Engineer, P.H. Division, Balasore on behalf of Governor of Odisha, invites Item Rate bids in Double Cover System in ONLINE mode only.

| Sl. No. | Name of the Work | Bid Identification No. | Value of Work (Rs. in Lakh) | Class of Contractor | Period of Completion | Availability of bid documents for online bidding | | Last date and time of seeking clarification | Date & Time of opening of technical bid |
|---|---|---|---|---|---|---|---|---|---|
| | | | | | | From | To | | |
| 1 | Construction of Storage Reservoir with Distribution system of ZONE-1 under SWAP-III of AMRUT-2.0 for improvement of water supply to Balasore Municipality | SEPHBLS-21 dt.12.12.2024 | 564.80 | 'A' Class | 12 (Twelve) Months | 11.00 Hrs. of dt.21.12.2024 | 17.00 Hrs. of dt.06.01.2025 | 17.00 Hrs. of 01.01.2025 | 11.00 Hrs. of 07.01.2025 |
| 2 | Construction of Storage Reservoir with Distribution system of ZONE-2 SWAP-III of AMRUT-2.0 for improvement of water supply to Balasore Municipality | SEPHBLS-22 dt.12.12.2024 | 560.83 | 'A' Class | 12 (Twelve) Months | 11.00 Hrs. of dt.21.12.2024 | 17.00 Hrs. of dt.06.01.2025 | 17.00 Hrs. of 01.01.2025 | 11.00 Hrs. of 07.01.2025 |

The bidders shall have to participate in ONLINE bidding only. Further details can be seen from the website: http://tendersodisha.gov.in. Any addendum/ corrigendum/ cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

**Name and Address of the Officer Inviting Bid:- The Superintending Engineer, P.H. Division, Balasore-756056, Odisha, Phone:9438660004**

**OIPR-13053/11/0010/2425** **Sd./- Superintending Engineer, P.H. Division, Balasore**

---

## OFFICE OF THE PANCHAYAT SAMITI, KARANJIA
## TENDER CALL NOTICE - 01/2024-25
No.i-359

| BID SL. No. | Name of the GP | Name of the Work | Estimated Amount put to tender (In Rs.) | EMD to be Deposited (In Rs.) | Cost of tender paper including VAT(5%) in Rs. | Class of contractor | Period of availability of Tender at District website | Late Date & Time of receipt of Tender | Date and Time of opening of Tender Paper |
|---|---|---|---|---|---|---|---|---|---|
| 1 | Bala | Construction of GPLF building with Market Complex at Bala GP | 2434491/- | 24345/- | 6000/- | "B" & "C" | 13.12.2024 (10.30 A.M.) to 22.12.2024 (5.00 P.M.) | 22.12.2024 upto 5.00 P.M. | 23.12.2024 11.00 A.M. |
| 2 | Tato | Construction of GPLF building with Market Complex at Tato GP | 2469021/- | 24691/- | 6000/- | "B" & "C" | | | |
| 3 | Badagaon | Construction of GPLF building with Market Complex at Badagaon GP | 2488092/- | 24881/- | 6000/- | "B" & "C" | | | |
| 4 | Patbil | Construction of GPLF building with Market Complex at Patbil GP | 2486150/- | 24861/- | 6000/- | "B" & "C" | | | |
| 5 | Karanjia Block | Construction of RESIDENTIAL BUILDING ( GROUND FLOOR AND FIRST FLOOR) | 1779588/- | 17795/- | 6000/- | "C" | | | |

The tender papers (including Tender Call Notice,Approved Tender Schedule & DTCN) will be available in the official website http//Mayurbhanj.odisha.gov.in

**Block Development Officer**
**Karanjia**

**OIPR-19040/11/0001/2425**

---

## ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ
Together, let us light up our lives
ପ୍ଲଟ୍ ନଂ.-୪, ଚୁନୁକୋଳି, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧

### ସର୍ବସାଧାରଣ ବିଜ୍ଞପ୍ତି
**କେସ୍ ନଂ-୧୦୩/୨୦୨୪**

**ବିଦ୍ୟୁତ୍ ଆଇନ୍, ୨୦୦୩ ଅନ୍ତର୍ଗତ ଧାରା ୮୬(୧) (କ) ଓ (ଖ) ଏବଂ ଅନ୍ୟ ସମସ୍ତ ପ୍ରଯୁଜ୍ୟ ନିୟମାବଳୀ ଏବଂ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ (ବ୍ୟବସାୟ ପରିଚାଳନା), ୨୦୦୪ ନିୟମାବଳୀ ଅନୁଯାୟୀ ଗ୍ରୀଡକୋ ଲିମିଟେଡ୍ ଦ୍ୱାରା ୨୦୨୩-୨୪ ଆର୍ଥିକ ବର୍ଷ ନିମିତ୍ତ ଏହାର ବାର୍ଷିକ ବ୍ୟୟର ଟ୍ରୁଇଙ୍ଗ-ଅପ୍ ପ୍ରକ୍ରିୟା ଦ୍ୱାରା ଅନୁମୋଦନ ନିମନ୍ତେ ଦାଖଲ କରିଥିବା ଦରଖାସ୍ତ ।**

ଗ୍ରୀଡକୋ ତା.୦୭.୧୨.୨୦୨୪ ରିଖରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଏହାର ସମୁଦାୟ ଖର୍ଚ୍ଚକୁ ଟ୍ରୁଇଙ୍ଗ-ଅପ୍ ପ୍ରକ୍ରିୟା ଦ୍ୱାରା ଅନୁମୋଦନ ନିମନ୍ତେ ଏହାର ଦରଖାସ୍ତ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିକଟରେ ଦାଖଲ କରିଛନ୍ତି, ଯାହାକି **ମାମଲା ସଂଖ୍ୟା ୧୦୩/୨୦୨୪** ଭାବେ ପଞ୍ଜିକୃତ ହୋଇଅଛି । ଏହି ଦରଖାସ୍ତଟି ବିଦ୍ୟୁତ୍ ଆଇନ୍, ୨୦୦୩ ଅନ୍ତର୍ଗତ ଧାରା ୮୬(୧) (କ) ଓ (ଖ) ଏବଂ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ(ବ୍ୟବସାୟ ପରିଚାଳନା), ୨୦୦୪ ନିୟମାବଳୀ ଏବଂ ଅନ୍ୟାନ୍ୟ ବ୍ୟବସ୍ଥାନୁଯାୟୀ ଦାଖଲ କରାଯାଇଛି । ଆୟୋଗ ଏହାକୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସମୁଦାୟ ରାଜସ୍ୱ ଆବଶ୍ୟକତା ଏବଂ ମୋଟା ପରିମାଣର ବିଦ୍ୟୁତ୍ ଶକ୍ତି ଯୋଗାଣର ମୂଲ୍ୟ ନିର୍ଦ୍ଧାରଣ **ମାମଲା ସଂଖ୍ୟା ୯୪/୨୦୨୪** ସହିତ ଜନଶୁଣାଣି ମାଧ୍ୟମରେ ବିଚାର କରିବା ପାଇଁ ସ୍ଥିର କରିଛନ୍ତି ।

ଗ୍ରୀଡକୋ ଦ୍ୱାରା ଦାଖଲ କରାଯାଇଥିବା ଦରଖାସ୍ତ ଏବଂ ତତ୍ ସଂଲଗ୍ନ ଆବଶ୍ୟକୀୟ ନଥିପତ୍ର, ଗ୍ରୀଡକୋର ୱେବସାଇଟ୍ www.gridco.co.in ତଥା ଆୟୋଗଙ୍କ ୱେବସାଇଟ୍ www.orierc.org ରେ ଉପଲବ୍ଧ ଅଟେ । ଆଗ୍ରହୀ ବ୍ୟକ୍ତିବିଶେଷ/ସଂସ୍ଥା ଯେଉଁମାନେ ୨୦୨୩-୨୪ ଆର୍ଥିକ ବର୍ଷ ର ଟାରିଫ୍ ପ୍ରକ୍ରିୟାରେ ପକ୍ଷଭୁକ୍ତ ହୋଇଥିଲେ,ସେମାନଙ୍କର ଆପତ୍ତି/ପ୍ରସ୍ତାବ ଯଦି ଥାଏ, ତେବେ ତାହା **ତା.୧୬.୦୧.୨୦୨୫** ମଧ୍ୟରେ ଆୟୋଗ ଏବଂ ଏହାର ଏକକିତା ନକଲ ଗ୍ରୀଡକୋକୁ ଦେବା ଆବଶ୍ୟକ । ଗ୍ରୀଡକୋ **ତା.୨୭.୦୧.୨୦୨୫** ମଧ୍ୟରେ ଲିଖିତ ଭାବରେ ଏହାର ପ୍ରତିଉତ୍ତର ଆୟୋଗ ଏବଂ ଅଭିଯୋଗକାରୀଙ୍କ ନିକଟରେ ଦାଖଲ କରିବା ଆବଶ୍ୟକ । ଇଚ୍ଛୁକ ବ୍ୟକ୍ତି ଆଭାସୀ ପ୍ରକ୍ରିୟା ମାଧ୍ୟମରେ ଜନଶୁଣାଣୀରେ ଅଂଶ ଗ୍ରହଣ କରିବା ନିମନ୍ତେ ତାଙ୍କର ଇ-ମେଲ୍ ଠିକଣା ଓ ମୋବାଇଲ୍ ନମ୍ବର ଆୟୋଗଙ୍କ ଇ-ମେଲ ଠିକଣା (oerc.vc@gmail.com) ରେ ଯଥା ପୂର୍ବରୁ ପଠାଇବା ଆବଶ୍ୟକ ।

**ଆୟୋଗଙ୍କ ନିର୍ଦ୍ଦେଶାନୁଯାୟୀ**
**ତା.୧୩.୧୨.୨୦୨୪**
**-ସା-**
**ସଚିବ**

---

## ଗ୍ରୀଡ଼କୋ ଲିମିଟେଡ୍
GRIDCO Empowering Odisha
ଜନପଥ, ପୋଷ୍ଟ: ଭୋଇନଗର, ଭୁବନେଶ୍ୱର, ପିନ୍-୭୫୧୦୨୨, ଓଡ଼ିଶା

### ସର୍ବସାଧାରଣ ବିଜ୍ଞପ୍ତି

**ବିଦ୍ୟୁତ୍ ଆଇନ୍, ୨୦୦୩ ଅନ୍ତର୍ଗତ ଧାରା ୮୬(୧) (କ) ଓ (ଖ) ଏବଂ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ (ବ୍ୟବସାୟ ପରିଚାଳନା), ୨୦୦୪ ନିୟମାବଳୀ ଏବଂ ତତ୍ ସଂଲଗ୍ନ ଅନ୍ୟାନ୍ୟ ପ୍ରଯୁଜ୍ୟ ବ୍ୟବସ୍ଥାନୁଯାୟୀ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ, ଭୁବନେଶ୍ୱର-୨୧ ଙ୍କ ନିକଟରେ ଗ୍ରୀଡକୋ ଲିମିଟେଡ୍ ୨୦୨୫-୨୬ ଆର୍ଥିକ ବର୍ଷ ନିମିତ୍ତ ଏହାର ସମୁଦାୟ ରାଜସ୍ୱ ଆବଶ୍ୟକତାର ଆକଳନ ଓ ମୋଟା ପରିମାଣର ବିଦ୍ୟୁତ୍ ଶକ୍ତି ଯୋଗାଣର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ଦାଖଲ କରିଥିବା ଦରଖାସ୍ତ :**

୧. **ଗ୍ରୀଡକୋ** ତା **୩୦.୧୧.୨୦୨୪** ରିଖରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଏହାର ସମୁଦାୟ ରାଜସ୍ୱ ଆବଶ୍ୟକତାର ଆକଳନ ଓ ମୋଟା ପରିମାଣର ବିଦ୍ୟୁତ ଯୋଗାଣର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ଏହାର ଦରଖାସ୍ତ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିକଟରେ ଦାଖଲ କରିଛନ୍ତି, ଯାହାକି **ମାମଲା ସଂଖ୍ୟା ୯୪/୨୦୨୪** ଭାବେ ପଞ୍ଜିକୃତ ହୋଇଅଛି । ଏହି ଦରଖାସ୍ତଟି ବିଦ୍ୟୁତ୍ ଆଇନ୍, ୨୦୦୩ ଅନ୍ତର୍ଗତ ଧାରା ୮୬(୧) (କ) ଓ (ଖ) ଏବଂ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ(ବ୍ୟବସାୟ ପରିଚାଳନା), ୨୦୦୪ ନିୟମାବଳୀ ଏବଂ ତତ୍ ସଂଲଗ୍ନ ଅନ୍ୟାନ୍ୟ ବ୍ୟବସ୍ଥାନୁଯାୟୀ ଦାଖଲ କରାଯାଇଛି । ଉପରୋକ୍ତ ଦରଖାସ୍ତକୁ ଆୟୋଗ ଜନଶୁଣାଣି ମାଧ୍ୟମରେ ବିଚାର କରିବା ପାଇଁ ସ୍ଥିର କରିଛନ୍ତି ।

୨. ମୁଖ୍ୟ ମହାପ୍ରବନ୍ଧକ (ବିଦ୍ୟୁତ୍ କ୍ରୟ), ଗ୍ରୀଡକୋ କାର୍ଯ୍ୟାଳୟ, ଭୁବନେଶ୍ୱରଙ୍କ ଠାରେ ଉପରିସ୍ଥ ପାରା (୧) ରେ ଦର୍ଶାଯାଇଥିବା ଦରଖାସ୍ତ ଏବଂ ଏହା ସହିତ ଦାଖଲ କରାଯାଇଥିବା ଆନୁସଙ୍ଗିକ ନଥିପତ୍ରର ନକଲ ରଖାଯାଇଛି । ଏହି ସର୍ବସାଧାରଣ ବିଜ୍ଞପ୍ତି ଓ ତତ୍ ସହିତ ଦାଖଲ କରାଯାଇଥିବା ସମସ୍ତ ନଥିପତ୍ର, ଗ୍ରୀଡକୋର ୱେବସାଇଟ୍ **www.gridco.co.in** ତଥା ଆୟୋଗଙ୍କ ୱେବସାଇଟ୍ **www.orierc.org** ରୁ ଡାଉନଲୋଡ୍ କରାଯାଇପାରିବ ।

୩. ଓଡ଼ିଶାରେ ବିଦ୍ୟୁତ୍ ବିତରକ କମ୍ପାନୀମାନଙ୍କୁ ଗ୍ରୀଡକୋ ଦ୍ୱାରା ଯୋଗାଯାଉଥିବା ମୋଟା ପରିମାଣର ବିଦ୍ୟୁତ୍ ଶକ୍ତି ଯୋଗାଣ ନିମନ୍ତେ ଏହି ମୂଲ୍ୟ ଉଦ୍ଦିଷ୍ଟ । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଉପରୋକ୍ତ ପ୍ରସ୍ତାବିତ ସମୁଦାୟ ରାଜସ୍ୱ ଆବଶ୍ୟକତା ଓ ମୋଟା ପରିମାଣର ବିଦ୍ୟୁତ୍ ଶକ୍ତି ଯୋଗାଣ ମୂଲ୍ୟ, ବିଦ୍ୟୁତ୍ ଶକ୍ତି ଦେୟ (ଏନର୍ଜୀ ଚାର୍ଜ), ବିଦ୍ୟୁତ୍ ଚାହିଦା ସମ୍ବନ୍ଧୀୟ ଦେୟ (ଡିମାଣ୍ଡ ଚାର୍ଜ), ଅଧିକ ଶକ୍ତି ଉଠାଣ ସମ୍ବନ୍ଧୀୟ ଦେୟ, ରିହାତି ଏବଂ ବିଳମ୍ବିତ ଅତିରିକ୍ତ ଦେୟ, ତ୍ରିପାକ୍ଷିକ ଚୁକ୍ତି ଦ୍ୱାରା ସ୍ୱତନ୍ତ୍ର ଟାରିଫ୍ ପ୍ରକ୍ରିୟା ମାଧ୍ୟମରେ ଶିଳ୍ପ ସମୂହକୁ ଶକ୍ତି ଯୋଗାଣ ଇତ୍ୟାଦି ସମ୍ବନ୍ଧୀୟ ସବିଶେଷ ତଥ୍ୟ ଦରଖାସ୍ତରେ ଉପଲବ୍ଧ ।

୪. ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଗ୍ରୀଡକୋ ଦ୍ୱାରା ପ୍ରସ୍ତାବିତ ବିଦ୍ୟୁତ୍ ବିକ୍ରୟ ଦର ଏବଂ ଦେୟଗୁଡିକୁ ଏଥି ସହିତ ପ୍ରକାଶିତ କରାଯାଇଛି ।

୫. (କ)ପ୍ରସ୍ତାବିତ ଦରଖାସ୍ତର ସାରାଂଶ ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ୱେବସାଇଟ୍ରେ ତା.୧୩.୦୧.୨୦୨୫ ରିଖ ପରେ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଉପଲବ୍ଧ ହେବ ।

(ଖ)ଆଗ୍ରହୀ ବ୍ୟକ୍ତିବିଶେଷ ତା.୧୬.୦୧.୨୦୨୫ ରିଖ କିମ୍ବା ଏତଦ୍ ପୂର୍ବ ଦିନ ମାନଙ୍କରେ କାର୍ଯ୍ୟାଳୟ ସମୟ ମଧ୍ୟରେ ଉପରିସ୍ଥ ପାରା (୨) ରେ ଦର୍ଶାଯାଇଥିବା କାର୍ଯ୍ୟାଳୟରେ କର୍ତ୍ତୃପକ୍ଷଙ୍କୁ ସାଧା କାଗଜରେ ଦରଖାସ୍ତ ଦେଇ ଉପରିସ୍ଥ ପାରା (୧) ରେ ଦର୍ଶାଯାଇଥିବା ପ୍ରାସଙ୍ଗିକ ନଥିପତ୍ର ଯାଞ୍ଚ କରିପାରିବେ ଏବଂ ତତ୍ ସମ୍ବନ୍ଧୀୟ ତଥ୍ୟ ପାଇପାରିବେ ।

୬. ଆଗ୍ରହୀ ବ୍ୟକ୍ତିବିଶେଷମାନେ ଉପରିସ୍ଥ ପାରା (୨) ରେ ଦର୍ଶାଯାଇଥିବା କାର୍ଯ୍ୟାଳୟରୁ ୫୦ ଟଙ୍କା ଦେଇ ଉପରିସ୍ଥ ପାରା (୧) ରେ ଦର୍ଶାଯାଇଥିବା ମୋଟା ପରିମାଣର ବିଦ୍ୟୁତ୍ ଯୋଗାଣର ମୂଲ୍ୟ ଦରଖାସ୍ତର ମୁଖ୍ୟାଂଶର ନକଲ ତା ୧୬.୦୧.୨୦୨୫ ରିଖ କିମ୍ବା ତା ପୂର୍ବରୁ କାର୍ଯ୍ୟାଳୟର ସମୟ ମଧ୍ୟରେ ନେଇପାରିବେ । ଦର୍ଶାଯାଇଥିବା ମୁଖ୍ୟାଂଶ ଗୁଡ଼ିକ ହେଲା : (କ) ଲାଇସେନ୍ସଧାରୀଙ୍କ ଦ୍ୱାରା କରାଯାଇଥିବା ମୋଟା ପରିମାଣର ବିଦ୍ୟୁତ୍ ଯୋଗାଣର ମୂଲ୍ୟ ଦରଖାସ୍ତର ବିବରଣୀ (ଖ) ପସ୍ତାବିତ ମୋଟା ପରିମାଣର ବିଦ୍ୟୁତ୍ ଯୋଗାଣର ମୂଲ୍ୟ ତାଲିକା (ଗ) ମୋଟା ପରିମାଣ ବିଦ୍ୟୁତ୍ ଶକ୍ତି ମୂଲ୍ୟ ପରିବର୍ତ୍ତନ ପ୍ରସ୍ତାବ (ଟି-୧୭) (ଘ) ରାଜସ୍ୱ ଆବଶ୍ୟକତା (ଏଫ୍-୪) ।

୭. ଆଗ୍ରହୀ ବ୍ୟକ୍ତିବିଶେଷମାନେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜସ୍ୱ ଆବଶ୍ୟକତାର ଆକଳନ ଏବଂ ମୋଟା ପରିମାଣର ବିଦ୍ୟୁତ ଯୋଗାଣର ମୂଲ୍ୟ ନିର୍ଦ୍ଧାରଣ ଦରଖାସ୍ତର ସମ୍ପୂର୍ଣ୍ଣ ଏକ ସେଟ୍ ଫଟୋ କପି ଖର୍ଚ୍ଚ ବାବଦରେ ୧୦୦/- ଟଙ୍କା ପୈଠ କରି ତା.୧୬.୦୧.୨୦୨୫ ରିଖ କିମ୍ବା ତା ପୂର୍ବରୁ କାର୍ଯ୍ୟାଳୟ ସମୟ ମଧ୍ୟରେ ମୁଖ୍ୟ ମହାପ୍ରବନ୍ଧକ(ବିଦ୍ୟୁତ୍ କ୍ରୟ), ଗ୍ରୀଡକୋ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱରରୁ ନେଇ ପାରିବେ ।

୮.ଯଦି କିଛି ପ୍ରସ୍ତାବ/ଆପତ୍ତି ଥାଏ, ତତ୍ ସମର୍ଥିତ କାଗଜପତ୍ର ସହିତ ବ୍ୟକ୍ତି କିମ୍ବା କେବଳ ରେଜେଷ୍ଟ୍ରି ଡାକ/ କୋରିଅର୍ ସର୍ଭିସ ମାଧ୍ୟମରେ ତା୧୬.୦୧.୨୦୨୫ ରିଖ କିମ୍ବା ତା ପୂର୍ବରୁ ସଚିବ, ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ, ପ୍ଲଟ ନଂ.୪, ଚୁନକୋଳି, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୧ ଙ୍କ ନିକଟରେ ନିଶ୍ଚିତ ପହଞ୍ଚିବା ଆବଶ୍ୟକ । ଏହି ପ୍ରସ୍ତାବ /ଆପତ୍ତି ଗୁଡିକର ଏକକିତା ନକଲ ସଂପୃକ୍ତ ନଥିପତ୍ର ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ପଠାଯିବା ଆବଶ୍ୟକ ।

(କ) ପ୍ରସ୍ତାବ/ଆପତ୍ତି ଗୁଡିକର ସାତକିତା ନକଲ ସହିତ ସେଥିରେ ପ୍ରସ୍ତାବ/ ଆପତ୍ତି ପଠାଇଥିବା ବ୍ୟକ୍ତି/ସଂସ୍ଥା/ଅନୁଷ୍ଠାନର ନାମ ଏବଂ ସମ୍ପୂର୍ଣ୍ଣ ନାମ, ଡାକ ଠିକଣା, ପିନ୍ କୋଡ୍, ଇ-ମେଲ ଓ ଟେଲିଫୋନ ନମ୍ବର ସହ ସତ୍ୟପାଠ ମାଧ୍ୟମରେ ଦାଖଲ ହେବା ଆବଶ୍ୟକ ।

(ଖ) ପ୍ରସ୍ତାବ/ଆପତ୍ତି ମାନ ଯଦି କୌଣସି ସଂସ୍ଥା/ଅନୁଷ୍ଠାନ ଓ କୌଣସି ବର୍ଗର ଖାଉଟିଙ୍କ ତରଫରୁ ଦାଖଲ କରାଯାଇଥାଏ, ତାହାର ସମ୍ପୂର୍ଣ୍ଣ ବିବରଣୀ ଦର୍ଶାଯିବା ଆବଶ୍ୟକ । ଯଦି ଆୟୋଗଙ୍କ ଦ୍ୱାରା ବ୍ୟକ୍ତିଗତ ଶୁଣାଣି ହେବା ଆବଶ୍ୟକ, ତେବେ ତାହା ମଧ୍ୟ ନିର୍ଦ୍ଦିଷ୍ଟଭାବେ ଦର୍ଶାଯିବା ଆବଶ୍ୟକ ।

(ଗ) ଯେଉଁ ପ୍ରସ୍ତାବ/ ଆପତ୍ତି ସବୁ ଉପରୋକ୍ତ ତାରିଖ ପରେ ମିଳିଥିବ କିମ୍ବା ପ୍ରସ୍ତାବ ଅସମ୍ପୂର୍ଣ୍ଣ ହୋଇଥାଏ ଏବଂ ଆବଶ୍ୟକୀୟ ତଥ୍ୟ ସମ୍ବଳିତ ହୋଇନଥିବ, ସେଗୁଡିକ ବିଚାର ପରିସରଭୁକ୍ତ ନ ହୋଇପାରେ । କେବଳ ସତ୍ୟପାଠ ମାଧ୍ୟମରେ ଦାଖଲ ହୋଇଥିବା ପ୍ରସ୍ତାବ/ ଆପତ୍ତି ଗୁଡିକ ଶୁଣାଣି ପାଇଁ ବିଚାର ଯୋଗ୍ୟ ହେବ ।

୯. ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୁଣାଣି ତାରିଖ ଖବରକାଗଜ ମାଧ୍ୟମରେ ପ୍ରକାଶିତ ହେବ ଏବଂ ଗୃହିତ ଆପତ୍ତିକାରୀଙ୍କୁ ମଧ୍ୟ ଜଣାଇଦିଆଯିବ ।

-ସ୍ୱା-
**ତା.୧୩.୧୨.୨୦୨୪**
**ପରିଚାଳନା ନିର୍ଦ୍ଦେଶକ**
**ଗ୍ରୀଡକୋ ଲିମିଟେଡ୍**

ଦ୍ରଷ୍ଟବ୍ୟ : (କ) ଉପରୋକ୍ତ ସର୍ବସାଧାରଣ ବିଜ୍ଞାପନ ଓ ପ୍ରସ୍ତାବିତ ମୋଟା ପରିମାଣର ବିଦ୍ୟୁତ ଯୋଗାଣର ମୂଲ୍ୟ ତାଲିକା ଗ୍ରୀଡକୋର ୱେବସାଇଟ୍ www.gridco.co.in ତଥା ଆୟୋଗଙ୍କ ୱେବସାଇଟ୍ www.orierc.org ରେ ମଧ୍ୟ ଉପଲବ୍ଧ (ଖ) ଓଡିଆରେ ପ୍ରକାଶିତ ବିଜ୍ଞପ୍ତିରେ ଯଦି କୌଣସି ତଥ୍ୟ ଅସ୍ପଷ୍ଟ ହୋଇଥାଏ, ତେବେ ଇଂରାଜୀରେ ପ୍ରକାଶିତ ବିଜ୍ଞପ୍ତିର ତଥ୍ୟ ଚୂଡାନ୍ତ ବୋଲି ଗ୍ରହଣ କରାଯିବ ।

**୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଗ୍ରୀଡକୋର ପ୍ରସ୍ତାବିତ ମୋଟା ପରିମାଣର ବିଦ୍ୟୁତ୍ ଯୋଗାଣର ମୂଲ୍ୟ ତାଲିକା**

**ମୋଟା ପରିମାଣର ବିଦ୍ୟୁତ୍ ଯୋଗାଣ ମୂଲ୍ୟ:** ଗ୍ରୀଡକୋ ଦ୍ୱାରା ପ୍ରସ୍ତାବିତ ମୋଟା ପରିମାଣର ବିଦ୍ୟୁତ୍ ଯୋଗାଣ ମୂଲ୍ୟ ରାଜ୍ୟର ବିଦ୍ୟୁତ ବିତରଣ ଓ ଖାଉଟି ଯୋଗାଣ ଲାଇସେନ୍ସଧାରୀଙ୍କୁ (ଟିପିସିଓଡ଼ିଲ, ଟିପିଡବ୍ଲୁଓଡ଼ିଲ, ଟିପିଏନ୍ଓଡ଼ିଲ, ଟିପିଏସ୍ଓଡ଼ିଲ) ଶକ୍ତି ଯୋଗାଣ ନିମନ୍ତେ ଉଦ୍ଦିଷ୍ଟ । ଗ୍ରୀଡକୋ ସମ୍ପୂର୍ଣ୍ଣ ବିଦ୍ୟୁତ୍ ଦେୟ ହିସାବ ପାଇଁ ନିମ୍ନଲିଖିତ (କ) ଠାରୁ (ଚ) ପାରା ସୂଚିତ ଦେୟର ଯୋଗଫଳ ଲାଗୁ କରିବା ପାଇଁ ପ୍ରସ୍ତାବ ରଖିଅଛି ।

**(କ) ଏନର୍ଜୀ ଚାର୍ଜ୍ :** ଗ୍ରୀଡକୋ ଏହାର ୧୪,୮୨୦.୩୭ କୋଟି ଟଙ୍କାର ସମୁଦାୟ ରାଜସ୍ୱ ଆବଶ୍ୟକତାକୁ ଏନର୍ଜୀ ଚାର୍ଜ୍ / ମୋଟା ପରିମାଣର ବିଦ୍ୟୁତ୍ ଯୋଗାଣ ମୂଲ୍ୟ ମାଧ୍ୟମରେ ବିଦ୍ୟୁତ୍ ବିତରକ ୟୁଟିଲିଟି ମାନଙ୍କୁ ୩୮,୮୧୩.୫୫ ନିୟୁତ ୟୁନିଟ ବିଦ୍ୟୁତ୍ ବିକ୍ରୟ କରି ଭରଣା କରିବା ପାଇଁ ପସ୍ତାବ ରଖିଛି । ଉପରୋକ୍ତ ପ୍ରସ୍ତାବିତ ସମୁଦାୟ ରାଜସ୍ୱ ଆବଶ୍ୟକତାକୁ ପରିପୂରଣ କରିବା ପାଇଁ ଗ୍ରୀଡକୋ ବିଦ୍ୟୁତ ୟୁନିଟ ପିଛା ହାରାହାରି ୩୮୧.୮୪ ପଇସା ଧାର୍ଯ୍ୟ କରିବା ପାଇଁ ପ୍ରସ୍ତାବ ରଖିଛି ।

**(ଖ) ଡିମାଣ୍ଡ ଚାର୍ଜ୍ :** ମାସିକ ଭିତ୍ତିରେ ବିଦ୍ୟୁତ୍ ଯୋଗାଣକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଚଳିତ ବାର୍ଷିକ ପଦ୍ଧତିରେ ଅନୁମୋଦିତ ହୋଇଥିବା ୧୦୫% ଏସ୍.ଏମ୍.ଡି କୁ ମାସିକ ଭାବରେ ପ୍ରଚଳନ ହେବା ଆବଶ୍ୟକ । ଏହି ନିୟନ୍ତ୍ରଣ ବିତରଣ କମ୍ପାନୀ ମାନଙ୍କର ମାସିକ ଏସ୍.ଏମ୍.ଡି କୁ ଭିତ୍ତିକରି ଦେୟ ଆଦାୟ କରାଯିବ, ଯଦି କୌଣସି ମାସରେ ତାହା ଅନୁମୋଦିତ ଏସ୍.ଏମ୍.ଡି ଠାରୁ ଅଧିକ ହୋଇଥାଏ । ଏହି ୧୦୫% ସୀମିତ ଏସ୍.ଏମ୍.ଡି ମାସିକ ଭିତ୍ତିରେ ଲାଗୁହେବ । ମାନ୍ୟବର ଆୟୋଗ ମାସକୁ ଡିମାଣ୍ଡ ଚାର୍ଜ୍ ୨୫୦ ଟଙ୍କା ପ୍ରତି କେଭି ହିସାବରେ ବିତରଣ କମ୍ପାନୀମାନଙ୍କ ଉପରେ ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଲାଗୁ କରିବା ପାଇଁ ନିବେଦନ କରାଯାଇଛି ;

- ବିଦ୍ୟୁତ୍ ବିତରକ ୟୁଟିଲିଟି ମାନଙ୍କର ମାସିକ ପ୍ରକୃତ ଏସ୍.ଏମ୍.ଡି ଯଦି ଅନୁମୋଦିତ ମାସିକ ଏସ୍.ଏମ୍.ଡି ର (ଅନୁମୋଦିତ ଏସ୍.ଏମ୍.ଡି ୧୦୫%) ରୁ ଅଧିକ ହୁଏ, ଅତିରିକ୍ତ ଡିମାଣ୍ଡ ଚାର୍ଜ ବାବଦରେ ମାସିକ ୨୫୦ଟଙ୍କା/କେ.ଭି.ଏ ହାରରେଧାର୍ଯ୍ୟ ହେବ ।
- ଉକ୍ତଦେୟକୁ ବର୍ଷ ଶେଷରେ ସମାଯୋଜିତ କରା ହେବ ନାହିଁ, ଯଦିଓ କୌଣସି ମାସର ପ୍ରକୃତ ମାସିକ ଏସ୍.ଏମ୍.ଡି ସେହି ଆର୍ଥିକ ବର୍ଷର ଅନ୍ୟ ମାସ ପାଇଁ ଅନୁମୋଦିତ ହୋଇଥିବା ଏସ୍.ଏମ୍.ଡି ମଧ୍ୟରେ ରହିଥାଏ ।

**(ଗ) ଅଧିକ ଶକ୍ତି ଉଠାଣ :** ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କ ପାଇଁ ଆବଶ୍ୟକୀୟ ନିୟମାବଳୀ ପ୍ରବର୍ତ୍ତନ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ଏସ୍.ଏମ୍.ଡି ମଧ୍ୟରେ ବିଦ୍ୟୁତ ଉଠାଣ ପ୍ରକ୍ରିୟାକୁ ଅନୁକରଣ କରିବେ ଯଦ୍ୱାରା କି ଆବେଦନକାରୀଙ୍କ ଉପରେ କୌଣସି ପ୍ରକାରର ଅତିରିକ୍ତ ବ୍ୟୟ ଭାର ଆସିବ ନାହିଁ ।

**(ଘ) ରିହାତି :** ୨୦୨୫-୨୬ ଆର୍ଥିକ ବର୍ଷ ନିମିତ୍ତ ବାର୍ଷିକ ସମୁଦାୟ ରାଜସ୍ୱ ଆବଶ୍ୟକତା ଅନୁମୋଦନ ସହିତ ନିମ୍ନୋକ୍ତ ମୋଟା ପରିମାଣର ବିଦ୍ୟୁତ୍ ଦେୟରେ ରିହାତି ପ୍ରସ୍ତାବ ଅନୁଯାୟୀ :

- ଗ୍ରୀଡକୋ ମାସିକ ବିଲ୍ ଦେବାର ପଞ୍ଚମ କାର୍ଯ୍ୟ ଦିବସ ଛୁଟି ଦିବସ ବ୍ୟତୀତ ମଧ୍ୟରେ ଯଦି ଗ୍ରୀଡକୋ ନିର୍ଦ୍ଦିଷ୍ଟ କରିଥିବା ବ୍ୟାଙ୍କ ଖାତାରେ ଋଣ ଉଧାର ପତ୍ର/ଏନ୍.ଇ.ଏଫ୍.ଟି/ଆର୍.ଟି.ଜି.ଏସ୍ ମାଧ୍ୟମରେ ବିଦ୍ୟୁତ୍ ବିତରକ ୟୁଟିଲିଟିମାନେ ଚଳନ୍ତି ମାସର ସମ୍ପୂର୍ଣ୍ଣ ବିଦ୍ୟୁତ୍ ଯୋଗାଣର ଦେୟ ପୈଠ କରନ୍ତି, ବିଦ୍ୟୁତ୍ ଯୋଗାଣ ଦେୟର ୧.୫% ରିହାତି ପାଇବେ ।
- ଗ୍ରୀଡକୋ ବିଦ୍ୟୁତ୍ ବିଲ୍ ଦେବାର ୨୫ ଦିନ ମଧ୍ୟରେ ଯଦି ବିଦ୍ୟୁତ୍ ବିତରକ ୟୁଟିଲିଟିମାନେ ଚଳନ୍ତି ମାସର ଦେୟ ପୈଠ କରନ୍ତି, ତେବେ ସେମାନେ ୧% ରିହାତି ପାଇବେ ।
- ମାତ୍ର ରିହାତି ପାଇବାକୁ ହେଲେ ବିତରକ ୟୁଟିଲିଟିମାନଙ୍କୁ ସେମାନଙ୍କର ମାସିକ ବିଲ୍ କୁ ୨୫ ଦିନ ଭିତରେ ସମ୍ପୂର୍ଣ୍ଣ ଭାବରେ ପୈଠ କରିବାକୁ ହେବ ।

**(ଙ) ବିଳମ୍ବିତ ଦେୟ :** ମାସିକ ମୋଟା ପରିମାଣର ବିଦ୍ୟୁତ୍ ଯୋଗାଣ ବିଲ୍ ପ୍ରଦାନର ୩୦ଦିନ ଅତିକ୍ରାନ୍ତ ପରେ ଅତିରିକ୍ତ ଦେୟ ୧.୫୦% ହାରରେ ନିର୍ଦ୍ଧାରଣ ହେବ ।

**(ଚ) ତ୍ରୈପାକ୍ଷିକ ଚୁକ୍ତି ଦ୍ୱାରା ବିଶେଷ ଟାରିଫ୍ ମୂଲ୍ୟ ମାଧ୍ୟମରେ ଶକ୍ତି ବିକ୍ରୟ :** ମାନ୍ୟବର ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ଦ୍ୱାରା ଆର୍ଥିକ ବର୍ଷ ୨୦୨୧-୨୨ରୁ ପ୍ରଚଳିତ ଥିବା ଶିଳ୍ପ ସଂସ୍ଥା ପାଇଁ ପ୍ରଯୁଜ୍ୟ ଥିବା ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ୨୦ମେଗାୱାଟ ରୁ ଉର୍ଦ୍ଧ ଅନୁମୋଦିତ ଚାହିଦା ଥିବା ଶିଳ୍ପ ସମୂହକୁ ସେମାନଙ୍କ ସହିତ ଚୁକ୍ତିବଦ୍ଧ ହୋଇଥିବା ଚାହିଦାର ୮୦% ଉପରେ ତ୍ରୈପାକ୍ଷିକ ଚୁକ୍ତି ଅନୁଯାୟୀ ବିଦ୍ୟୁତ୍ ବ୍ୟବହାର ଉପରେ ନିର୍ଦ୍ଧାରିତ ଆର୍ଥିକ ବର୍ଷ ପାଇଁ ଅନୁମୋଦିତ ଟାରିଫ୍ ଅନୁଯାୟୀ ଦେୟ ପ୍ରଦାନ କରାଯାଇଥାଏ ।

ସବୁଜ ସାର୍ଟିଫିକେଟ୍ ଆବଶ୍ୟକତା ପୂରଣ କରିବା ପରେ ବିତରଣ କମ୍ପାନୀ ମାନଙ୍କ ନିକଟରେ ରହୁଥିବା ବଳକା ଅଣପାରମ୍ପାରିକ ଶକ୍ତି, ନିଜସ୍ୱ ଶକ୍ତି କେନ୍ଦ୍ର ଥିବା ଶିଳ୍ପ ସଂସ୍ଥା ଏବଂ ତ୍ରୈପାକ୍ଷିକ ଚୁକ୍ତି ଅନୁଯାୟୀ ବିଦ୍ୟୁତ୍ ବ୍ୟବହାର କରୁଥିବା ଶିଳ୍ପ ସଂସ୍ଥାକୁ କୌଣସି ପ୍ରକାର ଅତିରିକ୍ତ ଦେୟ ବିନା ବିଦ୍ୟୁତ୍ ଆବଣ୍ଟନ କରାଯାଇପାରିବ ଯାହାକି ଏହି ଯୋଜନାକୁ ଆକର୍ଷଣୀୟ କରାଯାଇପାରି ଶିଳ୍ପ ସଂସ୍ଥା ମାନଙ୍କୁ ସବୁଜ ଶକ୍ତି ବ୍ୟବହାର ନିମନ୍ତେ ଅତିରିକ୍ତ ସୁବିଧା ପ୍ରଦାନ କରାଯାଇପାରିବ ।

# ‘ଗରିବୀ ହଟାଅ’ ସବୁଠୁ ବଡ଼ ଜୁମ୍‌ଲା: ମୋଦି



ଲୋକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସମ୍ବିଧାନ ବିତର୍କରେ ଭାଗ ନେଇଛନ୍ତି।

## ସମ୍ବିଧାନ ବିତର୍କ

### ଭାଜପା ପାଇଁ ମନୁସ୍ମୃତି ସମ୍ବିଧାନଠାରୁ ଉଚ୍ଚରେ: ରାହୁଲ

ନୂଆଦିଲ୍ଲୀ,୧୪।୧୨

ସମ୍ବିଧାନ ପ୍ରଣୟନକୁ ୭୫ ବର୍ଷ ପୂରିଥିବାବେଳେ ଏହାକୁ ନେଇ ଶୁକ୍ରବାରଠାରୁ ପାର୍ଲାମେଣ୍ଟରେ ଜୋର୍‌ଦାର ବିତର୍କ ଜାରି ରହିଛି। ଶନିବାର ଏହି ବିତର୍କର ଉତ୍ତର ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ତାଙ୍କ ସରକାର ୨୦୧୪ରେ କ୍ଷମତାକୁ ଆସିବା ପରେ ବିଭିନ୍ନ ନୀତି ଓ ନିଷ୍ପତ୍ତି ବଳରେ ଭାରତର ସମ୍ବିଧାନକୁ ମଜଭୁତ କରିଛି। ଅନ୍ୟପକ୍ଷରେ କଂଗ୍ରେସ ‘ରକ୍ତ ପରୀକ୍ଷା’ କରି ବାରମ୍ବାର ସମ୍ବିଧାନକୁ କ୍ଷତାକ୍ତ କରିଆସିଥିଲା ବୋଲି ମୋଦି ଅଭିଯୋଗ କରିଛନ୍ତି। ସେ ପୂର୍ବର କଂଗ୍ରେସ ସରକାରକୁ ଦୋଷାରୋପ କରିବା ସହ ସେମାନେ ଦେଶର ବିବିଧତାରେ ବିଷ ମଞ୍ଜି ବୁଣି ଏହାର ବିରୋଧାଭାସକୁ ବଢ଼ାଇବା ଏହାର ଏକତାକୁ ନଷ୍ଟ କରିଛନ୍ତି। ସେ କଂଗ୍ରେସର ନେହେରୁ-ଗାନ୍ଧୀ ପରିବାରକୁ ଆକ୍ଷେପ କରି କହିଛନ୍ତି, ସେମାନେ ସମ୍ବିଧାନକୁ ଆଘାତ ଦେବାରେ କୌଣସି ସୁଯୋଗ ହାତଛଡ଼ା କରିନାହାନ୍ତି। ପ୍ରତି ସ୍ତରରେ ଏହି ପରିବାର ସମ୍ବିଧାନକୁ ଚ୍ୟାଲେଞ୍ଜ କରିଛି। ଦେଶକୁ ୫୫ ବର୍ଷ ଧରି ଶାସନ କରିଥିବା ଉକ୍ତ ପରିବାରକୁ ସେ ଏକଘରିଆ କରିଦେଇଥିବା ମୋଦି କହିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ‘ଗରିବ ହଟାଓ’ ସ୍ଲୋଗାନ ଭାରତ ଇତିହାସରେ ସବୁଠୁ ବଡ଼ ଜୁମ୍‌ଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଇନ୍ଦିରା ସୁପ୍ରିମକୋର୍ଟଙ୍କ ରାୟର ଅବମାନନା କରି ଦେଶରେ ଜରୁରୀ ପରିସ୍ଥିତି ଲାଗୁ କରିଥିଲେ। ସେ ନିଜ ଆସନ ବଞ୍ଚାଇବା ପାଇଁ ସମ୍ବିଧାନ ପ୍ରଣୟନର ୨୫ତମ ବର୍ଷରେ ଭାରତର ଗଣତନ୍ତ୍ରର ତଣ୍ଟି ଚିପିଦେଇଥିଲେ। ସମ୍ବିଧାନ ବଦଳାଇ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଏବଂ ନିଜକୁ ଆଇନଗତ ଚ୍ୟାଲେଞ୍ଜରୁ ସୁରକ୍ଷା ଦେଇଥିଲେ। ଜରୁରୀ ପରିସ୍ଥିତି ବେଳେ ଦେଶ ଏକ ଜେଲରେ ପରିଣତ ହେବା ସହ ନ୍ୟାୟପାଳିକାର ଗଳା ଦବାଇ ଦିଆଯାଇଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପୂର୍ବରୁ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସମ୍ବିଧାନ ବିତର୍କରେ ଭାଗନେଇ ସମ୍ବିଧାନ ଏବଂ ହିନ୍ଦୁତ୍ୱବାଦୀ ନେତା ବିନାୟକ ଦାମୋଦର ସଭରକରଙ୍କ ରଚିତ ପୁସ୍ତକ ମନୁସ୍ମୃତି ମଧ୍ୟରେ ତୁଳନା କରିଥିଲେ। ଆଜି ମନୁସ୍ମୃତି ଆଇନରେ ପରିଣତ ହୋଇଛି। ଏଥିରେ ଆମ ସମ୍ବିଧାନ ବିଷୟରେ କିଛି ନାହିଁ। କଂଗ୍ରେସ ନେତାମାନେ ସମ୍ବିଧାନର ପ୍ରଶଂସା କଲେ ଏହା ସଭରକରଙ୍କ ସ୍ମୃତି ପ୍ରତି ଅପମାନ ବୋଲି ଭାଜପା ନେତା କହୁଛନ୍ତି। ସେମାନେ ସମ୍ବିଧାନଠାରୁ ମନୁସ୍ମୃତିକୁ ଉଚ୍ଚରେ ଦେଖାଉଛନ୍ତି ବୋଲି ରାହୁଲ କହିଥିଲେ। ଏଥିସହିତ ସେ ମହାଭାରତର ଦ୍ରୋଣାଚାର୍ଯ୍ୟ ଓ ଏକଲବ୍ୟ ଉପାଖ୍ୟାନ ଅବତାରଣା କରି ଭାଜପା ସରକାର ଯୁବବର୍ଗଙ୍କ ଆଙ୍ଗୁଠି କାଟିଦେଇଥିବା କହିଥିଲେ। ଧରାବୀ ଏବଂ ଦେଶର ବିଭିନ୍ନ ବନ୍ଦରକୁ ଆଦାନୀଙ୍କୁ ଦେଇ ସରକାର ଉଦ୍ୟୋଗୀ ଓ ବ୍ୟବସାୟୀମାନଙ୍କ ବୃଦ୍ଧାଙ୍ଗୁଳି କାଟିଦେଇଥିବା ରାହୁଲ କହିଥିଲେ।

ରାହୁଲଙ୍କୁ ଜବାବ ଦେବାକୁ ଯାଇ ଭାଜପା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୮୦ରେ ସଭରକରଙ୍କୁ ଲେଖିଥିବା ଏକ ପତ୍ର ଦେଖାଇଥିଲା। ଏହି ପତ୍ରରେ ଇନ୍ଦିରା ସଭରକରଙ୍କୁ ଭାରତର ଉଲ୍ଲେଖନୀୟ ପୁତ୍ର ବୋଲି ବର୍ଣ୍ଣନା କରିଥିଲେ। ସମ୍ବିଧାନର ପ୍ରଣେତା ବି.ଆର୍. ଆମ୍ବେଡ୍‌କରଙ୍କୁ କଂଗ୍ରେସ ଉପଯୁକ୍ତ ସମ୍ମାନ ଦେଇ ନ ଥିବା କେନ୍ଦ୍ରମନ୍ତ୍ରୀ କିରେନ ରିଜିଜୁ କହିଥିଲେ।

## ସଂକ୍ଷେପରେ

### ପାଣିଟାଙ୍କି ଭୁଶୁଡ଼ି ୩ ଛାତ୍ର ମୃତ

ଇଟାନଗର, ୧୪।୧୨ (ପି.ଟି.)

ଅରୁଣାଚଳ ପ୍ରଦେଶ ନାହରଲାଗୁନ୍‌ସ୍ଥିତ ସେଣ୍ଟ୍ ଅଲ୍‌ଫୋନ୍ସା ପ୍ରାଇଭେଟ ସ୍କୁଲରେ ପାଣିଟାଙ୍କି ଶନିବାର ଭୁଶୁଡ଼ିପଡ଼ିବାରୁ ୩ ଛାତ୍ରଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ସ୍କୁଲରେ ଛାତ୍ରମାନେ ଖେଳୁଥିବା ସମୟରେ ପାଣିଟାଙ୍କିଟି ଭୁଶୁଡ଼ି ପଡ଼ିଥିଲା। ଆହତ ୩ ଛାତ୍ରଙ୍କୁ ନାହରଲାଗୁନ୍‌ର ‘ଟୋମୋ ରିବୋ ଇନ୍‌ଷ୍ଟିଚ୍ୟୁଟ ହେଲ୍‌ଥ ଆଣ୍ଡ ମେଡିକାଲ ସାଇନ୍ସ’ରେ ଭର୍ତ୍ତି କରାଯାଇଛି। ୩ ମୃତକ ନବମ ଶ୍ରେଣୀରେ ପଢୁଥିବାବେଳେ ଆହତମାନେ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ପଢୁଥିଲେ। ପାଣି ଟାଙ୍କିରେ କ୍ଷମତାଠାରୁ ଅଧିକ ପାଣି ଥିବା ନେଇ ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି।

### ଭାରତୀୟ ଇଞ୍ଜିନିୟରଙ୍କ ମୃତ୍ୟୁ

#### ‘ଓପନ୍ ଏଆଇ’କୁ ସମାଲୋଚନା କରୁଥିଲେ

ନ୍ୟୁୟର୍କ, ୧୪।୧୨ (ପି.ଟି.)

ଭାରତୀୟ ଇଞ୍ଜିନିୟର ସୁଚିର ବାଲାଜୀଙ୍କ ମୃତଦେହ ତାଙ୍କ ସାନ୍ ଫ୍ରାନ୍ସିସ୍କୋସ୍ଥିତ ଆପାର୍ଟମେଣ୍ଟରୁ ମିଳିଛି। ପ୍ରାରମ୍ଭିକ ତଦନ୍ତରୁ ସୁଚିରଙ୍କୁ ହତ୍ୟା କରାଯାଇଥିବା ନେଇ କୌଣସି ପ୍ରମାଣ ମିଳିନାହିଁ। ତେଣୁ ସେ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି।


ସୁଚିର ବାଲାଜୀ

୪ ବର୍ଷରୁ ଅଧିକ ସମୟ ଧରି ଓପନ୍ ଏଆଇରେ ରିସର୍ଚ୍ଚର ଭାବେ କାର୍ଯ୍ୟ କରିଥିବା ସୁଚିର କିଛି ମାସ ହେବ କମ୍ପାନୀର କାର୍ଯ୍ୟ ପଦ୍ଧତିକୁ ସମାଲୋଚନା କରି ଚର୍ଚ୍ଚାରେ ରହିଥିଲେ। ସେ ଚଳିତବର୍ଷ ପ୍ରାରମ୍ଭରେ ଓପନ୍ ଏଆଇରୁ ଇସ୍ତଫା ଦେଇଥିଲେ। କମ୍ପାନୀ ଛାଡ଼ିବା ପରେ ସୁଚିର ‘ଓପନ୍ ଏଆଇ’ର ନିର୍ମାତାଙ୍କ ବିରୋଧରେ କପିରାଇଟ ଉଲ୍ଲଂଘନର ଅଭିଯୋଗ ଆଣିଥିଲେ।

### କୃଷକଙ୍କ ଦିଲ୍ଲୀ ଚଲୋ ଅଭିଯାନ ସ୍ଥଗିତ

ନୂଆଦିଲ୍ଲୀ, ୧୪।୧୨

ସର୍ବନିମ୍ନ ସହାୟତା ମୂଲ୍ୟ(ଏମ୍‌ଏସ୍‌ପି)ରେ ଆଇନଗତ ଗ୍ୟାରେଣ୍ଟି, ସ୍ୱାମୀନାଥନ ଆୟୋଗଙ୍କ ସୁପାରିସ ସମେତ ବିଭିନ୍ନ ଦାବି ନେଇ କୃଷକଙ୍କ ଏକ ୧୦୧ ଜଣିଆ ଦଳ ରାଜଧାନୀ ଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବାବେଳେ ଶମ୍ଭୁ ବର୍ଡରଠାରେ ହରିୟାଣା ପୋଲିସ ସେମାନଙ୍କ ଉପରକୁ ଲୁହବୁହା ଗ୍ୟାସ୍ ଏବଂ ୱାଟର କାନୋନ ମାଡ଼ କରିଥିଲା। ଫଳରେ ଡଜନରୁ ଅଧିକ କୃଷକ ଆହତ ହୋଇଛନ୍ତି। ତେଣୁ କୃଷକଙ୍କ ଏହି ଦିଲ୍ଲୀ ଚଲୋ ମାର୍ଚ୍ଚକୁ ସ୍ଥଗିତ ରଖାଯାଇଛି। ପଞ୍ଜାବ-ହରିୟାଣା ବର୍ଡରରେ ନିୟୋଜିତ ଆମ୍ବୁଲାନ୍ସ ଦ୍ୱାରା ଆହତ କୃଷକଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତିକରାଯାଇଛି। ଶନିବାର କୃଷକଙ୍କ ଏହି ଆନ୍ଦୋଳନରେ କଂଗ୍ରେସ ନେତା ତଥା ରେସ୍‌ଲର ବଜରଙ୍ଗ ପୁନିଆ ଯୋଗଦେଇଥିଲେ।

## କାଭେଲାଶଭିଲି ଜର୍ଜିଆ ରାଷ୍ଟ୍ରପତି


ମାଖାଇଲ୍ କାଭେଲାଶଭିଲି

ଟିବ୍‌ଲିସି,୧୪।୧୨

ପୂର୍ବତନ ଫୁଟ୍‌ବଲ ଖେଳାଳି ମାଖାଇଲ୍ କାଭେଲାଶଭିଲି ଶନିବାର ଜର୍ଜିଆର ରାଷ୍ଟ୍ରପତି ହୋଇଛନ୍ତି। ୫୩ ବର୍ଷୀୟ କାଭେଲାଶଭିଲିଙ୍କର ଏହା ସିଧାସଳଖ ବିଜୟ ହୋଇଥିବାବେଳେ ଶାସକ ଦଳ ଜର୍ଜିଆନ୍ ଡ୍ରିମ୍ ପାର୍ଟି ୩୦୦ ଆସନ ବିଶିଷ୍ଟ ଇଲେକ୍ଟୋରାଲ କଲେଜକୁ ନିୟନ୍ତ୍ରଣକୁ ନେଇଛି, ଯାହାକି ୨୦୧୭ରେ ପ୍ରତ୍ୟକ୍ଷ ରାଷ୍ଟ୍ରପତି ନିର୍ବଚନକୁ ପରିବର୍ତ୍ତନ କରିଛି। ଅନ୍ୟପକ୍ଷରେ ୟୁରୋପୀୟ ସଂଘ (ଇୟୁ)ରେ ଜର୍ଜିଆ ଯୋଗଦେବା ଆଶା ପ୍ରତି ଏହା ଏକ ଝଟକା ବୋଲି ବିରୋଧୀ କହିଛନ୍ତି। ଏମ୍‌ପି ଏବଂ ସ୍ଥାନୀୟ ସରକାରର ପ୍ରତିନିଧିମାନେ ଭୋଟ ଦେଇଥିଲେ। ୨୨୫ ଜଣ ଇଲେକ୍ଟରଙ୍କ ମଧ୍ୟରୁ କାଭେଲାଶଭିଲିଙ୍କୁ ୨୨୪ ଭୋଟ ମିଳିଥିଲା। ସେ ଏକମାତ୍ର ପ୍ରାର୍ଥୀ ମନୋନୀତ ହୋଇଥିଲେ।


ସୁରଟରେ ଶନିବାର ଅନୁଷ୍ଠିତ ଏକ ଗଣବିବାହ ଉତ୍ସବରେ କନ୍ୟା ଏବଂ ବରମାନେ ରୀତିନୀତି ସମ୍ପନ୍ନ କରୁଛନ୍ତି।

## ‘ମୃତ ମହିଳାଙ୍କ ପରିବାର ସହ ରହିଛି’: ଅଲ୍ଲୁ ଅର୍ଜୁନ

### ଜେଲରୁ ମୁକୁଳିଲେ

ହାଇଦ୍ରାବାଦ, ୧୪।୧୨



ଗତ ୪ରେ ‘ପୁଷ୍ପା ୨’ର ସ୍କ୍ରିନିଂ ବେଳେ ହାଇଦ୍ରାବାଦର ସନ୍ଧ୍ୟା ଥିଏଟରରେ ଦଳାଚକଟା ଘଟି ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ଏହି ମାମଲାରେ ହାଇଦ୍ରାବାଦ ପୋଲିସ ଅଲ୍ଲୁଙ୍କୁ ଗିରଫ କରିଥିବାବେଳେ ତେଲଙ୍ଗାନା ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ଅଲ୍ଲୁ ହାଇଦ୍ରାବାଦ ସେଣ୍ଟ୍ରାଲ ଜେଲରେ ଗୋଟିଏ ରାତି ରହିବା ପରେ ଶନିବାର ମୁକୁଳିଛନ୍ତି। ଘରକୁ ଫେରିବା ପରେ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ଅଲ୍ଲୁ ଗଣମାଧ୍ୟମକୁ କହିଛନ୍ତି, ତାଙ୍କର ଆଇନ ଉପରେ ବିଶ୍ୱାସ ରହିଛି। ମାମଲା ଅଦାଲତରେ ଥିବାରୁ ସେ କୌଣସି ମନ୍ତବ୍ୟ ରଖିବେ ନାହିଁ। ମୃତ ମହିଳାଙ୍କ ପରିବାର ପାଇଁ ସେ ଦୁଃଖିତ। ବ୍ୟକ୍ତିଗତ ଭାବେ ତାଙ୍କ ପରିବାରକୁ ଯଥାସମ୍ଭବ ସହାୟତା କରିବେ। ଦଳାଚକଟା ସହ ତାଙ୍କର ସିଧାସଳଖ କୌଣସି ସମ୍ପର୍କ ନାହିଁ। ଏହା ଏକ ଦୁର୍ଘଟଣା ଥିଲା ବୋଲି ଅଲ୍ଲୁ କହିଛନ୍ତି।

## ୧୬ରେ ‘ଏକ ରାଷ୍ଟ୍ର, ଏକ ନିର୍ବାଚନ’ ବିଲ୍

ନୂଆଦିଲ୍ଲୀ,୧୪।୧୨(ପି.ଟି.)

ଏକସଙ୍ଗେ ଦେଶରେ ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ କରାଇବା ପାଇଁ ‘ଏକ ରାଷ୍ଟ୍ର ଏକ ନିର୍ବାଚନ’ ବିଲ୍ ସୋମବାର ଲୋକ ସଭାରେ ଆଗତ କରାଯିବାକୁ ତାଲିକାଭୁକ୍ତ ହୋଇଛି। ବିଭିନ୍ନ କାରଣରୁ ଦେଶରେ ଏକସଙ୍ଗେ ନିର୍ବାଚନ ହେବା ଅତ୍ୟନ୍ତ ଜରୁରୀ। କାରଣ ବାରମ୍ବାର ନିର୍ବାଚନ ବ୍ୟୟବହୁଳ ହୋଇଥିବାବେଳେ ବହୁ ସମୟ ବରବାଦ ହେଉଛି। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରାଜ୍ୟରେ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହେଉଥିବାରୁ ସମସ୍ତ ବିକାଶମୂଳକ କାର୍ଯ୍ୟ ଅଟକି ରହିବା ସହ ସାଧାରଣ ଜନଜୀବନ ପ୍ରଭାବିତ ହେଉଛି। ନିର୍ବାଚନ ନିୟମାବଳୀ ବାରମ୍ବାର ଲାଗୁ ହେବା ଦ୍ୱାରା ସେବା କାର୍ଯ୍ୟ ପ୍ରଭାବିତ ହେବା ସହ ମାନବସମ୍ବଳକୁ ସେମାନଙ୍କର ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟରୁ ଅନ୍ତର କରାଯାଇ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ସମ୍ବିଧାନ (୧୨୯ତମ) ସଂଶୋଧନ ବିଲ୍, ୨୦୨୪ରେ ଉଲ୍ଲେଖ ରହିଛି। ଉକ୍ତ ବିଲ୍ ସମ୍ବିଧାନରେ ଏକ ନୂଆ ଅନୁଚ୍ଛେଦ ଯୋଡ଼ିବାକୁ ଥିବାବେଳେ ୩ଟି ଅନୁଚ୍ଛେଦରେ ସଂଶୋଧନ କରାଯିବ। ଏକସଙ୍ଗେ ପାର୍ଲାମେଣ୍ଟ ଓ ସମସ୍ତ ରାଜ୍ୟ ବିଧାନସଭା ନିର୍ବାଚନ କରାଇବା ପାଇଁ ନୂଆ ଅନୁଚ୍ଛେଦ ୮୨(ଏ) ସାମିଲ ହେବ। ଅନୁଚ୍ଛେଦ ୮୩ (ଲୋକ ସଭାର କାର୍ଯ୍ୟକାଳ), ଅନୁଚ୍ଛେଦ ୧୭୨(ବିଧାନସଭାଗୁଡ଼ିକର କାର୍ଯ୍ୟକାଳ) ଏବଂ ଅନୁଚ୍ଛେଦ ୩୨୭ (ବିଧାନସଭା ନିର୍ବାଚନ ପାଇଁ ବ୍ୟବସ୍ଥା କରିବାକୁ ପାର୍ଲାମେଣ୍ଟକୁ କ୍ଷମତା)ରେ ସଂଶୋଧନ କରାଯିବ। ଏହା କାର୍ଯ୍ୟକାରୀ ହେବା ପରେ ସାଧାରଣ ନିର୍ବାଚନ ପରେ ଲୋକ ସଭାର ପ୍ରଥମ ଅଧିବେଶନ ଦିନ ରାଷ୍ଟ୍ରପତି ଏକ ବିଜ୍ଞପ୍ତି ଜାରି କରିବେ। ଉକ୍ତ ତାରିଖକୁ ନିଯୁକ୍ତି ତାରିଖ କୁହାଯିବ। ଉକ୍ତ ନିଯୁକ୍ତି ତାରିଖରୁ ଲୋକ ସଭା କାର୍ଯ୍ୟକାଳ ୫ ବର୍ଷ ରହିବ।

## ଦକ୍ଷିଣ କୋରିଆ ରାଷ୍ଟ୍ରପତିଙ୍କ ବିରୋଧରେ ମହାଭିଯୋଗ ଗୃହୀତ

### ପ୍ରଧାନମନ୍ତ୍ରୀ ହାନ୍ ଡୁକ୍-ସୁ ହେଲେ କାମଚଳା ରାଷ୍ଟ୍ରପତି

ସିଓଲ,୧୪।୧୨


ୟୁନ୍ ସୁକ୍ ୟେଓଲ


ହାନ୍ ଡୁକ୍-ସୁ

ଦକ୍ଷିଣ କୋରିଆରେ ସାମରିକ ଆଇନ ଲାଗୁ କରିଥିବା ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଶନିବାର ପାର୍ଲାମେଣ୍ଟରେ ଗୃହୀତ ହୋଇଯାଇଛି। ନ୍ୟାଶନାଲ ଆସେମ୍ବ୍ଲିର ୨୦୪ ସଦସ୍ୟ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିବାବେଳେ ୮୫ ଜଣ ବିରୋଧ କରିଥିଲେ। ମହାଭିଯୋଗ ଗୃହୀତ ହେବା ସଙ୍ଗେ ସଙ୍ଗେ ରାଷ୍ଟ୍ରପତିଙ୍କ କ୍ଷମତା ଓ କର୍ତ୍ତବ୍ୟ ସ୍ଥଗିତ ରହିଛି। ଦେଶର ପ୍ରଧାନମନ୍ତ୍ରୀ ହାନ୍ ଡୁକ୍-ସୁ କାମଚଳା ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

ୟୁନ୍‌ଙ୍କୁ ରାଷ୍ଟ୍ରପତି ପଦରୁ ବହିଷ୍କାର କରାଯିବ କି ତାଙ୍କ କ୍ଷମତା ବଜାୟ ରହିବ, ତାହା ଉପରେ ସାମ୍ବିଧାନିକ ଅଦାଲତ ୧୮୦ ଦିନ ମଧ୍ୟରେ ନିଷ୍ପତ୍ତି ନେବ। ଯଦି ତାଙ୍କୁ ବହିଷ୍କାର କରାଯାଏ ତେବେ ୬୦ ଦିନ ମଧ୍ୟରେ ଜାତୀୟ ନିର୍ବାଚନ ଅନୁଷ୍ଠିତ ହୋଇ ତାଙ୍କ ଉତ୍ତରାଧିକାରୀ ଚୟନ କରାଯିବ। ଗତ ଶନିବାର ଅଣାଯାଇଥିବା ପ୍ରଥମ ମହାଭିଯୋଗ ପ୍ରସ୍ତାବ ଉପରେ ଭୋଟକୁ ଶାସକ ଦଳର ସଦସ୍ୟମାନେ ବର୍ଜନ କରିବାରୁ ଏହା ଗୃହୀତ ହୋଇପାରି ନ ଥିଲା। ଫଳରେ ଗୁରୁବାର ଦ୍ୱିତୀୟ ମହାଭିଯୋଗ ପ୍ରସ୍ତାବ ଆସିଥିଲା। ଏଥର ଶାସକ ଦଳର କେତେଜଣ ସଦସ୍ୟ ମହାଭିଯୋଗ ପ୍ରସ୍ତାବ ସପକ୍ଷରେ ଭୋଟ ଦେବାରୁ ତାହା ଗୃହୀତ ହୋଇପାରିଛି। ମହାଭିଯୋଗ ପ୍ରସ୍ତାବ ଗୃହୀତ ହେବା ବେଳେ ପାର୍ଲାମେଣ୍ଟ ବାହାରେ ଲକ୍ଷାଧିକ ଲୋକ ରୁଣ୍ଡ ହୋଇ ସ୍ଲୋଗାନ ଦେବା ସହ ଉତ୍ସବ ମନାଇଥିଲେ। ସୂଚନାଯୋଗ୍ୟ, ଗତ ୩ ତାରିଖ ରାତିରେ ରାଷ୍ଟ୍ରପତି ୟୁନ୍ ଦେଶରେ ସାମରିକ ଆଇନ ଘୋଷଣା କରି ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଦେଇଥିଲେ। ପ୍ରାୟ ୫୦ ବର୍ଷ ମଧ୍ୟରେ ଏସିଆର ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏଭଳି ଆଇନ ଲାଗୁ କରାଯାଇଥିଲା। ରାଷ୍ଟ୍ର ବିରୋଧୀ ତତ୍ତ୍ୱ ତାଙ୍କ ସରକାର ବିରୋଧରେ ଷଡ଼ଯନ୍ତ୍ର ଚଳାଇଥିବା ଏବଂ ଉତ୍ତରକୋରିଆରୁ ବିପଦ ଥିବା ଦର୍ଶାଇ ସାମରିକ ଆଇନ ଲାଗୁ କରାଗଲା ବୋଲି ୟୁନ୍ କହିଥିଲେ। ଅନେକ ହଜାର ଦେଶବାସୀ ଏହାକୁ ବିରୋଧକରି ରାସ୍ତାକୁ ଓହ୍ଲାଇବା ସହ ପାର୍ଲାମେଣ୍ଟ ବାହାରେ ବିକ୍ଷୋଭ କରିଥିଲେ। ବିରୋଧୀ ସଦସ୍ୟମାନେ ପାର୍ଲାମେଣ୍ଟରେ ସାମରିକ ଆଇନ ବିରୋଧରେ ପ୍ରସ୍ତାବ ଗୃହୀତ କରାଇଥିଲେ। ଫଳରେ ୬ ଘଣ୍ଟା ପରେ ସାମରିକ ଆଇନ ପ୍ରତ୍ୟାହୃତ ହୋଇଥିଲା।

## ଫୁରସତ୍

# ଅପରାଧୀଙ୍କୁ ଧରିବ ପୋଲିସ ରୋବୋ

ବେଜିଂ

ସମ୍ପ୍ରତି ବିଶ୍ୱର ବିଭିନ୍ନ ଦେଶରେ ରୋବୋର ବ୍ୟବହାର ବଢ଼ି ବଢ଼ି ଚାଲିଛି। ନିକଟରେ ଚାଇନାର ବୈଜ୍ଞାନିକମାନଙ୍କ ଦ୍ୱାରା କୃତ୍ରିମ୍ ବୁଦ୍ଧିମତ୍ତା(ଏଆଇ) ଟେକ୍ନୋଲୋଜିକୁ ବ୍ୟବହାର କରାଯାଇ ଏକ ପୋଲିସ ରୋବୋର ଆବିଷ୍କାର କରାଯାଇଛି, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ପୋଲିସ ରୋବୋ ଅପରାଧୀଙ୍କୁ ଖୋଜିବା ସହ ସେମାନଙ୍କୁ ଧରିବାରେ ପୋଲିସକୁ ସହାୟତା କରିବ।



ଚାଇନାର ଏହି ଏଆଇ ପୋଲିସ ରୋବୋ ଦେଖିବାକୁ ଏକ ଟାୟାର ପରି। ଏଥିରେ ଅନେକ ଡିଟେକ୍ଟିଭ୍ ମେଶିନ ଲଗାଯାଇଛି। ଲୋଗନ୍ ଟେକ୍ନୋଲୋଜି ଦ୍ୱାରା ପ୍ରସ୍ତୁତ ଏହି ପୋଲିସ ରୋବୋର ନାମ ‘ଆର୍‌ଟି-ଜି’ ରଖାଯାଇଛି। ପାଶ୍ଚାତ୍ୟ ଦେଶରେ କେବଳ ଅପରାଧୀଙ୍କ ତଦାରଖ ପାଇଁ ଏଭଳି ରୋବୋର ବ୍ୟବହାର କରାଯାଇଥାଏ। କିନ୍ତୁ ଚାଇନା ଗୋଟିଏ ପାଦ ଆଗକୁ ବଢ଼ିଛି। ଏହି ପୋଲିସ ରୋବୋ ବିଭିନ୍ନ ଅପରାଧକୁ ନେଇ ତଦାରଖ କରିବା ସହ ଅପରାଧୀଙ୍କୁ ଧରିବାରେ ମଧ୍ୟ ସକ୍ଷମ ହେବ ବୋଲି ଚାଇନାର ବୈଜ୍ଞାନିକମାନେ କହିଛନ୍ତି। ଏହି ରୋବୋରେ ଲୁହବୁହା ଗ୍ୟାସ୍ ସ୍ପ୍ରେ ଏବଂ ସାଉଣ୍ଡ୍ ୱେଭ୍ ଡିଭାଇସ୍ ମଧ୍ୟ ରହିଛି। ଏହାଦ୍ୱାରା ଅପରାଧୀଙ୍କୁ କାବୁ କରିବାରେ ଏହି ପୋଲିସ ରୋବୋ ସଫଳ ହେବା ସହ ଅପରାଧ ଘଟୁଥିବା ସ୍ଥାନରେ ଲୋକଙ୍କୁ ସଚେତନ ମଧ୍ୟ କରାଇପାରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଚାଇନା ଦ୍ୱାରା ପ୍ରସ୍ତୁତ ଏହି ପୋଲିସ ରୋବୋର ଏକ ଭିଡିଓ ନିକଟରେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

‘ଆର୍‌ଟି-ଜି’ ନାମକ ଏହି ପୋଲିସ ରୋବୋକୁ ସର୍ବସାଧାରଣ ସ୍ଥାନରେ ସ୍ଥାପିତ କରିବାକୁ ଚାଇନା ଲକ୍ଷ୍ୟ ରଖିଛି। ଏହା ସର୍ବସାଧାରଣ ସ୍ଥାନରେ ରହି ସମସ୍ତ ଲୋକଙ୍କ ଉପରେ ନଜର ରଖିବ। ବିପଦପୂର୍ଣ୍ଣ ପରିବେଶକୁ ଧ୍ୟାନରେ ରଖି ଏହି ଉନ୍ନତ ଧରଣର ରୋବୋକୁ ବିକଶିତ କରାଯାଇଛି। ତେବେ ଏହି ରୋବୋ କେବଳ ଗୋଟିଏ ସ୍ଥାନରେ ରହି ତଦାରଖ କରି ନ ଥାଏ ବରଂ ଏହା ମାଟି ଏବଂ ପାଣି ତଳେ ମଧ୍ୟ ସହଜରେ କାମ କରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ସର୍ବସାଧାରଣ ସ୍ଥାନରେ ସାମାନ୍ୟତମ ଆପରାଧିକ କାର୍ଯ୍ୟକଳାପ ଘଟିବା ସ୍ଥିତିରେ ଏହି ରୋବୋ ତୁରନ୍ତ ପୋଲିସକୁ ବାର୍ତ୍ତା ପଠାଇବ ଏବଂ ଅପରାଧୀଙ୍କୁ ଗିରଫ କରିବାରେ ପୋଲିସକୁ ସହାୟତା କରିବ। ଚାଇନା ବୈଜ୍ଞାନିକ ଚେଙ୍ଗ୍‌ଡୁ ସିଟିଙ୍କ ଅନୁଯାୟୀ, ଏହି ପୋଲିସ ରୋବୋ ଅପରାଧୀଙ୍କୁ ଗୋଡ଼ାଇବା ଏବଂ ଧରିବାରେ ସକ୍ଷମ। ଘଣ୍ଟା ପ୍ରତି ୩୫ କିଲୋମିଟର ପର୍ଯ୍ୟନ୍ତ ବେଗରେ ଦୌଡ଼ିପାରିବାର ଏହି ରୋବୋର କ୍ଷମତା ରହିଛି।

# ‘ପାତାଳଲୋକ ସିଜନ୍ ୨’ ପୋଷ୍ଟର ଆଉଟ୍


ଜୟଦୀପ ଅହଲାୱତ

**ମୁମ୍ବାଇ:** ୨୦୨୦ରେ କରୋନା ମହାମାରୀ ଚାଲିଥିବା ସମୟରେ ଯେତେବେଳେ ଲକ୍‌ଡାଉନ୍ ହୋଇଥିଲା ସେତେବେଳେ ସିନେମା ହଲ୍‌ଗୁଡ଼ିକ ବାହାରେ ମଧ୍ୟ ତାଲା ପଡ଼ିଥିଲା। ସେ ସମୟରେ ଲୋକମାନେ ଓଟିଟି ପ୍ଲାଟ୍‌ଫର୍ମ ଆଡ଼କୁ ମୁହାଁଇଥିଲେ ଏବଂ ଏହା ପରଠାରୁ ଓଟିଟି ପ୍ଲାଟ୍‌ଫର୍ମଗୁଡ଼ିକ ମଧ୍ୟ ଧୀରେ ଧୀରେ ଲୋକପ୍ରିୟ ହେବାକୁ ଲାଗିଥିଲା। ଫଳରେ ଲୋକମାନେ ସେମାନଙ୍କ ସୁବିଧା ଅନୁଯାୟୀ, ନିଜ ଘରେ ଓଟିଟି ପ୍ଲାଟ୍‌ଫର୍ମ ଜରିଆରେ ବିଭିନ୍ନ ସିରିଜ୍ ଦେଖିବାର ମଜା ନେଇଥିଲେ। ଏହି ଅବଧି ମଧ୍ୟରେ ଓଟିଟିରେ ଅନେକ ସିରିଜ୍ ରିଲିଜ୍ ହୋଇଥିଲା। ୨୦୨୦ ମେ’ ରେ ଆମାଜନ୍ ପ୍ରାଇମ୍ ଭିଡିଓ ପ୍ଲାଟ୍‌ଫର୍ମରେ ଅଭିନେତା ଜୟଦୀପ ଅହଲାୱତଙ୍କ ସିରିଜ୍ ‘ପାତାଳଲୋକ’ ମୁକ୍ତିଲାଭ କରିଥିଲା। ଏହି ସିରିଜ୍ ସମସ୍ତଙ୍କୁ ପ୍ରଭାବିତ କରିଥିଲା। ସିରିଜରେ ପ୍ରଦର୍ଶିତ କାହାଣୀ ଓ ଚରିତ୍ରଗୁଡ଼ିକ ଲୋକଙ୍କୁ ବାନ୍ଧି ରଖିବାରେ ସକ୍ଷମ ହୋଇଥିଲା। ତେବେ ଖୁବ୍‌ଶୀଘ୍ର ଏହି ସିରିଜ୍‌ର ଦ୍ୱିତୀୟ ସିଜନ୍ ଆସିବାକୁ ଯାଉଛି। ଶନିବାର ‘ପାତାଳଲୋକ ସିଜନ୍ ୨’ର ଏହି ପୋଷ୍ଟରକୁ ସୋସିଆଲ ମିଡିଆରେ ରିଲିଜ୍ କରାଯାଇଛି। ଉକ୍ତ ପୋଷ୍ଟରରେ ଅଭିନେତା ଜୟଦୀପ ଅହଲାୱତଙ୍କୁ ଦେଖିବାକୁ ମିଳିଛି। ପୋଷ୍ଟରରେ ତାଙ୍କ ଆଖି ସାମ୍ନାରେ ଏକ ବଡ ଛୁରି ରହିଛି, ଯେଉଁଥିରେ ରକ୍ତ ଛିଟା ଲାଗିଛି। ଏହି ପୋଷ୍ଟରକୁ ଦେଖି ‘ପାତାଳଲୋକ ସିଜନ ୨’ ଖୁବ୍ ବିସ୍ଫୋରକ ହେବାକୁ ଯାଉଥିବା ନେଇ ସିନେପ୍ରେମୀମାନେ ଅନୁମାନ କରୁଛନ୍ତି। ‘ପାତାଳଲୋକ ସିଜନ ୧’ର କାହାଣୀରେ ଲୋକଙ୍କ ପାଇଁ ବହୁ ମାତ୍ରାରେ ସସ୍‌ପେନ୍ସ ସୃଷ୍ଟି କରାଯାଇଥିଲା। ଜୟଦୀପ ଅହଲାୱତଙ୍କ ବ୍ୟତୀତ ଅଭିନେତା ଅଭିଷେକ ବାନାର୍ଜୀଙ୍କ ଚରିତ୍ର ‘ହାଥୋଡା ତ୍ୟାଗୀ’ ମଧ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

# ବିବାଦରେ ବିଷ୍ଣୁପଦ, ୩ ଡ୍ରାଇଭରଙ୍କୁ ସିବିଆଇ ଜେରା

**ଲାଞ୍ଚ କାରବାର ବେଳେ ଦାମୀ କାର୍‌ରୁ ୧୦ ଲକ୍ଷ ଜବତ ଘଟଣା**

ଭୁବନେଶ୍ୱର,୧୪।୧୨(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ଲାଞ୍ଚ କାରବାର ବେଳେ ଏକ ଦାମୀ କାର୍‌ରୁ ୧୦ ଲକ୍ଷ ଟଙ୍କା ଜବତ ଘଟଣାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଅଧିକ ଖୋଳତାଡ଼ କରୁଥିବାବେଳେ ଏହି ଲିଙ୍କ୍‌ରେ ରାଜ୍ୟ ସରକାରଙ୍କ ପ୍ରମୁଖ ସଚିବ ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ନାଁ ସାମ୍ନାକୁ ଆସିଛି। ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ(ଇଣ୍ଡିଆ) ଲିଃର ଗ୍ରୁପ୍ ଜେନେରାଲ ମ୍ୟାନେଜର (ଜିଜିଏମ୍) ଅଭିଯୁକ୍ତ ଚଞ୍ଚଳ ମୁଖାର୍ଜୀଙ୍କ ସହ ବିଷ୍ଣୁପଦଙ୍କ ଲିଙ୍କ୍ ରହିଥିବା ଜଣାପଡ଼ିବା ପରେ ସେ ସିବିଆଇ ସ୍କାନରକୁ ଆସିଛନ୍ତି। ବିଷ୍ଣୁପଦ ବିବାଦରେ ଫସିଥିବା ବେଳେ ଏହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଏହି ମାମଲାରେ ଭୁବନେଶ୍ୱରସ୍ଥିତ ସିବିଆଇ ଅଫିସରେ ହାଜର ହେବାକୁ ଗତ ବୁଧବାର ବିଷ୍ଣୁପଦଙ୍କୁ ସମନ୍ ହୋଇଥିଲା। ତେବେ ଶନିବାର ଏହି ଲିଙ୍କ୍‌ରେ ବିଷ୍ଣୁପଦଙ୍କ ଡ୍ରାଇଭର ନୃସିଂହ ଚରଣ ଶତପଥୀ, ତୁଷାରଙ୍କ ସମେତ ୩ଜଣ ଡ୍ରାଇଭରଙ୍କୁ ସିବିଆଇ ଜେରା କରିଛି। ନୃସିଂହ ଶୁକ୍ରବାର ସିବିଆଇ ଅଫିସରେ ହାଜର ହୋଇଥିବାବେଳେ ଶନିବାର ସକାଳେ ପୁଣି ସେଠାକୁ ଯାଇଥିଲେ। ସିବିଆଇ କାର୍ଯ୍ୟାଳୟରୁ ଫେରିବା ପରେ ନୃସିଂହ କହିଛନ୍ତି, ଯାହା ଜାଣିଛି ସିବିଆଇକୁ କହିଛି। ବିଷ୍ଣୁପଦ କେତେବେଳେ ଆସନ୍ତି, କେତେବେଳେ ଯାଆନ୍ତି। ତାଙ୍କ ଘରେ କ୍ୟାମେରା ଲାଗିଛି କି ନାହିଁ। ସେନେଇ ସିବିଆଇ ତାଙ୍କୁ ପଚାରିଥିଲା। ତେବେ ସେ ଦୁଇ ମାସ ହେବ ସେଠାକୁ ଯାଇଥିବାବେଳେ ଘରେ କ୍ୟାମେରା ଥିବ, ବାହାରେ ନାହିଁ ବୋଲି ନୃସିଂହ କହିଥିଲେ। ବିଷ୍ଣୁପଦ କେଉଁଠି


ଡ୍ରାଇଭର ନୃସିଂହ ଚରଣ ଶତପଥୀ

ରୁହନ୍ତି, କ'ଣ କରନ୍ତି ଆଦି ସିବିଆଇ ତାଙ୍କୁ ପଚାରିଥିଲା। ତେବେ ଅଭିଯୁକ୍ତ ଚଞ୍ଚଳ, ପେଣ୍ଟା ଏ ଷ୍ଟୁଡିଓ ପ୍ରାଇଭେଟ୍ ଲିଃର ନିର୍ଦ୍ଦେଶକ ସନ୍ତୋଷ ମହାରଣା ଓ ମଧ୍ୟସ୍ଥ ଦେବଦତ୍ତ ମହାପାତ୍ରଙ୍କୁ ରିମାଣ୍ଡରେ ଆଣି ସିବିଆଇ ପଚରାଉଚରା ଓ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚବେଳେ ବିଷ୍ଣୁପଦଙ୍କ ଲିଙ୍କ୍ ଆସିଥିବା ସୂଚନା ମିଳିଛି। ତେବେ ଏହାରି ଭିତରେ ଚଞ୍ଚଳଙ୍କ ସହ ବିଷ୍ଣୁପଦଙ୍କ ସମ୍ପର୍କକୁ ନେଇ ଏକ ବିଭାଗୀୟ ଚିଠି ସାମ୍ନାକୁ ଆସିଛି। ଗତ ଅକ୍ଟୋବର ୧୯ରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧୀନରେ ସ୍କୁଲ ନବୀକରଣ ପାଇଁ ଉକ୍ତ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ଲିଃକୁ ବିଷ୍ଣୁପଦ ଏକ ଚିଠି ଲେଖିଥିଲେ। ବୌଦ୍ଧର ହରଭଙ୍ଗା ଓ ନୟାଗଡ଼ର ଗଣିଆଠାରେ ସ୍କୁଲ ନବୀକରଣ ପାଇଁ ପ୍ଲାନ୍ ଓ ଏଷ୍ଟିମେଟ୍ ଦେବାକୁ ନିର୍ଦ୍ଦେଶକ ଚଞ୍ଚଳଙ୍କୁ ଚିଠିରେ ଉଲ୍ଲେଖ କରାଯାଇଥିଲା। ଅନ୍ୟପକ୍ଷରେ ପୂର୍ବ ସରକାରରେ ବିଷ୍ଣୁପଦ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱରେ ଥିବାରୁ ଚଞ୍ଚଳଙ୍କୁ ଅନ୍ୟ କିଛି କାମ ପାଇଁ ଅନୁଗ୍ରହ ଦେଖାଇଥାଇପାରନ୍ତି ବୋଲି ପ୍ରଶ୍ନ ସୃଷ୍ଟି ହୋଇଛି। ତେବେ ସେପଟେ ନୋଟିସ୍ ପାଇ ବିଷ୍ଣୁପଦ ତାଙ୍କ ଓକିଲଙ୍କ ଜରିଆରେ ସିବିଆଇରେ ହାଜର ହୋଇଥିଲେ ବୋଲି ସୂଚନା ମିଳିଛି। ଏହାରି ଭିତରେ ୩ ଅଭିଯୁକ୍ତଙ୍କ ୫ଦିନିଆ ରିମାଣ୍ଡ ଅବଧିରୁ ଆଉ ୨ଦିନ ବାକିଥିବା ବେଳେ ସିବିଆଇ ଘନଘନ ଜେରା କରି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବାକୁ ପ୍ରୟାସ କରୁଥିବା ଜଣାପଡ଼ିଛି। ଏନେଇ ଶନିବାର ସନ୍ଧ୍ୟାରେ ମତାମତ ପାଇଁ ବିଷ୍ଣୁପଦଙ୍କ ମୋବାଇଲକୁ କଲ୍ କରାଯାଇଥିଲେ ମଧ୍ୟ ସେ ରିସିଭ୍ କରି ନ ଥିଲେ।

# ବୌଦ୍ଧରୁ ବାଘଛାଲ ଜବତ, ଅଭିଯୁକ୍ତ ଗିରଫ



ଭୁବନେଶ୍ୱର,୧୪।୧୨(ସୂର୍ଯ୍ୟକାନ୍ତ ବେହେରା)

ଲକ୍ଷାଧିକ ଟଙ୍କାରେ ବାଘ ଛାଲକୁ ବିକ୍ରି କରିବା ପାଇଁ ଗ୍ରାହକ ଅପେକ୍ଷାରେ ଥିବାବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଜଣେ ଯୁବକଙ୍କୁ ଗିରଫ କରିଛି। ସେହେଲେ ବୌଦ୍ଧ ମନମୁଣ୍ଡା ଥାନା ଅଞ୍ଚଳର ନାରାୟଣ ମାଝି (୩୪)। ଏସ୍‌ଟିଏଫ ଅଭିଯୁକ୍ତଙ୍କଠାରୁ ଏକ ବାଘ ଛାଲ ଜବତ କରିଛି। ବାଘ ଛଲ ପାଖରେ ରଖିବାର କୌଣସି ପ୍ରମାଣ ଦେଖାଇ ନ ପାରିବା ସହ ଏହାକୁ ବିକ୍ରି ପାଇଁ ଆଣିଥିବା ସ୍ୱୀକାର କରିବାରୁ ଏସ୍‌ଟିଏଫ୍ ଏକ ମାମଲା (ନଂ. ୨୩/୨୦୨୪) ରୁଜୁ କରି ନାରାୟଣଙ୍କୁ ବୌଦ୍ଧ କନ୍ଧମାଳ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଥିଲା। ସେଠାରେ ଜାମିନ ନ ମିଳିବାରୁ ବିଚାର ବିଭାଗୀୟ ହାଜତକୁ ନାରାୟଣଙ୍କୁ ପଠାଇ ଦିଆଯାଇଛି । ଅନ୍ୟପଟେ ଜବତ ବାଘ ଛାଲକୁ ଡେରାଡୁନ ସ୍ଥିତ ବାୟୋଲଜିକାଲ ସେଣ୍ଟରକୁ ପଠାଇ ଦିଆଯାଇଛି। ସୂଚନାନୁସାରେ ବୌଦ୍ଧ ମେହେରୁନି ପୋଲ ନିକଟସ୍ଥ ମନମୁଣ୍ଡା-ଶଗଡ ରାସ୍ତାରେ ବାଘ ଛାଲ ଧରି ଗ୍ରାହକ ଅପେକ୍ଷାରେ ରହିଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ଏସ୍‌ଟିଏଫ୍ ଶୁକ୍ରବାର ସନ୍ଧ୍ୟାରେ ଚଢାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା।

# ପୁଅ ଆଗରେ ବାପାଙ୍କୁ ଇଟାରେ ଛେଚି ହତ୍ୟା ଘଟଣାରେ ଜଣେ ଗିରଫ

ବାରଙ୍ଗ,୧୪।୧୨(ଲିଙ୍ଗରାଜ ରାଉତ)

ଘର ଆଗରେ ବାପାଙ୍କୁ ଇଟାରେ ଛେଚି ହତ୍ୟା କରିବା ଘଟଣାରେ ବାରଙ୍ଗ ପୋଲିସ ଜଣେ ନାବାଳକଙ୍କୁ ଧରି ବାଳ ସୁଧାର ଗୃହକୁ ପଠାଇଥିବାବେଳେ ଶନିବାର ଅନ୍ୟଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନରଣପୁର ପାଖ ଏକ ଆପାର୍ଟମେଣ୍ଟରେ ରହୁଥିବା ପିଣ୍ଟୁ ଦାସ(୨୧)। ପ୍ରକାଶ ଯେ, ଗତ କିଛିଦିନ ହେବ କେନ୍ଦ୍ରାପଡ଼ାର ତୋଫାନ ସାମଲ ଓଲଡିଂ ମିସ୍ତ୍ରି ଭାବେ କଟକ ଜିଲା ବାରଙ୍ଗ ଥାନା ନରଣପୁର ଅଞ୍ଚଳର ଏକ ଆପାର୍ଟମେଣ୍ଟ କଡ଼ ବସ୍ତିରେ ରହି କାର୍ଯ୍ୟ କରୁଥିଲେ। ଆପାର୍ଟମେଣ୍ଟରେ ରହୁଥିବା କେତେଜଣ ଯୁବକ ପୂର୍ବରୁ ତୋଫାନଙ୍କ ଆଜବେଷ୍ଟ ଉପରକୁ ଟେକାପଥର ଫୋପାଡୁଥିଲେ। ଏହାକୁ ନେଇ ତୋଫାନ ବିରକ୍ତି ପ୍ରକାଶ କରି ବିରୋଧ କରୁଥିଲେ। ଗତ ମଙ୍ଗଳବାର ରାତିରେ ଉକ୍ତ ଆପାର୍ଟମେଣ୍ଟରୁ କେତେଜଣ ଯୁବକ ସଂଘବଦ୍ଧ ଭାବେ ତୋଫାନଙ୍କ ଆଜବେଷ୍ଟ ଉପରକୁ ସମାନ ଢଙ୍ଗରେ ଇଟାପଥର ପକାଇଥିଲେ। ଏଥିରେ ବିରକ୍ତି ପ୍ରକାଶ କରି ତୋଫାନ ସେମାନଙ୍କ ପାଖକୁ ଯାଇ ଗାଳିଗୁଲଜ କରିଥିଲେ। ତୋଫାନ ଘରେ ଖାଉଥିବାବେଳେ ଉକ୍ତ ଯୁବକମାନେ ଆସି ଅତର୍କିତ ଭାବେ ଘର ଉପରକୁ ଇଟା ପଥର ପକାଇଥିଲେ। ତୋଫାନ ଘରୁ ବାହାରକୁ ଆସିବାରୁ ତାଙ୍କ ଉପରକୁ ଟେକା ପଥର ମାଡ଼ କରିଥିଲେ। ତୋଫାନଙ୍କ ପୁଅ ଏହା ଦେଖି ପାଟି କରିବାରୁ ସେମାନେ ତାଙ୍କୁ ମଧ ଆକ୍ରମଣ କରି ସେଠାରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବାରଙ୍ଗ ପୋଲିସ ତୋଫାନଙ୍କୁ ରକ୍ତାକ୍ତ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରଦିନ ମୃତକଙ୍କ ସାନଭାଇ ଅମର ସାମଲଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମକଦ୍ଦମା (କେସ ନଂ. ୪୭୯/୨୪) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା।

# ଚଳନ୍ତା ଗାଡ଼ିରୁ ଦମ୍ପତିଙ୍କଠାରୁ ଛିନ୍‌ତାଇ

■ତଳେ ପଡ଼ି ଦମ୍ପତି ଆହତ
■ଅଭିଯୁକ୍ତ ଗିରଫ,ଚୋରି ସାମଗ୍ରୀ ଜବତ

ଭୁବନେଶ୍ୱର,୧୪।୧୨(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ଲୁଟେରାଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଲାଣି। ଲୋକମାନେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଲୁଟେରାମାନେ ଚଳନ୍ତା ଗାଡ଼ିରୁ ଛିନ୍‌ତାଇ କରିବା ଅଭ୍ୟାସ ଜାରି ରଖୁଥିବାରୁ ଲୋକମାନେ ଭୟଭୀତ ହୋଇପଡିଛନ୍ତି । ଗତ କିଛି ଦିନ ତଳେ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଞ୍ଚଳରେ ଚଳନ୍ତା ଗାଡ଼ିରୁ ଛିନ୍‌ତାଇ ପାଇଁ ଜଣେ ମହିଳାଙ୍କ ଜୀବନ ଚାଲିଯିବା ଘଟଣା ମନରୁ ଯାଇ ନ ଥିବାବେଳେ ମୈତ୍ରୀବିହାର ଥାନା ଅଞ୍ଚଳରେ ଏକ ଦମ୍ପତି ମୋଟରସାଇକେଲ ଯୋଗେ ଯାଉଥିବାବେଳେ ଜଣେ ଲୁଟେରା ପଛପାଖରୁ ଆସି ତାଙ୍କ ଭ୍ୟାନିଟି ବ୍ୟାଗ ଛଡ଼ାଇନେବା ଘଟଣା ସାମ୍ନାକୁ ଆସିଛି। ଲୁଟେରାଙ୍କ ଛିନ୍‌ତାଇ ଯୋଗୁଁ ଦମ୍ପତି ଗାଡ଼ିରୁ ତଳେ ପଡ଼ି ଗୁରୁତର ଆହତ ହୋଇଛନ୍ତି।



ଆହତ ମହିଳା ବସନ୍ତ ମଞ୍ଜରୀଙ୍କ ଅଭିଯୋଗ ଆଧାରରେ ପୋଲିସ ୨୪ ଘଣ୍ଟା ମଧ୍ୟରେ ସମ୍ପୃକ୍ତ ଲୁଟେରାଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ପଟିଆ ଅଞ୍ଚଳର ଚିନ୍ମୟ ପ୍ରଧାନ(୩୪)। ତାଙ୍କଠାରୁ ୨ଟି ଭ୍ୟାନିଟି ବ୍ୟାଗ ସହିତ ୪ଟି ମୋବାଇଲ ଫୋନ୍ ଓ ଚୋରିରେ ବ୍ୟବହୃତ ବାଇକ୍ ଜବତ ହୋଇଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ ଭୁବନେଶ୍ୱରର ବିଭିନ୍ନ ଥାନାରେ ୧୪ଟି ଆପରାଧିକ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି। ସୂଚନାଯୋଗ୍ୟ ଶୁକ୍ରବାର ମଧ୍ୟାହ୍ନରେ ମହିଳା ନିଜ ସ୍ୱାମୀଙ୍କ ସହିତ ମୋଟର ସାଇକେଲ ଯୋଗେ କେୟାର ହସ୍ପିଟାଲକୁ ଯାଉଥିଲେ। ଏହି ସମୟରେ ଏକ ଦୁର୍ବୃତ୍ତ ପଲ୍‌ସର ବାଇକ ଯୋଗେ ପଛପାଖରୁ ଆସି ତାଙ୍କ ଭ୍ୟାନିଟି ବ୍ୟାଗଟିକୁ ଛଡ଼ାଇବାରୁ ଦମ୍ପତି ତଳେ ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ।

# ଜବତ ହେଲାଣି ୩ ସିସିଟିଭି ଫୁଟେଜ୍, ହତ୍ୟାକାରୀଙ୍କ ମିଳୁନି ପତ୍ତା

**ନଦୀପଠାରେ ମହିଳାଙ୍କ ଗଳାକାଟି ହତ୍ୟା ଘଟଣା**

କଟକ ସଦର,୧୪।୧୨(ସୁଶାନ୍ତ କୁମାର ଜେନା)

କଟକ ଜିଲା କନ୍ଦରପୁର ଥାନା ଅଧୀନ ପରମହଂସ ଗ୍ରାମ ନିକଟ କାଠଯୋଡ଼ି ନଦୀପଠାରେ ଗୁରୁବାର ରାତିରେ ଜଣେ ମହିଳାଙ୍କ ଗଳା କାଟି ପଥରରେ ଛେଚି ହତ୍ୟା କରାଯାଇଥିଲା। ସମ୍ପୃକ୍ତ ମହିଳାଙ୍କ ପରିଚୟ ଜାଣିବା ନିମନ୍ତେ ପୋଲିସ ହତ୍ୟାକାଣ୍ଡସ୍ଥଳର ଉଭୟ ପାର୍ଶ୍ୱରେ ଲାଗିଥିବା ସିସିଟିଭି ଫୁଟେଜ ଶୁକ୍ରବାର ସଂଗ୍ରହ କରିଛି। ସେହିପରି ଶନିବାର ମଧ ନଦୀବନ୍ଧର ରଘୁନାଥପୁର ନିକଟରେ ଲାଗିଥିବା ଆଉ ଏକ ସିସିଟିଭି ଫୁଟେଜ ସଂଗ୍ରହ କରିଛି। ହେଲେ ଇତିମଧ୍ୟରେ ହତ୍ୟା ଘଟଣାକୁ ୪୮ ଘଣ୍ଟା ବିତିଯାଇଥିଲେ ମଧ ପୋଲିସ ହତ୍ୟାକାରୀଙ୍କ ପତ୍ତା ପାଇନାହିଁ। ପରମହଂସ ସେତୁ ନିକଟ ଓ କୋଟିଲେଇ ମନ୍ଦିର ନିକଟରେ ଲାଗିଥିବା ସିସିଟିଭି ଫୁଟେଜ ହତ୍ୟା ଘଟଣା ଉପରୁ ପରଦା ହଟାଇପାରିବ ବୋଲି କଟକ ଡିସିପି ଜଗମୋହନ ମୀନା ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଡିସିପି କହିଛନ୍ତି, ମୃତାଙ୍କ ଆଙ୍ଗୁଠିର ବାୟୋମେଟ୍ରିକ୍ ଛାପକୁ ମଧ ପ୍ରମୁଖ ଆଧାର କରାଯାଇଛି। ଘଟଣାସ୍ଥଳରୁ ମିଳିଥିବା ରକ୍ତଛିଟା ଶାର୍ଟ ଓ ପ୍ୟାଣ୍ଟରେ ନ୍ୟୁ ଷ୍ଟାର ଟେଲର ଲେଖାଯାଇଛି। ତେଣୁ ରାଜ୍ୟର କେଉଁ ସ୍ଥାନରେ ଏଭଳି ଟେଲର ଦୋକାନ ରହିଛି ସେ ସମ୍ପର୍କରେ ଜାଣିବା ପାଇଁ ଗୁଗଲ୍ ସହାୟତାରେ ଅନୁସନ୍ଧାନ ଆରମ୍ଭ ହୋଇଛି। ମହିଳାଙ୍କ



ଆଙ୍ଗୁଳି ଛାପରୁ ପରିଚୟ ଜାଣିବା ପାଇଁ ଆଧାର କାର୍ଡ ପ୍ରସ୍ତୁତ କରୁଥିବା ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଏଆଇ)ର ସହାୟତା ଲୋଡ଼ାଯାଇଛି। ଏହି ଘଟଣାର ଅଧିକ ତଦନ୍ତ ପାଇଁ ୪୨ ମୌଜା, ସିଆର୍‌ଆର୍‌ଆଇ, ଚାଉଳିଆଗଞ୍ଜ ଓ ମଧୁପାଟଣା ପୋଲିସକୁ ନେଇ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ, କାଠଯୋଡ଼ି ନଦୀପଠାରେ ଅଚିହ୍ନା ମହିଳାଙ୍କୁ ହତ୍ୟା କରାଯାଇଥିଲା। ପୋଲିସ ପହଞ୍ଚି ତଦନ୍ତ କରିବା ସହ ଘଟଣାସ୍ଥଳରୁ ଏକ ଚାପଡ଼, ଛୋଟପିଲାଙ୍କ ଡ୍ରେସ୍, ପୁରୁଷ ଲୋକଙ୍କ ପ୍ୟାଣ୍ଟଶାର୍ଟ ଜବତ କରିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା। ମହିଳାଙ୍କ ଡାହାଣ ହାତରେ ଓଁ ବାବା ବଳିଆ ଓ ମାତା ଏବଂ ବାମ ହାତରେ ପିତା, କେପିଏସ୍‌ଏମ୍ ଲେଖା ରହିଛି।

# ଓୟୁଟିଆର୍ ସୁରକ୍ଷାକର୍ମୀ ଗିରଫ

**ବାନ୍ଧବୀଙ୍କ ଆପତ୍ତିଜନକ ଫଟୋ ଭାଇରାଲ୍ ଘଟଣା**

ଭୁବନେଶ୍ୱର,୧୪।୧୨(ସତ୍ୟଜିତ୍ ରାଉତ)

ବାନ୍ଧବୀଙ୍କ ଆପତ୍ତିଜନକ ଫଟୋ ଭାଇରାଲ କରିବା ମାମଲାରେ ଭୁବନେଶ୍ୱର ମହିଳା ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଛି। ସେ ହେଲେ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ରେ ସୁରକ୍ଷାକର୍ମୀ ଭାବେ କାମ କରୁଥିବା ଯାଜପୁର ଜିଲା ସଦର ଥାନା ଅନ୍ତର୍ଗତ ବାମଦେବପୁର ଅଞ୍ଚଳର ଅଶୋକ କୁମାର ମିଶ୍ର (୩୬)। ତାଙ୍କ ଠାରୁ ମୋବାଇଲ ଜବତ ହୋଇଛି। ଅଶୋକଙ୍କୁ କୋର୍ଟଚାଲାଣ କରାଯିବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।
ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ଯୁବତୀ ଜଣଙ୍କ



ଏକ ବେସରକାରୀ ପ୍ରତିଷ୍ଠାନରେ କାମ କରିବା ସହ ତାଙ୍କର ଜଣେ ସମ୍ପର୍କୀୟଙ୍କ ସହ ରହୁଥିଲେ। ପରେ ଅଶୋକଙ୍କ ସହ ପରିଚୟ ହେବା ପରେ ବନ୍ଧୁତା ସୃଷ୍ଟି ହୋଇଥିଲା। କିଛିମାସ ତଳେ ଉକ୍ତ ଯୁବତୀ ଏବଂ ଅଶୋକ ଅନ୍ୟ କେତେଜଣ ବନ୍ଧୁଙ୍କ ସହ ପୁରୀ ଯାଇଥିଲେ। ସେଠାରେ ପୀଡ଼ିତାଙ୍କ ଅଜାଣତରେ ଅଶୋକ ତାଙ୍କର କିଛି ଆପତ୍ତିଜନକ ଫଟୋ ନିଜ ମୋବାଇଲରେ ଉଠାଇ ରଖିଥିଲେ। ପରେ ଏହି ଫଟୋ ଭାଇରାଲ କରିଦେବାର ଧମକ୍ ଦେଇ ଅଶୋକ ବ୍ଲାକ୍‌ମେଲ୍ କରିବା ଆରମ୍ଭ କରିଥିଲେ। ଶାରୀରିକ ସମ୍ପର୍କ ନ ରଖିଲେ ଫଟୋ ଭାଇରାଲ କରିଦେବେ ବୋଲି ଧମକ୍ ଦେଇଥିଲେ। ଯୁବତୀଜଣଙ୍କ ତାଙ୍କ କଥାରେ ରାଜି ନ ହେବାରୁ ତାଙ୍କର ଆପତ୍ତିଜନକ ଫଟୋ ସବୁଙ୍କୁ ବନ୍ଧୁ ଓ ଅନ୍ୟମାନଙ୍କୁ ପଠାଇ ଦେଇଥିଲେ। ଏନେଇ ପୀଡ଼ିତାଙ୍କ ଅଭିଯୋଗକ୍ରମେ ମହିଳା ଥାନା ଅକ୍ଟୋବର ୨୭ରେ ଏକ ମାମଲା (ନଂ.୧୭୦/୨୦୨୪) ରୁଜୁ କରି ତଦନ୍ତ କରିଥିଲା।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**କଣ୍ଟେଇ କୋଳିର କଣ୍ଟା**
**ଦିନେ ଖାଇନାହିଁ ବୋହୂ ପରଷାଲୋ**
**ଭାଙ୍ଗି ପଡୁଥାଏ ଅଣ୍ଟା ।**

ସମୟ, ପରିସ୍ଥିତି ସମସ୍ତଙ୍କର ସବୁବେଳେ ସମାନ ନ ଥାଏ। ସାଧାରଣତଃ ଝିଅଟି ବାପଘରେ ବେଶ୍ ଅଲିଅଳରେ ବଢ଼ିଥାଏ। ଯେତେବେଳେ ସେ ବାହାହୋଇ ଶାଶୁଘରକୁ ଆସେ, ସେତେବେଳେ ତା'ର କାର୍ଯ୍ୟବ୍ୟସ୍ତତା ବହୁ ପରିମାଣରେ ବଢ଼ିଯାଇଥାଏ। ଶାଶୁଘରର କାର୍ଯ୍ୟବ୍ୟସ୍ତତାରେ ଧନ୍ଦି ହୋଇ ବାପଘରର ସୁଖକୁ ଝୁରିହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଖାରୁ ଡଙ୍କ ନଅକ ନକ**
**ପିଢ଼ାରେ ବଡ଼ ପୋଇ**
**ଛଅ ମାସ ହେଲା କଥା ନ କହିଲ**
**ସଙ୍ଗେ ଗଲିକି ଗୋଡ଼ାଇ ?**

ସାଧାରଣତଃ ଦାମ୍ପତ୍ୟ ଜୀବନରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଛୋଟ ଛୋଟ କଥାକୁ ନେଇ ଝଗଡ଼ା ହେଉଥିବାର ଦେଖିବାକୁ ମିଳିଥାଏ। ତେବେ କୌଣସି ଏକ କାରଣକୁ ନେଇ ସ୍ୱାମୀ ଜଣକ ସ୍ତ୍ରୀ ସହ କଥା ହେଉ ନ ଥିବା ବେଳେ ସ୍ତ୍ରୀଟିର ନିଜ ସ୍ୱାମୀ ପ୍ରତି ଥିବା ଅଭିମାନ ଏବଂ ଆକ୍ଷେପ ଭାବ ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡ୍‌ସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ପ୍ଲଟ ଦେବା ନାଁରେ ୩.୪ ଲକ୍ଷ ଠକେଇ, ଜଣେ ଗିରଫ

ଭୁବନେଶ୍ୱର,୧୪।୧୨(ସୂର୍ଯ୍ୟକାନ୍ତ ବେହେରା): ପ୍ଲଟ କରାଇଦେବା ଉଦ୍ଦେଶ୍ୟରେ ଜଣେ ବ୍ୟକ୍ତିଙ୍କୁ ୩.୪ ଲକ୍ଷ ଟଙ୍କା ଠକେଇ ହୋଇଛି। ବିପିନ ବିହାରୀ ଜେନାଙ୍କ ଅଭିଯୋଗକୁ ଆଧାର କରି ଲକ୍ଷ୍ମୀସାଗର ଥାନା ପୋଲିସ ଜନ୍ମେଜୟ ଜେନାଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ତାଙ୍କଠାରୁ କୌଣସି ଠକେଇ ଟଙ୍କା ଉଦ୍ଧାର ହୋଇପାରି ନ ଥିବା ଜଣାପଡ଼ିଛି। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ ବିପିନ ଏକ ପ୍ଲଟ କିଣିବା ଯୋଜନାରେ ଜନ୍ମେଜୟଙ୍କ ସମ୍ପର୍କରେ ଆସିଥିଲେ। ଗତ ଜୁନ୍‌ରେ ଅଭିଯୁକ୍ତ ହଂସପାଳ ଅଞ୍ଚଳରେ ଏକ ପ୍ଲଟ କରାଇଦେବାକୁ କହି ବିପିନଙ୍କଠାରୁ ୩.୪ ଲକ୍ଷ ଟଙ୍କା ଅଗ୍ରୀମ ନେଇଥିଲେ।। ପରବର୍ତ୍ତୀ ସମୟରେ ପୁଣି ୩୦ ହଜାର ନଗଦ ଟଙ୍କା ନେବା ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ। ମାତ୍ର ଅଭିଯୁକ୍ତ ଉକ୍ତ ପ୍ଲଟ୍‌କୁ ବିପିନଙ୍କ ନାମରେ କରି ନ ଥିଲେ। ଏହାପରେ ଅଭିଯୁକ୍ତ ଜଣକ ଉକ୍ତ ପ୍ଲଟ୍‌କୁ ବ୍ୟାଙ୍କରୁ ମୁକୁଳେଇବାର ଆଳ ଦେଖାଇ ଅଧିକ ଟଙ୍କା ଦେବାଲାଗି କହିବାରୁ ବିପିନ ଦେଇ ନ ଥିଲେ। ଫଳରେ ଜନ୍ମେଜୟ ତାଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ କରିଥିଲେ। ଏହା ପରେ ବିପିନ ଟଙ୍କା ଠକେଇର ଶିକାର ହୋଇଥିବା ଜାଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ୩ ଆନ୍ତଃରାଜ୍ୟ ଲୁଟେରା ଗିରଫ: ୧୩୨.୭ ଗ୍ରାମ ସୁନା ଗହଣା ଜବତ

**ଟ୍ରେନ୍‌ଯାତ୍ରୀଙ୍କଠାରୁ ଲୁଟିଥିଲେ ୫୦ ଲକ୍ଷର ଅଳଙ୍କାର**

ବ୍ରହ୍ମପୁର,୧୪।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଏକ ଚଳନ୍ତା ଟ୍ରେନ୍‌ରୁ ଜଣେ ଯାତ୍ରୀଙ୍କ ୫୦ ଲକ୍ଷ ଟଙ୍କାର ସୁନା ଓ ହୀରା ଅଳଙ୍କାର ଲୁଟ ଘଟଣାର ପର୍ଦ୍ଦାଫାଶ କରିଛି ବ୍ରହ୍ମପୁର ରେଳବାଇ ଥାନା ପୋଲିସ(ଜିଆର୍‌ପି) । ରେଳ ସୁରକ୍ଷା ବଳ(ଆର୍‌ପିଏଫ୍) ଏବଂ ସ୍ୱତନ୍ତ୍ର କାର୍ଯ୍ୟ ବଳ ସହଯୋଗରେ ପୋଲିସ ୩ ଆନ୍ତଃରାଜ୍ୟ ଲୁଟେରାଙ୍କୁ ଗିରଫ କରିଛି । ସେମାନେ ହେଲେ ହରିୟାଣା ରୋହତକ ଜିଲାର ସନ୍ଦୀପ (୩୨), ନରେଶ (୪୩) ଓ ସଞ୍ଜୟ(୪୩) । ସେମାନେ ୮ଜଣିଆ ଗ୍ୟାଙ୍ଗ୍। ଗତ ଦୁଇମାସ ଧରି ଓଡ଼ିଶାରେ ଟ୍ରେନ ଯାତ୍ରୀଙ୍କୁ ଟାର୍ଗେଟ କରୁଥିଲେ। ଏହି ଗ୍ୟାଙ୍ଗ୍ କଟକ ଓ ଟିଟିଲାଗଡରେ ମଧ୍ୟ ସମାନ ଢଙ୍ଗରେ ଟ୍ରେନ ଯାତ୍ରୀଙ୍କ ସୁନା ଗହଣା ଲୁଟ କରି ନେଇଥିବା ପଚରାଉଚରା ବେଳେ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ପୂର୍ବରୁ ସିକନ୍ଦରାବାଦରେ ଏକ ଲୁଟ ଘଟଣାରେ ଗିରଫ ହୋଇ ଜେଲ ଯାଇଥିଲେ। ଜାମିନରେ ଆସି ଓଡ଼ିଶାରେ ତାଙ୍କ କାରନାମା ଚଳାଇଥିଲେ। ଏନେଇ ତଦନ୍ତ ଜାରି ରହିଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ପୋଲିସ ସେମାନଙ୍କ ନିକଟରୁ ୧୩୨.୭ ଗ୍ରାମ ସୁନା ଅଳଙ୍କାର, ୨୯.୮ ଗ୍ରାମ ରୁପା ଅଳଙ୍କାର, ନଗଦ ୫ ହଜାର ୬୪ ଟଙ୍କା, ୨ ମୋବାଇଲ ଫୋନ ଜବତ କରିଛି । ମାମଲା ନଂ.୧୩୭/୨୪ରେ ସମସ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।
ଗୋଟିଏ ଦିନରେ ଉକ୍ତ ଗ୍ୟାଙ୍ଗ୍ ପୃଥକ ଭାବେ ଦୁଇ ଜଣଙ୍କୁ ଟାର୍ଗେଟ କରି ସେମାନଙ୍କ ଆଟାଚିରୁ ସୁନା ଗହଣା ଲୁଟ କରିଥିଲେ। ଏନେଇ ଦୁଇଟି ମାମଲା ରୁଜୁ ହୋଇଛି। ଅଧିକ ତଦନ୍ତ ପାଇଁ ସେମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଜିଆରପି ଥାନା ଭାରପ୍ରାପ୍ତ ଅଧିକାରୀ ବିକାଶ ପଲେଇ କହିଛନ୍ତି । ଗତମାସ ୧୬ ତାରିଖରେ ବରଗଡର ଜଣେ ବ୍ୟବସାୟୀ ସୁରେଶ କୁମାର ଅଗ୍ରୱାଲ ତାଙ୍କ ପରିବାର ଓ ଜଣେ ବନ୍ଧୁଙ୍କ ପରିବାର ମିଶି ଗୋପାଳପୁରସ୍ଥିତ ମେ-ଫେୟାର ହୋଟେଲରେ ଏକ ଭୋଜିରେ ଯୋଗଦେବାକୁ ରାଜ୍ୟରାଣୀ ଏକ୍ସପ୍ରେସ୍ ଯୋଗେ ୨-ଟାୟାର ଏସି ବଗିରେ ଏକାଧିକ ଲଗେଜ ବ୍ୟାଗ ଧରି ବ୍ରହ୍ମପୁରକୁ ଆସୁଥିଲେ। ବ୍ରହ୍ମପୁର ଷ୍ଟେଶନରେ ପହଞ୍ଚିବା ପରେ ଲଗେଜ ବ୍ୟାଗରେ ଉପରୋକ୍ତ ୨ ପରିବାର ରଖିଥିବା ନିଜର ସମସ୍ତ ସୁନା ଓ ହୀରା ଅଳଙ୍କାର ଗାଏବ ଥିବା ଜାଣିବାକୁ ପାଇଥିଲେ । ଏପରିକି ସେମାନଙ୍କ ଲଗେଜ ବ୍ୟାଗ୍ କାଟି ଦିଆଯାଇଥିବା ଦେଖିବା ସହ ଟ୍ରେନ୍ ଭିତରେ ନତୁବା ଷ୍ଟେଶନରେ କୌଣସି ଦୁର୍ବୃତ୍ତ ଲଗେଜ କାଟି ସେମାନଙ୍କର ପ୍ରାୟ ୫୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଯାଇଥିବା ଜିଆର୍‌ପି ଥାନାରେ ଅଭିଯୋଗ କରିଥିଲେ । ଉଭୟଙ୍କ ପରିବାରର ଅଭିଯୋଗକୁ ଭିତ୍ତି କରି ଜିଆର୍‌ପି ଥାନାରେ ୨ଟି ପୃଥକ ମାମଲା(ନଂ. ୧୩୭/୨୪ ଓ ୧୩୮/୨୪) ରୁଜୁ ହୋଇଥିଲା। ବ୍ରହ୍ମପୁର ଜିଆର୍‌ପି ଥାନା ଓ ବ୍ରହ୍ମପୁର ଆରପିଏଫ ଥାନା ସମେତ ଆର୍‌ପିଏଫ୍‌ର ସିଆଇବି ଓ ଏସ୍‌ଟିଏଫ୍‌କୁ ନେଇ ଏକ ୧୪ ଜଣିଆ ଟିମ୍ ଗଠନ କରାଯାଇଥିଲା। ଏକାଧିକ ଷ୍ଟେଶନରେ ଲାଗିଥିବା ସିସିଟିଭି ଫୁଟେଜରୁ ଏମାନଙ୍କୁ ଧରାଯାଇଛି।


ପୋଲିସ ଅଧିକାରୀଙ୍କ ଗହଣରେ ଗିରଫ ଅଭିଯୁକ୍ତ।

# ମାଲାବାରରେ 'ମାଇନ ଡାଇମଣ୍ଡ ଫେଷ୍ଟିଭାଲ'



ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ଷ୍ଟୋରରେ ଆୟୋଜିତ 'ମାଇନ ଡାଇମଣ୍ଡ ଫେଷ୍ଟିଭାଲ' ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଭୁବନେଶ୍ୱର,୧୪।୧୨ (ଅଭୟ ଦାଶ)**

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ବହୁ ପ୍ରତୀକ୍ଷିତ ହୀରା ପ୍ରଦର୍ଶନ (ଡାଇମଣ୍ଡ ଶୋ') 'ମାଇନ ଡାଇମଣ୍ଡ ଫେଷ୍ଟିଭାଲ' ନିକଟରେ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ (ମାଲାବାର)ର ଏକ୍ସକ୍ଲୁସିଭ ଶୋ'ରୁମ୍‌ରେ 'ମାଇନ ଡାଇମଣ୍ଡ ଫେଷ୍ଟିଭାଲ' ଏହି ପ୍ରଦର୍ଶନୀର ଶୁଭାରମ୍ଭ ଶନିବାର ଆନୁଷ୍ଠାନିକ ଭାବେ ହୋଇଯାଇଛି। ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ଅଙ୍କିତା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲାବାରର ଗ୍ରାହକ, ଷ୍ଟୋର କର୍ମଚାରୀ ଓ ଅଧିକାରୀଙ୍କ ସମେତ ଜଣାଶୁଣା ମଡେଲମାନେ ମଧ୍ୟ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ୨୦୨୪ ଡିସେମ୍ବର ୧୪ରୁ ୨୨ ପର୍ଯ୍ୟନ୍ତ ଏହି ଡାଇମଣ୍ଡ ଶୋ' ମାଲବାରର ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ଷ୍ଟୋରରେ ଆୟୋଜିତ ହେବ। ଏପରିକି ଦୀର୍ଘ ୯ ଦିନ ବ୍ୟାପି ଆୟୋଜିତ ହେବାକୁ ଥିବା ଏହି ହୀରା ପ୍ରଦର୍ଶନୀ ଉଭୟ ବିକ୍ରୟ ଓ ପ୍ରଦର୍ଶନ ପାଇଁ ଉପଲବ୍ଧ। ସେହିଭଳି ଏହି ଅବସରରେ ଆଶାୟୀ ଗ୍ରାହକମାନେ ଆକର୍ଷଣୀୟ ରିହାତି ଅଫରର ସୁବିଧା ପାଇପାରିବେ। ଏପରିକି ହୀରା ମୂଲ୍ୟ ଉପରେ ୨୫% ରିହାତି ସାଙ୍ଗକୁ ଶତପ୍ରତିଶତର ବଦଳ ମୂଲ୍ୟ ମଧ ପାଇପାରିବେ ବୋଲି ଷ୍ଟୋର ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି।

ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍.ପି ଅହମ୍ମଦ କହିଥିଲେ, ଆମେ ଆମର ସ୍ୱତନ୍ତ୍ର ହୀରା ପ୍ରଦର୍ଶନୀ 'ମାଇନ ଡାଇମଣ୍ଡ ଫେଷ୍ଟିଭାଲ'କୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଦକ୍ଷ ଓ ଅଭିଜ୍ଞ କାରିଗରଙ୍କ ଦ୍ୱାରା ସୂକ୍ଷ୍ମ କାରୁକାର୍ଯ୍ୟରେ ନିର୍ମିତ ମାଇନ ଡାଇମଣ୍ଡ ରେଞ୍ଜର ନୂତନ ଉତ୍ପାଦକୁ ଅନାବରଣ ସହ ପ୍ରଦର୍ଶନ କରାଉଛୁ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

# ହୋମ୍ ଥିଏଟର ଟିଭିର ନୂତନ ସମ୍ଭାର




**ମୁମ୍ବାଇ,୧୪।୧୨**

ରିଲାଏନ୍ସ ରିଟେଲ ଲିମିଟେଡ୍ (ଆର୍‌ଆର୍‌ଏଲ୍)ର ନୂତନ ହୋମ୍ ଥିଏଟର ଟିଭି ସମ୍ଭାର ନିକଟରେ ଅନାବରଣ ହୋଇଯାଇଛି। ଏପରିକି ସ୍ୱଦେଶୀ ରୂପରେ ବିକଶିତ ୬ଟି ହୋମ୍ ଥିଏଟର ଏଲ୍‌ଇଡି ଟିଭି ସମ୍ଭାରର ଶୁଭାରମ୍ଭ କରାଯାଇଛି। ଏଗୁଡିକ ଅଡିଓ ଉପକରଣ ତିଆରି କରିବାରେ ପ୍ରସିଦ୍ଧି ଲାଭ କରିଥିବା କମ୍ପାନୀ ହରମନ ସହ ସହଭାଗିତାରେ ନିର୍ମିତ ହୋଇଛି। ବିଶେଷକରି ବିପିଏଲ୍ ଟିଭି ବ୍ରାଣ୍ଡ ଅଧୀନରେ ଶୁଭାରମ୍ଭ ହୋଇଥିବା ଏହି ଟିଭି ସମ୍ଭାରଗୁଡିକ କିଛି ଏପରି ଭାବେ ଡିଜାଇନ ହୋଇଛି। ଗ୍ରାହକମାନେ ଉତ୍କୃଷ୍ଟ ଧ୍ୱନି ଏବଂ ଅସାଧାରଣ ପିକ୍ଚର କ୍ୱାଲିଟି ସହିତ ସିନେମା ଦେଖିବା ପରି ଅଭିଜ୍ଞତା ପାଇପାରିବେ। ସେହିଭଳି କମ୍ପାନୀର ମତ ଅନୁଯାୟୀ ବଜାରରେ ଉଚ୍ଚ-ଗୁଣାତ୍ମକ ଏବଂ ହାଇ-ଡେଫିନେସନ ଡିଜିଟାଲ ବିଷୟବସ୍ତୁ ଦ୍ରୁତଗତିରେ ବୃଦ୍ଧି ପାଉଛି ଏବଂ ଏହା ସହ ତାଳଦେଇ ଗ୍ରାହକମାନେ ଏଭଳି ଟିଭି ଖୋଜୁଛନ୍ତି, ଯାହା ଉତ୍କୃଷ୍ଟ ଅଡିଓ ଆଉଟପୁଟ୍ ଏବଂ ଇମର୍ସିଭ୍ ପିକ୍ଚର କ୍ୱାଲିଟିର ମନୋରଞ୍ଜନ ପ୍ରଦାନ କରିପାରିବ। ଏଥିପାଇଁ ରିଲାଏନ୍ସ ରିଟେଲର ଅଡିଓ-ଇଏଫ୍‌ଏକ୍ସ ଟ୍ୟୁନିଂ ସଫ୍ଟୱେର ଏବଂ ହରମନର ସହଯୋଗରେ ବିପିଏଲ୍ ହୋମ୍ ଥିଏଟର ଟିଭି ସମ୍ଭାର ଆରମ୍ଭ କରାଯାଇଛି। ରିଲାଏନ୍ସ ରିଟେଲ ନିର୍ଭରଯୋଗ୍ୟ ଏବଂ ସୁଲଭ ଏଲ୍‌ଇଡି ଟିଭି ବର୍ଗରେ ନିଜର ସ୍ଥିତି ସୁଦୃଢ଼ କରିଛି। ଉଲ୍ଲେଖଯୋଗ୍ୟ, ନିକଟରେ ଉନ୍ମୋଚିତ ଟିଭି ସମ୍ଭାରର ୬ଟି ହୋମ୍ ଥିଏଟର ସମ୍ପୂର୍ଣ୍ଣ ରୂପେ 'ମେଡ୍-ଇନ୍-ଇଣ୍ଡିଆ' ବା ଭାରତରେ ନିର୍ମିତ ହୋଇଥିବାବେଳେ ବିପିଏଲ୍ ହୋମ୍ ଥିଏଟର ଏଲ୍‌ଇଡି ଟିଭି ବର୍ତ୍ତମାନ ସାରା ଦେଶର ଇଲେକ୍ଟ୍ରୋନିକ୍ ଷ୍ଟୋର, ରିଟେଲ ଆଉଟଲେଟ୍ ଏବଂ ଜିଓ ମାର୍ଟ ଓ ରିଲାଏନ୍ସ ଡିଜିଟାଲ ୱେବ୍‌ସାଇଟ ତଥା ଇ-କମର୍ସ ମାର୍କେଟପ୍ଲେସ୍‌ରେ ଉପଲବ୍ଧ।

## ମନେ ପଡ଼ନ୍ତି




ଧ-୨୨୬୪

# Classified Everyday

**0674-2580101, 9692975378**




## BRIDE WANTED

ଚାକିରି କରି ଏକାକୀ ରହୁଥିବା 49 ବୟସ, ଖଣ୍ଡାୟତ (Divorcee) ପୁଅ ପାଇଁ ଯେ କୌଣସି ଜାତିର 30-45 yrs. ଝିଅ ଆବଶ୍ୟକ। Candidate: 9861141891. D-2266

Handsome Teli boy, 28+, B.Tech., Railway Engineer, Bhubaneswar. 'SUHAG' 9938199964. D-2228




## SALE

**Bhubaneswar BDA approved apartment adjacent Times Gurukul near Kalinganagar DAV, KV, Sum Hospital. 7008459987.** D-76220

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45 000 00/-ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75585

Sum Hospital / Kalinga Studio Chowkରୁ **4 Km.** ଦୂରରେ **Gharabari, Yellow zone, boundary plot,** Electricity **ସହ କିଣନ୍ତୁ,** immediate **ଘର କରନ୍ତୁ - 9437581914.** D-76223

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact: 9438362399.** D-2226

Wanted gharabari land on sharing basis for Duplex / Apartment Project within Bhubaneswar / Cuttack/ Puri, Road - (30'-40'). MPlanets- 7008550473. D-2250

Ready to move 4BHK flat (2050sqft. SBA) at Saubhagya Nagar, near OUAT with double parking, 6500/- per sqft. Contact: 9439716901. D-75587

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8249877810, 9439368599.** D-2258


**(A) Commercial plot, facing to NH Road, Nakhara to Niali NH 10000 sqft., 3 sides road, (B) Residential plot near Petal English Medium School 1250 sqft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-76401

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9437040045, 9040307584.** D-2263




## SALE

Bolero 9 seat Passenger, Indigo Car, Bullet finance available - 8763042806. D-2273




Open space godown measuring 1000 sqft. available for rent at Mancheswar Industrial Estate. Contact: 8637280147. D-2247




Newly open full body massage relax with new lady therapist. 7750040475. D-76176

Newly open health benefits spa special offer @799, Bapujinagar. 8018429809. D-76178

## AFFIDAVIT

By virtue of an affidavit sworn before Executive Magistrate, Bhubaneswar dated 30.10.2024 I Saishree Lenka, At-Kalaraputa Basti, Electric Office, Rasulgarh, Bhubaneswar, Dist.-Khurda declare that I have changed my name from Sayasri Lenka to Saishree Lenka. Henceforth, I shall be known as Saishree Lenka for all purpose. Saishree Lenka D-2259

I, Sabata Shaha (28 yrs), S/o Mimuddin Shaha, Vill.: Apartibindha Mirsahi, P.O./P.S./Dist.: Bhadrak, Pin: 756100, I have an LIC Policy bearing No. 599070338 where is my name mentioned Sadat Saha, S/o Jafu Saha, At: Naripur (Astal), P.O./ P.S./ Dist.: Bhadrak and Date of Birth mentioned 05.01.1998. By this affidavit I declare that from now I shall be known as Sabata Shaha (28 yrs), S/o Mimuddin Shaha, Vill.: Apartibindha Mirsahi, P.O./P.S./Dist.: Bhadrak and my actual D.O.B 15.01.1996 for all purposes. D-2262

By virtue of an affidavit sworn before the Executive Magistrate (P), at Rourkela, I, Tara Naik, S/o Maheswar Naik, R/o Qtr. No. H/323, Sector-01, P.O.- Rourkela-06, P.S.- Sector-03, Dist.- Sundargarh, Odisha declare that I have changed my surname from Nayak to Naik. Henceforth I shall be known as Tara Naik for all future purposes. D-2257

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Sridhara Kumar Pradhan, S/o- Jaya Pradhan, Resident of Vill./P.O.- Rambha, P.S.- Rambha, Dist.- Ganjam, Pin- 761028, Odisha declared by this Affidavit No.- 2119 dtd. 04.12.2024. Before Executive Magistrate, Khallikote that onwards I shall be known as SRIDHAR PRADHAN for all future purposes. D-2270

By virtue of an affidavit sworn before the Executive Magistrate (P), at Rourkela, I, Manoj Naik, S/o Maheswar Naik, R/o Qtr. No. H/323, Sector-01, P.O.- Rourkela-06, P.S.- Sector-03, Dist.- Sundargarh, Odisha declare that I have changed my surname from Nayak to Naik. Henceforth I shall be known as Manoj Naik for all future purposes. D-2255

By virtue of an affidavit sworn before the Executive Magistrate (P), at Rourkela, I, Susant Naik, S/o Maheswar Naik, R/o Qtr. No. H/323, Sector-01, P.O.- Rourkela-06, P.S.- Sector-03, Dist.- Sundargarh, Odisha declare that I have changed my surname from Nayak to Naik. Henceforth, I shall be known as Susant Naik for all future purposes. D-2256

I, Fakir Charan Behera, S/o Late Lingaraj Behera, resident of At Maruti Nagar, Sidhamahavir Area, Main Lane, P.O.- Puri-2, P.S.- Talabania, Dist.- Puri, Odisha declare by this affidavit No. 30 dtd.10.12.2024 that now onwards I shall be known as FAKIRA CHARAN BEHERA for all future purposes. D-2265

By virtue of an affidavit sworn before the Notary Public, Bhubaneswar, dated 11.12.2024, I, Ullash Swain, At-Basudeipur, P.O.- Goda, P.S.- Erasama, Dist.- Jagatsinghpur, Pin. 754110 declare that I have changed my son's name from Sahil Swain to Sairam Swain. Henceforth he shall be known as Sairam Swain for all purposes. Ullash Swain D-2269

I, Mohammad Khadim, S/o Dayan Mohammad, Sutahat, P.O.- Buxibazar, Cuttack-753001, Odisha declare by this affidavit No.8425, dated 11.12.24 that in passport of my daughter Aamna Anjum my name has been wrongly recorded as Mohammed Khadim instead of Mohammad Khadim. So it should corrected as Mohammad Khadim. D-2267

By virtue of an affidavit sworn before the Executive Magistate, Khordha dated on 13.12.24, Affidavit No. 2453, I, Parbati Jena, W/o- Deepak Ku Jena, Vill./P.O.- Karadagadia, P.S.- Khordha Sadar, Dist.- Khordha, Odisha. I declare that Parbati Jena and Parbati Nayak is one and same person. Henceforth, I shall be known as Parbati Nayak for all purposes. D-2172

By virtue of an affidavit sworn before the Notary Public, Jeypore vide Sl. No. 5855, Date 13.12.2024. I, JAMILA BANO, wife of MOHAMMED SHIBU, R/o Main Head Post Office Lane, Jeypore, Dist.- Koraput, Pin-764001 (Odisha) State and declare that in my UID number 6100 1311 3972, my name has been mentioned as SHABNAM BEGAM that in my voter id vide No. ZUX1663475 and in my Birth Certificate and educational certificates my name is JAMILA BANO. That JAMILA BANO and SHABNAM BEGAM is same and one person i.e myself. That my actual Date of Birth is 09.02.1979 but in Aadhaar card my year of birth is mentioned as 1980. Hence this affidavit to concerned authority to correction my Date of Birth as 09.02.1979 instead of the year of birth 1980. D-2268

Your classified advertisement published in Dharitri will be listed free in Dharitri online edition: **dharitriepaper.in**




D-2230

**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## LEGAL NOTICE

**ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ ନମ୍ବର ୩,**
**ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଅଧୀନେ**
**ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ୪ର୍ଥ ମହଲା, ଭୁବନେଶ୍ୱର,**
**ସଚିବାଳୟ ମାର୍ଗ, ୟୁନିଟ୍-୫, ଭୁବନେଶ୍ୱର**
**ଓ.ଏସ୍.ଏସ୍. ମକଦ୍ଦମା ନମ୍ବର - ୯୦୬/୨୦୨୩**

ଶ୍ରୀ ସ୍ମୃତି ରଞ୍ଜନ ମହାରଣା ଏବଂ ଅନ୍ୟମାନେ ... ... ... ବାଦୀ

ବନାମ

ଲିଙ୍ଗରାଜ ଷଡ଼ଙ୍ଗୀ ଏବଂ ଅନ୍ୟମାନେ ... ... ... ପ୍ରତିବାଦୀ

ଇସ୍ତାହାର ମାଧ୍ୟମରେ ସୂଚନା ଆଦେଶ ୫ ଏବଂ ନିୟମ୨୦ ଅଧିନିୟମ ୧-କ ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ଉପରଲିଖିତ ରିଭିଜନ ମକଦ୍ଦମା ପ୍ରତିବାଦୀ ନମ୍ବର ୧ ଲଗାୟାତ ୩ ଏବଂ ପ୍ରତିବାଦୀ ନମ୍ବର ୫ ମାନଙ୍କର ମୃତ୍ୟୁ ହୋଇଥିବାରୁ ସେମାନଙ୍କର ଉତ୍ତରାଧିକାରୀ ତଥା ତାଙ୍କ ମନୋନୀତ ପ୍ରାର୍ଥୀ କିମ୍ବା ଆଇନମତେ ତାଙ୍କ ତରଫରୁ ଉପସ୍ଥିତ ବ୍ୟକ୍ତିମାନଙ୍କୁ ଦୈନିକ ଖବରକାଗଜ ଦ୍ୱାରା ବିଜ୍ଞାପନ ମାଧ୍ୟମରେ ସୂଚନା ପ୍ରଦାନ କରାଯାଉଅଛି କି ଉପରଲିଖିତ ରିଭିଜନ ମକଦ୍ଦମା ମାନ୍ୟବର ଅଦାଲତରେ ଆସନ୍ତା ତା୦୪।୦୨।୨୦୨୫ରିଖ ଦିବା ୦୩.୩୦ ଘଟିକାରେ ଉପସ୍ଥିତ ହୋଇ ସେମାନଙ୍କ ତରଫରୁ ଉକ୍ତ ମାମଲାକୁ ପରିଚାଳନା କରିବା ପାଇଁ ବିହିତ ଆଦେଶ ଅଟେ। ଏହି ସୂଚନା ମାଧ୍ୟମରେ ଜଣାଇ ଦିଆଯାଉଛି ଯେ ସୂଚନା ମୁତାବକ ସମୟରେ ଉପସ୍ଥିତ ରହି ନିଜ ମତ ଉପସ୍ଥାପନ କରନ୍ତୁ।

ପ୍ରତିବାଦୀମାନଙ୍କର ନାମ ଓ ଧାମ:

ପ୍ରତିବାଦୀ ନମ୍ବର ୧- ଲିଙ୍ଗରାଜ ଷଡ଼ଙ୍ଗୀ, ପିତା- ନକଡ଼ି ଷଡ଼ଙ୍ଗୀ
୨- ଲକ୍ଷ୍ମୀଧର ଷଡ଼ଙ୍ଗୀ, ପିତା- ନକଡ଼ି ଷଡ଼ଙ୍ଗୀ
୩- ଧ୍ରୁବ ଷଡ଼ଙ୍ଗୀ, ପିତା- ବିମ୍ବାଧର ଷଡ଼ଙ୍ଗୀ
୫- ଭିକାରି ଷଡ଼ଙ୍ଗୀ, ପିତା- ମଣି ଷଡ଼ଙ୍ଗୀ

ଉକ୍ତ ପ୍ରତିବାଦୀ ନମ୍ବର ୧ ଲଗାୟାତ ୩ ଏବଂ ୫ ମାନଙ୍କ ଠିକଣା: ଗ୍ରାମ- ପଞ୍ଚୁପଲ୍ଲା, ଥାନା- ସଦର, ଜିଲ୍ଲା- କଟକ, ଓଡ଼ିଶା।

ଉପରଲିଖିତ ପ୍ରତିବାଦୀ କ୍ରମକ ନମ୍ବର- ୧ ଲଗାୟାତ ୩ ଏବଂ ୫ଙ୍କ ବିରୁଦ୍ଧରେ ଉପରଲିଖିତ ବାଦୀ ମାନ୍ୟବର ଅଦାଲତ ଓଡ଼ିଶା ଭୂ-ବନ୍ଦୋବସ୍ତ ଆଇନ ୧୯୫୮ ମୁତାବକ ଧାରା ୧୫-ଖରେ ଏକ ରିଭିଜନ ମକଦ୍ଦମା କରିଅଛନ୍ତି। ଉକ୍ତ ରିଭିଜନ ମକଦ୍ଦମାରେ ବାଦୀମାନଙ୍କ ସ୍ୱର୍ଗତ ମାତା କ୍ରୟ ଦଲିଲ୍ କରିଅଛନ୍ତି, କିନ୍ତୁ ଚଳିତ ବନ୍ଦୋବସ୍ତରେ ଉକ୍ତ ଜମି ରେକର୍ଡ ନ ହୋଇଥିବାରୁ ଏହି ମକଦ୍ଦମାଟି ଦାଖଲ କରିଅଛନ୍ତି ଉକ୍ତ ଭୂ-ସମ୍ପତ୍ତିକୁ ତାଙ୍କ ନାମରେ ରେକର୍ଡ ଦରଜ କରିବା ପାଇଁ ଉପରଲିଖିତ ରିଭିଜନ ମକଦ୍ଦମା ନମ୍ବର ଓ.ଏସ୍.ଏସ୍. ମକଦ୍ଦମା ୯୦୬/୨୦୨୩ ମାନ୍ୟବର କୋର୍ଟଙ୍କ ଅଦାଲତରେ ଉପର ଲିଖିତ ପ୍ରତିବାଦୀ ନମ୍ବର-୧ ଲଗାୟାତ ୩ ଏବଂ ୫ଙ୍କ ବିରୁଦ୍ଧରେ ମାମଲା ଦାଏର କରିଅଛନ୍ତି, କିନ୍ତୁ ଉପରଲିଖିତ ଦିଆଯାଇଥିବା ଠିକଣାମତେ ମାନ୍ୟବର ଅଦାଲତଙ୍କ ନୋଟିସ ପ୍ରେରଣ ହୋଇଥିଲା, କିନ୍ତୁ ସେମାନଙ୍କର ଦେହାନ୍ତ ହୋଇଯାଇଥିବାରୁ ନୋଟିସ ଫେରସ୍ତ ଆସିବାରୁ ଆଦ୍ୟ ସୂଚନା ସେମାନଙ୍କ ଉତ୍ତରାଧିକାରୀ କିମ୍ବା ତାଙ୍କର ମନୋନୀତ ପ୍ରାର୍ଥୀ କିମ୍ବା ଆଇନ ମତେ ଉକ୍ତ ମକଦ୍ଦମାକୁ ସେମାନଙ୍କ ତରଫରୁ ପରିଚାଳନା ଉପସ୍ଥିତ ରହି ପରିଚାଳନା କରିବେ। ଏଣୁ ଅଦ୍ୟ ବିଜ୍ଞାପନ ମାଧ୍ୟମରେ ଉପରଲିଖିତ ପ୍ରତିବାଦୀଙ୍କ ତରଫରୁ ସେମାନଙ୍କର ଉତ୍ତରାଧିକାରୀ କିମ୍ବା ମନୋନୀତ ପ୍ରାର୍ଥୀ କିମ୍ବା ଆଇନମତେ ପରିଚାଳନା କରୁଥିବାରୁ ବ୍ୟକ୍ତିବିଶେଷମାନେ ମାନ୍ୟବର ଅଦାଲତରେ ଧାର୍ଯ୍ୟ ତାରିଖ ଆସନ୍ତା ୦୪।୦୨।୨୦୨୫ରିଖ ଦିବା ୦୩.୩୦ ଘଟିକା ସମୟରେ ଉକ୍ତ ମାମଲାକୁ ତାଙ୍କ ତରଫରୁ ପରିଚାଳନା କରିବେ। ଯଦି ଉକ୍ତ ଧାର୍ଯ୍ୟ ତାରିଖ ଦିନ ଉକ୍ତ ପ୍ରତିବାଦୀଙ୍କ ତରଫରୁ କୌଣସି କିମ୍ବା କେହି ବ୍ୟକ୍ତି ଅନୁପସ୍ଥିତ ରୁହନ୍ତି, ତେବେ ଉକ୍ତ ମାମଲାକୁ ଆଇନମତେ ବିଚାର କରାଯିବ। ଏଣୁ ଦୈନିକ ଖବରକାଗଜ ଦ୍ୱାରା ବିଜ୍ଞାପନ ମାଧ୍ୟମରେ ସେମାନଙ୍କୁ ସୂଚନା / ନୋଟିସ ପ୍ରଦାନ କରାଗଲା।

**ତଫସିଲ ଭୂ-ସମ୍ପତ୍ତିର ବିବରଣୀ**

ଜିଲ୍ଲା- ଖୋର୍ଦ୍ଧା, ଭୁବନେଶ୍ୱର ତହସିଲ ଅଧୀନେ, ଥାନା- ନ୍ୟୁ କ୍ୟାପିଟାଲ ନମ୍ବର-୧, ମୌଜା- ଦାଢ଼ା, ସାବିକ ଖାତା-୮୬, ସାବିକ ପ୍ଲଟ୍ ନମ୍ବର-୫୯୪, କିସମ- ଶାରଦ ଏବଂ ସାବିକ ପ୍ଲଟ୍ ନମ୍ବର ୭୬, କିସମ- ଶାରଦ, ଯାହାକି ଚଳିତ ହାଲ୍ ବନ୍ଦୋବସ୍ତରେ ହାଲ୍ ଖାତା ନମ୍ବର- ୨୧୯, ହାଲ୍ ପ୍ଲଟ୍ ନମ୍ବର ୮୨, ଏରିଆ ଏସି.୦.୩୯୦ ଡେସିମିଲ, କିସମ- ଶାରଦ-୧ ଏବଂ ହାଲ୍ ପ୍ଲଟ୍ ନମ୍ବର ୧୩୧, ଏରିଆ ଏସି.୦.୩୮୦ ଡେସିମିଲ, କିସମ- ଶାରଦ-୧। ଉକ୍ତ ଦୁଇଗୋଟି ପ୍ଲଟ୍‌ର ସମ୍ପୂର୍ଣ୍ଣ ରକବାକୁ ରେକର୍ଡ କରିବା ନିମନ୍ତେ ବାଦୀମାନେ ପ୍ରାର୍ଥନା କରିଛନ୍ତି।

ସ୍ଥାନ- ଭୁବନେଶ୍ୱର
ତାରିଖ- ୧୦।୧୨।୨୦୨୪

**ସ୍ୱା./- ମାନ୍ୟବର ଅତିରିକ୍ତ ଆୟୁକ୍ତ ଅଦାଲତ ନମ୍ବର ୩ଙ୍କ ଆଦେଶକ୍ରମେ**
**କୋର୍ଟ ଅଫିସର**

D-2271

# ଇଣ୍ଟରମିଟେଣ୍ଟ ଫାଷ୍ଟିଂ

**ଡାଏଟ୍ କଣ୍ଟ୍ରୋଲ ପାଇଁ ଯୁବପିଢ଼ି ବିଭିନ୍ନ ଉପାୟ ଆପଣାଉଛନ୍ତି। ଅବଶ୍ୟ ଏବେ ଏହି ତାଲିକାରେ ଲୋକପ୍ରିୟ ହେବାରେ ଲାଗିଛି ଇଣ୍ଟରମିଟେଣ୍ଟ ଫାଷ୍ଟିଂ। ନିୟମିତ ଏକ୍ସରସାଇଜ୍ ଭଳି ଏହା ମଧ୍ୟ ଓଜନ ହ୍ରାସର ଏକ ମାଧ୍ୟମ ପାଲଟିଛି। କିନ୍ତୁ ସତର୍କ ନ ହେଲେ ଏହି ମାଧ୍ୟମ ବି ସ୍ୱାସ୍ଥ୍ୟ ପାଇଁ ବିପଦ ଆଣିପାରେ...**

ଆଧୁନିକ ଲାଇଫ୍ଷ୍ଟାଇଲ୍‌ରେ ଯୁବପିଢ଼ିଙ୍କ ପାଇଁ ସ୍ୱାସ୍ଥ୍ୟ ସହିତ ସୌନ୍ଦର୍ଯ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ସେମାନେ ସ୍ଲିମ୍ ଫିଟ୍ ରହିବାକୁ ଚେଷ୍ଟା କରିଥାନ୍ତି। ତେଣୁ ଯୋଗ, ବ୍ୟାୟାମ ଡାଏଟିଂ ଭଳି ଏବେ ଇଣ୍ଟରମିଟେଣ୍ଟ ଫାଷ୍ଟିଂକୁ ଆପଣାଉଛନ୍ତି। କ'ଣ ଖାଇବା ବଦଳରେ କେତେବେଳେ ଖାଇବା ହେଉଛି ଇଣ୍ଟରମିଟେଣ୍ଟ ଫାଷ୍ଟିଂ ବା ମଧ୍ୟବର୍ତ୍ତୀ ଉପବାସର ନିୟମ। ଅର୍ଥାତ୍ ଏହି ପଦ୍ଧତିରେ ପ୍ରତିଦିନ କିଛି ଘଣ୍ଟା ଅଥବା ସପ୍ତାହରେ ଦିନେ କିମ୍ବା ଦୁଇଦିନ ଉପବାସ କରିବାକୁ ହୋଇଥାଏ। ଓଜନ କମ୍ କରି ନିଜକୁ ସ୍ଲିମ୍ ଫିଟ୍ ରଖିବା ପାଇଁ ଯୁବପିଢ଼ି ଢେର୍ କସରତ କରିଥା'ନ୍ତି। ଏଥିପାଇଁ ଦରକାର ହେଲେ ଜିମ୍ ଯିବା ଓ ଖାଦ୍ୟ ନିୟନ୍ତ୍ରଣ କରିବାରେ ଢେର୍ ପଇସା ବି ଖର୍ଚ୍ଚ କରିଥା'ନ୍ତି। କିନ୍ତୁ ଇଣ୍ଟରମିଟେଣ୍ଟ ଫାଷ୍ଟିଂ ମାଧ୍ୟମରେ ଓଜନ ନିୟନ୍ତ୍ରଣ କରିବାର ସମ୍ଭାବନା ଅଧିକ।

ଇଣ୍ଟରମିଟେଣ୍ଟ ଫାଷ୍ଟିଂର ବିଭିନ୍ନ ଫର୍ମୁଲା ରହିଛି। ଏଥିପାଇଁ କେତେକ ୧୬-୮ ଫର୍ମୁଲା ଆପଣାଇଥାନ୍ତି ତ କେତେକ ୫:୨ ଫର୍ମୁଲା। ୧୬-୮ ଫର୍ମୁଲା ଅନୁସାରେ ୨୪ ଘଣ୍ଟା ମଧ୍ୟରେ ୧୬ ଘଣ୍ଟାର ଉପବାସ ମଧ୍ୟରେ ୮ ଘଣ୍ଟା ଭୋଜନ କରିବାକୁ ହୁଏ। ୫:୨ ଫର୍ମୁଲା ଅନୁସାରେ ସପ୍ତାହର ୭ ଦିନ ମଧ୍ୟରୁ ୫ ଦିନ ଖାଦ୍ୟ ଗ୍ରହଣ କରିବା ଓ ୨ ଦିନ ଉପବାସ ରହିବାକୁ ହୁଏ। ତେଣୁ କେଉଁ ଦୁଇଦିନ ଉପବାସ ରହିବାକୁ ହେବ, ଏହା ଫାଷ୍ଟିଂ କରୁଥିବା ବ୍ୟକ୍ତି ହିଁ ସ୍ଥିର କରିଥା'ନ୍ତି। ଏହା ବ୍ୟତୀତ ଅନେକେ ଦିନେ ଖାଇବା ଓ ଦିନେ ଉପବାସ ରହିବା ପଦ୍ଧତି ମଧ୍ୟ ଆପଣାଇ ଥା'ନ୍ତି। ନିଜର ସୁବିଧା ଅନୁସାରେ ଯୁବପିଢ଼ି ଓଜନ ନିୟନ୍ତ୍ରଣର ଏଭଳି ଏକ ପନ୍ଥା ଆପଣାଉଛନ୍ତି। ଅବଶ୍ୟ ଏହାର ଉପକାରିତା ଯେତିକି ରହିଛି, ସେହି ଅନୁସାରେ ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ସୃଷ୍ଟି ହୋଇପାରେ। ତେଣୁ ଏ କ୍ଷେତ୍ରରେ ସତର୍କ ରହିବାକୁ ହେବ।

**ଉପକାରିତା**

ଉପବାସର ଏଭଳି ଏକ ମାଧ୍ୟମରେ ଶରୀରକୁ କମ୍ କ୍ୟାଲୋରି ମିଳିଥାଏ। ତେଣୁ ପ୍ରାକୃତିକ ଉପାୟରେ ଓଜନ କମ୍ ହୋଇଥାଏ। ଏହା ବ୍ୟତୀତ ଶରୀରରେ କିଛି ହର୍‌ମୋନ ଉପରେ ମଧ୍ୟ ପ୍ରଭାବ ପଡ଼ିଥାଏ। ଫଳରେ ଭୋକ ଲାଗିବା କମିଯାଏ ଓ ଶରୀରକୁ କମ୍ ଖାଦ୍ୟ ଯାଇଥାଏ। ତେଣୁ କ୍ୟାଲୋରି କମ୍ ହେବା ଦ୍ୱାରା ଓଜନ କମ୍ ହୋଇଥାଏ। ନିୟମିତ ପାଷ୍ଟିଂ କରିବା ଫଳରେ ଶରୀରରେ ସଂରକ୍ଷିତ ରହିଥିବା ଚର୍ବି ମଧ୍ୟ କ୍ଷୟ ହେବାକୁ ଲାଗେ। ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ସହିତ ଉପବାସକୁ ସନ୍ତୁଳନ କରିବାର ଗୁରୁତ୍ୱକୁ ଏହା ଦର୍ଶାଇଥାଏ।

**ସତର୍କତା**

ଯୁବପିଢ଼ି ହୁଏତ ଏକ ଜୋଶ୍‌ରେ ଆରମ୍ଭରୁ ଢେର୍ ସମୟ ଅବଧିରେ ଉପବାସ କରିପାରନ୍ତି। କିନ୍ତୁ ଅଧିକ ସମୟ ଉପବାସ କରିବା ଚ୍ୟାଲେଞ୍ଜିଂ ହୋଇପାରେ। ମାତ୍ର ସ୍ୱାସ୍ଥ୍ୟ କ୍ଷେତ୍ରରେ ଚ୍ୟାଲେଞ୍ଜ ଆପଣାଇବା ଆଦୌ ଠିକ୍ ନୁହେଁ। ଏହା ବିପରୀତ ପ୍ରଭାବ ପକାଇବାର ଆଶଙ୍କା ସୃଷ୍ଟି କରିଥାଏ। ଏହା ବ୍ୟତୀତ ସମସ୍ତଙ୍କ କ୍ଷେତ୍ରରେ ଇଣ୍ଟରମିଟେଣ୍ଟ ଫାଷ୍ଟିଂ ସକାରାତ୍ମକ ପ୍ରଭାବ ପକାଇ ନଥାଏ। କେତେକଙ୍କୁ ଏଭଳି ଫାଷ୍ଟିଂରେ ମୁଣ୍ଡବିନ୍ଧା, ଥକା ବା ଦୁର୍ବଳ ଅନୁଭବ ହୋଇଥାଏ। ଅସୁସ୍ଥ ବ୍ୟକ୍ତି ଓ ଗର୍ଭବତୀ କିମ୍ବା ପ୍ରସବ ପରେ ମହିଳାମାନେ ଏଭଳି ଫାଷ୍ଟିଂ କରିବାରୁ ନିବୃତ୍ତ ରହିବା ଦରକାର। ନଚେତ୍ ସ୍ଲିମ୍ ହେବା ବଦଳରେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଶରୀରରେ କୌଣସି ପ୍ରକାରର ବିପରୀତ ପ୍ରଭାବ ପ୍ରକାଶ ପାଇଲେ ତୁରନ୍ତ ଫାଷ୍ଟିଂ ବନ୍ଦ କରି ଖାଦ୍ୟ ଗ୍ରହଣ କରିବା ଦରକାର। ଏହା ସହିତ ଡାକ୍ତରଙ୍କ ପରାମର୍ଶ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ହିଁ ଇଣ୍ଟରମିଟେଣ୍ଟ ଫାଷ୍ଟିଂ କରନ୍ତୁ।







## କ'ଣ କରନ୍ତି ଏମାନେ...

**ଆଦୌ କଷ୍ଟକର ନୁହେଁ**



ଇଣ୍ଟରମିଟେଣ୍ଟ ଫାଷ୍ଟିଂ ପ୍ରଭାବରେ ମୋର ସ୍ୱାସ୍ଥ୍ୟ ଏକଦମ୍ ଠିକ୍ ରହିଛି। ପ୍ରତିଦିନ ୧୨ ଘଣ୍ଟାର ଫାଷ୍ଟିଂକୁ ମୁଁ ଗୁରୁତ୍ୱ ଦିଏ। ଅର୍ଥାତ୍ ସକାଳେ ଯେଉଁ ସମୟରେ ପ୍ରଥମେ ଖାଦ୍ୟ ଗ୍ରହଣ କରିଥାଏ, ସନ୍ଧ୍ୟାରେ ଠିକ୍ ସେହି ସମୟଠାରୁ ଆଉ କିଛି ଖାଇ ନ ଥାଏ। ତେଣୁ ପ୍ରାୟ ରାତି ସାଢ଼େ ୭ କିମ୍ବା ୮ଟା ପରେ କିଛି ଖାଏନି। ବାକି ସମୟ ମଧ୍ୟରେ ଯାହା ଖାଏ। ତେବେ ମୋର କୌଣସି ନିର୍ଦ୍ଦିଷ୍ଟ ଡାଏଟ୍ ପ୍ଲାନ୍ ନାହିଁ। ଘରେ ଯାହା ରୋଷେଇ ହୁଏ ସେସବୁ ଖାଏ। ଏହି ମାଧ୍ୟମ ଆଦୌ କଷ୍ଟକର ନୁହେଁ। ତେଣୁ ବେଶ୍ ସହଜରେ ମୁଁ ସ୍ଲିମ୍ ଅଛି ଓ ମୋ ଓଜନ ନିୟନ୍ତ୍ରଣରେ ରହିଛି।

– **ଲକ୍ଷ୍ମୀପ୍ରିୟା ସ୍ୱାଇଁ,** *+୨ ଦ୍ୱିତୀୟ ବର୍ଷ କଳା, ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅଡ଼ଶପୁର, କଟକ*

**ଖାଇବା ଟାଇମ୍ ଫଲୋ କରୁଛି**



ଦୁଇ ତିନି ବର୍ଷ ଭିତରେ ମୋ ଓଜନ ଏତେ ବଢ଼ିଯାଇଛି ଯେ, ଏହା ମୋ ପାଇଁ ଚିନ୍ତାର କାରଣ ପାଲଟିଛି। ଓଜନ କମ୍ କରିବା ଲାଗି ପ୍ରଥମେ ଡାଏଟିଂ କରୁଥିଲି, କିନ୍ତୁ ବେଶି ଦିନ କରିପାରି ନ ଥିଲି। ଏହାପରେ ୪ ମାସ ପାଇଁ ଜିମ୍ ଯାଇଥିଲି, ହେଲେ ସେହି ଅନୁସାରେ ଡାଏଟ୍ ଫଲୋ କରିପାରିଲି ନାହିଁ ବୋଲି ଜିମ୍ ଛାଡ଼ିଦେଲି। ଏବେ ୨ ମାସ ହେଲାଣି ଇଣ୍ଟରମିଟେଣ୍ଟ ଫାଷ୍ଟିଂ କରୁଛି ଓ ବାହାରେ ଫାଷ୍ଟଫୁଡ୍ ଖାଇବା ବନ୍ଦ କରିଦେଇଛି। ସକାଳେ କଲେଜ୍ ଆସିବା ପୂର୍ବରୁ ଯାହା ଘରେ ଖାଇ ଆସୁଛି ଆଉ କଲେଜ ସମୟରେ କିଛି ଖାଉନି, କେବଳ ପାଣି ପିଉଛି। ତେଣୁ ଏହି ମାଧ୍ୟମରେ ମୋର ୬ ଘଣ୍ଟା ଫାଷ୍ଟିଂ ହେଇ ଯାଉଛି। ତେବେ କଲେଜ ଛୁଟି ଥିଲେ ବି ମୁଁ ଖାଇବା ଟାଇମ୍ ଫଲୋ କରୁଛି।

– **ଆଦିତ୍ୟ ପ୍ରସାଦ ଦାସ,** *+ ୩ ତୃତୀୟ ବର୍ଷ ବାଣିଜ୍ୟ, ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା*






## ଏ ସପ୍ତାହର ପ୍ରଶ୍ନ

୧- ମଣିଷ ମସ୍ତିଷ୍କରେ ପ୍ରଥମ ଥର ପାଇଁ କମ୍ପ୍ୟୁଟର ଚିପ୍ ଅନ୍ତ୍ୟସ୍ଥାପନ କରାଇଥିବା ନ୍ୟୁରୋ ଟେକ୍ନୋଲଜି କମ୍ପାନିର ନାମ......... ?
୨- କାରାଇଭେଟି ପକ୍ଷୀ ଅଭୟାରଣ୍ୟ..........ରାଜ୍ୟରେ ଅବସ୍ଥିତ ?
୩- ୱାର୍ଲ୍ଡ ୱେଟ୍‌ଲାଣ୍ଡ ଡେ' ୨୦୨୪ର ଥିମ................ ?
୪- .......... ଅଭାବରେ ସ୍କର୍ଭି ରୋଗ ହୋଇଥାଏ ?
୫- ଭାରତ ୧୯୭୫ ମସିହାରେ.......... ବିପକ୍ଷରେ ପ୍ରଥମ ୱାନ୍ ଡେ' ଇଣ୍ଟରନ୍ୟାଶନାଲ୍ ମ୍ୟାଚ୍ ଖେଳିଥିଲା ?

## ଗତ ଥରର ଉତ୍ତର

୧ ରୁଷିଆ
୨ କେରଳ
୩ ପ୍ରସାର ଭାରତୀ
୪ ରିଆଙ୍ଗ
୫ ପୁଣେ

## ଉତ୍ତରଦାତା


ପ୍ରଦୀପ କୁମାର ନାଏକ, ବଲାଙ୍ଗୀର


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର


ସ୍ମିତା ନାୟକ, ଭଞ୍ଜନଗର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ଐତିହାସିକ ପର୍ଯ୍ୟଟନସ୍ଥଳ



୧- ମାଚୁପିଚୁ .................... ପେରୁ
୨- ଅଙ୍ଗକୋର ୱାଟ୍ .................... କାମ୍ବୋଡ଼ିଆ
୩- ପେଟ୍ରା .................... ଜୋର୍ଡାନ୍
୪- ଷ୍ଟୋନ୍‌ହେଞ୍ଜ୍ .................... ୟୁନାଇଟେଡ୍ କିଙ୍ଗଡମ୍
୫- ଦି ପାର୍ଥେନନ୍ .................... ଗ୍ରୀସ୍
୬- ଦି ଗ୍ରେଟ୍ ୱାଲ୍ ଅଫ୍ ଚାଇନା .................... ଚାଇନା
୭- ତାଜ୍‌ମହଲ .................... ଭାରତ
୮- ଇଷ୍ଟର ଆଇସ୍‌ଲାଣ୍ଡ .................... ଚିଲି
୯- ଦି ପିରାମିଡ୍‌ସ ଆଟ୍ ଗିଜା .................... ଇଜିପ୍ଟ
୧୦- ଚିଚେନ୍ ଇଜା .................... ମେକ୍ସିକୋ

## ଯୁବ ପ୍ରତିଭା

# ସମାଜସେବାରେ ମନ

**ବର୍ତ୍ତମାନ ଯୁବତୀମାନେ ବିଭିନ୍ନ କ୍ଷେତ୍ରରେ ବେଶ୍ ପାରଦର୍ଶିତା ଅର୍ଜନ କରୁଛନ୍ତି। ଆଉ ଘର ଚାରିକାନ୍ଥରେ ସୀମିତ ନ ହୋଇ ସବୁ ଦିଗରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏଭଳି ଜଣେ ଯୁବ ବ୍ୟକ୍ତିତ୍ୱ ହେଉଛନ୍ତି ଲିନୁ ନାୟକ..**



ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳର ପିତା ଲକ୍ଷ୍ମଣ ନାୟକ ଓ ମା' ଖୁଲଣା ନାୟକଙ୍କ ଝିଅ ଲିନୁ ନାୟକ। ତିନି ଭଉଣୀଙ୍କ ମଧ୍ୟରେ ବଡ଼ଝିଅ ଲିନୁ ପିଲାବେଳୁ ସ୍ୱାଧୀନ ଚିନ୍ତାଧାରାରେ ବିଶ୍ୱାସୀ। ତୁଳସୀ ଦୁଇପତ୍ରରୁ ବାସିଲା ପରି ପିଲାବେଳୁ ପରିବେଶ ସୁରକ୍ଷା, ପରୋପକାର, ଅନ୍ୟଙ୍କୁ ସହଯୋଗ ପାଇଁ ଲିନୁ ଯେପରି ସର୍ବଦା ଯତ୍ନଶୀଳ। ଛାତ୍ରୀ ଜୀବନରେ ମା'ବାପାଙ୍କ ପ୍ରେରଣାରେ ସେ ଆଗକୁ ଆଗେଇଥିଲେ। ତା'ସହ ପରିବେଶ ସୁରକ୍ଷା ପାଇଁ କାମ କରି ସାଉଁଟିଛନ୍ତି ପ୍ରଶଂସା। କଲେଜ ପାଠପଢ଼ା ସମୟରେ ଉପରୋକ୍ତ କାମରେ ନିଜକୁ ହଜାଇ ଦେଇଥିଲେ। ତା'ସହ ଅଧାରୁ ପାଠ ଛାଡୁଥିବା ପିଲାମାନେ କିପରି ସ୍କୁଲ ଯିବେ ଏବଂ ପାଠ ପଢ଼ିବେ ସେ ନେଇ ସାହାଯ୍ୟର ହାତ ବଢ଼ାଇ ଥାଆନ୍ତି। ଏ ନେଇ ଲିନୁ କହନ୍ତି, "ପ୍ରତ୍ୟେକ ସକାଳ ମୋ ପାଇଁ ଥିଲା ଗୋଟେ ନୂଆ ଚାଲେଞ୍ଜ। ଏକା ଏକା ଚାଲୁ ଚାଲୁ ବାଟରେ ସାମାଜିକ ଅନୁଷ୍ଠାନ 'ସାହିଭାଇ' ପରି ସାଥୀଟିଏ ମିଳିଗଲା। ପରିବାର କଥା ବୁଝିବା ସହ ଅସହାୟଙ୍କୁ ସାହାଯ୍ୟ, ଗଛ ଲଗାଇବା, ରକ୍ତଦାନ, ସ୍ୱଚ୍ଛତା ମେଡିକାଲରେ ରୋଗୀଙ୍କୁ କିପରି ଉତ୍ତମ ଚିକିତ୍ସା ମିଳିବ, ସେ ଦିଗରେ କାମ କରିବାବେଳେ ଅନେକ ଉତ୍‌ଥାନ ପତନ ଦେଇ ଗତି କରିବାକୁ ପଡ଼ିଛି। ଅନେକ ସମୟରେ ଘରୁ ଗାଳି ମଧ୍ୟ ଶୁଣିବାକୁ ପଡ଼ିଛି। ଆଉ ଘରେ ମିଛ ବି କହିବାକୁ ପଡ଼ିଛି। ଅନେକ ବାଧାବିଘ୍ନ, ସାମାଜିକ ତାଡ଼ନା ମଧ୍ୟ ସହିବାକୁ ପଡ଼ିଛି। ତଥାପି ସମାଜ ପ୍ରତି ଥିବା କର୍ତ୍ତବ୍ୟକୁ ମୁଁ ଭୁଲିନି। ଏହା ମୋ ଜୀବନର ଏକ ତ୍ରିବେଣୀ ସଙ୍ଗମ, ଯାହାକୁ ଦେଖି ସବୁ ସମୟରେ ଖୁସି ବି ହୁଏ, ବେଳେବେଳେ ଦୁଃଖ ବି ଲାଗେ। ଝିଅଟିଏ ହୋଇଥିବାରୁ ଅନେକ ସମୟରେ ଅନେକଙ୍କଠାରୁ ଲାଞ୍ଛନା ଶୁଣିବାକୁ ବି ପଡ଼ିଛି, ତଥାପି ସବୁ ଚାଲେଞ୍ଜକୁ ଗ୍ରହଣ କରି ମୁଁ ଆଗେଇ ଚାଲିଛି। ସକାଳୁ ଶଯ୍ୟାରୁ ଉଠିଲେ କିପରି ଆଜି କାହାର କାମରେ ଆସିବି, ସେହି ଭାବନା ନେଇ ଆଗେଇ ଚାଲିଛି। । କଠିନ ସମୟ ଭିତରେ ବି ମହାପ୍ରଭୁଙ୍କ ଆଶୀର୍ବାଦ, ଲୋକଙ୍କ ଭଲପାଇବା ମୋ ପାଇଁ ବରଦାନ ସଦୃଶ ହୋଇଛି।


– **ପ୍ରଭାତ ପାଣିଗ୍ରାହୀ**

## ଜାଣନ୍ତୁ ଦୁନିଆ

**ଚନ୍ଦ୍ର, ପୃଥିବୀର ଏକମାତ୍ର ଉପଗ୍ରହ। ଆଉ ଏହା ସବୁବେଳେ ଆମ ପାଇଁ ଆକର୍ଷଣୀୟ ହୋଇ ରହିଛି। ତେବେ ଚନ୍ଦ୍ରରେ କ'ଣ ସବୁ ବିଶେଷତ୍ୱ ରହିଛି, ତାହା ଜାଣିବା ଲାଗି ବିଭିନ୍ନ ଦେଶ ପକ୍ଷରୁ ଉଦ୍ୟମ ଜାରି ରହିଛି...**

# ଛୋଟ ଗଛ, ଦାମ୍ କୋଟିଏରୁ ଊର୍ଦ୍ଧ୍ୱ

**ମୁନ୍ ଡଷ୍ଟ:** ଚନ୍ଦ୍ରରେ ପହଞ୍ଚି ଆମ ଦେଶ ନିକଟରେ ଇତିହାସ ସୃଷ୍ଟି କରିଛି। ଏହାର ଦକ୍ଷିଣ ମେରୁରେ ଅବତରଣ କରିବାରେ ଭାରତ ହେଉଛି ପ୍ରଥମ ଦେଶ। ଚନ୍ଦ୍ର ତଥା ଆମ ଗ୍ରହ ପୃଥିବୀର ଏକମାତ୍ର ଉପଗ୍ରହର କ'ଣ ବିଶେଷତ୍ୱ ରହିଛି, ସେହିସବୁ ରୋଚକ କଥା ଜାଣିବାକୁ ବିଭିନ୍ନ ଦେଶ ପକ୍ଷରୁ ଉଦ୍ୟମ ଜାରି ରହିଛି। କିନ୍ତୁ ଚନ୍ଦ୍ରର ମାଟି ବିଷୟରେ ଆପଣ ଜାଣନ୍ତି ? କେତେକ ବୈଜ୍ଞାନିକ ଏହାକୁ ପାଉଡର ବୋଲି କହିଥାଆନ୍ତି। କିନ୍ତୁ ଜାଣନ୍ତି, ଯଦି ଏହି ପାଉଡର ମଣିଷ ପାଟିରେ ବାଜିଗଲା, ତେବେ ତାହା ଜୀବନ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ଏପରି କି ଏଥିପାଇଁ ଜୀବନ ଚାଲିଯାଇପାରେ ବୋଲି ଆକଳନ କରାଯାଇଛି। ଏହାକୁ ଇଂଲିଶ୍‌ରେ 'ମୁନ୍ ଡଷ୍ଟ' ମଧ୍ୟ କୁହାଯାଉଛି। ଏହି ଡଷ୍ଟରେ



ରହିଛି ସିଲିକା। ଆଇରନ୍ ଭଳି ରହିଛି ମେଟାଲର ଭରପୂର ମାତ୍ରା। ତେଣୁ ଚନ୍ଦ୍ରପୃଷ୍ଠକୁ ଯାଉଥିବା ମହାକାଶଚାରୀ ଏଭଳି ଡଷ୍ଟଠାରୁ ନିଜକୁ ଦୂରେଇ ରଖନ୍ତି।

**ଦାମୀବୃକ୍ଷ:** ଆପଣ ବିଶ୍ୱର ସବୁଠୁ ଦାମୀ ତଥା କ୍ଷୁଦ୍ରଗଛ ବିଷୟରେ ଜାଣିଛନ୍ତି କି ? ଏହି ବୃକ୍ଷଟି ଏତେ ଛୋଟ ଯେ, ତାକୁ ଆପଣ ନିଜ ଘର ଭିତରେ ଲଗାଇ ରଖିପାରିବେ। ବୃକ୍ଷଟି ସିନା କ୍ଷୁଦ୍ର, ହେଲେ ଏହାର ଦାମ୍ ବିଷୟରେ ଜାଣିଲେ ଯେ କେହି ଆଶ୍ଚର୍ଯ୍ୟ ହୋଇଯିବେ। ଏହା ଏକ ଜାପାନୀ ହ୍ୱାଇଟ୍ ପାଇନ୍ ବୃକ୍ଷ। ଏଭଳି କ୍ଷୁଦ୍ର ଗଛ କୋଟି କୋଟି ଟଙ୍କାରେ ବିକ୍ରି ହୋଇଥାଏ। ଏପରି କି ଏକଦା ଏହି ବୋନସାଇ ବୃକ୍ଷ ୧୦ କୋଟିରୁ ଅଧିକ ଟଙ୍କାରେ ବିକ୍ରି ହୋଇଛି। ସବୁଠାରୁ ଖାସ୍ କଥା ହେଲା, ଏହି ବୃକ୍ଷଟି ଯେତେ ପୁରୁଣା ହୁଏ, ତାହାର ଦାମ୍ ସେତେ ବଢ଼ି ଯାଇଥାଏ। ଏଭଳି ଗଛକୁ ଏକ ଛୋଟ ପାତ୍ରରେ ଲଗାଯାଇଥାଏ। ଏହାର ଉଚ୍ଚତା ମାତ୍ର ଦୁଇ ଫୁଟ। ବିଶେଷଭାବରେ ଘର ସଜାଇବା ପାଇଁ ବ୍ୟବହାର କରାଯାଉଥିବା ଉକ୍ତ ବୃକ୍ଷର କୌଣସି ଫଳ କିମ୍ବା ଫୁଲ ହୋଇ ନ ଥାଏ। ଅସଲ କଥା ହେଲା, ଏହାର ଡିଜାଇନ୍‌କୁ ଲକ୍ଷ୍ୟ କରି ଦାମ୍ ଧାର୍ଯ୍ୟ କରାଯାଇଥାଏ।

**ବସା ବାନ୍ଧୁ ନ ଥିବା ପକ୍ଷୀ:** ପକ୍ଷୀମାନେ ସାଧାରଣତଃ ଆକାଶରେ ଉଡ଼ିଥାନ୍ତି, ଗଛରେ ବସା କରି ରୁହନ୍ତି। କିନ୍ତୁ ଏପରି ଏକ ପକ୍ଷୀ ଅଛି ଯିଏକି କେବେ ବି ଗଛରେ ବସା ବାନ୍ଧେନା। ସେହି ପକ୍ଷୀଟି ହେଲା ଟିଟି। ଏମାନଙ୍କୁ ନଦୀକୂଳ, ଖୋଲାପଡ଼ିଆ, ଜଙ୍ଗଲ ଏବଂ କ୍ଷେତଜମିରେ ଦେଖିବାକୁ ମିଳିଥାଏ। ଏମାନେ ପ୍ରାୟ ଏସିଆ ମହାଦେଶରେ ଦେଖିବାକୁ ମିଳନ୍ତି। ଏମାନେ ତାଙ୍କ ବସା କ୍ଷେତଜମିର ମାଟିରେ କିମ୍ବା କୌଣସି ବୁଦାରେ ବସା ବାନ୍ଧିଥାନ୍ତି। ଏହା ସହିତ ଏମାନେ ଉଡିବା ଜାଣିଥିଲେ ସୁଦ୍ଧା ଗଛରେ ବସନ୍ତି ନାହିଁ। ଏମାନଙ୍କ ଲମ୍ବ ୩୨ସେ.ମି-୩୫ସେମି. ହୋଇଥିବା ବେଳେ ଏମାନଙ୍କର ଓଜନ ୨୦୦-୨୫୦ଗ୍ରାମ୍ ହୋଇଥାଏ। ଏମାନଙ୍କ ସ୍ୱଭାବ ଶାନ୍ତ ଏବଂ ରଙ୍ଗ ଧୂସର ହୋଇଥାଏ।



## ବ୍ରିସବେନ୍ ଟେଷ୍ଟ ପ୍ରଥମ ଦିବସ ଖେଳରେ ବର୍ଷା ବାଧା

**ବ୍ରିସବେନ, ୧୪।୧୨**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଶନିବାର ଆରମ୍ଭ ହୋଇଥିବା ତୃତୀୟ କ୍ରିକେଟ ଟେଷ୍ଟର ପ୍ରଥମ ଦିବସ ଖେଳ ବର୍ଷାରେ ବାଧାପ୍ରାପ୍ତ ହୋଇଛି। କେବଳ ୧୩.୨ ଓଭର ଖେଳ ସମ୍ଭବ ହୋଇଥିବାବେଳେ ଅଷ୍ଟ୍ରେଲିଆ କୌଣସି ଉଇକେଟ ନ ହରାଇ ୨୮ ରନ୍ କରିଛି। ଉସ୍ମାନ ଖ୍ୱାଜା ୧୯ ଓ ନାଥାନ ମ୍ୟାକ୍ସ୍ୱିନି ୪ ରନରେ ଅପରାଜିତ ରହିଛନ୍ତି। ରବିବାର ଆଗୁଆ ଖେଳ ଆରମ୍ଭ କରାଯାଇ ୯୮ ଓଭର ବୋଲିଂ ପାଇଁ ନିଷ୍ପତ୍ତି ହୋଇଥିଲେ ହେଁ ସମ୍ପୂର୍ଣ୍ଣ ଭାବେ ଏହି ଟେଷ୍ଟ ବର୍ଷାରେ ପ୍ରଭାବିତ ହେବାନେଇ ପୂର୍ବାନୁମାନ କରାଯାଇଛି। ଏହି ଟେଷ୍ଟ ପାଇଁ ଭାରତୀୟ ଦଳରେ ୨ ପରିବର୍ତ୍ତନ କରାଯାଇଛି। ରବିଚନ୍ଦ୍ରନ ଅଶ୍ୱିନ ଓ ହର୍ଷିତ ରାଣାଙ୍କ ସ୍ଥାନରେ ରବୀନ୍ଦ୍ର ଜାଡେଜା ଓ ଆକାଶ ଦୀପ୍‌ଙ୍କୁ ସୁଯୋଗ ମିଳିଛି।

**ଟିକେଟ ମୂଲ୍ୟ ଫେରସ୍ତ**

ପ୍ରଥମ ଦିବସରେ ୧୫ ଓଭର ଖେଳ ସମ୍ଭବ ହୋଇନାହିଁ। ତେଣୁ ଟିକେଟ ମୂଲ୍ୟ ସମ୍ପୂର୍ଣ୍ଣଭାବେ ଫେରସ୍ତ କରାଯିବ ବୋଲି କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ଜାପାନକୁ ହରାଇ ଭାରତ ଫାଇନାଲରେ

**ଜୁନିୟର ମହିଳା ଏସିଆ କପ୍ ହକି**

**ମସ୍କଟ, ୧୪।୧୨ (ପି.ଟି.)**

ଜାପାନକୁ ୩-୧ ଗୋଲ୍‌ରେ ପରାସ୍ତ କରି ଭାରତ ଏଠାରେ ଚାଲିଥିବା ଜୁନିୟର ମହିଳା ଏସିଆ କପ୍ ହକି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଭାରତ ପକ୍ଷରୁ ମମ୍‌ତାଜ ଖାନ୍ (୪ର୍ଥ ମିନିଟ), ସାକ୍ଷୀ ରାଣା (୫ମ ମିନିଟ) ଦୀପିକା (୧୩ତମ) ପ୍ରଥମ କ୍ୱାର୍ଟରରେ ତିନୋଟି ଗୋଲ୍ ସ୍କୋର କରି ଭାରତକୁ ୩-୦ରେ ଆଗୁଆ କରିଥିବା ବେଳେ ଜାପାନ ତରଫରୁ ଏକମାତ୍ର ସାନ୍ତ୍ୱନାମୂଳକ ଗୋଲ୍ ନିକୋ ମାରୁୟାମା ୨୩ତମ ମିନିଟ୍‌ରେ ଦେଇଥିଲେ। ଭାରତ ଫାଇନାଲରେ ଚାଇନାକୁ ଭେଟିବ। ଚାଇନା ଅନ୍ୟ ସେମିଫାଇନାଲରେ ଗତଥରର ରନରଅପ୍ ଦକ୍ଷିଣ କୋରିଆକୁ ୪-୧ ଗୋଲ୍‌ରେ ପରାସ୍ତ କରିଛି।



ଭାରତ ଜାପାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଜ୍ୟୋତି ସିଂଙ୍କ ନେତୃତ୍ୱାଧୀନ ଭାରତ ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ତେବେ ଘଟଣାକ୍ରମେ ଜାପାନକୁ ଡ୍ରାଗ୍ ଫ୍ଲିକ୍ ସୁଯୋଗ ମିଳିଥିଲା। ସୁନେଲିତା ଟପ୍ପୋ କିନ୍ତୁ ତାହାକୁ ପଣ୍ଡ କରି ଦେଇଥିଲେ। ଦୁଇ ମିନିଟ୍ ପରେ ଭାରତୀୟ ଫରୱାର୍ଡ ବଲ୍‌କୁ ନେଇ ଆଗେଇ ଯାଉଥିବା ବେଳେ ଜାପାନିଜ ଡିଫେଣ୍ଡର ଓ ଗୋଲ୍‌କିପର ସେମାନଙ୍କୁ ରୋକିବାରେ ବିଫଳ ହୋଇଥିଲେ। ମମ୍‌ତାଜ ଖାନ୍ ଗୋଲ୍ ସ୍କୋର କରିବାରେ ସଫଳ ହେବାରୁ ଭାରତ ୧-୦ରେ ଆଗୁଆ ହୋଇଯାଇଥିଲା। ଏକ ମିନିଟ ପରେ ସାକ୍ଷୀ ରାଣା ଆଉ ଏକ ଫିଲ୍ଡ ଗୋଲ୍ ସ୍କୋର କରି ଗତଥର ଚାମ୍ପିୟନ ଦଳକୁ ୨-୦ରେ ଅଗ୍ରଣୀ କରିଥିଲେ। ଭାରତ ଏହାର ଆକ୍ରମଣାତ୍ମକ ଖେଳ ଜାରି ରଖି ୭ମ ମିନିଟରେ ଗୋଲ୍ ସ୍କୋର ଉଦ୍ୟମ କରିଥିଲା। ମାତ୍ର ସର୍କଲ ଭିତରେ ଭାରତୀୟ ଫରୱାର୍ଡମାନେ ବିଚଳିତ ହୋଇଯିବାରୁ ସେମାନେ ସଫଳ ହୋଇ ପାରି ନ ଥିଲେ। ଗ୍ରୁପ୍ ପର୍ଯ୍ୟାୟରେ ଚାଇନା ବିପକ୍ଷ ପରାଜୟ ଗେମ୍‌ରୁ ଭାରତ ଏକ ନୀତିଶିକ୍ଷା ପାଇଛି। ବିପକ୍ଷ ଦଳକୁ ଅଡୁଆରେ ପକାଇବା ଲାଗି ଦ୍ରୁତ୍ ପ୍ରତିଆକ୍ରମଣ କରିବା ଆବଶ୍ୟକ। ପ୍ରଥମ କ୍ୱାର୍ଟର ଶେଷ ହେବାକୁ ଆଉ ୨ ମିନିଟ ଖେଳ ବାକିଥିବା ବେଳେ ଭାରତକୁ ଏକ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଦୀପିକା ଏହାକୁ ଗୋଲରେ ପରିଣତ କରିବାରେ ସମର୍ଥ ହୋଇଥିଲେ। ଫଳରେ ଭାରତ ୩-୦ରେ ଅଗ୍ରଣୀ ଲାଭ କରିପାରିଥିଲା। ଜାପାନ ଦ୍ୱିତୀୟ କ୍ୱାର୍ଟରରେ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିଥିଲା। କେତେଥର ବିପକ୍ଷ ଦଳର ସର୍କଲରେ ପ୍ରବେଶ କରିବାରେ ସଫଳ ରହିଥିଲା। ମାତ୍ର ଡିଫେନ୍ସକୁ ଅତିକ୍ରମ କରିବା ସହଜ ନ ଥିଲା। ତେବେ ୨୩ତମ ମିନିଟରେ ନିକୋ ମାରୁୟାମା ଦଳ ପକ୍ଷରୁ ଏକମାତ୍ର ଗୋଲ୍ ସ୍କୋର କରିବାରେ ସଫଳ ରହିଥିଲେ। ଜାପାନର ପ୍ରତ୍ୟାବର୍ତ୍ତନ ଉଦ୍ୟମକୁ ଦେଖି ଭାରତକୁ ପ୍ରଥମାର୍ଦ୍ଧ ଖେଳ ପରେ ଅଧିକ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥିଲା। ଜାପାନ ୩୪ତମ ଓ ୪୨ତମ ମିନିଟ୍‌ରେ ଦୁଇଥର ଗୋଲ୍ ଦେବାକୁ ଚେଷ୍ଟା କରି ବିଫଳ ହୋଇଥିଲା। ଶେଷ କ୍ୱାର୍ଟର ଖେଳ ରୋମାଞ୍ଚକ ଥିଲା। ଜାପାନ ମ୍ୟାଚକୁ ଫେରିବା ଲାଗି ଆପ୍ରାଣ ଉଦ୍ୟମ କରିଥିଲା, ମାତ୍ର ୪୬ତମ ମିନିଟ୍‌ରେ ଗୋଲ୍‌କିପର ନିଧି ଦୁଇଟି ଉଦ୍ୟମକୁ ପଣ୍ଡ କରିଦେଇଥିଲେ।

## ଇନ୍‌ଫୋସିସ୍, ଏସ୍‌ଏସି ସେମିରେ





ହିମାଂଶୁ ପତି ଓ ସନାତନ ଜଗମୋହନଙ୍କୁ ପୁରସ୍କୃତ କରାଯାଉଛି।

**ଭୁବନେଶ୍ୱର, ୧୪।୧୨ (ତପନ ସ୍ୱାଇଁ)**

**ଇନୋଭାରେ କପ୍**

ଇନ୍‌ଫୋସିସ୍ ଓ ଏସ୍‌ଏସି ଏଠାରେ ଚାଲିଥିବା ଇନୋଭାରେ କପ୍ କର୍ପୋରେଟ୍ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଶନିବାର ଇଡ୍‌କୋ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ଇନ୍‌ଫୋସିସ୍ ୬ ଉଇକେଟରେ ସୋଆକୁ ପରାସ୍ତ କରିଛି। ସୋଆ ୧୯.୧ ଓଭରରେ ୯୭ ରନରେ ଅଲ୍‌ଆଉଟ ହୋଇଥିବାବେଳେ ଇନ୍‌ଫୋସିସ୍ ୧୩ ଓଭରରେ ୪ ଉଇକେଟ ହରାଇ ୯୮ ରନ ସଂଗ୍ରହ କରି ନେଇଥିଲା। ବିଜୟୀ ଦଳର ଆଶୁତୋଷ ଦାସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଏସ୍‌ଏସି ୬ ଉଇକେଟରେ ସିସିସିକୁ ହରାଇ ଦେଇଛି। ସିସିସି ୨୦ ଓଭରରେ ୮ ଉଇକେଟ ହରାଇ ୧୪୬ ରନ କରିଥିଲା। ଏସ୍‌ଏସି ୧୨.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଶୁଭ୍ରାଂଶୁ ସାମଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୋଆ ଷ୍ଟାଡିୟମରେ ଅନୁଷ୍ଠିତ ୨ଟି ଲିଗ୍ ମ୍ୟାଚରେ ଇନୋଭାରେ କ୍ଲାଉଡ୍ସ ଓ ଉତ୍କଳ ସ୍ମାର୍ଟିଜ୍ ବିଜୟୀ ହୋଇଛି। ଏହି ୨ ମ୍ୟାଚରେ ଯଥାକ୍ରମେ ହିମାଂଶୁ ପତି ଓ ସନାତନ ଜଗମୋହନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

## ୱାର୍ଲ୍ଡ ଆଥ୍‌ଲେଟିକ୍ସ ହେରିଟେଜ୍‌ରେ ଚୋପ୍ରାଙ୍କ ଟି-ଶାର୍ଟ

**ମୋନାକୋ, ୧୪।୧୨ (ପି.ଟି.)**

ୱାର୍ଲ୍ଡ ଆଥ୍‌ଲେଟିକ୍ସ ହେରିଟେଜ୍ କଲେକ୍ସନରେ ଯେଉଁ ୨୩ଜଣ ଆଥ୍‌ଲେଟଙ୍କ ପ୍ରତିଯୋଗିତା କଳାକୃତି ସ୍ଥାନ ପାଇଛି ସେମାନଙ୍କ ମଧ୍ୟରେ ଭାରତର ଷ୍ଟାର ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରାଙ୍କ ଟି-ଶାର୍ଟ ଅନ୍ୟତମ। ବର୍ତ୍ତମାନ ମ୍ୟୁଜିୟମ ଅଫ୍ ୱାର୍ଲ୍ଡ ଆଥ୍‌ଲେଟିକ୍ସ (ମୋୱା)ର ଅନ୍‌ଲାଇନ୍ ଥ୍ରି-ଡି ପ୍ଲାଟ୍‌ଫର୍ମରେ ଏହା ପ୍ରଦର୍ଶିତ କରାଯାଇଛି। ୨୦୨୧ ଟୋକିଓ ଗେମ୍ସରେ ଚୋପ୍ରା ଭାରତର ପ୍ରଥମ ଆଥ୍‌ଲେଟ୍ ଭାବେ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଚଳିତବର୍ଷ ପ୍ୟାରିସ ଗେମ୍ସ ପ୍ରତିଯୋଗିତାରେ ସେ ପରିଧାନ କରିଥିବା ଟି-ଶାର୍ଟକୁ ସେ ଏହି ମ୍ୟୁଜିୟମକୁ ଦାନ କରିଦେଇଥିଲେ। ପ୍ୟାରିସରେ ଚୋପ୍ରା ୮୯.୪୫ ମିଟର ଥ୍ରୋ କରିଥିଲେ। ପାକିସ୍ତାନର ଅର୍ଶାଦ ନଦୀମ (୯୨.୯୭ ମିଟର)ଙ୍କ ପଛକୁ ସେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅର୍ଶାଦ ଅଲିମ୍ପିକ ରେକର୍ଡ ପ୍ରତିଷ୍ଠା କରିଥିଲେ। ଚୋପ୍ରାଙ୍କ ବ୍ୟତୀତ ୱାର୍ଲ୍ଡ ଆଥ୍‌ଲେଟିକ୍ସ (ଡବ୍ଲ୍ୟୁଏ) ମହିଳା ଫିଲ୍ଡ ଇଭେଣ୍ଟ ଆଥ୍‌ଲେଟ୍ ଅଫ୍ ଦି ଇୟର ୟୁକ୍ରେନର ୟାରୋସ୍ଲାଭା ମାହୁଚିଖ୍ ଏବଂ ତାଙ୍କ ଦେଶର ପ୍ୟାରିସ ଅଲିମ୍ପିକ ପଦକ ବିଜେତା ଥିଆ ଲାଫଣ୍ଡଙ୍କ ପ୍ରତିଯୋଗିତା କଳାକୃତି ହେରିଟେଜ କଲେକ୍ସନରେ ସ୍ଥାନ ପାଇଛି। ଏହି ଅବସରରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ ସଭାପତି ସେବାଷ୍ଟିଆନ କୋ କ୍ରୀଡ଼ା ଉପକରଣ, ପୋଷାକ ଓ ପଦକ ଦାନ କରିଥିବା ଆଥ୍‌ଲେଟମାନଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି।

# ପ୍ରଥମ ଦିବସରେ ଓଡ଼ିଶାକୁ ୧୫ ପଦକ

**ସର୍ବଭାରତୀୟ ସବ୍‌ଜୁନିୟର କରାଟେ**



ଅତିଥିଙ୍କ ଗହଣରେ ପଦକ ବିଜୟୀ ଓଡ଼ିଶା କରାଟେକା।

**ଭୁବନେଶ୍ୱର,୧୪।୧୨ (ବିଜୟ ରଣା)**

କରାଟେ ଇଣ୍ଡିଆ ଅର୍ଗାନାଇଜେସନ (କିଓ) ପକ୍ଷରୁ ନୂଆଦିଲ୍ଲୀସ୍ଥିତ ତାଲକୋଟରା ଇନ୍‌ଡୋର ଷ୍ଟାଡିୟମରେ ସର୍ବଭାରତୀୟ ସବ୍‌ଜୁନିୟର କରାଟେ ପ୍ରତିଯୋଗିତା ଶନିବାରଠାରୁ ଆରମ୍ଭ ହୋଇଛି। ୬ବର୍ଷରୁ ୧୩ ବର୍ଷର ବାଳକ ଓ ବାଳିକାମାନଙ୍କ ମଧ୍ୟରେ ହେଉଥିବା ଏହି ପ୍ରତିଯୋଗିତାର ପ୍ରଥମ ଦିବସରେ ଶନିବାର ଓଡ଼ିଶାର କରାଟେକାମାନେ ୧୫ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ବାଳକବର୍ଗରେ ଚିତ୍ରାକ୍ଷ ଦାସ, ନକ୍ସ ପୋଦ୍ଦାର, ଆଶିଷ ପଣ୍ଡା, ଅଭିଜ୍ୱାଲା ମହାନ୍ତି ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ଲାଭ କରିଥିବାବେଳେ କୈଭବ ପଟ୍ଟନାୟକ, ହର୍ଷଦ କୁମାର, ଶ୍ରେୟାଂଶୁ ସାହୁ, ସୌମ୍ୟରଞ୍ଜନ ପାତ୍ର, ପୀୟୂଷ ରଞ୍ଜନ ସାହୁ, ଶିବକୃପା ମିଶ୍ର, ଅଭିଯୁକ୍ତ ମିଶ୍ର, ମେହୁଲ ପରିଡ଼ା ପ୍ରମୁଖ ଗୋଟିଏ ଲେଖାଏ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ନୀତିକ ମହନ୍ତ, ଆରିଆନ ମହାନ୍ତି, ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ପାଇଥିବା ବେଳେ ସବ୍‌ଜୁନିୟର ବାଳକ ଟିମ୍ କାଟାରେ ଶିବକୃପା ମିଶ୍ର, ଅର୍ପିତ ଦାସ, ଦେବେନ୍ଦ୍ର ପରିଡ଼ା ଓ ସୌର୍ଯ୍ୟ ଚନ୍ଦୁକା ପ୍ରମୁଖ ବ୍ରୋଞ୍ଜ ପଦକ ଜିତିଛନ୍ତି।

## ଆଜିଠୁ ଓଡ଼ିଶା ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର ଚେସ୍

**ଭୁବନେଶ୍ୱର, ୧୪।୧୨ (ତପନ ସ୍ୱାଇଁ)**

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଏବଂ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଓଡ଼ିଶା ଓପନ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର ଚେସ୍ ମହୋତ୍ସବ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ବିଶ୍ୱବିଦ୍ୟାଳୟ ପରିସରରେ ଏହି ପ୍ରତିଯୋଗିତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ୩ ବର୍ଗର ପ୍ରତିଯୋଗିତା ପାଇଁ ୪୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଏଥିରେ ୨୭ଟି ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ ଜଣାଇଛନ୍ତି। 'ଏ' ବର୍ଗରେ ୧୮୦, 'ବି' ବର୍ଗରେ ୧୨୦ ଓ 'ସି' ବର୍ଗରେ ୧୬୦ ଖେଳାଳି ଅଂଶଗ୍ରହଣ କରିବେ। ଏମାନଙ୍କ ମଧ୍ୟରେ ୧୫ ଗ୍ରାଣ୍ଡମାଷ୍ଟର ଓ ୨୭ ଅନ୍ତର୍ଜାତୀୟ ମାଷ୍ଟର ସାମିଲ।

**ଆର୍ବିଟର ସେମିନାର**

ସର୍ବଭାରତୀୟ ଚେସ୍ ଫେଡେରେଶନ ଅନୁମତିକ୍ରମେ ଏଓସିଏ ପକ୍ଷରୁ ଜାତୀୟ ଆର୍ବିଟର ସେମିନାର ୧୬ ଓ ୧୭ ତାରିଖରେ ଅନୁଷ୍ଠିତ ହେବ। ସେମିନାରରେ ଅଂଶଗ୍ରହଣ ପାଇଁ ବର୍ତ୍ତମାନ ସୁଦ୍ଧା ୨୭ ଆର୍ବିଟର ନାମ ପଞ୍ଜୀକୃତ କରି ସାରିଲେଣି ବୋଲି ଏଓସିଏ ସମ୍ପାଦକ ପ୍ରକାଶ କରିଛନ୍ତି। ଅନ୍ତର୍ଜାତୀୟ ଆର୍ବିଟର ମହାରାଷ୍ଟ୍ରର ନୀତୀନ ଶେଣ୍ଡେ ସେମିନାରରେ ନିଜର ଅଭିଭାଷଣ ରଖିବେ।





ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ମହିଳା ଡବଲ୍ସରେ ଭାରତ ଓ ଜାପାନ ମଧ୍ୟରେ ମୁକାବିଲା। (ଫଟୋ: ରାଜକିଶୋର ମହାନ୍ତି)।

# ସବ୍‌ଜୁନିୟର ହ୍ୟାଣ୍ଡବଲ ପାଇଁ ଭୁବନେଶ୍ୱର ଦଳ

**ଭୁବନେଶ୍ୱର, ୧୪।୧୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ରାଜ୍ୟ ହ୍ୟାଣ୍ଡବଲ ସଂଘ ଆନୁକୂଲ୍ୟରେ ୨୧ତମ ରାଜ୍ୟ ସବ୍‌ଜୁନିୟର ବାଳିକା ଓ ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତା ଚଳିତ ମାସ ୧୭ ଓ ୧୮ ତାରିଖ ଦୁଇଦିନଧରି କେନ୍ଦୁଝରରେ ହେବାକୁ ଯାଉଛି। ଏଥିରେ ଅଂଶ ଗ୍ରହଣ କରିବାକୁ ଭୁବନେଶ୍ୱରର ୧୬ ଜଣିଆ ଦଳ ଚୟନ ହୋଇଛି। ତନ୍ମୟ ମଲିକ ଅଧିନାୟକ ମନୋନୀତ ହୋଇ ଥିବାବେଳେ ଆୟୁଷ ପାତ୍ର, ଅଶ୍ୱିନୀ ପାତ୍ର, ଆଶିଷ ସ୍ୱାଇଁ, ଅଭିଜ୍ଞାନ ମିଶ୍ର, ଓମ୍ ପ୍ରକାଶ ବାରିକ, ଆକାଶ କୁମାର ମଲିକ,



ଓଡ଼ିଶା ସବ୍‌ଜୁନିୟର ହ୍ୟାଣ୍ଡବଲ ଦଳ।

ଚିନ୍ମୟ ଜେନା, ଦେବାଶିଷ ମାଣ୍ଡଇ, ଦିବ୍ୟାଂଶୁ ପ୍ରଧାନ, ଦ୍ୱୈପାୟନ ଦାସ, ନିବେଶ କାଲ୍ଲୋ, କେଶବ ନାୟକ, ସତ୍ୟମ୍ ନାୟକ, ଅରିୟନ ଅର୍ନବ, ସୌମ୍ୟଜିତ ଯାଦବ ସାମିଲ ହୋଇଛନ୍ତି। କୋଚ ଗୌରୀ ଶଙ୍କର ମିଶ୍ର ଦଳ ସହ କେନ୍ଦୁଝର ଯାତ୍ରା କରିଛନ୍ତି। ଭୁବନେଶ୍ୱର ହ୍ୟାଣ୍ଡବଲ ସଂଘ ସଂପାଦକ ପ୍ରଶାନ୍ତ କୁମାର ନାୟକ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ତାନଭି, ଥରୁନ, ରିଥଭିକ୍ ଆଶା ଉଜ୍ଜୀବିତ ରଖିଲେ

**ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଫାଇନାଲ ଆଜି**

**କଟକ,୧୪।୧୨ (କାର୍ତ୍ତିକ ସାହୁ)**

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ମାଷ୍ଟର୍ସ ସୁପର-୧୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତ ଆଶା ଉଜ୍ଜୀବିତ ରଖିଛନ୍ତି ତାନଭି ଶର୍ମା, ରିଥଭିକ୍ ସଞ୍ଜୀଭି ସତୀଶ ଓ ଥରୁନ ମାନେପଲ୍ଲୀ। ଶନିବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ତାନଭି ୨୧-୧୯, ୨୧-୧୯ରେ ଅନ୍ୟତମ ଭାରତୀୟ ଶ୍ରୀୟାଂଶି ଭାଲିଶେଟ୍ଟିଙ୍କୁ ପରାସ୍ତ କରିଛନ୍ତି। ସେହିପରି ପୁରୁଷ ସିଙ୍ଗଲ୍ସ ସେମିରେ ଥରୁନ ନିଜ ଦେଶର ସତୀଶ କୁମାର କରୁଣାକରନଙ୍କୁ ୧୨-୨୧, ୨୧-୧୯, ୨୧-୧୨ ପଏଣ୍ଟରେ ହରାଇ ଦେଇଛନ୍ତି। ଥରୁନ ଫାଇନାଲରେ ଅନ୍ୟତମ ଭାରତୀୟ ରିଥଭିକ୍ ସଞ୍ଜୀଭି ସତୀଶ କୁମାରଙ୍କୁ ଭେଟିବେ। ରିଥଭିକ୍ ଅନ୍ୟ ସେମିଫାଇନାଲରେ ଥାଇଲାଣ୍ଡର ପାନିଚାଫୋନ ତିରାରାସକୁଲଙ୍କୁ ୨୧-୧୭, ୨୧-୧୪ରେ ହରାଇଛନ୍ତି। ମହିଳା ସିଙ୍ଗଲ୍ସ ଫାଇନାଲରେ ତାନଭି ଚାଇନାର କାଇ ୟାନ ୟାନଙ୍କୁ ଭେଟିବେ।

ଡବଲ୍ସ ଇଭେଣ୍ଟରେ କିନ୍ତୁ ଭାରତୀୟ ପ୍ରତିଯୋଗୀ ନିରାଶ କରିଛନ୍ତି। ମିକ୍ସଡ୍ ଡବଲ୍ସର ପ୍ରଥମ ସେମିରେ ସିଙ୍ଗାପୁର ଯୋଡ଼ି ହି ୟଙ୍ଗ କାଇ ଓ ଜିନ ୟୁଜିଆ ଭାରତୀୟ ଯୋଡ଼ି ରୋହନ କପୁର ଓ ଗଡେ ରୁଥଭିକା ଶିବାନୀଙ୍କୁ ୨୧-୧୪, ୧୮-୨୧ ଓ ୨୧-୧୯ରେ ପରାସ୍ତ କରିଛନ୍ତି। ଦ୍ୱିତୀୟ ସେମି ଫାଇନାଲରେ ଚାଇନା ଯୋଡ଼ି ଗାଓ ଜିଆ ୟୁଆନ ଓ ତାଙ୍ଗ ରୁଇ ଝି ଫ୍ରାନ୍ସ ଯୋଡ଼ି ଜୁଲିଏନ ମାଇଓ ଓ ଲୀ ପାଲେର୍ମୋଙ୍କୁ ହରାଇଛନ୍ତି। ପୁରୁଷ ଡବଲ୍ସର ଏକ ଚିତ୍ତାକର୍ଷକ ସେମିରେ ଭାରତୀୟ ଯୋଡ଼ି ପୃଥ୍ୱୀ କୃଷ୍ଣମୂର୍ତ୍ତି ରୟ ଓ ସାଇ ପ୍ରତୀକ ଜାପାନୀ ଯୋଡ଼ି କାକେରୁ କୁମାଗାଇ ଓ ହିରୋକି ନିଶିଙ୍କଠାରୁ ୧୬-୨୧, ୨୧-୧୯ ଏବଂ ୨୨-୨୦ ପଏଣ୍ଟରେ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି।

# ତାମିଲନାଡୁ ପୋଲିସକୁ ହରାଇଲା ଜଗା ୟୁନାଇଟେଡ୍

**ଢେଙ୍କାନାଳ,୧୪।୧୨(ରତନ ନାୟାର)**

**ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ ଉଦ୍‌ଘାଟିତ**

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ଏବଂ ଜିଲା ପ୍ରଶାସନର ମିଳିତ ସହଯୋଗରେ ଶନିବାର ଷଷ୍ଠ ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟବଲ ପ୍ରତିଯୋଗିତା ଅପରାହ୍ନ ସାଢ଼େ ୨ଟାରେ ଉଦ୍‌ଘାଟିତ ହୋଇଛି । ପୌରାଧକ୍ଷା ଜୟନ୍ତୀ ପାତ୍ର ମୁଖ୍ୟ ଅତିଥି ଓ ସାମାଜିକକର୍ମୀ ରାମଚନ୍ଦ୍ର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ମ୍ୟାଚରେ ତାମିଲନାଡୁ ପୋଲିସକୁ ୧-୦ ଗୋଲରେ ହରାଇ ଜଗା ୟୁନାଇଟେଡ୍ କ୍ଲବ ଭୁବନେଶ୍ୱର ବିଜୟୀ ହୋଇଛି । ଖେଳର ପ୍ରଥମାର୍ଦ୍ଧ ଶେଷରେ ଜଗା ୟୁନାଇଟେଡ୍ କ୍ଲବର ଓସ୍କାର ଏକମାତ୍ର ଗୋଲ ଦେଇଥିଲେ। ରେଫରି କିଷାନ ଦାସ, ସୁବ୍ରତ ପୁରୋହିତ, ଦେବରାଜ ସ୍ୱାଇଁ, ଅରୁଣ ନାୟକ, ବୋନସନ ବରାଳ ଓ ମନୋଜ ସେଠୀ ମ୍ୟାଚ ପରିଚାଳନା କରିଥିଲେ । ମାୟାଧର ସାହୁ ମ୍ୟାଚ କମିଶନର ଥିଲେ । ଅନ୍ୟତମ ଅତିଥି ଭାବେ ପୂର୍ବତନ ରାଜ୍ୟ ଫୁଟବଲ ଖେଳାଳି ଶ୍ୟାମସୁନ୍ଦର ମହାପାତ୍ର ଓ ରାଜ୍ୟ କ୍ରୀଡ଼ା ବିଭାଗର ପୂର୍ବତନ ସହ ନିର୍ଦ୍ଦେଶକ ଗିରିଜାକାନ୍ତ ମହାନ୍ତି ଯୋଗଦେଇଥିଲେ । ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ପ୍ରେମାନନ୍ଦ ବିହାରୀ, ସୌଭାଗ୍ୟ ସାହୁ, ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର ଓ ଗୌରାଙ୍ଗ ସେଠୀଙ୍କ ସମେତ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ । ରବିବାର ବାଦଲ ଫୁଟବଲ ଏକାଡେମୀ ଭଦ୍ରକ ଓ ଆସାମ ପୋଲିସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଓଡ଼ିଶାର ୪ଟି ଓ ଓଡ଼ିଶା ବାହାରୁ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି।



ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

## ଲିଟାଥାକ୍ରା-କୈଳାସ ୟୁଥ୍ ମ୍ୟାଚ ଡ୍ର



**ଭୁବନେଶ୍ୱର, ୧୪।୧୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗ୍‌ରେ ଶନିବାର ଲିଟାଥାକ୍ରା ୟୁୱାନ ଜୁମିଦ ଓ କୈଳାସ ୟୁଥ୍ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଉନ୍ନତ ପ୍ରଦର୍ଶନ ପାଇଁ କୈଳାସ ୟୁଥ୍ ଦଳର ଶିବରାମ ମୁର୍ମୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପୂର୍ବତନ ଆଥ୍‌ଲେଟ ମିନତି ମିଶ୍ର ଅତିଥିଭାବେ ଯୋଗଦେଇଥିଲେ।

# ଜାତୀୟ ଆର୍ଚେରୀ ପାଇଁ ଓଡ଼ିଶା ଦଳ ମନୋନୀତ

**ଭୁବନେଶ୍ୱର, ୧୪।୧୨ (ତପନ ସ୍ୱାଇଁ)**

ଜାମସେଦପୁରଠାରେ ୪୪ତମ ଜାତୀୟ ଆର୍ଚେରୀ ଚାମ୍ପିୟନଶିପ୍ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ୨୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ମନୋନୀତ ହୋଇଛି। ରାଜ୍ୟ ଦଳ ମନୋନୟନ ପାଇଁ ଓଡ଼ିଶା ଆର୍ଚେରୀ ଆସୋସିଏଶନ ପକ୍ଷରୁ କିଟ୍-କିସ୍ ଆର୍ଚେରୀ ଷ୍ଟାଡିୟମରେ ଏକ ପ୍ରସ୍ତୁତି ଶିବିର ନଭେମ୍ବର ୨୩ରୁ ଡିସେମ୍ବର ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରୁ ପ୍ରଦର୍ଶନ ଭିତ୍ତିରେ ୬ ମହିଳା ଓ ୧୩ ପୁରୁଷ ଆର୍ଚର ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ଓଡ଼ିଶା ପ୍ରତିଯୋଗୀମାନେ ଶନିବାର ଜାମ୍‌ସେଦପୁର ଯାତ୍ରା କରିଛନ୍ତି। ଇଣ୍ଡିଆନ ରାଉଣ୍ଡ ପାଇଁ ରଶ୍ମି ରଞ୍ଜନ ନାଏକ, ତ୍ରିନାଥ ମୁଣ୍ଡା, ଶ୍ରବଣ କୁମାର ମାଣ୍ଡାଙ୍ଗି, ସଞ୍ଜୟ ମାଝି, ଜୟଲିନ କେର୍କେଟା ଓ କୌଶଲ୍ୟା ସିଂ ଚୟନ ହୋଇଛନ୍ତି। ସେହିପରି ରିକର୍ଭ ରାଉଣ୍ଡ ପାଇଁ ଅର୍ଜୁନ ଖରା, ବୁଲି ମଲିକ, ସୋମନାଥ ହେମ୍ବ୍ରମ, କ୍ରିଷ୍ଣା ମୁଣ୍ଡା, ମମିତା ଓରାମ, ମନସ୍ୱିନୀ ହାଁସଦା ଏବଂ କମ୍ପାଉଣ୍ଡ ରାଉଣ୍ଡ ପାଇଁ ଦିବ୍ୟ ରଞ୍ଜନ ମୁଣ୍ଡା, କେଶବ ବନାରା, ସାଗର ରାଇତା, ସଞ୍ଜୟ ହୋ, ପ୍ରୀତି ଓରାମ ଓ ଚନ୍ଦାମାଇ ମୁଣ୍ଡା ମନୋନୀତ ହୋଇଛନ୍ତି। କୋଚ୍ ରାଜେଶ ହାଁସଦା, କପିଳ କୁମାର ବର୍ମା ଓ ମଣ୍ଟୁ ସ୍ୱାଇଁ ଦଳସହ ଯାତ୍ରା କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ରାଜ୍ୟ ଆର୍ଚେରୀ ଆସୋସିଏଶନ ସଭାପତି ଗୋକୁଳ ଚନ୍ଦ୍ର ପତି ଓ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



ଜାତୀୟ ଆର୍ଚେରୀ ପାଇଁ ମନୋନୀତ ଓଡ଼ିଶା ଦଳ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ